# ଯୀଶୁଙ୍କ ସହ ଏକ ଯାତ୍ରା

ଦ୍ୱିତୀୟ ପୁସ୍ତକ

## ଶସ୍ୟ ସଂଗ୍ରହ ନିମନ୍ତେ

ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।
(ମାଥିଉ.୯:୩୮)

ମିଖାଏଲ ଗିବ୍‌ସନ୍

ଯୀଶୁଙ୍କ ସହ ଏକ ଯାତ୍ରା
ଦ୍ଵିତୀୟ ପୁସ୍ତକ

କପିରାଇଟ୍ ଅ୨୦୧୦ ମିଖାଏଲ ଗିବସନ୍ ଦ୍ୱାରା
୭୮୬୯ ଗ୍ରୀନ୍‌ଲିଫ୍ ଡଲନ, ଦେନଭେର, କଲୋରାଡୋ -୮୦୨୨୧
ଠିକ୍‌ଠାକ୍ ସୁରକ୍ଷିତ, ତୃତୀୟ ପ୍ରିଣ୍ଟିଙ୍ଗ – ୨୦୧୭

ଶାସ୍ତ୍ରାଂଶଗୁଡିକ ବାଇବଲ ସୋସାଇଟି ଅଫ ଇଣ୍ଡିଆର ଓଡିଆ ପବିତ୍ର ବାଇବଲରୁ ଆନୀତ
କପିରାଇଟ୍, ଲକ୍‌ମ୍ୟାନ ଫାଉଣ୍ଡେସନ ୧୯୬୦, ୧୯୬୨, ୧୯୬୩, ୧୯୬୮, ୧୯୭୧, ୧୯୭୨, ୧୯୭୩, ୧୯୭୭
ଅନୁମତି ଦ୍ୱାରା ବ୍ୟବହାର କରାଯାଇଛି

କଗ୍ରେସ କାଟାଲଗ୍ ପୁସ୍ତକାଳୟ, କାର୍ଡ ନମ୍ବର: ଈଢ-୭-୩୩୪-୭୦୩
ଅନ୍ତଃର୍ଜାତୀୟ ଷ୍ଟାଣ୍ଡାର୍ଡ ପୁସ୍ତକ ନମ୍ବର: ୯୭୮-୦-୯୬୫୪୧୭୯-୧-୪

ଉକ୍ତ ଶାସ୍ତ୍ରାଂଶ ନିମ୍ନଲିଖିତ ପାଠରୁ ଉଦ୍ଧୃତ
ମୋର ଅନୁଗମନ କର
ଈଶ୍ୱରଙ୍କଠାରୁ ସମ୍ବାଦ

କପିରାଇଟ୍ ଅ୧୯୯୬ ମିଖାଏଲ ଗିବ୍‌ସନ୍ ଦ୍ୱାରା
୭୮୬୯ ଗ୍ରୀନ୍‌ଲିଫ୍ ଲେନ, ଡେନଭେର, କଲୋରାଡୋ – ୮୦୨୨୧
ଠିକ୍‌ଠାକ୍ ସୁରକ୍ଷିତ ।

ଶାସ୍ତ୍ରାଂଶଗୁଡିକ ବାଇବଲ ସୋସାଇଟି ଅଫ ଇଣ୍ଡିଆର ଓଡିଆ ପବିତ୍ର ବାଇବଲରୁ ଆନୀତ
କପିରାଇଟ୍, ଲକ୍‌ମ୍ୟାନ ଫାଉଣ୍ଡେସନ ୧୯୬୦, ୧୯୬୨, ୧୯୬୩, ୧୯୬୮, ୧୯୭୧, ୧୯୭୨, ୧୯୭୩, ୧୯୭୭
ଅନୁମତି ଦ୍ୱାରା ବ୍ୟବହାର କରାଯାଇଛି
କଗ୍ରେସ କାଟାଲଗ୍ ପୁସ୍ତକାଳୟ, କାର୍ଡ ନମ୍ବର: ୯୬-୦୯୪୬୩୦
ଅନ୍ତଃର୍ଜାତୀୟ ଷ୍ଟାଣ୍ଡାର୍ଡ ପୁସ୍ତକ ନମ୍ବର: ୦-୯୬୫୪୧୭୯-୦-୫

## କାହାଣୀ

ମନୁଷ୍ୟ ସହିତ ଈଶ୍ୱରଙ୍କ କାର୍ଯ୍ୟକଳାପ, ଏହା ସଂସାର ମଧ୍ୟରେ ଅତି ଆଶ୍ଚର୍ଯ୍ୟଜନକ କାହାଣୀ ଅଟେ । ଉକ୍ତ କାହାଣୀ ସାତ ପ୍ରକାର ସାହିତ୍ୟର ଏକ ମିଶ୍ରଣ ବିବରଣ ଯାହାକୁ ବାଇବଲ କୁହାଗଲା । ଏହି ସାତ ପ୍ରକାର ସାହିତ୍ୟ ତିନି ଭାଗରେ ବିଭକ୍ତ

କରାଯାଇଛି । ସାଧାରଣ ଭାବେ ସେମାନଙ୍କୁ ପୁରାତନ ନିୟମ, ନୂତନ ନିୟମ ଓ ସୁସମାଚାର ବୋଲି କୁହାଗଲା । ପୁରାତନ ନିୟମ ତିନି ପ୍ରକାର ଲେଖା ଶୈଳୀର ସମଷ୍ଟି ଯାହାକୁ ବ୍ୟବସ୍ଥା, ଭବିଷ୍ୟଦ୍ ବକ୍ତା ଓ ହସ୍ତଲିପି ବୋଲି କୁହାଯାଏ । ଏହି ଭାଗର ମୁଖ୍ୟ କାର୍ଯ୍ୟ ମସୀହ (ଉଦ୍ଧାରକର୍ତ୍ତା) ଙ୍କ ଆଡକୁ ଲକ୍ଷ୍ୟ କରିବା । ସେହିପରି ନୂତନ ନିୟମ ମଧ୍ୟ ତିନି ପ୍ରକାର ଲେଖା ଶୈଳୀର ସମଷ୍ଟି ଯାହା ପ୍ରେରିତମାନଙ୍କ କାର୍ଯ୍ୟ, ପତ୍ର (ଚିଠି) ଏବଂ ଯୀଶୁଖ୍ରୀଷ୍ଟଙ୍କର ପ୍ରକାଶିତ ବାକ୍ୟ । ଏହି ଭାଗର ମୁଖ୍ୟ କାର୍ଯ୍ୟ ସକଳ ମଙ୍ଗଳଦାନକୁ ପ୍ରକାଶ କରେ, ଯାହା ମସୀହଙ୍କଠାରୁ ଆସିଥାଏ । ଶେଷଭାଗ, ସୁସମାଚାର କାହାଣୀର କୈନ୍ଦ୍ରିୟ ଓ ମୁଖ୍ୟାଂଶକୁ ସ୍ଥାପନ କରେ, ଯାହା ମସୀହ ଓ ତାଙ୍କ ଉପଦେଶ ପ୍ରଭାବିତ କରେ । ଯେଉଁଥିପାଇଁ ସେ ପୃଥିବୀକୁ ପ୍ରେରଣ କରାଗଲା । ସୁସମାଚାରର ମୁଖ୍ୟ କାର୍ଯ୍ୟ ଉଭୟ ପୁରାତନ ନିୟମ ଓ ନୂତନ ନିୟମକୁ ମସୀହ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟଯୀଶୁଙ୍କ ଦ୍ୱାରା ଯୋଡି ଏକ ବିଶେଷ ଧାରଣା ଦେବା ।

ବ୍ୟବସ୍ଥା
ଭାବବାଦୀ ପୁରାତନ ନିୟମ
ହସ୍ତଲିପି

ସୁସମାଚାର ମସୀହ

ପ୍ରେରିତମାନଙ୍କ କାର୍ଯ୍ୟ
ପତ୍ରସମୁହ ନୂତନ ନିୟମ
ଯୀଶୁଖ୍ରୀଷ୍ଟଙ୍କ ପ୍ରକାଶିତ ବାକ୍ୟ

ମୋ ପୁସ୍ତକର ଲକ୍ଷ୍ୟ ସେହି କାହାଣୀର ମୁଖ୍ୟ ଭାଗ "ସୁସମାଚାର"। କାହାଣୀର ଏହି ଭାଗ ଚାରି ବ୍ୟକ୍ତି ମାଥିଉ, ମାର୍କ, ଲୁକ ଓ ଯୋହନଙ୍କ ଦ୍ୱାରା ବ୍ୟକ୍ତ କରାଗଲା । ସେମାନେ ପ୍ରତ୍ୟେକେ ମସୀହଙ୍କ ଏକ କାହାଣୀ ଲେଖିଲେ । ମାଥିଉଙ୍କ ସୁସମାଚାର ଅତି ପ୍ରାଞ୍ଜଳ ଓ ଏକ ଏବ୍ରୀୟ ଚିନ୍ତାଧାରାରେ ବିଷୟଗୁଡିକ ମତବ୍ୟକ୍ତ କରାଯାଇଅଛି । ଲୁକଙ୍କ ସୁସମାଚାର କାଳାନୁକ୍ରମିକ ଲେଖାଯାଇଅଛି ଓ ଯୋହନ ଲିଖିତ ସୁସମାଚାର ଅତ୍ୟାଆବଶ୍ୟକ ଆତ୍ମିକ ସତ୍ୟତାଗୁଡିକ ପ୍ରକାଶ କରେ । ମାର୍କ ପ୍ରଥମେ ସୁସମାଚାର ଲେଖନ୍ତି ଏବଂ ଏହା ଏକ ଅଠା ସ୍ୱରୂପେ ଅନ୍ୟ ସମସ୍ତଙ୍କୁ ଯୋଡି ରଖିଅଛି । ଏହା ସେମାନଙ୍କ ଚକ୍ଷୁ, କର୍ଣ୍ଣ ଏବଂ ହୃଦୟ ଦ୍ୱାରା ଅଙ୍ଗେନିଭା କଥା ଯାହା ଆମେ ସମସ୍ତେ ଏ କାର୍ଯ୍ୟଗୁଡିକୁ ଦେଖିପାରୁଅଛୁ ଯାହାକି ଈଶ୍ୱର ମସୀହଙ୍କ ଦ୍ୱାରା କାର୍ଯ୍ୟ କଲେ । ପୁଣି ତାଙ୍କ ପ୍ରଚାରିତ ସୁସମ୍ବାଦକୁ ଶୁଣିବାକୁ ଓ ମାନବଜାତି ପ୍ରତି ତାଙ୍କରି ପ୍ରେମର ଗଭୀରତାକୁ ବୁଝିବା ନିମନ୍ତେ ସାହାଯ୍ୟ କରେ ।

**ଉଦ୍ଦେଶ୍ୟ**

ଉକ୍ତ ପୁସ୍ତକ ଲେଖିବା ମୋର ଉଦ୍ଦେଶ୍ୟ ହେଲା ଯେ, ଚାରୋଟି ସୁସମାଚାରକୁ ଗୋଟିଏ ସାମଞ୍ଜସ୍ୟ କାହାଣୀ ବନାଇବା, ଯେଉଁ ଦ୍ୱାରା ପାଠକ ଘଟଣାଗୁଡିକ ଯାହା ମସୀହଙ୍କୁ କେନ୍ଦ୍ରିଭୂତ କରେ ପୁଣି ପୃଥିବୀକୁ ତାଙ୍କ ଆଗମନ ବିଷୟରେ ସହଜରେ

ବୁଝିପାରିବେ । ତୁମ୍ଭେମାନେ ଯୀଶୁଙ୍କ ଅନୁଗମନ କରୁଅଛ ଓ ତାଙ୍କ ଜୀବନ ଯାତ୍ରାର ଶିକ୍ଷା ଗ୍ରହଣ କରିଅଛ ବୋଲି, ତୁମ୍ଭମାନଙ୍କୁ ଅନୁଭବ କରାଇବା ପାଇଁ ଇଛା କରେ ।

ଚାରୋଟି ସୁସମାଚାର ଯୋଡି ଏକ କାହାଣୀ ବନାଇବା ବ୍ୟତିତ ପାଠକମାନଙ୍କର ସତ୍ୟକର୍ତ୍ତା ଓ ଜ୍ଞାନ ନିମନ୍ତେ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ଏଠାରେ ଯୋଡାଯାଇଅଛି ।

## ଦୁଇଟି ସ୍ୱତନ୍ତ୍ର ଗୁଣ

ଯୀଶୁଙ୍କ ସ୍ୱର୍ଗକୁ ଆରୋହଣ କରିବା ଠିକ୍ ଅଳ୍ପ ସମୟ ପୂର୍ବରୁ ତାଙ୍କ ଶିଷ୍ୟମାନଙ୍କୁ କାର୍ଯ୍ୟଭାର ସମ୍ପାଦନ କରିବା ନିମନ୍ତେ ଆଦେଶ ଦେଲେ ଯେପରି ତାହାଙ୍କ ପୁନର୍ବାର ଆସିବା ପୂର୍ବରୁ ତାହା ସଂପୂର୍ଣ୍ଣ ସମ୍ପାଦନ ହେବ । ସେହି କାର୍ଯ୍ୟଭାର ହେଲା - ଅତଏବ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ, ସେମାନଙ୍କୁ ଶିଷ୍ୟ କର; ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି । ଯୀଶୁଙ୍କ ଆଦେଶର ବାଧ୍ୟ ହେବା ସକାଶେ, ଆମେ ଅନ୍ୟମାନଙ୍କୁ ଏହା ପାଳନ କରିବାକୁ ଶିକ୍ଷା ଦେବା । ସମସ୍ତ ଆଦେଶ ଯାହା ଯୀଶୁ ଆପଣା ଶିଷ୍ୟମାନଙ୍କୁ ଦେଲେ, ସେସବୁ ମୁଁ ବଡ ଅକ୍ଷରରେ ପ୍ରକାଶ କଲି । ତାଙ୍କ ଶିଷ୍ୟମାନଙ୍କୁ ଦେଇଥିବା ଯୀଶୁଙ୍କ ସମସ୍ତ ଉପଦେଶ ଏହି ପାଠ୍ୟକ୍ରମରେ ଅଛି ଯାହା ସେ ସେମାନଙ୍କୁ ଶିକ୍ଷା ଦେଉଥିଲେ । "ଯୀଶୁଙ୍କ ସହ ଏକ ଯାତ୍ରା" ପାଠର ଶିକ୍ଷାକ୍ରମରେ ଯୀଶୁ ସେମାନଙ୍କୁ ଶିକ୍ଷା ଦେଇଥିବା ୫୬ଟି ଶିକ୍ଷା ବା ପାଠ ଏଥିରେ ଅନ୍ତର୍ଭୁକ୍ତ ଅଟେ । ଉକ୍ତ ଶିକ୍ଷାକ୍ରମ ତିନୋଟି ପୁସ୍ତକ ବିଶିଷ୍ଟ; ସେଗୁଡିକ ହେଲା – ମନୁଷ୍ୟ ଧରିବା, ଶସ୍ୟ ସଂଗ୍ରହ ନିମନ୍ତେ ଯିବା ଏବଂ ମନ୍ଦିର ନିର୍ମାଣ କରିବା ।

## ଅନ୍ୟ ଗୁଣଗୁଡିକ

**କାଳାନୁକ୍ରମ:** ଏହି ପୁସ୍ତକରେ ଘଟିଥିବା ସମସ୍ତ ଘଟଣା କ୍ରମରେ ଅଛି, ଯେଉଁଠାରେ ସେଗୁଡିକ ଘଟିଅଛି ଓ ଚାରି ମଙ୍ଗଳ ସୁସମାଚାରର ବିବରଣ ଏବଂ ସୁସମାଚାରର ବିଭିନ୍ନ ସାମଞ୍ଜସ୍ୟ ହେଉଥିବା ବାକ୍ୟାଂଶରୁ ଟିକିଏ ପରେ ଟିକିଏ ତୁଳନା କରି ଅଣାଯାଇଛି ।

**ତାରିଖ:-** ପୁସ୍ତକ ମଧ୍ୟରେ ଘଟିଥିବା ଘଟଣାଗୁଡିକର ତାରିଖ ଯୀଶୁଙ୍କ କାହାଣୀ ସମନ୍ଧୀୟ ସମୟ ସୀମାକୁ ଆବିଷ୍କାର କରିବାରେ ପାଠକଙ୍କୁ ସାହାଯ୍ୟ କରିଥାଏ ।

**ବିଭାଗଗୁଡିକ:-** ଯୀଶୁଙ୍କ ଜୀବନ ଓ ସେବାକାର୍ଯ୍ୟର ବଡ ଚିତ୍ର ଦେଖିବାରେ ପାଠକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଏହି ପୁସ୍ତକ ୧୮ ଭାଗରେ ବିଭକ୍ତ ହୋଇଅଛି ।

**ଶିଷ୍ୟରେ ଉଲ୍ଲେଖିତ ବିଷୟ:-** ଯୀଶୁଙ୍କ ଜୀବନ ମଧ୍ୟରେ ଘଟିଥିବା ସ୍ୱତନ୍ତ୍ର ଘଟଣାବଳୀଗୁଡିକୁ ପୁସ୍ତକର ପ୍ରତ୍ୟେକ ଅଂଶକୁ ଉପଭୋଗ ରୂପେ ଉଲ୍ଲେଖ କରାଗଲା ।

**ଶିଷ୍ୟତ୍ୱ ବିଷୟକ ପ୍ରମାଣସ୍ୱଦ:-** (ଗଭୀର ଭାବ ପ୍ରକାଶକ ଶବ୍ଦରେ) ସେହି ଶୀର୍ଷକ ବିଷୟ ଅଧିନ ବାକ୍ୟାଂଶରେ ବ୍ୟବହୃତ ବାସ୍ତବ ଶାସ୍ତ୍ରାଂଶଗୁଡିକ ଚିହ୍ନଟ କରେ ।

**ଫୁଟ୍‌ନୋଟ ବା ପାଦଟୀକା:-** ପ୍ରତ୍ୟେକ ବାକ୍ୟାଂଶର ଅନ୍ତର ପାଦଟୀକା ପ୍ରମାଣ ପଦ ଦେଖାଏ । ସେହି ପ୍ରମାଣ ପଦଗୁଡ଼ିକ ବା ବାକ୍ୟଖଣ୍ଡଗୁଡ଼ିକ ଏକା ଶୈଳୀରେ ଦେଖାଯାନ୍ତି । ଶାସ୍ତ୍ରର ସେହି ପ୍ରମାଣ ପଦଗୁଡ଼ିକ ଇଟାଲିକ ଶୈଳୀରେ ଲେଖାଯାଇଛି ।

**ଶବ୍ଦାର୍ଥ ତାଲିକା**:- ସାଧାରଣରୂପେ ବ୍ୟବହୃତ ପଦ କିମ୍ବା ଶବ୍ଦଗୁଡ଼ିକର ବାକ୍ୟ କିମ୍ବା ପରିଭଷାଗୁଡ଼ିକ ଶବ୍ଦାର୍ଥ ତାଲିକାରେ ଗଚ୍ଛିତ, ଯାହା ପ୍ରତ୍ୟେକ ବାକ୍ୟାଂଶରେ କରାଯାଇଅଛି ।

**ଶାସ୍ତ୍ର**:- ବାକ୍ୟାଂଶ ସିଧାସଳଖ ଭାରତ ବାଇବଲ ସୋସାଇଟିର ଓଡ଼ିଆ ବାଇବଲରୁ ନିଆଯାଇଛି ।

## ପାଠକଙ୍କୁ ପଦେ

ଉକ୍ତ ପୁସ୍ତକରେ ନିଆଯାଇଥିବା ପ୍ରତିଟି ମତ ସହ ସମସ୍ତେ ସହମତି ହୋଇନପାରନ୍ତି, ତଥାପି ଉକ୍ତ ପ୍ରସ୍ତୁତିକରଣରେ ଅନେକ ଜ୍ଞାନଦାୟକ ବିଷୟଗୁଡ଼ିକ ବିଚାର ବିମର୍ଷ କରାଯାଇଅଛି । ଏହି ପୁସ୍ତକ ମଙ୍ଗଳ ସୁସମାଚାର ଲେଖକମାନଙ୍କର ବ୍ୟକ୍ତିଗତ ଲେଖାର ସ୍ଥାନ ନେବା ଉଦ୍ଦେଶ୍ୟ ନୁହେଁ । କିନ୍ତୁ ସେମାନଙ୍କ ନିମନ୍ତେ ଏହା କେବଳ ଏକ ଅତିରିକ୍ତ ସେବା ଦେବ ନିମନ୍ତେ ଅଟେ । ବିଭିନ୍ନ ଘଟଣାବଳୀର ସମୟ ସୀମା, ଐତିହାସିକ ଦଲିଲ, ଜ୍ୟୋତିଃର୍ବିଜ୍ଞାନ ପ୍ରମାଣ, ଯିହୁଦୀୟ ପଞ୍ଜିକା ସହ ଏହାର ୧୯ ବର୍ଷର ଘଟଣା ଚକ୍ର ପୁନରାବୃତ୍ତି, ଈଶ୍ୱରଙ୍କ ଉତ୍ସବ ଓ ଯିହୁଦୀ ଲୋକମାନଙ୍କର ପ୍ରଥାର ଆଧାରରେ ନିର୍ଦ୍ଧାରଣ କରାଯାଇଛି । ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନରେ ଦୀର୍ଘ ସମୟ ପରିଶ୍ରମ ଓ ପ୍ରସ୍ତୁତ କରିଥାନ୍ତି, ଏହା ଆମ ସମସ୍ତଙ୍କୁ ପ୍ରସ୍ତୁ କରିବାରେ ସାହାଯ୍ୟ କରିଥାଏ । ଖ୍ରୀଷ୍ଟରେ ସେମାନଙ୍କ ପ୍ରେମର ପରିଶ୍ରମ ନିମନ୍ତେ, ସେମାନଙ୍କୁ ମୁଁ ମୋର ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରେ ।

## ମୋର ଆଶା

ମୋର ଆନ୍ତରିକ ଇଚ୍ଛା ଏହା ଯେ, ଏହି ପୁସ୍ତକରେ ତାହାଙ୍କ ପୁତ୍ରଙ୍କ ପଦୋନ୍ନତି ଦ୍ୱାରା ମୋର ସ୍ୱର୍ଗସ୍ଥ ପିତା ଗୌରବାନ୍ୱିତ ହେଉନ୍ତୁ ଓ ସେଥିରେ ଆପଣମାନେ ପାଠକଗଣ ସମସ୍ତେ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ପ୍ରତିରୂପରେ ରୂପାନ୍ତିତ ହୁଅନ୍ତୁ ।

## ଲେଖକଙ୍କ ଅଭିମତ

ଉକ୍ତ ଶିକ୍ଷା ଶ୍ରେଣୀ ପ୍ରସ୍ତୁତି ବିଷୟ , ଯୀଶୁଙ୍କ ସହ ଏକ ଯାତ୍ରାରେ ଆପଣାମାନଙ୍କୁ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଏକ ପ୍ରଭାବଶାଳୀ ଶିଷ୍ୟ ହେବାରେ ସାହାଯ୍ୟ କରିବା ମୋର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ମୁଁ ବିଶ୍ୱାସ କରେ ଯେ, ଯୀଶୁ କଣ କହିଲେ, ନିରନ୍ତର ଆପଣମାନଙ୍କୁ ସୂଚିତ ଜରିବା ଓ ସେ କ'ଣ କହିଅଛନ୍ତି, ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେବା ଦ୍ୱାରା ଆପଣମାନଙ୍କ ଜୀବନ ସଂପୂର୍ଣ୍ଣ ପରିବର୍ତ୍ତନ ହେବ । ତେବେ ସେ ଯେପରି ଆପଣମାନେ ମଧ୍ୟ ତାଙ୍କ ପରି ଏକ ବାସ୍ତବ ଶିଷ୍ୟ ହୋଇପାରିବେ ।

ମୋ ଶିକ୍ଷାର ଲକ୍ଷ୍ୟ ପ୍ରଥମ ଖ୍ରୀଷ୍ଟାବ୍ଦ ଖ୍ରୀଷ୍ଟିୟାନମାନଙ୍କ ଏକ ମନୋଭାବ ସହ ଶାସ୍ତ୍ରାଂଶଗୁଡ଼ିକ ଆପଣମାନଙ୍କୁ କଥା କହୁ । ଉକ୍ତ ମନୋଭାବ ପୁରାତନ ନିୟମର ବିଷୟସବୁ, ପରମ୍ପରା, ରୀତିନୀତି, ଭାବନା ଏବଂ ତତ୍ତ୍ୱଉପରେ ଚିତ୍ରଣ କରିବା ଦ୍ୱାରା ଉନ୍ନତି କରାଯାଇଅଛି ଯାହା ଯୀଶୁଙ୍କ ଅସଲି ଶିଷ୍ୟମାନେ ବୁଝିପାରନ୍ତି ।

ସମୟ ସମୟରେ ମୋର ଶିକ୍ଷା, ମୁଁ ଯେପରି ମୋଶାଙ୍କ ବ୍ୟବସ୍ଥା ଆଡକୁ ଏକ ଆହ୍ୱାନ କଲା ପରି ଦେଖାଯାଇପାରେ, କିନ୍ତୁ ମୁଁ ଆପଣମାନଙ୍କୁ ଭରଷା ଦେଇପାରେ ଯେ, ଏହା ଏପରି କୌଣସି ବିଷୟ ନୁହେଁ । ମୁଁ ବିଶ୍ୱାସ କରେ ଖ୍ରୀଷ୍ଟିୟାନ, ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ଅନୁଯାୟୀ ଉଦ୍ଧାରପ୍ରାପ୍ତ ହୋଇଅଛନ୍ତି । ମୋଶାଙ୍କ ବ୍ୟବସ୍ଥା ପାଳନ ଦ୍ୱାରା ନୁହେଁ । ମଧ୍ୟ ମୁଁ ଅବଗତ ଅଟେ ଯେ, ଅନୁଗ୍ରହ ଦ୍ୱାରା ଉଦ୍ଧାର ଶବ୍ଦମାନେ ଅନେକଙ୍କ ପାଇ ଯେପରି ସେମାନେ ସେମାନଙ୍କ ଜୀବନ ବିତାନ୍ତି । ଖ୍ରୀଷ୍ଟିୟାନମାନେ ଏକ ପବିତ୍ର ଲୋକ ହେବା ନିମନ୍ତେ ନିମନ୍ତ୍ରିତ, ବ୍ୟବସ୍ଥାହୀନ ଜୀବନ କାଟିବା ନିମନ୍ତେ ନୁହଁ । ତେଣୁ ଈଶ୍ୱରଙ୍କ ଅନୁଗ୍ରହ ଅପବ୍ୟବହାର କରିବା, ଏହା ମଧ୍ୟ ଏକ କାରଣ ନୁହ । ତାହାହେଲେ ସେମାନେ ଈଶ୍ୱରଙ୍କ ଆତ୍ମାଙ୍କ ଦ୍ୱାରା ଜୀବନ କାଟିବା ଆବଶ୍ୟକ ଯାହା ଈଶ୍ୱର ଓ ମନୁଷ୍ୟ ପ୍ରତି ପ୍ରେମ ଅଟେ । *ଯୀଶୁ କହିଲେ, ଯଦି ତୁମେ ମୋତେ ପ୍ରେମ କର, ତେବେ ମୋର ବାକ୍ୟ ପାଳନ କରିବ ।*

ଶାସ୍ତ୍ର ଆଧାରରେ ଯୀଶୁଙ୍କ ସହ ଏକ ଯାତ୍ରା ବିଷୟ ଏକ ପଣ୍ଡିତ ରଚନା କିଅବା କଳ୍ପନାତ୍ମକ ଟିପ୍ପଣୀ ଦେବା ଅଭିପ୍ରାୟରେ ଉଲ୍ଲେଖ କରାଯାଇ ନାହିଁ । କିନ୍ତୁ ଭାବନା ସୃଷ୍ଟି ଓ ଜୀବନ ପରିବର୍ତ୍ତନ ନିମନ୍ତେ ପ୍ରସ୍ତୁତ କରାଯାଇଛି । ଏହା ଖ୍ରୀଷ୍ଟିୟାନମାନଙ୍କର ଆନନ୍ଦ ଓ ଉପକାର ନିମନ୍ତେ ପ୍ରସ୍ତୁତ କରାଯାଇଅଛି, ଯେଉଁମାନେ ସମସ୍ତ ସତ୍ୟତା ଦ୍ୱାତା ନିଜକୁ ପରିଚାଳନା ଓ ନିର୍ଦ୍ଦେଶିତ କରିବା ନିମନ୍ତେ ପବିତ୍ର ଆତ୍ମାଙ୍କଠାରେ ଭରଷା କରନ୍ତି । ମୋର ପ୍ରାର୍ଥନା ଯେ, ଏହି ଶିକ୍ଷା ଶ୍ରେଣୀ ଖ୍ରୀଷ୍ଟରେ ଏକ ଫଳବନ୍ତ ଜୀବନଯାପନ କରିବା ନିମନ୍ତେ ଏକ ବ୍ୟବହାରିକ ଉପାଦାନ ରୂପେ ଆପଣମାନଙ୍କୁ ସାହାଯ୍ୟ କରୁ ।

## ସ୍ୱୀକୃତି ପତ୍ର

ମୋର ସ୍ତ୍ରୀ ଜେନିସକୁ ତାଙ୍କ ପ୍ରଗାଢ ପ୍ରେମ, ଉତ୍ସାହ ଓ ବର୍ଷ ତମାମ ମୋତେ ସାହାଯ୍ୟ କରି ଆସୁଥିବା ଯୋଗୁଁ ତାଙ୍କଠାରେ ମୁଁ ଅତି କୃତଜ୍ଞ ଅଟେ । ଏ ସମସ୍ତ ବିହୁନେ ଏହି ପୁସ୍ତକର କାର୍ଯ୍ୟ ସମାପ୍ତ ହୋଇପାରିନଥାନ୍ତା । ପୁଣି ଆଗକୁ ପୁସ୍ତକ ଆବରଣର ରଙ୍ଗ ଚିତ୍ରଣ କରିବାରେ ତାଙ୍କର କଳା ନିପୁଣ ଦକ୍ଷତା ଯୋଗୁଁ ଧନ୍ୟବାଦ ଅର୍ପଣ କରେ, ଯାହା ଯୀଶୁଙ୍କ ସହ ଏକ ଯାତ୍ରାର ଆବରଣକୁ ଆଶ୍ଚର୍ଯ୍ୟରୂପେ ଆଶୀର୍ବାଦ ଆଣି ଦେଇଛି ।

## ସମ୍ମାନତାର ସାକ୍ଷ୍ୟ

ଓଡିଶାରେ (ପଶ୍ଚିମ ଭାରତ) ଈଶ୍ୱରଙ୍କ କାର୍ଯ୍ୟର ଅଂଶିଦାର ହୋଇଥିବା ଯୋଗୁଁ ଅଶେଷ ଧନ୍ୟବାଦ ଦିଏ । ମୋ ପାଇଁ ଏହା ଏକ ଜୀବନ ପରିବର୍ତ୍ତନର ସମୟ ଥିଲା । ଆପଣଙ୍କ ଶିକ୍ଷା ଓ ପ୍ରଶିକ୍ଷଣରେ ଈଶ୍ୱରଙ୍କ ଯଥେଷ୍ଟ ଶକ୍ତି ଓ ଉପସ୍ଥିତିକୁ ମୁଁ ଦେଖିଲି ଓ ଅନୁଭବ କରିପାରିଲି । ଆପଣଙ୍କ ପ୍ରସ୍ତୁ ଟୀକା ଅଧ୍ୟୟନ କରିବାରେ ମୁଁ ସ୍ୱତନ୍ତ୍ର ଆନନ୍ଦ ନେଇ ମୋର ଶିଷ୍ୟମାନଙ୍କୁ ଓ ଅନେକ ଅନ୍ୟମାନଙ୍କୁ ଏହା ବିଶ୍ଳେଷଣ କରିବି । ଆପଣଙ୍କ ଶିଷ୍ୟତ୍ୱ ତତ୍ତ୍ୱ ମୋର ସେବାକାର୍ଯ୍ୟରେ ଅତି ସୁନ୍ଦରରୂପେ ବ୍ୟବହାର କରିଛି । ପୁଣି ଭାରତର ଏହି ଓଡିଶାରେ ଯୀଶୁଖ୍ରୀଷ୍ଟଙ୍କର ଶିଷ୍ୟ କରିବା ନିମନ୍ତେ ମୁଁ ମୋର ଜୀବନକୁ ସମର୍ପିତ ଓ ଉତ୍ସର୍ଗ କରିଅଛି ।

ଆଚାର୍ଯ୍ୟ କାର୍ତ୍ତିକ ପାଳ

ଶିଷ୍ୟ ପ୍ରସ୍ତୁତକର୍ତ୍ତା ଓ ପଶ୍ଚିମ ଭାରତ ପାଳକ

୧୦ ବର୍ଷ ଯାଇ ଏକ ଯୁବା ଓ ପରିଣତ ବୟସର ପାଳକ ଥିଲି । ସେବା କାର୍ଯ୍ୟରେ ଉଠାଇଥିବା ଏହି ସଂସାର ପ୍ରଦାନ କରିଥିବା କେତେକ ଅତି ଉତ୍ତମ ପାଠ୍ୟକ୍ରମ ଓ ଶିକ୍ଷାରେ ଯୋଗ ନେଲି । ଏହି ପରିପ୍ରେକ୍ଷୀରେ ଯେବେ ମୁଁ ଏହି ଶିଷ୍ୟତ୍ୱ

ପାଠ୍ୟକ୍ରମ ଦ୍ୱାରା ଚାଲିବାକୁ ଓ ଯୀଶୁଖ୍ରୀଷ୍ଟଙ୍କ ଶିକ୍ଷା ଶିଖିବାକୁ ଆରମ୍ଭ କଲି .. .. .. ମୁଁ ନିର୍ବୋଧ ହେଲି ଯାହା ସବୁ ମୁଁ ଏହି ତତ୍ତ୍ୱ ଦ୍ୱାରା ଶିଖିପାରିଲି । କୌଣସି ମଣ୍ଡଳୀ, ସେମିନାର, ପୁସ୍ତକ, ପାଠ୍ୟକ୍ରମ, ପ୍ରଚାରକ, ଶ୍ରେଣୀ କିଅବା ସଭାସମିତି ମୋତେ କେବେ ମଧ୍ୟ ଏପରି ଶିକ୍ଷା ଦେଇ ନାହିଁ । ଆମ ମସୀହ ବାସ୍ତବରେ ଆମ୍ଭମାନଙ୍କୁ କଣ କୁହନ୍ତି .. .. ଏବଂ କାହିଁକି ଚିରକାଳ ପାଇଁ ଆମେ ପରିବର୍ତ୍ତିନ ଅଟୁ – ମୁଁ ଜାଗ୍ରତ ହୋଇ ପାରିଛି, ଜୀବନ୍ତ ହୋଇପାରିଛି ଓ ମୁଁ ଅଧିକ ଚାହେଁ ।

ବ୍ରାଣ୍ଡନ ଏସ୍

ଅର୍ଥନୈତିଜ୍ଞ ଓ ପୂର୍ବତନ ଯୁବ ପାଳକ

ଯଶୁଙ୍କ ସହ ଏକ ଯାତ୍ରା ଶିଷ୍ୟତ୍ୱ ପାଠ୍ୟକ୍ରମ ମୋ ଜୀବନକୁ ସଂପୂର୍ଣ୍ଣ ପରିବର୍ତ୍ତିନ କରିଅଛି । ଯୀଶୁଙ୍କ ପରି ଯଦି ଆପଣ ଆପଣା ଜୀବନ ଅତିବାହିତ କରିବାକୁ ଶିଖିବେ ଏବଂ କିପରି ଏକ ଶିଷ୍ୟ ପ୍ରସ୍ତୁତକାରୀ ହେବେ । ତେବେ ଏହି ଅଧ୍ୟୟନ କରନ୍ତୁ । ଏହା ବାସ୍ତବରେ ଆପଣ ଜୀବନ ବଦଳାଇ ଦେବ ।

ମିଚେଲ ଏମ୍

ଗୃହ ନିର୍ମାଣ, ମା ଓ ଶିଷ୍ୟ ପ୍ରସ୍ତୁତକାରୀ

ଯୀଶୁଙ୍କ ସହ ଏକ ଯାତ୍ରା ସଂପୂର୍ଣ୍ଣରୂପେ ଖ୍ରୀଷ୍ଟ କୈନ୍ଦ୍ରିୟ ଓ ଈଶ୍ୱର ଗୌରବାନ୍ୱିତ ଅଟେ । ଜଣେ ବିଶ୍ୱସୀରୂପେ ଯେଉଁମାନେ ଯୀଶୁଙ୍କ ପଛେ ଚାଲିବାକୁ ନିର୍ଣ୍ଣୟ କରିଛନ୍ତି, ସେମାନେ ଏହା ସମର୍ପିତ ଭାବେ ପଢିବା ହେବା ଆବଶ୍ୟକ । ଏହି ପାଠ୍ୟକ୍ରମ ବ୍ୟବହାର ଈଶ୍ୱରଙ୍କ ବାକ୍ୟ ଅଧ୍ୟୟନ କରିବା ନିମନ୍ତେ ଲୋକମାନଙ୍କୁ ମୁଁ ଦୃଢତା ସହ ସୁପାରିଶ କରୁଅଛି ।

ନୋହ ଜି.

ଉଦ୍ୟୋଗକର୍ତ୍ତା ଓ ପୂର୍ବତନ ମିଶନାରୀ

ବର୍ତ୍ତମାନ ମୁଁ ଅନ୍ୟମାନଙ୍କୁ ଶିଷ୍ୟ କରୁଅଛି ଓ ଅଧ୍ୟୟନ ସମୟରେ ଅନ୍ତିମ ଶିକ୍ଷା ଅପେକ୍ଷା ଏକ ଅଧିକ ଆଶୀର୍ବାଦାୟକ ଶିକ୍ଷା ଉପାଦାନ ମୁଁ ପାଇଅଛି । ଶିଷ୍ୟତ୍ୱ ପ୍ରସ୍ତୁତି ନିମନ୍ତେ ଏହା ଏକ ପ୍ରତ୍ୟକ୍ଷ ବ୍ୟବହାରିକ ନୀତି ଅଟେ ଯାହା ଆଜିର ମଣ୍ଡଳୀରେ ଅତି ଆବଶ୍ୟକ ଅଟେ । ମହାନ ଆଦେଶର କାର୍ଯ୍ୟ ଆଗକୁ କଢାଇ ନେବା ନିମନ୍ତେ ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କୁ ଆହ୍ୱାନ କରିବାର ଏହା ଏକ ଅବଶ୍ୟକୀୟ ମାର୍ଗ ଅଟେ ।

ବ୍ରାନଡନ ବି.

ଲିୟଲଟର ଓ ଶିଷ୍ୟ ପ୍ରସ୍ତୁତକାରୀ

## ସୂଚୀପତ୍ର / ଦ୍ୱିତୀୟ ପୁସ୍ତକ
## ଯୀଶୁଙ୍କ ସହ ଏକ ଯାତ୍ରା

### ଶସ୍ୟ ସଂଗ୍ରହ ନିମନ୍ତେ

ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।
(ମାଥିଉ.୯:୩୮)


ପାଠ ୧୮: ରାଜ୍ୟ ବିଷୟକ ଦୃଷ୍ଟାନ୍ତ — ପୃଷ୍ଠା –
ପାଠ ୧୯: ଜ୍ଞାନରେ ବଢିବା — ପୃଷ୍ଠା –
ପାଠ ୨୦: ଅଧିକ ରାଜ୍ୟ ବିଷୟକ ସତ୍ୟତା — ପୃଷ୍ଠା –
ପାଠ ୨୧: ଶସ୍ୟ ସଂଗ୍ରହ କ୍ଷେତ୍ରକୁ ଯିବା — ପୃଷ୍ଠା –
ପାଠ ୨୨: ସୁସମାଚାର ପ୍ରଚାର — ପୃଷ୍ଠା –
ପାଠ ୨୩: ସର୍ପ ଏବଂ କପୋତ — ପୃଷ୍ଠା –
ପାଠ ୨୪: ଧୈର୍ଯ୍ୟତାର ନିର୍ଣ୍ଣୟ — ପୃଷ୍ଠା –
ପାଠ ୨୫: ଈଶ୍ୱରଙ୍କ ସମାଧାନକୁ ଅପେକ୍ଷା କରିବା — ପୃଷ୍ଠା –
ପାଠ ୨୬: ଭୟକର ନାହିଁ — ପୃଷ୍ଠା –
ପାଠ ୨୭: ଏକ ଅଲ୍ପେକ ଖମୀର — ପୃଷ୍ଠା –
ପାଠ ୨୮: କ୍ରୁଶ ଉଙ୍ଗାଇବା — ପୃଷ୍ଠା –
ପାଠ ୨୯: ଯୀଶୁଙ୍କୁ ଶୁଣ — ପୃଷ୍ଠା –
ପାଠ ୩୦: ଅପମାନ ହେବା — ପୃଷ୍ଠା –
ପାଠ ୩୧: ବିଘ୍ନ ଜନ୍ମାଇବା — ପୃଷ୍ଠା –
ପାଠ ୩୨: ବିଶ୍ୱାସୀଙ୍କୁ ଅନୁଯୋଗ କରିବା — ପୃଷ୍ଠା –
ପାଠ ୩୩: ପଶ୍ଚାତାପ କରିବା — ପୃଷ୍ଠା –
ପାଠ ୩୪: ଆନନ୍ଦ କରିବାର କାରଣ — ପୃଷ୍ଠା –
ପାଠ ୩୫: ବିଶ୍ୱାସ ସହ ପ୍ରାର୍ଥନା କରିବା — ପୃଷ୍ଠା –
ପାଠ ୩୬: ପ୍ରତାରଣା/କପଟି — ପୃଷ୍ଠା –
ପାଠ ୩୭: ଭୟରୁ ମୁକ୍ତ — ପୃଷ୍ଠା –
ପାଠ ୩୮: ଜୀବନର ଚିନ୍ତାଗୁଡିକରୁ ମୁକ୍ତି — ପୃଷ୍ଠା –
ପାଠ ୩୯: ଦାସତ୍ୱ ଜୀବନ — ପୃଷ୍ଠା -

## ପାଠ -୧୮
## ରାଜ୍ୟ ବିଷୟକ ଦୃଷ୍ଟାନ୍ତ

**ଆଇସ୍‌ବ୍ରେକର ଦଳ:**

ତୁମର ପସନ୍ଦର ପାରିବାରିକ କାହଣୀ କ'ଣ ଓ ତୁମ ପାଇଁ ଏହାର ଅର୍ଥ କ'ଣ ଅଟେ ?

**ପରିଚୟ:**

ପର୍ବତ ଉପରେ ଉପଦେଶ ସମାପ୍ତ କରିବା ପରେ ଯୀଶୁଙ୍କ ଜୀବନରେ ଅନେକ ଉଲ୍ଲେଖନୀୟ ଘଟଣାମାନ ଘଟିଥାଏ । ସେ ପର୍ବତରୁ ଓହ୍ଲାଇବା ପରେ ଜଣେ କୁଷ୍ଠରୋଗୀକୁ ସୁସ୍ଥ କଲେ ଏବଂ ପରେ କଫର୍ନାହୂମକୁ ଫେରିଗଲେ । ପୁଣି ରୋମୀୟ ଶତସେନାପତିଙ୍କ ଦାସଙ୍କୁ ସୁସ୍ଥ କଲେ, ଯିଏ ଅସୁସ୍ଥ ଥାଇ ମୃତପ୍ରାୟ ଥିଲା । କିଛି ସମୟ ପରେ ଯୀଶୁ ନାଇନ ନଗରକୁ ଗଲେ ଯେଉଁଠାରେ ଲୋକେ ଜଣେ ବିଧବାର ମୃତ ପୁଅକୁ ସମାଧି ଦେବାକୁ ନେଉଥିଲେ, ଯୀଶୁ ସେହି ବିଧବାର ମୃତ ପୁଅକୁ ପୁନଃଜୀବିତ କଲେ । ବାପ୍ତିଜକ ଯୋହନ କାରାଗାରରେ ଯୀଶୁଙ୍କ ବିଷୟ ଶୁଣି, ଯୀଶୁ ଖ୍ରୀଷ୍ଟ ଅଟନ୍ତି କି ଏହା ନିଶ୍ଚିତ କରିବା ପାଇଁ ଆପଣା ଶିଷ୍ୟମାନଙ୍କୁ ପଚାରି ଆସିବା ନିମନ୍ତେ ଯୀଶୁଙ୍କ ନିକଟକୁ ପଠାନ୍ତି । ଏହା ପରେ ଯୀଶୁ ଜଣେ ଫାରୂଶୀ ଶିମୋନଙ୍କ ଗୃହରେ ପ୍ରବେଶ କରନ୍ତେ, ସେଠାରେ ଜଣେ ପାପିନୀ ସ୍ତ୍ରୀ ସହିତ ସାକ୍ଷାତ କଲେ । ସେ ଲୁହରେ ଯୀଶୁଙ୍କ ପାଦ ଧୋଇ ଅତର ଦ୍ୱାରା ଅଭିଷେକ କଲେ ଏବଂ ବିବାଦ ମଦ୍ୟରେ ଯୀଶୁ ତାହାର ପାପ କ୍ଷମା କଲେ ।ତାପରେ ଯୀଶୁ ନିଜ ଶିଷ୍ୟ ଏବଂ ତାଙ୍କୁ ସମର୍ଥନ କରୁଥିବା ମହିଳାମାନଙ୍କ ସହିତ ମିଶନାରୀ ଯାତ୍ରା କଲେ । ସେ ଆଖପାଖ ସହର ଓ ଗ୍ରାମକୁ ଯାଇ ଈଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରଚାର ଓ ଘୋଷଣା କରନ୍ତି । କଫର୍ନାହୂମକୁ ଫେରୁ ଫେରୁ ଯୀଶୁଙ୍କ ନିକଟକୁ ବହୁସଂଖ୍ୟକ ଲୋକ ଆସିଲେ । ସେଠାରେ ଯିରୁଶାଲମର ଶାସ୍ତ୍ରୀମାନେ ତାହାଙ୍କୁ ଶୟତାନର ଅଧିକାର ବୋଲି ଅଭିଯୋଗ କଲେ । ସେ ଅନେକ ଦୃଷ୍ଟାନ୍ତ ମାଧ୍ୟମରେ ସେମାନଙ୍କ ଅଭିଯୋଗର ପ୍ରତୁତ୍ତର କରିଥିଲେ ଏବଂ ଘୋଷଣା କଲେ ଯେ ପବିତ୍ର ଆତ୍ମା ବିରୁଦ୍ଧରେ ପାପ ବ୍ୟତିତ ମନୁଷ୍ୟର ସମସ୍ତ ପାପ ସେମାନଙ୍କୁ କ୍ଷମା କରାଯିବ । ତା'ପରେ ଯୀଶୁ ଏକ ଡଙ୍ଗାରେ ବସି ଈଶ୍ୱରଙ୍କ ରାଜ୍ୟ ବିଷୟରେ ଆଠଟି ଦୃଷ୍ଟାନ୍ତ ଶିଖାଇଲେ । ଯୀଶୁଙ୍କ ଶିକ୍ଷାକୁ ଯିବା ପୂର୍ବରୁ ଦୁଇଟି ମୌଳିକ ଧାରଣା ବୁଝିବାକୁ ହେବ; ଏକ ଦୃଷ୍ଟାନ୍ତ କ'ଣ ଏବଂ ଈଶ୍ୱରଙ୍କ ରାଜ୍ୟ କ'ଣ ? ପ୍ରଥମେ ଆସନ୍ତୁ ବିଚାର କରିବା ଏକ ଦୃଷ୍ଟାନ୍ତ କ'ଣ ଅଟେ ?

୧. ଦୃଷ୍ଟାନ୍ତ ହେଉଛି ଏକ ବିବରଣୀ ବା କ୍ଷୁଦ୍ର କାହାଣୀ ।
୨. ଯେତେବେଳେ ଲୋକମାନଙ୍କନ ଏକ ଦୃଷ୍ଟାନ୍ତ ଶୁଣନ୍ତି, ସେତେବେଳେ ଏହାର ଆକ୍ଷରିକ ଅର୍ଥକୁ ବୁଝିବାରେ ସକ୍ଷମ ହୁଅନ୍ତି ।
୩. ଏକ ଦୃଷ୍ଟାନ୍ତରେ ଏକ ମୁଖ୍ୟ ବିଷୟ ଥାଏ ଏବଂ ଏଥିରେ ଏକ ବା ଅକାଧିକ ସତ୍ୟ, ଧାରଣା ଓ ନୀତି ରହିଥାଏ ଯାହା ଏହି ସହିତ ଜଡିତ ।
୪. ଏବଂ ଏକ ଦୃଷ୍ଟାନ୍ତର ଉପଦେଶ ବା ଲକ୍ଷ୍ୟ ହେଉଛି ଦୃଷ୍ଟାନ୍ତର ମୁଖ୍ୟ ବିଷୟ ସମ୍ବନ୍ଧୀୟ ସତ୍ୟ, ଧାରଣା ଏବଂ ନୀତିକୁ ଅନ୍ୟ ବିଷୟ ସହିତ ତୁଳନା କରିବା ଯାହା ବୁଝିବାରେ କଷ୍ଟକର ସେହି ବିଷୟ ତୁଳନାତ୍ମକ ଭାବରେ ବୁଝିଲେ ବୁଝିବାରେ ସହଜ ହୁଏ ।

**ଦଳଗତ ଆଲୋଚନା:**

୧. ମୁଖ୍ୟ ବିଷୟ ଭାବରେ ତୁମ ସହିତ ଏକ ସରଳ ଦୃଷ୍ଟାନ୍ତ ପ୍ରସ୍ତୁତ କର ଏବଂ ଏହାକୁ ଦଳ ମଦ୍ୟରେ କୁହ ।
୨. ଦୃଷ୍ଟାନ୍ତରେ କେଉଁ ସତ୍ୟ, ଧାରଣା କିମ୍ବା ନୀତିଗୁଡିକ ଯୋଗାଯୋଗ କରିବାକୁ ଚେଷ୍ଟା କରୁଛନ୍ତି ତାହା ଅନୁମାନ କରିବାକୁ ଚେଷ୍ଟା କରନ୍ତୁ ।

୩. କିଛି ସମୟ ପରେ ଦଳକୁ ସତ୍ୟ, ଧାରଣା, କିମ୍ବା ନୀତିଗୁଡିକୁ ଯାହା ତୁମେ ଦୃଷ୍ଟାନ୍ତର ବ୍ୟବହାର ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କର ।

୪. ଏକ ଉଦାହରଣ: ସେଠାରେ ଏକ ବିରାଟ ଧଳା ଘୋଡା ଥିଲା ଯାହା ହିଂସ୍ରକ ଥିଲା ଓ ମୁକ୍ତ ଭାବରେ ବୁଲୁଥିଲା ଏବଂ କେହି ଏହାକୁ କାବୁ କରିପାରୁନଥିଲେ । ତାପରେ ଦିନେ ଅନ୍ୟ ଦେଶର ଜଣେ ରାଜକୁମାର ଆସି ଧଳା ଘୋଡା ସହିତ କଥା ହେବାକୁ ଲାଗିଲେ । ତାଙ୍କର ଦୟାଳୁ ଶବ୍ଦ ଯୋଗୁଁ ଘୋଡା ନିୟନ୍ତ୍ରଣ ହେଲା ଓ ରାଜକୁମାର ତାଙ୍କ ଉପରେ ଚଢି ଅବଶିଷ୍ଟ ଦିନ ଘୋଡା ଚଢାଇ ବିତାଇଲେ । (ବାଖ୍ୟା – ଦୃଷ୍ଟାନ୍ତରେ ମୁଁ ଧଳା ଘୋଡା ସହିତ ଅଛି । ଯୀଶୁଙ୍କ କଥା ଶୁଣିଲା ପରେ ମୁଁ ମୋ ଜୀବନକୁ ତାଙ୍କ ନିକଟରେ ସମର୍ପଣ କଲି ଏବଂ ସେହି ସମୟଠାରୁ ସେ ମୋତେ ବ୍ୟବହାର କରି ଆସୁଅଛନ୍ତି ।)

**ପୁଣି ପରିଚୟ:**

ଆସନ୍ତୁ, ବର୍ତ୍ତମାନ ଇଶ୍ୱରଙ୍କ ରାଜ୍ୟ ବିଷୟରେ ବିଚାର କରିବା । ଈଶ୍ୱରଙ୍କ ରାଜ୍ୟ କହିବା ଅର୍ଥ ଈଶ୍ୱରଙ୍କ ଶାସନ । ତଥାପି ଈଶ୍ୱରଙ୍କ ରାଜ୍ୟ ଓ ଏହାର ଆଗମନର ଚିନ୍ତାଧାରାକୁ ସଠିକ୍ ବୁଝିବା ନିମନ୍ତେ ବେଳେ ବେଳେ କଷ୍ଟସାଧ୍ୟ ଅଟେ । ମୁଁ ଏହାକୁ ଅଳ୍ପ ସହଜ କରିବାକୁ ଚେଷ୍ଟା କରିବି । ଏକ ରାଜ୍ୟ ହେବା ପାଇଁ, ୫ଟି ଉପାଦାନ ରହିବା ଆବଶ୍ୟକ ।

୧. ଜଣେ ବ୍ୟକ୍ତି ଯିଏ ରାଜା ଅଟନ୍ତି ।
୨. ରାଜାଙ୍କ ବିଷୟ ଉପରେ ଶାସନ କରିବାର ଏକ ପ୍ରକ୍ରିୟା ।
୩. ଲୋକମାନେ, ଯେଉଁମାନେ ରାଜାଙ୍କର ଅଧୀନ ଓ ତାଙ୍କ ଇଚ୍ଛା ପାଳନ କରିବାକୁ ବଶୀଭୂତ ହୁଅନ୍ତି ।
୪. ଏପରି ଏକ ସ୍ଥାନ ଯାହାକି ରାଜାଙ୍କର ଅଧିକାର ବିସ୍ତାର କରେ ।
୫. ଅସ୍ତିତ୍ୱର ଏକ ଅବଧି ଯାହାକି ରାଜା ଶାସନ କରୁଥିବା ସମୟର ଦୀର୍ଘତା ।

ତେଣୁ ଏହା କୁହାଯାଇପାରେ ଯେ; (୧) ରାଜା ଈଶ୍ୱର, (୨) ଯୀଶୁଖ୍ରୀଷ୍ଟଙ୍କ ମାଧ୍ୟମରେ ତାଙ୍କ ଆତ୍ମା, (୩) ଏବଂ ଯେଉଁମାନେ ସ୍ୱର୍ଗରେ ତାଙ୍କର (୪) ସବୁଦିନ ପାଇଁ ଶାସନ କରନ୍ତି ।

ଉପହାର କିମ୍ବା ଯୁଦ୍ଧ ମାଧ୍ୟମରେ ରାଜ୍ୟ ବିସ୍ତାରିତ ହୋଇଥାଏ । ସାଧାରଣତଃ ସେମାନେ ଯୁଦ୍ଧ ମାଧ୍ୟମରେ ରାଜ୍ୟ ବିସ୍ତାରିତ କରନ୍ତି । ରାଜ୍ୟ ବିସ୍ତାର କରିବା ପାଇଁ ଗୋଟିଏ ରାଜ୍ୟର ଲୋକମାନେ ବିରୋଧି ରାଜ୍ୟ ସହିତ ଯୁଦ୍ଧ କରିବା ଆବଶ୍ୟକ ଓ ସେମାନଙ୍କୁ ପରାସ୍ତ କରିବା । ବିରୋଧୀ ଲୋକମାନଙ୍କୁ ରକ୍ଷା କରିବା ତିନୋଟି ଉପାୟ ମଦ୍ୟରୁ ଗୋଟିଏ ହୋଇପାରେ –

୧. ପକ୍ଷ ପରିବର୍ତ୍ତନ କରିବାକୁ କିମ୍ବା ବିଶ୍ୱାସ ପରିବର୍ତ୍ତନ କରିବାକୁ ବିରୋଧୀ ଲୋକଙ୍କୁ ବିଶ୍ୱାସ କରିବା ।

୨. ବିରୋଧୀ ରାଜାଙ୍କୁ ପରାସ୍ତ କିମ୍ବା ମୃତ୍ୟୁ ଦ୍ୱାରା ପରାସ୍ତ କରାଯାଏ । (ତଥାପି ଏହିପ୍ରକାରର ବିଜୟରେ କିଛି ଲୋକଙ୍କର ବିଶ୍ୱାସ ପରିବର୍ତ୍ତନ ହୋଇନପାରେ । ଯଦିଓ ସେମାନେ ନୂତନ ରାଜାଙ୍କର ସେବା କରିବାକୁ ବାଧ୍ୟ ହୁଅନ୍ତି, ତଥାପି ସେମାନେ ବିଦ୍ରୋହର ଏକ ସୁଯୋଗକୁ ଅପେକ୍ଷା କରନ୍ତି ।)

୩. ଲୋକଙ୍କ ମୃତ୍ୟୁ

ଅନୁରୂପ ଭାବରେ ଯୀଶୁଖ୍ରୀଷ୍ଟଙ୍କୁ ଶୟତାନ ଦ୍ୱାରା ଏକ ଉପହାରସ୍ୱରୂପେ ଏହି ଜଗତର ରାଜ୍ୟ ପ୍ରଦାନ କରାଯାଇଥିଲା ।[୧] ସେମାନଙ୍କୁ ପାଇବା ପାଇ ଯୀଶୁଙ୍କୁ ଈଶ୍ୱରଠାରୁ ଶୟତାନ ପରିବର୍ତ୍ତନ କରିବାକୁ ପଡିବ । ସେ ଯୁଦ୍ଧ କଲେ ନାହିଁ । ଈଶ୍ୱରଙ୍କ ରାଜ୍ୟ ବର୍ତ୍ତମାନ ଏହି ଜଗତର ଶାସକ ଶୟତାନ ବିରୁଦ୍ଧରେ ଯୁଦ୍ଧରେ କ୍ରୋଧିତ ହୋଇଛି । ଯୀଶୁଖ୍ରୀଷ୍ଟ

[୧] ମାଥିଉ.୪:୮-୯ ଏବଂ ଲୁକ.୪:୫-୭

ଏବଂ ଯେଉଁମାନେ ତାଙ୍କର (ଖ୍ରୀଷ୍ଟିୟାନ) ସମସ୍ତେ ଶୟତାନ, ତାଙ୍କ ଭୂତ, ପ୍ରାଧାନ୍ୟ ଏବଂ ଶକ୍ତି ବିରୋଧରେ ପୃଥିବୀ ପାଇଁ ସଂଗ୍ରାମ କରୁଛନ୍ତି । ସେମାନେ ପୃଥିବୀରେ ଈଶ୍ୱରଙ୍କ ରାଜ୍ୟ ବିସ୍ତାର କରୁଛନ୍ତି ।

ଏହି ସମୟରେ ଈଶ୍ୱରଙ୍କ ରାଜ୍ୟ ବିରୋଧୀ ଲୋକଙ୍କୁ ପକ୍ଷ ପରିବର୍ତ୍ତନ କରିବାକୁ ପ୍ରବର୍ତ୍ତାଉଛି । ନିକଟ ଭବିଷ୍ୟତରେ ଯୀଶୁ ଫେରି ଆସିବେ ବରୋଦୀ ରାଜାଙ୍କୁ ଧରି ଏକ ହଜାର ବର୍ଷ କାରାଗାରରେ ରଖିବେ । ଏହି ହଜାର ବର୍ଷ ମଧ୍ୟରେ ଯୀଶୁ ରାଜତ୍ୱ କରିବେ ଏବଂ ପୃଥିବୀର ସମସ୍ତେ ଈଶ୍ୱରଙ୍କ ସେବା କରିବେ । ସେହି ସମୟରେ ଶେଷରେ ବରୋଦୀ ରାଜା କାରାଗାରରୁ ମୁକ୍ତ ହେବେ ଏବଂ ସେହି ଲୋକମାନଙ୍କୁ ପୁନର୍ବାର ଈଶ୍ୱରଙ୍କ ରାଜ୍ୟ ବିରୁଦ୍ଧରେ ନେତୃତ୍ୱ ନେବେ । ମୃତ୍ୟୁ ହେଉଛି ସେମାନଙ୍କ ଭାଗ୍ୟ !

ସଦାପ୍ରଭୁ ସହଜରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରିପାରନ୍ତି, କିନ୍ତୁ ତାଙ୍କର ଇଚ୍ଛା ହେଉଛି ଲୋକଙ୍କ ହୃଦୟ ଜିତିବା ଯାହା ଦ୍ୱାରା ସେମାନେ ସ୍ୱଚ୍ଛାରେ ସେମାନଙ୍କର ବିଶ୍ୱାସକୁ ପରିବର୍ତ୍ତନ କରିବେ । ସେ ପ୍ରେମ ମାଧ୍ୟମରେ ସ୍ନେହପୂର୍ଣ୍ଣ କରୁଣା ପ୍ରଦର୍ଶନ କରନ୍ତି । ଯୀଶୁଙ୍କ ଶିଷ୍ୟମାନେ ଏକ ଉତ୍ତମ ଯୁଦ୍ଧ କରିବାକୁ ଯାଉଛନ୍ତି ।ଏପରିକି ରାଜାଙ୍କ ଉତ୍ତମତାର ବିଶ୍ୱାସ କରିବାକୁ ।

ଈଶ୍ୱର ଯୀଶୁଙ୍କୁ ମୃତ୍ୟୁରୁ ପୁନରୁତ୍‌ଥିତ କରିବାର ଗୋଟିଏ କାରଣ ହେଲା ଯେ, ଜୀବନ ଏବଂ ମୃତ୍ୟୁର ଶକ୍ତି ଅଛି ବୋଲି ଦର୍ଶାଇବା । ଏହା ଈଶ୍ୱରଙ୍କ ରାଜ୍ୟ ବିସ୍ତାର କରିବାକୁ ତାଙ୍କ ସଂଗ୍ରାମରେ ଜଣେ ଶିଷ୍ୟଙ୍କୁ ଉତ୍ସାହ ଭାବରେ କାର୍ଯ୍ୟ କରେ । ଯୀଶୁ ନିଜ ଶିଷ୍ୟମାନଙ୍କୁ ରାଜଦୂତ କରନ୍ତି ଯାହା ଦ୍ୱାରା ସେମାନେ ତାଙ୍କ ଶତ୍ରୁମାନଙ୍କ ପ୍ରତି କ୍ଷମା ପ୍ରାର୍ଥନା କରିପାରିବେ । କ୍ଷମା ପ୍ରାର୍ଥନା ଚୁକ୍ତିରେ ଈଶ୍ୱର ପ୍ରତିପକ୍ଷ ଶତ୍ରୁମାନେ ତାଙ୍କ ବିରୋଧରେ କରିଥିବା ପ୍ରତ୍ୟେକ ପାପ ଏବଂ ଅତ୍ୟାଚାରକୁ କ୍ଷମା କରିବାକୁ ପ୍ରତିଜ୍ଞା କରିଅଛନ୍ତି । ଯେଉଁମାନେ ସେମାନଙ୍କ ବିଶ୍ୱାସକୁ ପରିବର୍ତ୍ତନ କରନ୍ତି, ଈଶ୍ୱର ତାଙ୍କ ସହିତ ଅନନ୍ତ ଜୀବନ ପ୍ରତିଜ୍ଞା କରନ୍ତି ।

**ଶାସ୍ତ୍ରପାଠ:**

**ମାଥିଉ.୧୩:୧-୨୩, ମାର୍କ.୪:୧-୨୦, ଲୂକ.୮:୪-୧୫**

### ବୁଣାଳିଙ୍କ ଦୃଷ୍ଟାନ୍ତ

**ମାଥିଉ.୧୩:୧-୯, ମାର୍କ.୪:୧-୯, ଲୂକ.୮:୪-୮**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତାଂଶରୁ ଉଦ୍ଧୃତ"

ସେ ସମୁଦ୍ରକୂଳରେ ପୁନର୍ବାର ଶିକ୍ଷା ଦେବାକୁ ଲାଗିଲେ, ଆଉ ଏତେ ଅଧିକସଂଖ୍ୟକ ଲୋକ ତାହାଙ୍କ ନିକଟରେ ଏକତ୍ର ହେଲେ ଯେ, ସେ ସମୁଦ୍ରରେ ଥିବା ଗୋଟିଏ ନୌକାରେ ଯାଇ ବସିଲେ ଓ ଲୋକସମୂହ ସମୁଦ୍ର ନିକବର୍ତ୍ତୀ ସ୍ଥଳରେ ରହିଲେ । ସେତେବେଳେ ସେ ଦୃଷ୍ଟାନ୍ତରେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାକୁ ଲାଗିଲେ, ପୁଣି ଆପଣା ଶିକ୍ଷା ମଧ୍ୟରେ ସେମାନଙ୍କୁ କହିଲେ, ଶୁଣ ! ଦେଖ, ଜଣେ ବୁଣାଳୀ ବୁଣିବାକୁ ବାହାରିଲା । ସେ ବୁଣୁ ବୁଣୁ କେତେକ ବୁହନ ବାଟ ପାଖରେ ପଡିଲା, ପୁଣି ଚଢେଇମାନେ ଆସି ସେଗୁଡିକ ଖାଇଗଲେ । ଆଉ କେତେକ ଅଳ୍ପ ମାଟି ଥିବା ପଥୁରିଆ ଭୂଇଁରେ ପଡିଲା ଏବଂ ବେଶି ମାଟି ନଥିବାରୁ ଶୀଘ୍ର ଗଜା ହେଲା, କିନ୍ତୁ ସୂର୍ଯ୍ୟ ଉଠନ୍ତେ ଜଳିପୋଡିଗଲା ଓ ଚେର ନ ଥିବାରୁ ଶୁଖିଗଲା । ଆଉ କେତେକ କଣ୍ଟାଗଛଗୁଡାକ ମଧ୍ୟରେ ପଡିଲା, ପୁଣି କଣ୍ଟାଗଛଗୁଡାକ ଉଠି ବଡ ହୋଇ ସେଗୁଡିକୁ ଚାପି ପକାଇଲା ଏବଂ

କୌଣସି ଫଳ ଫଳିଲା ନାହିଁ । ପୁଣି ଅନ୍ୟ କେତେକ ଭଲ ଭୂଇଁରେ ପଡିଲା, ଆଉ ଗଜା ହୋଇ ବଢି ଉଠି ତିରିଶ ଗୁଣ, ଷାଠିଏ ଗୁଣ ଓ ଶହେ ଗୁଣ ପର୍ଯ୍ୟନ୍ତ ଫଳ ଫଳିଲା । ପୁଣି ସେ କହିଲେ, ଯାହାର ଶୁଣିବାକୁ କାନ ଅଛି, ସେ ଶୁଣୁ ।

### ତୁମ୍ଭେ ସେମାନଙ୍କୁ ଦୃଷ୍ଟାନ୍ତରେ କାହିଁକି କହୁଅଛ ?

ମାଥିଉ.୧୩:୧୦-୧୭, ମାର୍କ.୪:୧୦-୧୭,

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଏଥିଉତ୍ତାରେ ଶିଷ୍ୟମାନେ ତାହାଙ୍କ ପାଖକୁ ଆସି ପଚାରିଲେ, ଆପଣ କାହିଁକି ସେମାନଙ୍କୁ ଦୃଷ୍ଟାନ୍ତ ଦ୍ୱାରା କଥା କହୁଅଛନ୍ତି? ଯୀଶୁ ଉତ୍ତର ଦେଲେ, କାରଣ ସ୍ୱର୍ଗରାଜ୍ୟର ନିଗୂଢ଼ ତତ୍ତ୍ୱସମୂହ ଜାଣିବା ନିମନ୍ତେ ତୁମ୍ଭମାନଙ୍କୁ ଶକ୍ତି ଦିଆଯାଇଅଛି, କିନ୍ତୁ ସେମାନଙ୍କୁ ଦିଆଯାଇ ନାହିଁ। ଯେଣୁ ଯାହାର ଅଛି, ତାହାକୁ ଦିଆଯିବ, ଆଉ ତାହାର ପ୍ରଚୁର ହେବ; କିନ୍ତୁ ଯାହାର ନାହିଁ, ତାହା ପାଖରେ ଯାହା ଅଛି, ତାହା ହିଁ ତାହାଠାରୁ ନିଆଯିବ। ସେମାନେ ଦେଖୁ ଦେଖୁ ଦେଖନ୍ତି ନାହିଁ ଓ ଶୁଣୁ ଶୁଣୁ ଶୁଣନ୍ତି ନାହିଁ କି ବୁଝନ୍ତି ନାହିଁ; ଏଣୁ ମୁଁ ସେମାନଙ୍କୁ ଦୃଷ୍ଟାନ୍ତ ଦ୍ୱାରା କଥା କହୁଅଛି। ଆଉ, ଯିଶାଇୟଙ୍କର ଏହି ଭାବବାଣୀ ସେମାନଙ୍କ ସମ୍ବନ୍ଧରେ ସଫଳ ହେଉଅଛି, ତୁମ୍ଭେମାନେ ଶୁଣୁ ଶୁଣୁ ଶୁଣିବ, କିନ୍ତୁ କୌଣସି ପ୍ରକାରେ ବୁଝିବ ନାହିଁ, ପୁଣି ଦେଖୁ ଦେଖୁ ଦେଖିବ, କିନ୍ତୁ କୌଣସି ପ୍ରକାରେ ଜ୍ଞାତ ହେବ ନାହିଁ; କାରଣ ଏହି ଲୋକଙ୍କର ହୃଦୟ ଜଡ଼ ହେଲା, ସେମାନେ କାନରେ କଷ୍ଟରେ ଶୁଣିଲେ ଓ ଆପଣା ଆପଣା ଆଖି ବୁଜିଲେ, ଯେପରି ସେମାନେ ଆଖିରେ ଦେଖିବେ ନାହିଁ ଓ କାନରେ ଶୁଣିବେ ନାହିଁ, ଆଉ ହୃଦୟରେ ବୁଝିବେ ନାହିଁ, ପୁଣି ଫେରି ଆସିବେ ନାହିଁ, ଆଉ ଆମ୍ଭେ ସେମାନଙ୍କୁ ସୁସ୍ଥ କରିବୁ ନାହିଁ। କିନ୍ତୁ ଧନ୍ୟ ତୁମ୍ଭମାନଙ୍କ ଚକ୍ଷୁ, ଯେଣୁ ତାହା ଦେଖେ; ଧନ୍ୟ ତୁମ୍ଭମାନଙ୍କ କର୍ଣ୍ଣ, ଯେଣୁ ତାହା ଶୁଣେ। କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଯାହା ଯାହା ଦେଖୁଅଛ, ସେହିସବୁ ଅନେକ ଭାବବାଦୀ ଓ ଧାର୍ମିକ ଲୋକ ଦେଖିବାକୁ ବାଞ୍ଛା କଲେ, କିନ୍ତୁଦେଖିଲେ ନାହିଁ; ପୁଣି, ତୁମ୍ଭେମାନେ ଯାହା ଯାହା ଶୁଣୁଅଛ, ସେହିସବୁ ସେମାନେ ଶୁଣିବାକୁ ବାଞ୍ଛା କଲେ, କିନ୍ତୁ ଶୁଣିଲେ ନାହିଁ।

### ଯୀଶୁ ବୀଜ ବୁଣାଳୀ ଦୃଷ୍ଟାନ୍ତ ବାଖ୍ୟା କରନ୍ତି

ମାଥିଉ.୧୩:୧୮-୨୩, ମାର୍କ.୪:୧୩-୨୦, ଲୂକ.୮:୯-୧୫

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟ ଶାସ୍ତ୍ରାଂଶରୁ ଉଦ୍ଧୃତ"

ତାହାର ଶିଷ୍ୟମାନେ ଏହି ଦୃଷ୍ଟାନ୍ତର ଭାବ କଅଣ ବୋଲି ପଚାରିବାକୁ ଲାଗିଲେ –
ଯୀଶୁ ପୁଣି ସେମାନଙ୍କୁ କହିଲେ, ତୁମ୍ଭେମାନେ କି ଏହି ଦୃଷ୍ଟାନ୍ତ ବୁଝ ନାହିଁ? ତେବେ କିପରି ସମସ୍ତ ଦୃଷ୍ଟାନ୍ତ ବୁଝିବ? ବୁଣାଳି ବାକ୍ୟ ବୁଣେ। ଯେଉଁମାନେ ଶୁଣନ୍ତି, ପୁଣି ଶୁଣିବାକ୍ଷଣି ଶୟତାନ ଆସି ସେମାନଙ୍କଠାରେ ବୁଣାଯାଇଥିବା ବାକ୍ୟ ହରଣ କରିନିଏ, ସେମାନେ ବାକ୍ୟ ବୁଣାଯାଇଥିବା ବାଟପାଖ ଭୂମି ସଦୃଶ। ସେହିପରି, ଯେଉଁମାନେ ବାକ୍ୟ ଶୁଣିବାକ୍ଷଣି ଆନନ୍ଦରେ ତାହା ଗ୍ରହଣ କରନ୍ତି, କିନ୍ତୁ ସେମାନଙ୍କଠାରେ ଚେର ନ ମାଡ଼ିବାରୁ କ୍ଷଣକାଳମାତ୍ର ସ୍ଥିର ରୁହନ୍ତି, ପରେ ବାକ୍ୟ ସକାଶେ କ୍ଳେଶ ବା ତାଡ଼ନା ଘଟିଲେ ସେହିକ୍ଷଣି ବିଘ୍ନ ପାଆନ୍ତି, ସେମାନେ ବୁଣାଯାଇଥିବା ପଥୁରିଆ ଭୂମି ସଦୃଶ। ଆଉ ଯେଉଁମାନେ ବାକ୍ୟ ଶୁଣନ୍ତି, ପୁଣି ସାଂସାରିକ ଚିନ୍ତା, ଧନର ମାୟା ଏବଂ ଅନ୍ୟ ସମସ୍ତ ବିଷୟର ଲାଳସା ପ୍ରବେଶ କରି ବାକ୍ୟକୁ ଚାପି ପକାଏ ଓ ତାହା ଫଳହୀନ ହୁଏ, ସେହି ଅନ୍ୟ ପ୍ରକାର ଲୋକେ ବୁଣାଯାଇଥିବା କଣ୍ଟକମୟ ଭୂମି ସଦୃଶ। ଆଉ, ଯେଉଁମାନେ ବାକ୍ୟ ଶୁଣି ତାହା ଗ୍ରହଣ କରନ୍ତି ଏବଂ ତିରିଶ ଗୁଣ, ଷାଠିଏ ଗୁଣ ଓ ଶହେ ଗୁଣ ଫଳ ଫଳନ୍ତି, ସେମାନେ ବୁଣାଯାଇଥିବା ଉତ୍ତମ ଭୂମି ସଦୃଶ।

**ନିର୍ଦ୍ଦେଶଗୁଡିକ:**

- ❖ ଦେଖ, ଏହା ଶୁଣ ।
- ❖ ଯାହାର କାନ ଅଛି, ସେ ଶୁଣୁ ।

❖ ତେବେ ବୀଜ ବୁଣାଳିର ଦୃଷ୍ଟାନ୍ତ ଶୁଣ ।

**ଶିକ୍ଷା:**

ଯୀଶୁ ଦୃଷ୍ଟାନ୍ତ ଶିକ୍ଷା ଦେବା ଆରମ୍ଭ ପୂର୍ବରୁ ସେ ଲୋକମାନଙ୍କୁ କ'ଣ କହନ୍ତି, ତାହା ଶୁଣିବାକୁ କହିଲେ । ସେ ପ୍ରଥମ ଦୃଷ୍ଟାନ୍ତ ଦେଖିବା ଶବ୍ଦ ସହିତ ଆରମ୍ଭ କରନ୍ତି, ଯାହାର ଅର୍ଥ ହେଉଛି ଦେଖିବା କିମ୍ବା ବୁଝିବା ଏବଂ ଯାହାର କାନ ଅଛି ସେ ଶୁଣୁ ବାକ୍ୟ ସହିତ ସମାପ୍ତ କରନ୍ତି । ଏହି ବାକ୍ୟାଂଶଗୁଡିକୁ ବ୍ୟବହାର କରି ଯୀଶୁ କ'ଣ କହୁଅଛନ୍ତି ତାହାକୁ ବୁଝିବା ନିମନ୍ତେ ଲୋକମାନଙ୍କୁ ସେ ଉତ୍ସାହ ଦିଅନ୍ତି । କେବଳ ତାଙ୍କର ବାକ୍ୟକୁ ଶୁଣିବା କିମ୍ବା କାହାଣୀକୁ କଳ୍ପନା କରିବା ନୁହ, ମାତ୍ର ଯୀଶୁ କ'ଣ କଣ କହୁଅଛନ୍ତି ତା'ବିଷୟରେ ସ୍ପଷ୍ଟ ଭାବେ ବୁଝିବା ।

ଶିଷ୍ୟମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଗଲେ, ତେଣୁ ସେମାନେ ଯୀଶୁଙ୍କୁ ପଚାରନ୍ତି ଯେ, ସେ କାହିଁକି ଦୃଷ୍ଟାନ୍ତରେ କହୁଅଛନ୍ତି । ଯୀଶୁ ସେମାନଙ୍କୁ ବୁଝାଇଲେ ଯେ, ସେ ଭବିଷ୍ୟଦ୍‌ବାଣୀ ସଫଳ କରୁଛନ୍ତି । କେହି କେହି ଦୃଷ୍ଟାନ୍ତ ବୁଝିବେ ଆଉ କିଛି ଲୋକେ ବୁଝିବେ ନାହିଁ । ସେ ବାଖ୍ୟା କରିବାକୁ ଯାଉଛନ୍ତି ଯେ ଶିଷ୍ୟମାନଙ୍କୁ ଈଶ୍ୱରଙ୍କ ରାଜ୍ୟର ରହସ୍ୟ ବୁଝିବାର ଅଧିକାର ଦିଆଯାଇଛି, କିନ୍ତୁ ଭବିଷ୍ୟଦବକ୍ତା ଓ ସେମାନଙ୍କ ପୂର୍ବରୁ ଧାର୍ମିକ ଲୋକ ତାହା କରିନାହାନ୍ତି । ଯୀଶୁ କହୁଥିବା ବାକ୍ୟରୁ ମନେ ହୁଏ ଯେ, ଈଶ୍ୱରଙ୍କ ରାଜ୍ୟର ରହସ୍ୟ କିମ୍ବା ଲୁକ୍କାୟିତ ଜ୍ଞାନର ଏକମାତ୍ର ବ୍ୟକ୍ତି ବିଶେଷ ହେଲେ ଶିଷ୍ୟମାନେ ହିଁ ଅଟନ୍ତି

ଯେଉଁମାନେ ସେ ରହସ୍ୟକୁ ବୁଝିବାକୁ ଅଧିକାର ଦିଆଯାଇଛି ମାତ୍ର ତାହା ସେମାନଙ୍କଠାରେ ପ୍ରକାଶ ପାଇନଥିଲା । ଲୋକସମୂହ ଚମତ୍କାର ଦେଖିପାରିଲେ କିନ୍ତୁ କିଏ ତାହା ପ୍ରଦର୍ଶନ କରୁଥିଲେ କିମ୍ବା କାହିଁକି କରାଯାଉଥିଲା ତାହା ସେମାନେ ବୁଝିପାରୁନଥିଲେ । ସେମାନେ ଈଶ୍ୱରଙ୍କ ବାକ୍ୟ ଶୁଣୁଥିଲେ ଥିଲେ ତାଙ୍କ ବାକ୍ୟ ବୁଝିପାରିଲେ ନାହିଁ । ସେମାନଙ୍କର ଆଗ୍ରହ ସ୍ତର ଏତେ କମ ଥିଲା ଯେ, ଯୀଶୁ କଣ କହିଲେ ତାହା ମଧ୍ୟ ସେମାନେ ବୁଝିବାକୁ ପଚାରିନଥିଲେ ।

ଯଦିଓ ଗୋଟିଏ ଦୃଷ୍ଟାନ୍ତର ଆକ୍ଷରିକ ଅର୍ଥକୁ ବୁଝିବା ସହଜ, ମାତ୍ର ଏହା ଯେଉଁ ଉଦ୍ଦେଶ୍ୟରେ ବ୍ୟବହୃତ, ତାହା ବୁଝିବା କଷ୍ଟକର ହୋଇପାରେ । ଜଣେ ଦୃଷ୍ଟାନ୍ତ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଏହାର ବ୍ୟବହାର ଦ୍ୱାରା ଯାହା ସୂଚାଇଛି ତାହା ତାହାଙ୍କୁ ପଚାରିବା ସର୍ବଦା ବୁଦ୍ଧିମାନ ଅଟେ । ଉଦାହରଣସ୍ୱରୂପ, ଯଦି ତୁମକୁ କୁହାଯାଇଥିଲା ଯେ, ତୁମେ ଏକ ଓକ ଗଛ ପରି, ଅର୍ଥ ବିଷୟରେ ତୁମର ହୁଏତ ତୁମର ତୁରନ୍ତ ଅନୁମାନ ହୋଇପାରେ । କିନ୍ତୁ ସ୍ପଷ୍ଟୀକରଣ ପାଇବା ବୁଦ୍ଧିମାନ ହେବ । ଆମ୍ଭମାନଙ୍କ ମଧ୍ୟରୁ ଅନେକ ସଙ୍ଗେ ସଙ୍ଗେ ଭାବିବେ ଯେ, ଯିଏ ଆମକୁ ଓକ ଗଛ ପରି ବୋଲି କହିଛି, ଆମେ କହୁଛୁ ଯେ ଆମେ ଶକ୍ତିଶାଳୀ । କିନ୍ତୁ ତାହା ଅର୍ଥବୋଧକ ହୋଇନପାରେ । ଏହି ବିଷୟ ଅଧିକ ସ୍ପଷ୍ଟ କରିବାକୁ ମୁଁ ଅନେକ ଜିନିଷ ତାଲିକାଭୁକ୍ତ କରିଛି ଯାହା ମଧ୍ୟ ଅର୍ଥବୋଧକ ହୋଇପାରେ ।

୧. ତୁମେ ଜଣେ ମୋଟା ଚର୍ମର ବ୍ୟକ୍ତି ଅଟ ।
୨. ତୁମର ଏକ ଉଗ୍ର ଆଚରଣ ଅଛି ।
୩. ତୁମେ ଏକ ନମନୀୟ ଯେ ତୁମେ ଟିକେ ବଙ୍କା ମଧ୍ୟ କରିପାରିବ ନାହିଁ ।
୪. ଆପଣ ଅନ୍ୟମାନଙ୍କ ପାଇଁ ଆଶ୍ରୟ ଦିଅନ୍ତି ।

ଶିଷ୍ୟମାନେ ଯୀଶୁଙ୍କ ପଚାରିବା ପାଇଁ ବୁଦ୍ଧିମାନ ଥିଲେ କାରଣ ଏହା ଈଶ୍ୱରଙ୍କ ରାଜ୍ୟ ସମ୍ବନ୍ଧୀୟ ଲୁକ୍କାୟିତ ଜିନିଷଗୁଡିକୁ ଖୋଲିବାର ଚାବି ଥିଲା । ଯୀଶୁ ଏହାର ଉତ୍ତର ଆରମ୍ଭ କରି କହିଲେ, ତୁମେ ଏହି ଦୃଷ୍ଟନ୍ତକୁ ବୁଝିପାରୁ ନାହିଁ ? ଏବଂ ତୁମେ ସମସ୍ତ ଦୃଷ୍ଟାଗୁଡିକୁ କିପରି ବୁଝିବ ? ଯଦି ସେ ଅନ୍ୟ ଦୃଷ୍ଟାନ୍ତଗୁଡିକୁ ବୁଝିବାକୁ ଚାହାନ୍ତି, ତେବେ ପ୍ରଥମ ଦୃଷ୍ଟାନ୍ତକୁ ବୁଝିବା

ଏକାନ୍ତ ଆବଶ୍ୟକ ବୋଲି ସେ ସୂଚିତ କରିଛନ୍ତି । ସେମାନେ ଏହାର ଧାରଣା ଓ ବାଖ୍ୟାଗୁଡିକୁ ବୁଝିବା ଆବଶ୍ୟକ । ସେ ମାନଙ୍କୁ କହନ୍ତି; ତେବେ ବୀଜ ବୁଣାଳିର ଦୃଷ୍ଟାନ୍ତ ଶୁଣ । ଯୀଶୁ ଚାହାନ୍ତି ଯେ ସେମାନେ ତାଙ୍କ ବାକ୍ୟ ଉପରେ ଧ୍ୟାନ କରିବା ଏବଂ ଈଶ୍ୱରଙ୍କ ରାଜ୍ୟର ସତ୍ୟ ଆବିଷ୍କାର କରିବାକୁ ବୁଝିବା ସହିତ ଶୁଣନ୍ତୁ ।

ଦଳଗତ ଆଲୋଚନା:

୧. ଈଶ୍ୱରଙ୍କ ରାଜ୍ୟ ବିଷୟରେ ମୁଖ୍ୟ ସତ୍ୟତା କ'ଣ, ଯାହା ଏହି ଦୃଷ୍ଟାନ୍ତରୁ ଜାଣି ହେବ? (ଈଶ୍ୱରଙ୍କ ବାକ୍ୟ କହିବା ଦ୍ୱାରା ରାଜ୍ୟ ବିସ୍ତାରିତ ହୁଏ)

୨. ଯୀଶୁଙ୍କ ଅନୁଯାୟୀ  ନିମ୍ନଲିଖିତ ଶବ୍ଦର ପ୍ରତ୍ୟକ୍ଷ ବାଖ୍ୟା କ'ଣ?

କ. ବୀଜ (ଈଶ୍ୱରଙ୍କ ବାକ୍ୟ)

ଖ. ଭୂମି (ଲୋକମାନଙ୍କ ହୃଦୟର ଅବସ୍ଥା)

ଗ. ପକ୍ଷୀଗଣ (ଶୟତାନ, ଶତ୍ରୁ)

ଘ. ସୂର୍ଯ୍ୟ (ଯନ୍ତ୍ରଣା ବା ତାଡନା)

ଙ. କଣ୍ଟାସବୁ (ଦୁନିଆର ଚିନ୍ତା, ଧନର ପ୍ରତାରଣା ଓ ଅନ୍ୟାନ୍ୟ ବିଷୟ ପାଇଁ ଇଚ୍ଛା)

୩. ଈଶ୍ୱରଙ୍କ ବାକ୍ୟ କ'ଣ? (ଯୀଶୁ ଖ୍ରୀଷ୍ଟ ଓ ସବୁକିଛି ଯାହା ଈଶ୍ୱର କହନ୍ତି)

୪. ବୀଜ ବୁଣାଳି କିଏ? (ପ୍ରକୃତରେ ମନୁଷ୍ୟ ପୁତ୍ର ଯୀଶୁଖ୍ରୀଷ୍ଟ, କିନ୍ତୁ ଯେକେହି ଈଶ୍ୱରଙ୍କ ବାକ୍ୟ କହେ, ଯଥା ପିତୃପୁରୁଷ, ଭବିଷ୍ୟଦବକ୍ତାଗଣ, ପ୍ରେରିତଗଣ ଓ ଆମ୍ଭେମାନେ ଏଠାରେ ଅନ୍ତର୍ଭୁକ୍ତ ହୋଇପାରୁ)

୫. ବୁଣିବା କିପରି ସମ୍ପନ୍ନ ହୁଏ? (କହିବା ଦ୍ୱାରା) ଯୀଶୁ ବର୍ଣ୍ଣନା କରୁଥିବା ପଦ୍ଧତିକୁ ପ୍ରସାରଣ କୁହାଯାଏ । ବୁଣାଳି ତାଙ୍କ ଥଳିରୁ ମୁଠାଏ ବିହନ ବୁଲାଇ ଏହାକୁ ଛାଡିଦିଏ ଯେହେତୁ ତାଙ୍କ ବାହୁ ବାୟୁରେ ଏକ ବାହ୍ୟ ଆର୍କ ତିଆରି କରେ ।

୬. ବୃକ୍ଷ ରୋପଣ କିପରି ହୁଏ ଏବଂ ଏହାକୁ କଣ ତୁଳନା କରାଯାଏ? (ଶୁଣିବା ଓ ବିଶ୍ୱାସ କରିବା ଦ୍ୱାରା)

୭. କଠିନ ପଥ, ପଥର ମାଟି, କଣ୍ଟାଭୂମି ଏବଂ ଭଲ ଭୂମି ଆମକୁ କ'ଣ କହିଥାଏ? (ମନୁଷ୍ୟ ହୃଦୟର ଅବସ୍ଥା ଏବଂ ସେଠାରେ କେଉଁ ବୃକ୍ଷ ରୋପଣ କରିବ) ବୀଜ ବୁଣିବାର ପ୍ରସାରଣ ପଦ୍ଧତିରେ ବୀଜ ଚାରିଆଡେ ବିଛିହୁଏ । କୃଷକ ଉଦ୍ଦେଶ୍ୟମୂଳକ ଭାବରେ ଅମଳକ୍ଷମ ଜମିରେ ବିହନ ବିଛାଇ ନଥାଏ । କାରଣ ଏହା ଅପଚୟ ଅଟେ । ତଥାପି ଏହାର କିଛି ସାହାଯ୍ୟ କରାଯାଇପାରିବ ନାହିଁ । ବୁଣାଳି ବିହନ ବୁଣି କ୍ଷେତ ଦେଇ ବୁଲୁଥିବା ରାସ୍ତା କଠିନ ଭୂମି ଅଟେ । ପଥରଭୂଇଁ ହେଉଛି ଏପରି ଭୂମି ଯାହା ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ କିମ୍ବା ସାଧାରଣତଃ ଭଲ ଭୂଇଁ ପାଖରେ ଅବସ୍ଥିତ । କଣ୍ଟା ଭୂମି ସାଧାରଣତଃ ବାଡରେଖା ନିକଟରେ କ୍ଷେତର ଶେଷରେ ମିଳିଥାଏ ।

୮. ଭୂମି ପ୍ରସ୍ତୁତି ପାଇଁ କିଏ ଦାୟୀ? (ଭୂମିର ମାଲିକ) ।

୯. ବିଭିନ୍ନ ଭୂମିର ଅବସ୍ଥା ପାଇଁ ପ୍ରତିକାର କଣ?

କ. କଠିନ ପଥ – (ହଳ କରାଯାଇପାରେ, ପକ୍ଷୀମାନଙ୍କୁ ଘୋଡାଇ ଦିଆଯାଇପାରେ ଓ ବୀଜ ବୁଣାଳି କଠିନ ଭୂମିକୁ ପ୍ରତିକାର କରିବା ନିମନ୍ତେ ପ୍ରତିଥର ଭିନ୍ନ ମାର୍ଗ ଆପଣାଇବାକୁ ହେବ ।)

ଖ. କଣ୍ଟା ଭୂମି – (ପଥରଗୁଡିକୁ ହଟାଇବା ପାଇଁ ଖୋଳିବା ଦ୍ୱାରା ବ୍ୟବହାର ଯୋଗ୍ୟ ଭୂମିରେ ପରିଣତ ହୋଇପାରିବ)

ଗ. କଣ୍ଟା ଭୂମି – (ତୃଣମୟ ହୋଇପାରେ)

ଘ. ଭଲ ଭୂଇଁ – ପୋଷଣ ତତ୍ତ୍ୱଯୋଗ କରି କିମ୍ୱା ଭୂମିକୁ ପଡି ରହିବା ନିମନ୍ତେ ଅନୁମତି ଦେବା ।

ଙ. ଈଶ୍ୱର ଇସ୍ରାଏଲୀୟମାନଙ୍କୁ ସପ୍ତମ ବର୍ଷରେ ସେମାନଙ୍କର କ୍ଷେତ୍ରକୁ ବିଶ୍ରାମ ଦେବାକୁ ଆଦେଶ ଦେଲେ ।

ଶିକ୍ଷଣୀୟ ବିଷୟ

<u>ବୀଜ ବୁଣାଳି ଦୃଷ୍ଟାନ୍ତକୁ ବୁଝିବା ।</u>

## ପାଠ – ୧୯
## ଜ୍ଞାନରେ ବଢିବା

**ଆଇସବ୍ରେକର ଦଳ:**

ଏହି ରୂପକ ବାକ୍ୟ ଆଧାରରେ ନିମ୍ନଲିଖିତ ପ୍ରଶ୍ନର ଉତ୍ତର ଦିଅ । "ତୁମ ମୁଣ୍ଡରେ କଣ୍ଟା ମାରିଲ ।"

- ମୁଖ୍ୟ ବିଷୟ କ'ଣ ଅଟେ ? (ଆପଣ ଏକ ସଠିକ୍ ଟିପ୍ପଣୀ ବା ନିରୀକ୍ଷଣ କଲେ)
- କଣ୍ଟା  ମାରିବା ପାଇଁ କେଉଁ ଉପକରଣ ବ୍ୟବହାର କରାଯାଉଛି ? (ହାତୁଡି – ମୁଖ୍ୟ ବିଷୟକୁ ଚିହ୍ନଟ କରିବା)
- ଏହି ଉପକରଣର ପ୍ରତୀକ କ'ଣ ଅଟେ ? (ବାକ୍ୟ ଯାହା ଆପଣ କୁହନ୍ତି)
- କଣ୍ଟା କେଉଁ ପ୍ରତୀକର ରୂପ ଦେଇଥାଏ ? (ମୁଖ୍ୟ ବିଷୟ ଓ ନିରୀକ୍ଷଣ)

**ଉପକ୍ରମ:**

ଈଶ୍ୱରଙ୍କ ରାଜ୍ୟ ଦୃଷ୍ଟାନ୍ତରେ ଏକ ବିସ୍ତାର ମତ ହାସଲ କରିବାକୁ ତିନୋଟି ସାମଞ୍ଜସ୍ୟ ସୁସମାଚାର ମାଥିଉ, ମାର୍କ, ଲୁକ ଏକତ୍ର ଯୋଡି ହେବା ଆବଶ୍ୟକ । ଏହା କହିବା ଦ୍ୱାରା ଆମେ ଆଦେଶ ପାଇଥାଉ ଯେ ଯୀଶୁ ସେହି ସମୟରେ କେଉଁଠାରେ ଥିଲେ ଏବଂ କାହାକୁ ଏହି ଦୃଷ୍ଟାନ୍ତଗୁଡିକ କହିଥିଲେ । ଏଥିରୁ ଆମେ ଜାଣିପାରୁ ଯେ ସମସ୍ତଙ୍କଠାରେ ଗୁପ୍ତ କରାନଯାଇ ସମାନ ସୂଚନା ପାଇଥିଲେ ।

ଯେତେବେଳେ ଯୀଶୁ ଈଶ୍ୱରଙ୍କ ରାଜ୍ୟର ଦୃଷ୍ଟାନ୍ତ ଦେବା ଆରମ୍ଭ କଲେ, ସେ ଗାଲିଲୀ ସମୁଦ୍ରରେ ଏକ ନୌକାରେ ବସିଥିଲେ । ଏହି ସ୍ଥାନକୁ ଦୃଷ୍ଟାନ୍ତର ଉପସାଗର କୁହାଯାଏ ଏବଂ ଏହା ଏରମୋସ୍ ପର୍ବତ ତଳେ ରହିଛି । ଏହା "ସପ୍ତ ଝରଣାର" ସ୍ଥାନ ଟାଗବା ଓ କର୍ଫନାହୂମ ସହର ମଧ୍ୟର ଅଧା ରାସ୍ତାରେ ଅବସ୍ଥିତ ଅଟେ । ତାହାଙ୍କ ଶ୍ରୋତାମାନେ ହେଲେ ବହୁସଂଖ୍ୟକ ଲୋକସମୂହ ଓ ତାହାଙ୍କ ଶିଷ୍ୟମାନେ । ଯୀଶୁ ପ୍ରଥମ ଦୃଷ୍ଟାନ୍ତ ବୀଜ ବୁଣାଳି ବିଷୟରେ ସମସ୍ତଙ୍କୁ କହିଥିଲେ ।

ତା'ପରେ ସେ ନିଜ ଶିଷ୍ୟମାନଙ୍କ ନିକଟକୁ ଯାଇ ସେମାନଙ୍କୁ ସେହି ଦୃଷ୍ଟାନ୍ତର ଭାବ କହିଥିଲେ । ଯେତେବେଳେ ସେ ଦୃଷ୍ଟାନ୍ତର ଭାବ ବ୍ୟାଖ୍ୟା ସହିତ ସମାପ୍ତ କଲେ, ଯୀଶୁ ବୀଜ ବୁଣାଳି ଦୃଷ୍ଟାନ୍ତ ବିଷୟରେ ସେମାନଙ୍କ ବୁଝାମୁଣା ଉପରେ ଆଧାର କରି ଶିଷ୍ୟମାନଙ୍କୁ ଦୁଇଟି ଆଦେଶ ପ୍ରଦାନ କଲେ । ଏହି ଆଦେଶଗୁଡିକ ଏକ ପ୍ରଦୀପ ଓ ଏକ ମାପର ମାନକ ସହିତ ଅନ୍ତର୍ଭୁକ୍ତ ଅଟେ । ତା'ପରେ ସେ ବଢୁଥିବା ଉଦ୍ଭିଦ ବିଷୟରେ ଦ୍ୱିତୀୟ ଦୃଷ୍ଟାନ୍ତ କହିବାକୁ ଲାଗିଲେ ।

ଯେତେବେଳେ ସେ ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତା ଶେଷ କଲା ପରେ ସେ ବୁଲି ପଡି ସମସ୍ତଙ୍କୁ କହିବାକୁ ଲାଗିଲେ । ସେ ସେମାନଙ୍କୁ ତୃତୀୟ ଦୃଷ୍ଟାନ୍ତ ଗହମ ଓ ବାଲୁଙ୍ଗା ... ପରବର୍ତ୍ତୀ ସମୟରେ ଚତୁର୍ଥ ଦୃଷ୍ଟାନ୍ତ ସୋରିଷ ଦାନା ଏବଂ ଶେଷରେ ପଞ୍ଚମ ଦୃଷ୍ଟାନ୍ତ ଖମୀର ବିଷୟରେ କହିଥିଲେ । ଏହି ବିଷୟ ପରେ ଯୀଶୁ ତାଙ୍କ ଶିକ୍ଷା ବନ୍ଦ କରି ଲୋକମାନଙ୍କୁ ବିଦାୟ ଦେଇଥିଲେ ।

ତା'ପରେ କେବଳ ଶିଷ୍ୟମାନଙ୍କୁ ସାଙ୍ଗରେ ନେଇ ସେ ଏକ ଗୃହରେ ପ୍ରବେଶ କରନ୍ତି ଯେଉଁଠାରେ ସେ ଆଲୋଚନା ଜାରି ରଖନ୍ତି । ଯୀଶୁ ଶିଷ୍ୟମାନଙ୍କୁ ତୃତୀୟ ଦୃଷ୍ଟାନ୍ତର ବ୍ୟାଖ୍ୟା ଗହମ ଓ ବାଲୁଙ୍ଗାବିଷୟରେ ପୁନର୍ବାର ଶିକ୍ଷା ଦେବାକୁ ଆରମ୍ଭ କଲେ । ଏହା ପରେ ସେ ସେମାନଙ୍କୁ ଷଷ୍ଠ ଦୃଷ୍ଟାନ୍ତ ଏକ କ୍ଷେତରେ ଥିବା ଗୁପ୍ତ ଭଣ୍ଡାର କହିବାକୁ ଲାଗିଲେ । ସପ୍ତମ ଦୃଷ୍ଟାନ୍ତ ବହୁମୂଲ୍ୟ ମୁକ୍ତା ଏବଂ ଅଷ୍ଟମ ଦୃଷ୍ଟାନ୍ତ ମତ୍ସ୍ୟସଂଗ୍ରହକାରୀ ଟଣା ଜାଲ ବିଷୟରେ ବୁଝାଇ କହି ସମାପ୍ତ କରିଥିଲେ । ସେମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଯାହା କୁହାଯାଇଛି ଏବଂ ଆଗାମୀ ବିଷୟଗୁଡିକ ମଧ୍ୟ ବୁଝିପାରିବେ ।

ଶାସ୍ତ୍ରପାଠ:

**ଜ୍ଞାନରେ ବଢିବା**

[୨]**ମାର୍କ.୪**:୨୧-୨୯, ଲୁକ.୮:୧୬-୧୮

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟ ଶାସ୍ତ୍ରାଂଶରୁ ଉଦ୍ଧୃତ"

ପୁନଶ୍ଚ ଯୀଶୁ ସେମାନଙ୍କୁ କହିଲେ, ଦୀପ କଅଣ ମାଣ ତଳେ ବା ଖଟ ତଳେ ରଖାଯିବା ନିମନ୍ତେ ଅଣାଯାଏ? ଦୀପରୁଖା ଉପରେ ରଖାଯିବା ନିମନ୍ତେ କି ତାହା ଅଣାଯାଏ ନାହିଁ? କାରଣ ପ୍ରକାଶିତ ନ ହେବା ଉଦ୍ଦେଶ୍ୟରେ କିଛି ଗୁପ୍ତ ନାହିଁ; ଆଉ ଯାହା ଗୁପ୍ତ ହୋଇଅଛି, ତାହା ପ୍ରକାଶିତ[୨] ହେବା ଉଦ୍ଦେଶ୍ୟରେ ଗୁପ୍ତ ହୋଇଅଛି। ଯଦି କାହାର ଶୁଣିବାକୁ କାନ ଅଛି, ସେ ଶୁଣୁ। ଯୀଶୁ ପୁଣି ସେମାନଙ୍କୁ କହିଲେ, କଅଣ ଶୁଣୁଅଛ, ସେ ବିଷୟରେ ସାବଧାନ। ଯେଉଁ ମାପରେ ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ମପାଇଦିଆଯିବ ଏବଂ ତୁମ୍ଭମାନଙ୍କୁ ଅଧିକ ଦିଆଯିବ। କାରଣ ଯାହାର ଅଛି, ତାହାକୁ ଦିଆଯିବ; ଆଉ ଯାହାର ନାହିଁ, ତାହା ପାଖରେ ଯାହା ଅଛି, ତାହା ସୁଦ୍ଧା ତାହାଠାରୁ ନିଆଯିବ। ଆହୁରି ସେ କହିଲେ, ଈଶ୍ୱରଙ୍କ ରାଜ୍ୟ ଏହି ପ୍ରକାର, ଯେପରି ଜଣେ ଲୋକ ଭୂମିରେ ବିହନ ବୁଣେ; ପୁଣି, ରାତ୍ରିରେ ନିଦ୍ରା ଯାଏ ଓ ଦିବସରେ ଜାଗ୍ରତ ହୁଏ, ଆଉ ବିହନ କିପରି ଅଙ୍କୁରିତ ହୋଇ ବୃଦ୍ଧି ପାଏ, ତାହା ସେ ଜାଣେ ନାହିଁ। ଭୂମି ଆପେ ଫଳ ଉତ୍ପନ୍ନ କରେ, ପ୍ରଥମରେ ପତ୍ର, ପରେ ଶିଁଷା, ତାହା ପରେ ଶିଁଷାରେ ପୂର୍ଣ୍ଣ ଶସ୍ୟ। କିନ୍ତୁ ଶସ୍ୟ ପାଚିଲାକ୍ଷଣି ଫସଲ ସମୟ ଉପସ୍ଥିତ ହେବାରୁ ସେ ଦାଆ ଲଗାଏ।

**ଆଦେଶ:**

- ❖ ଯଦି କାହାର ଶୁଣିବାକୁ କାନ ଅଛି, ସେ ଶୁଣୁ ।
- ❖ ତୁମେ ଯାହା ଶୁଣୁଛ ସେଥିପ୍ରତି ଧ୍ୟାନ ଦିଅ ।

**ଶିକ୍ଷା: ପ୍ରଥମ ଭାଗ**

ମାର୍କ ସୁସମାଚାର ଅନୁଯାୟୀ ବୁଣାଳିର ଦୃଷ୍ଟାନ୍ତ ବିଷୟରେ ତାଙ୍କର ବ୍ୟାଖ୍ୟା ସମାପ୍ତ ପରେ, ଯୀଶୁ ଦୁଇଟି ଦୃଷ୍ଟନ୍ତ ଯୋଗ କଲେ । ଗୋଟିଏ ଦୀପ ଓ ଅନ୍ୟଟି ମାପ ବିଷୟର କଥା । ଏହି ଦୃଷ୍ଟାନ୍ତ ସହିତ ଯୀଶୁ ଦୁଇଟି ଆଦେଶ ଦିଅନ୍ତି । ସେଗୁଡିକ ହେଲା - ଯାହାର କାନ ଅଛି, ସେ ଶୁଣୁ ଏବଂ ତୁମେ ଯାହା ଶୁଣୁଛ ସେଥିପ୍ରତି ଧ୍ୟାନ ଦିଅ । ଉଭୟ ଦୃଷ୍ଟାନ୍ତ ଓ ଆଦେଶଗୁଡିକ ବୀଜ ବୁଣାଳି ଦୃଷ୍ଟାନ୍ତ ଓ ବ୍ୟାଖ୍ୟା ସହିତ ସଂଯୁକ୍ତ ।

---

୨ ଜ୍ୟୋତି ନିକଟକୁ ଆସ – ଜ୍ୟୋତିଃ ନିକଟକୁ ଆସ । ପ୍ରକାଶିତ ଓ ବୁଝିବା ନିମନ୍ତେ ।

ଦୃଷ୍ଟାନ୍ତର ବ୍ୟାଖ୍ୟାରେ ବୀଜ ହେଉଛି ଈଶ୍ୱରଙ୍କ ବାକ୍ୟ । ଈଶ୍ୱରଙ୍କ ବାକ୍ୟ ଶବ୍ଦଟି ବିଭିନ୍ନ ରୂପ ନେଇପାରେ: ଧର୍ମଶାସ୍ତ୍ର, ଯୀଶୁଖ୍ରୀଷ୍ଟ, ସ୍ୱୟଂ କିମ୍ବା କୌଣସି ବ୍ୟକ୍ତିଙ୍କ ମାଧ୍ୟମରେ କୁହାଯାଇଥିବା ଈଶ୍ୱରଙ୍କ ବାକ୍ୟ । ଈଶ୍ୱରଙ୍କ ବାକ୍ୟ ଦୃଷ୍ଟାନ୍ତ ମଧ୍ୟରେ ନୀତିନିୟମ ଓ ଆଜ୍ଞାଗୁଡ଼ିକରେ ଥିବା ସତ୍ୟତା ଏହିପରି କେଉଁ ରୂପରେ ଆସେ ସେଥିରେ ଫରକ ପଡେ ନାହିଁ ।

ଯୀଶୁ ନିଜ ଶିଷ୍ୟମାନଙ୍କୁ କହିଥିଲେ ଯେ, ଦୀପର ଉଦ୍ଦେଶ୍ୟ ହେଉଛି ଆଲୋକ ପ୍ରଦାନ କରିବା । ଶିଷ୍ୟମାନେ ଜାଣନ୍ତି ଯେ ସେ ଏହି ଦୃଷ୍ଟାନ୍ତ ବିଷୟରେ କହୁଛନ୍ତି ଏବଂ ଈଶ୍ୱରଙ୍କ ରାଜ୍ୟର ରହସ୍ୟଗୁଡ଼ିକ ପ୍ରକାଶ କରୁଛନ୍ତି । ସେମାନେ ଏହା ମଧ୍ୟ ମନେ ରଖିଛନ୍ତି ଯେ, ଯୀଶୁଙ୍କ ପାର୍ବତୀୟ ଉପଦେଶ ସମୟରେ ଏକା ଶବ୍ଦ ବ୍ୟବହାର କରିଥିଲେ । ସେହି ସମୟରେ ଯୀଶୁ କହିଥିଲେ, ସେମାନେ ଜଗତର ଜ୍ୟୋତିଃ । ପ୍ରଥମଥର ପାଇଁ ଶିଷ୍ୟମାନେ ଯେଉଁ ଭୂମିକା ଗ୍ରହଣ କରିଛନ୍ତି ସେହି ଭୂମିକା ଗ୍ରହଣ କରିବାକୁ ଲାଗିଲେ । ସେମାନେ ଈଶ୍ୱରଙ୍କ ବାକ୍ୟ ପ୍ରକାଶ କରି ଜ୍ୟୋତିଃ ହେବା ଉଚିତ, ଯାହା ଈଶ୍ୱରଙ୍କ ରାଜ୍ୟ ଅଟେ । ଯୀଶୁ ଯେତେବେଳେ ଏହା କହିଥିଲେ ସେତେବେଳେ ସେ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ, କାରଣ ପ୍ରକାଶିତ ହେବା ବ୍ୟତିତ ଅନ୍ୟ କୌଣସି ବିଷୟ ଲୁକ୍କାୟିତ ନୁହେଁ କିମ୍ବା କୌଣସି ଜିନିଷ ଗୁପ୍ତ ହୋଇ ରହିବ ନାହିଁ । ଏହା ପ୍ରକାଶ ପାଇବା ଉଚିତ ।

ଲୋକମାନେ ମୂଲ୍ୟବାନ ଜିନିଷ ଲୁଚାନ୍ତି ଏବଂ ସେମାନେ ଏହାକୁ ଲୁଚାଇ ରଖନ୍ତି ଯେପର୍ଯ୍ୟନ୍ତ ସେମାନେ ଭାବନ୍ତି ଯେ ଏହା ସେମାନଙ୍କ ପାଇଁ ଉପଯୁକ୍ତ ସମୟ । ଏହା ଏକ ମଞ୍ଜି ସହିତ ଲୁଚି ରହିଥିବା କିମ୍ବା ଭୂମିରେ ଲଗାଯାଇଥିବା ଓ ତାପରେ ଋତୁରେ ବାହାରିବା ସହିତ ସମାନ । ମଞ୍ଜିର ମୂଲ୍ୟ ଏବଂ ଏହା କଣ ଉତ୍ପାଦନ କରିବ ତାହା ସୂର୍ଯ୍ୟ ଆଲୋକ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଜଣା ପଡେ ନାହିଁ । ଲୋକମାନେ ମଧ୍ୟ ଗୁପ୍ତ ରଖନ୍ତି ଯେପର୍ଯ୍ୟନ୍ତ ସେମାନେ ସେମାନଙ୍କର ରହସ୍ୟ ସହିତ ବିଶ୍ୱାସ କରିପାରନ୍ତି । ଯୀଶୁ କେବଳ ଶିଷ୍ୟମାନଙ୍କୁ କହୁଛନ୍ତି ଯେ ସେମାନେ ବିଶ୍ୱସ୍ତ ଅଟନ୍ତି ଏବଂ ଏହା ହେଉଛି ଈଶ୍ୱରଙ୍କ ବାକ୍ୟ ପ୍ରକାଶ କରିବାର ସମୟ । ସେ ଆଦେଶ "ଯାହାର କାନ ଅଛି, ସେ ଶୁଣୁ" ଜାରି କରି ଶେଷ କରିଛନ୍ତି ।

ବୁଣାଳିର ଦୃଷ୍ଟାନ୍ତ ଉପରେ ଆଧାର କରି ଯାହା ଶିଷ୍ୟମାନେ ଶୁଣିଛନ୍ତି, ଏହି ଆଦେଶ ନୂତନ ଶକ୍ତି ଗ୍ରହଣ କରେ । ସେମାନେ କାନରେ ଶୁଣୁଥିବା ଶବ୍ଦଗୁଡ଼ିକ ସେମାନଙ୍କ ହୃଦୟର ଉର୍ବର ଭୂମିରେ ରୋପଣ କରାଯିବ । ତେବେ ତାହା ବଢିବ ଓ ଅନ୍ୟ ହୃଦୟରେ ରୋପଣ ପାଇଁ ଅଧିକ ବାକ୍ୟ ଉତ୍ପାଦନ କରିବ ।

କାରଣ ଜଣେ ଶିଷ୍ୟର ହୃଦୟର ଉର୍ବର ଭୂମି ଅଟେ । ଯୀଶୁ ଏକ ସତର୍କ ବାଣୀ କହନ୍ତି, ତୁମେ ଯାହା ଶୁଣୁଛ, ସେଥିପ୍ରତି ଧ୍ୟାନ ଦିଅ । ଅନ୍ୟ ଅର୍ଥରେ କହିବାକୁ ଗଲେ, ତୁମେ ରୋପଣ କରିବାକୁ ଅନୁମତି ଦେଇଥିବା ଜିନିଷଗୁଡ଼ିକରେ ସ୍ୱତନ୍ତ୍ର ହୁଅ ଓ ନିଜ ହୃଦୟରେ ରଖ । କାହିଁକି ? କାରଣ ଯେକୌଣସି ବାକ୍ୟ ରୋପଣ କରାଯାଏ ଓ ହୃଦୟରେ ରୁହେ, ଭଲ କିମ୍ବା ମନ୍ଦ ବଢେ ଯାହା ତୁମେ କଥା କହିବ । ଆଉ ଯାହା ତୁମେ ବଢିବା ପାଇଁ ଅନୁମତି ଦେବ ତାହା ବହୁଗୁଣିତ ହୋଇ ବଢିବ ।

**ଦଳଗତ ଆଲୋଚନା - ଦ୍ୱିତୀୟ ଭାଗ:**

୧. ସୂର୍ଯ୍ୟକିରଣ ଓ ଜଳ କିପରି ବଢିବାରେ ପ୍ରଭାବ ପକାଏ ? (ବଢିବା ନିମନ୍ତେ ଉଭୟ ଆବଶ୍ୟକ । ଅଳ୍ପ ସୂର୍ଯ୍ୟ କିରଣରେ ମଞ୍ଜି ପରିପକ୍ୱତା ଯାଏ ବଢି ପାରିବ ନାହିଁ । ତଥାପି, ସୁର୍ଯ୍ୟକିରଣ ଏକ ଉଦ୍ଭିଦକୁ ଶୁଷ୍କ କରିଦିଏ ଏବଂ ଯଦି ଏହାର ଆବଶ୍ୟକ ଜଳସେଚନ ନ ଥାଏ । ତେବେ ଅତ୍ୟଧିକ ଜଳ ବୁଡି ଉଦ୍ଭିଦକୁ ମାରି ଦିଏ ।)

୨. ସୂର୍ଯ୍ୟକିରଣ କାହାର ପ୍ରତୀକ କରେ ? (ଦୁଃଖଭୋଗ କିମ୍ବା ତାଡନା)

୩. ଜଳ କାହାର ପ୍ରତୀକ କରେ ? (ଯୋହନ.୭:୩୭-୩୦ ଅନୁସାରେ ପବିତ୍ର ଆତ୍ମା)

୪. ସୂର୍ଯ୍ୟକିରଣ ଓ ଜଳ କେଉଁଠାରୁ ଆସେ ? (ସ୍ୱର୍ଗ)

**ଶିକ୍ଷା - ଦ୍ୱିତୀୟ ଭାଗ:**

ବୁଣାଳିର ଦୃଷ୍ଟାନ୍ତ ଅଧ୍ୟୟନ କରିବା ନିୟମ ଉପରେ ଅଲୋକ ପ୍ରଦାନ କରେ ଯାହା ଅନ୍ୟ ରାଜ୍ୟ ଦୃଷ୍ଟାନ୍ତ ବୁଝିବାରେ ସାହାଯ୍ୟ କରେ ।

- ଈଶ୍ୱରଙ୍କ ପ୍ରତ୍ୟେକ ରାଜ୍ୟ ବିଷୟକ ଦୃଷ୍ଟାନ୍ତ, ଈଶ୍ୱରଙ୍କ ନିୟମ ଅଟେ ।
- ଈଶ୍ୱରଙ୍କ ନିୟମ ସମ୍ବନ୍ଧୀୟ ସତ୍ୟଗୁଡ଼ିକ ଜଣେ ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା ଶାସିତ ସମସ୍ତଙ୍କ ପାଇଁ ପ୍ରୟୋଗ କରାଯାଇପାରେ ।
- ପ୍ରତ୍ୟେକ ଦୃଷ୍ଟାନ୍ତ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଗୋଟିଏ ମୁଖ୍ୟ ବିଷୟକୁ ଦର୍ଶାଏ ।
- ଦୃଷ୍ଟାନ୍ତ ମଧ୍ୟରେ ବ୍ୟବହୃତ ଧାରଣା ଓ ନୀତିନିୟମଗୁଡ଼ିକ ହେଉଛି ଈଶ୍ୱରଙ୍କ ନିୟମ ସମ୍ବନ୍ଧୀୟ ସତ୍ୟତା । ଏହି ସତ୍ୟତାଗୁଡ଼ିକ ମୁଖ୍ୟ ବିଷୟରେ ଗଭୀରତା ଓ ସ୍ୱଚ୍ଛତା ଯୋଗ କରିଥାଏ । ଏହାକୁ ଗୋଟିଏ ରାଜ୍ୟ ଦୃଷ୍ଟାନ୍ତରୁ ଅନ୍ୟ ରାଜ୍ୟର ଦୃଷ୍ଟାନ୍ତକୁ ନିଆଯାଇପାରେ । ଏହି ସତ୍ୟତାର ଗୋଟିଏ ଉଦାହରଣ ହେଉଛି – ମଞ୍ଜି ଉଦ୍ଭିଦ ସୃଷ୍ଟି କରେ ।
- ନିର୍ଦ୍ଧୀଷ୍ଟ ଅର୍ଥ ଯାହା ଯେକୌଣସି ଶବ୍ଦକୁ ନ୍ୟସ୍ତ କରନ୍ତି ଅନ୍ୟ ରାଜ୍ୟ ଦୃଷ୍ଟାନ୍ତରେ ବ୍ୟବହୃତ ହେଲେ ସମାନ ରହିଥାଏ । ଉଦାହରଣସ୍ୱରୂପ ମଞ୍ଜି ବାକ୍ୟ ଅଟେ ।

ଯେହେତୁ ଯୀଶୁ ନିଜ ଶିଷ୍ୟମାନଙ୍କୁ ବଢୁଥିବା ଉଦ୍ଭିଦର ଦୃଷ୍ଟାନ୍ତ କହନ୍ତି । ଅଧିକ ସତ୍ୟ ସ୍ପଷ୍ଟ ହୁଏ । ଦୃଷ୍ଟାନ୍ତର ମୂଳ ବିଷୟ ହେଉଛି ଈଶ୍ୱରଙ୍କ ରାଜ୍ୟ ବୃଦ୍ଧି । ଏହି ଅଭିବୃଦ୍ଧି ବ୍ୟକ୍ତିଗତ ଓ ମିଳିତ ଭାବରେ ପାଳନ କରାଯାଇପାରିବ । ଦୃଷ୍ଟାନ୍ତ ଅନୁଯାୟୀ ହୃଦୟରେ ରୋପିତ ଏକ ବାକ୍ୟ ପରିପକ୍ୱତାକୁ ପହଂଚିବା ପୂର୍ବରୁ ବଢିବାକୁ ସମୟ ନେଇଥାଏ ଏବଂ ଏହା ତିନୋଟି ଚିହ୍ନଟ ପର୍ଯ୍ୟାୟରେ ବଢିଥାଏ । ଅଭିବୃଦ୍ଧିର ତିନୋଟି ପର୍ଯ୍ୟାୟକୁ ଅଙ୍କୁରୋଦ୍ଗମ, ମସ୍ତକ ଓ ପରିପକ୍ୱ ଶସ୍ୟ ବୋଲି କୁହାଯାଏ । ଏହି ଅଭିବୃଦ୍ଧି ପର୍ଯ୍ୟାୟ ଯେଉଁମାନେ ପରିତ୍ରାଣର ବାକ୍ୟକୁ ବିଶ୍ୱାସ କରିଛନ୍ତି ସେମାନଙ୍କ ସହିତ ଅନୁରୂପ ଅଟେ । ପ୍ରେରିତ ଯୋହନ ତାଙ୍କର ପ୍ରଥମ ପତ୍ରରେ ଏହି ତିନୋଟି ପର୍ଯ୍ୟାୟକୁ ଶିଶୁ, ଯୁବକ ଏବଂ ପିତା ଭାବରେ ଚିହ୍ନଟ କରିଥିଲେ । ପରିପକ୍ୱତା ସମୟରେ ନୂତନ ବିହନ ସୃଷ୍ଟି ହୁଏ ଏବଂ ଉତ୍ପାଦନ କରାଏ ।

**ଦଳଗତ ଅଲୋଚନା:**

୫. ଅନ୍ୟ କେତେକ ସତ୍ୟଗୁଡ଼ିକ ଯାହା ବଢୁଥିବା ଉଦ୍ଭିଦର ଦୃଷ୍ଟାନ୍ତରୁ କ'ଣ ଜାଣି ହେବ ?

କ. ପ୍ରାରମ୍ଭରେ କୌଣସି ପ୍ରମାଣ ନାହିଁ ଯେ ଗୋଟିଏ ବାକ୍ୟ ବଢୁଅଛି ତେଣୁ ଏହା ହେବ ବୋଲି ବିଶ୍ୱାସ କରିବା ପାଇଁ ବୁଣାଳିଙ୍କ ଉପରେ ବିଶ୍ୱାସ ଆବଶ୍ୟକ ।

ଖ. ଯେହେତୁ ଅଭିବୃଦ୍ଧି ସମୟ ନିଏ, ସେ କହିଥିବା ବାକ୍ୟଗୁଡ଼ିକ ଦେଖିବା ପାଇଁ ବୁଣିବା ଦ୍ୱାରା ଧୈର୍ଯ୍ୟ ଆବଶ୍ୟକ କରେ ।

ଗ. ମଞ୍ଜି ବୁଣାଯିବା ପରେ ଜଳସେଚନ ଆରମ୍ଭ ହୁଏ ଓ ସମଗ୍ର ବୃଦ୍ଧି ଅବଧିରେ ଚାଲିଥାଏ ।

ଘ. ଚାରା ହେବା ପରେ ସୂର୍ଯ୍ୟକିରଣ କାର୍ଯ୍ୟ କରିଥାଏ ।

ଚ. ଯେତେବେଳେ ଉଭୟ ପ୍ରଜାତିର ଉଦ୍ଭିଦକୁ ପୃଥକ୍ କରାଯାଇପାରିବ ତୃଣକ ହୁଏ ।

**ପାଠର ମୂଳ ଶିକ୍ଷା ବିଷୟ:**
ତୁମେ ଯାହା ଶୁଣ, ସେଥିପ୍ରତି ମନଯୋଗୀ ହୁଅ

**ପ୍ରୟୋଗ:**
ପରବର୍ତ୍ତୀ ମିଟିଂରେ ଦଳକୁ ନିମ୍ନଲିଖିତ ୫ଟି ଦୃଷ୍ଟାନ୍ତ ମଧ୍ୟରୁ ଗୋଟିଏ ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା କରିବାକୁ ପ୍ରସ୍ତୁତ ହୁଅ ।

- ସୋରିଷ ଦାନା
- ଖମୀର
- କ୍ଷେତରେ ଥିବା ଗୁପ୍ତଧନ
- ବହୁମୂଲ୍ୟ ମୁକ୍ତା
- ମତ୍ସ୍ୟସଂଗ୍ରହାକାରୀ ଟଣା ଜାଲ

ମୁଖ୍ୟ ବିଷୟକୁ ଦୃଷ୍ଟି କରି ସତ୍ୟକୁ ସମର୍ଥନ କରିବା । ତା'ପରେ ଏହି ଦୃଷ୍ଟାନ୍ତଟି ବ୍ୟକ୍ତିଗତ ଭାବରେ କିମ୍ୱା ସାମୁହିକ ଭାବରେ କିପରି ପ୍ରୟୋଗ କରାଯାଇପାରିବ, ସେହି ବିଷୟରେ ଆଲୋଚନା କରନ୍ତୁ ।

## ପାଠ - ୨୦

## ରାଜ୍ୟର ଅଧିକ ସତ୍ୟତାସମୂହ

**ଆଇସବ୍ରେକର ଦଳ:**

ଯୀଶୁ ସମୁଦ୍ରକୂଳରେ ଏକ ଡଙ୍ଗାରେ ବସିଥିବା ସମୟରେ ସେ ଲୋକମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଆଉ ତିନୋଟି ଦୃଷ୍ଟାନ୍ତ କହିଥିଲେ: ଗହମ ଓ ବାଲୁଙ୍ଗା, ସୋରିଷ ଦାନା ଓ ଖମୀର । ତାପରେ ସେ ଲୋକସମୂହକୁ ପରିତ୍ୟାଗ କରି ଏକ ଗୃହରେ ପ୍ରବେଶ କଲେ । ସେଠାରେ ଥରେ ସେ ନିଜ ଶିଷ୍ୟମାନଙ୍କୁ ଗହମ ଓ ବାଲୁଙ୍ଗାର ଦୃଷ୍ଟନ୍ତ ବର୍ଣ୍ଣନା କଲେ ଏବଂ ସେମାନଙ୍କୁ ଆଉ ତିନୋଟି ଦୃଷ୍ଟାନ୍ତ କହିଲେ: କ୍ଷେତରେ ଥିବା ଗୁପ୍ତ ଭଣ୍ଡାର, ବହୁମୂଲ୍ୟ ମୁକ୍ତା ଓ ମତ୍ସ୍ୟସଂଗ୍ରହାକରୀ ଟଣାଜାଲ ବିଷୟରେ ।

**ଶାସ୍ତ୍ରପାଠ:**

<u>ମାଥିଉ.୧୩:୨୪-୫୨, ମାର୍କ.୪:୩୦-୩୪</u>

### ବାଲୁଙ୍ଗାର ଦୃଷ୍ଟାନ୍ତ

### ମାଥିଉ.୧୩:୨୪-୩୦

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟ ଶାସ୍ତ୍ରାଂଶରୁ ଉଦ୍ଧୃତ"

### ବାଲୁଙ୍ଗାର ଦୃଷ୍ଟାନ୍ତ ଯୀଶୁ ବ୍ୟାଖ୍ୟା କଲେ

### ମାଥିଉ.୧୩:୩୬-୪୩

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟ ଶାସ୍ତ୍ରାଂଶରୁ ଉଦ୍ଧୃତ"

ପରେ ସେ ଲୋକସମୂହକୁ ପରିତ୍ୟାଗ କରି ଗୃହରେ ପ୍ରବେଶ କଲେ, ଆଉ ତାହାଙ୍କ ଶିଷ୍ୟମାନେ ତାହାଙ୍କ ନିକଟକୁ ଆସି କହିଲେ, କ୍ଷେତର ବାଲୁଙ୍ଗାର ଦୃଷ୍ଟାନ୍ତ ଆମ୍ଭମାନଙ୍କୁ ସ୍ପଷ୍ଟ ରୂପେ ବୁଝାଇ ଦିଅନ୍ତୁ। ଯୀଶୁ ଉତ୍ତର ଦେଲେ, ଉତ୍ତମ ବିହନ ଯେ ବୁଣନ୍ତି, ସେ ମନୁଷ୍ୟପୁତ୍ର; କ୍ଷେତ ଜଗତ; ଭଲ ବିହନ ରାଜ୍ୟର ସନ୍ତାନ-ମାନେ; ବାଲୁଙ୍ଗା ପାପାତ୍ମାର ସନ୍ତାନମାନେ; ଯେଉଁ ଶତ୍ରୁ ତାହା ବୁଣିଲା, ସେ ଶୟତାନ; ଶସ୍ୟ କାଟିବା ସମୟ ଯୁଗାନ୍ତ, ପୁଣି କଟାଳିସବୁ ଦୂତମାନେ। ଅତଏବ, ବାଲୁଙ୍ଗା ଯେପରି ଏକାଠି କରାଯାଇ ନିଆଁରେ ପୋଡ଼ାଯାଏ, ଯୁଗା; ସମୟରେ ସେପରି ଘଟିବ। ମନୁଷ୍ୟପୁତ୍ର ଆପଣା ଦୂତମାନଙ୍କୁ ପ୍ରେରଣ କରିବେ, ଆଉ ସେମାନେ ତାହାଙ୍କ ରାଜ୍ୟରୁ ସମସ୍ତ ବିଘ୍ନଜନକ ବିଷୟ ଓ ଅଧର୍ମାଚାରୀମାନଙ୍କୁ ସଂଗ୍ରହ କରିବେ, ପୁଣି ସେମାନଙ୍କୁ ଅଗ୍ନିକୁଣ୍ଡରେ ନିକ୍ଷେପ କରିବେ, ସେଠାରେ ରୋଦନ ଓ ଦନ୍ତର କିଡ଼ିମିଡ଼ି ହେବ। ସେତେବେଳେ **ଧାର୍ମିକମାନେ ସେମାନଙ୍କ ପିତାଙ୍କ ରାଜ୍ୟରେ ସୂର୍ଯ୍ୟ ପରି ତେଜୋମୟ ଦେଖାଯିବେ**[୩]**।** <u>ଯାହାର କାନ ଅଛି, ସେ ଶୁଣୁ</u>**।**

### ଲୋକସମୂହକୁ ଅନ୍ୟ ଦୃଷ୍ଟାନ୍ତ କୁହାଗଲା

### ମାଥିଉ.୧୩:୩୧-୩୫, ମାର୍କ.୪:୩୦-୩୪

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟ ଶାସ୍ତ୍ରାଂଶରୁ ଉଦ୍ଧୃତ"

---

[୩] ଧାର୍ମିକ ସୂର୍ଯ୍ୟ ପରି ତେଜସ୍ୱୀ ହେବେ । ଦାନିଏଲ.୧୨:୩

ସେ ଲୋକସମୁହକୁ ଆଉ ଏକ ଦୃଷ୍ଟାନ୍ତ ଦେଇ କହିଲେ, ସ୍ୱର୍ଗରାଜ୍ୟ ସୋରିଷ ଦାନା ସଦୃଶ, ଯାହାକୁ ନେଇ ଜଣେ ବ୍ୟକ୍ତି ନିଜ କ୍ଷେତରେ ବୀଜ ବୁଣିଲେ । ତାହା ତ ସବୁ ବୀଜଠାରୁ କ୍ଷୁଦ୍ର, ମାତ୍ର ତାହା ବଢିଲେ ସବୁ ଶାଗଠାରୁ ବଡ ହୋଇ ଏପରି ଗଛ ହୁଏ ଯେ, **ଆକାଶର ପକ୍ଷୀମାନେ** ଆସି **ତାହାର ଡାଳରେ ବାସ**[4] **କରନ୍ତି** । ପ୍ରଭୁ ସେମାନଙ୍କୁ ଆଉ ଏକ ଦୃଷ୍ଟାନ୍ତ କହିଲେ, ସ୍ୱର୍ଗରାଜ୍ୟ ଖମୀର ସଦୃଶ; ଜଣେ ସ୍ତ୍ରୀ ତାହା ନେଇ ମହଣେ ମଇଦା ମଧ୍ୟରେ ଘୋଡେଇ ରଖିଲା ଆଉ ସେ ଶେଷରେ ସମସ୍ତ ଖମୀରମୟ ହେଲା । ଏହି ସମସ୍ତ କଥା ଯୀଶୁ ଦୃଷ୍ଟାନ୍ତ ଦ୍ୱାରା ଲୋକସମୁହକୁ କହିଲେ, ଆଉ ସେ ଦୃଷ୍ଟାନ୍ତ ବିନା ସେ ସେମାନଙ୍କୁ କିଛି କହୁନଥିଲେ । ଯେପରି ଭାବବାଦୀଙ୍କ ଦ୍ୱାରା ଉକ୍ତ ଏହି ବାକ୍ୟ ସଫଳ ହୁଏ, **ଆମେ ଆପଣା ମୁଖ ଫିଟାଇ ଦୃଷ୍ଟାନ୍ତ ଦ୍ୱାରା କହିବା, ଜଗତ ସୃଷ୍ଟି ଦିନରୁ ଗୁପ୍ତ ବିଷୟସବୁ ବ୍ୟକ୍ତ କରିବା ।**[5]

## ମାଥିଉ.୧୩:୪୪-୫୨

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟ ଶାସ୍ତ୍ରାଂଶରୁ ଉଦ୍ଧୃତ"

ସ୍ୱର୍ଗରାଜ୍ୟ କ୍ଷେତ୍ରରେ ଗୁପ୍ତ ହୋଇଥିବା ଧନ ସଦୃଶ। ଜଣେ ଲୋକ ତାହା ଦେଖି ଗୋପନ କରି ରଖିଲା ଓ ଆନନ୍ଦରେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ସେହି କ୍ଷେତ୍ରକୁ କ୍ରୟ କଲା।

ପୁନଶ୍ଚ, ସ୍ୱର୍ଗରାଜ୍ୟ ଉତ୍ତମ ଉତ୍ତମ ମୁକ୍ତା ଅନ୍ୱେଷଣ କରୁଥିବା ଜଣେ ବଣିକ ସଦୃଶ। ଗୋଟିଏ ବହୁମୂଲ୍ୟ ମୁକ୍ତା ଦେଖି ସେ ଯାଇ ଆପଣାର ସର୍ବସ୍ୱ ବିକ୍ରୟ କରି ସେହି ମୁକ୍ତାକୁ କ୍ରୟ କଲା।

ପୁନଶ୍ଚ ସ୍ୱର୍ଗରାଜ୍ୟ ସମୁଦ୍ରରେ ନିକ୍ଷିପ୍ତ ସର୍ବପ୍ରକାର ମତ୍ସ୍ୟ ସଂଗ୍ରହକାରୀ ଗୋଟିଏ ଟଣାଜାଲ ସଦୃଶ। ତାହା ପୂର୍ଣ୍ଣ ହୁଅନ୍ତେ ଲୋକେ କୂଳକୁ ଟାଣି ଆଣିଲେ, ପୁଣି ବସି ଭଲଯାକ ଖାଳୋଇରେ ଏକାଠି କରି ରଖିଲେ, କିନ୍ତୁ ମନ୍ଦଗୁଡ଼ାକ ଫୋପାଡ଼ିଦେଲେ। ଯୁଗାନ୍ତ ସମୟରେ ସେହିପରି

ଘଟିବ; ଦୂତମାନେ ବାହାରି ଆସି ଧାର୍ମିକମାନଙ୍କ ମଧ୍ୟରୁ ଦୁଷ୍ଟମାନଙ୍କୁ ବିଭିନ୍ନ କରିବେ, ପୁଣି ସେମାନଙ୍କୁ ଅଗ୍ନିକୁଣ୍ଡରେ ପକାଇଦେବେ; ସେଠାରେ ରୋଦନ ଓ ଦନ୍ତର କିଡ଼ିମିଡ଼ି ହେବ।

ତୁମ୍ଭେମାନେ କଅଣ ଏହିସବୁ କଥା ବୁଝିଲ? ସେମାନେ ତାହାଙ୍କୁ କହିଲେ, ହଁ। ସେଥିରେ ଯୀଶୁ ସେମାନଙ୍କୁ କହିଲେ, ତେବେ ଯେଉଁ ଗୃହକର୍ତ୍ତା ଆପଣା ଭଣ୍ଡାରରୁ ନୂଆ ଓ ପୁରୁଣା ପଦାର୍ଥ ବାହାର କରେ, ସ୍ୱର୍ଗରାଜ୍ୟର ଶିଷ୍ୟ ହୋଇଥିବା ପ୍ରତ୍ୟେକ ଶାସ୍ତ୍ରୀ ତାହାରି ସଦୃଶ।

**ଆଦେଶ:**

- ଯାହାର କାନ ଅଛି, ସେ ଶୁଣୁ ।

**ଶିକ୍ଷା:**

[4] ଆକାଶର ପକ୍ଷୀଗୁଡିକ ଆସି ତାହାର ଶାଖାଗୁଡିକରେ ବସା ବାନ୍ଧିବେ । ଯିହିଜିକଲ.୧୭:୨୩

[5] ମୁଁ ଦୃଷ୍ଟାନ୍ତ କଥାରେ ଆପଣା ମୁଖ ଫିଟାଇବି; ମୁଁ ପୂର୍ବକାଳର ଗୁଢ ବାକ୍ୟସବୁ ପ୍ରକାଶ କରିବି । ଗୀତସଂହିତା.୭୮:୨

ଶିଷ୍ୟମାନଙ୍କ ନିମନ୍ତେ ଏକ ଆଦେଶ ଦେଇ ଯୀଶୁ ଗହମ ଓ ବାଲୁଙ୍ଗା ଦୃଷ୍ଟାନ୍ତର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିତାଙ୍କ ଶିକ୍ଷା ସମାପ୍ତ କଲେ । ଯାହାର କାନ ଅଛି, ସେ ଶୁଣୁ । ଯୀଶୁ ଚାହାନ୍ତି ଯେ, ତାଙ୍କ ଶିଷ୍ୟମାନେ ସେ ଯାହା କହୁଅଛନ୍ତି ତାହା ଦୃଢ ଭାବରେ ବୁଝନ୍ତୁ, କାରଣ ଗହମ ଓ ବାଲୁଙ୍ଗା ଦୃଷ୍ଟାନ୍ତ ବୁଣାଯାଇଥିବା ଏବଂ ବଢୁଥିବା ଗହମ ଗଛର ଦୃଷ୍ଟାନ୍ତରୁ ମିଳିଥିବା ସତ୍ୟତା ନିଶ୍ଚିତ ଭାବରେ ସାହାଯ୍ୟ କରିବ । ଏହା ଅନ୍ୟ ଏକ ରାଜ୍ୟ ଦୃଷ୍ଟାନ୍ତଗୁଡିକ ପାଇଁ ଅତିରିକ୍ତ ଜ୍ଞାନ ଏବଂ ଦିଗ ପ୍ରଦାନ କରେ ।

ଯେହେତୁ ଯୀଶୁ ଗହମ ଓ ବାଲୁଙ୍ଗା ଦୃଷ୍ଟାନ୍ତର ତାତ୍ପର୍ଯ୍ୟ ବ୍ୟାଖ୍ୟା କରିଛନ୍ତି । ଏହି ଶିକ୍ଷାଟି ବୁଝିବାରେ ସ୍ପଷ୍ଟ ହେବ । ଏହାର ଶବ୍ଦର ଅର୍ଥ ବିଷୟରେ ଜ୍ଞାନ ପ୍ରଦାନ ଉପରେ ଧ୍ୟାନ ଦେଇଥାଏ ।ଏହି ଦୃଷ୍ଟାନ୍ତଟି ଆରମ୍ଭ ହୁଏ, *ସ୍ୱର୍ଗରାଜ୍ୟ ଏକ ମନୁଷ୍ୟ ସହିତ ତୁଳନା କରାଯାଇପାରେ ଯିଏ କ୍ଷେତରେ ଭଲ ବିହନ ବୁଣିଲେ ।*[୬] ତାଙ୍କରି କଥାରୁ ନିମ୍ନଲିଖିତ ବିଷୟଗୁଡିକ ନିରୀକ୍ଷଣ କରାଯାଇପାରିବ ।

୧. ସ୍ୱର୍ଗରାଜ୍ୟ ଅଭିବ୍ୟକ୍ତି ହେଉଛି ଈଶ୍ୱରଙ୍କ ରାଜ୍ୟ କହିବାର ଅନ୍ୟ ଏକ ଉପାୟ ଏବଂ ଏହା ମାଥିଉଙ୍କ ସୁସମାଚାରରେ ବ୍ୟବହୃତ । ଏକ ଧର୍ମ ପାଳନ ଭାବରେ ସେମାନଙ୍କ ସାହିତ୍ୟରେ ଈଶ୍ୱର ଶବ୍ଦର ବ୍ୟହାରକୁ ଉଡାଇବା ପାଇଁ ସ୍ୱର୍ଗ ଶବ୍ଦକୁ ଯିହୁଦୀମାନଙ୍କ ଦ୍ୱାରା ବ୍ୟବହାର କରାଯାଇଥିଲା ।

୨. ଯୀଶୁ ମନୁଷ୍ୟ ଶବ୍ଦକୁ ମନୁଷ୍ୟପୁତ୍ର ବୋଲି ବ୍ୟାଖ୍ୟା କରନ୍ତି । ଆକ୍ଷରିକ ଅର୍ଥରେ ଏହା ଆଦମଙ୍କର ଯେକୌଣସି ବଂଶଧରକୁ ବୁଝାଇପାରେ, ତଥାପି ଏହି ଶବ୍ଦଟି ଖ୍ରୀଷ୍ଟଙ୍କ ଆଖ୍ୟା ଭାବରେ ବ୍ୟବହୃତ ହୋଇଥିଲା ଯେପରି ଦାନିଏଲ ୭ ଅଧ୍ୟାୟ ୧୩ରୁ ୧୪ ପଦରେ ।

୩. ବୁଣିବା ଦୃଷ୍ଟାନ୍ତରୁ ଆମେ ଜାଣିଲୁ ଯେ ବୀଜ ବାକ୍ୟକୁ ପ୍ରତିପାଦିତ କରେ । ଯୀଶୁ ଉତ୍ତମ ବୀଜକୁ ଈଶ୍ୱରଙ୍କ ସନ୍ତାନ ଭାବେ ବ୍ୟାଖ୍ୟା କରନ୍ତି । ପିଲାମାନଙ୍କର ଶବ୍ଦ ପୁଅ, ବଂଶଧର କିମ୍ବା ସନ୍ତାନ ଭାବରେ ପଢାଯାଇପାରେ । ଏଥିରୁ ଆମେ ଜାଣୁ ଯେ, ଈଶ୍ୱରଙ୍କ ବାକ୍ୟ ଧାର୍ମିକ ସନ୍ତାନ ଜାତ କରେ । ଏହି ସନ୍ତାନମାନେ ଜାତ ହୁଅନ୍ତି ଯେତେବେଳେ ଈଶ୍ୱରଙ୍କ ବାକ୍ୟ ମନୁଷ୍ୟ ହୃଦୟ ଦ୍ୱାରା ବିଶ୍ୱାସ କରାଯାଏ । ସେମାନେ ପରିପକ୍ୱତାରେ ବଢି ଅଧିକ ଅମଳ କରନ୍ତି ଯାହା ଅନ୍ୟ ହୃଦୟରେ ରୋପଣ କରିପାରନ୍ତି ।

୪. କ୍ଷେତ ହେଉଛି ଜଗତ । ଜଗତ ପାଇ ଗ୍ରୀକ ଶବ୍ଦ ହେଉଛି କସମସ୍ । ଏହାର ଅର୍ଥ ପୃଥିବୀ ନୁହେଁ ବରଂ ସମସ୍ତ ବିଷୟ ଯେପରି ସୃଷ୍ଟି ହୋଇଛି । ପୃଥିବୀ ହେଉଛି କସମସ୍‌ର ଏକ ଅଂଶ । ସେହିପରି ସ୍ୱର୍ଗୀୟ ଶରୀର, ଉଦ୍ଭିଦ, ପ୍ରାଣୀ ଏବଂ ପଦାର୍ଥ ବିଜ୍ଞାନର ନିୟମ ଉତ୍ୟାଦି ।

୫. ବିଭିନ୍ନ ମୃତ୍ତିକା ଧାରଣ କରିଥିବା ଜଗତ, ମନୁଷ୍ୟପୁତ୍ରଙ୍କର, ଶୟତାନର ନୁହେଁ ।

ଦୃଷ୍ଟାନ୍ତର ପରବର୍ତ୍ତୀ ବିଷୟରେ ଏପରି ଲେଖାଅଛି, କିନ୍ତୁ ଲୋକମାନେ ଶୋଇଥିବା ସମୟରେ ତାଙ୍କର ଶତ୍ରୁ ଆସି ଗହମ ମଧ୍ୟରେ ବାଲୁଙ୍ଗା ବୁଣି ଚାଲିଗଲେ; କିନ୍ତୁ ଯେତେବେଳେ ଗହମ ଉତ୍ପନ୍ନ ହୋଇ ଶସ୍ୟ ଉତ୍ପାଦନ କଲା, ସେତେବେଳେ ବାଲୁଙ୍ଗା ମଧ୍ୟ ଜାତ ହୋଇଗଲା ।

୧. ଲୋକମାନେ ଶୋଇଥିବା ସମୟରେ ଏହି ଶବ୍ଦଟି ହେଉଛି । କେବଳ ଏକ ଉପାୟ ଯାହା ଲୋକମାନେ କଣ ଘଟୁଛି ସେ ବିଷୟରେ ଅବଗତ ନ ଥିଲେ । କିମ୍ବା ସେମାନେ ଧ୍ୟାନ ଦେଇ ନାହାନ୍ତି ।

୨. ଯୀଶୁ ଘୋଷଣା କରିଛନ୍ତି ଯେ ମନୁଷ୍ୟପୁତ୍ରର ଶତ୍ରୁ ହେଉଛି ଶୟତାନ । ଶୟତାନ ଶବ୍ଦର ଅର୍ଥ ହେଉଛି ଅଭିଯୋଗକାରୀ । ପିଶାଚକୁ ଶୟତାନ ମଧ୍ୟ କୁହାଯାଏ ଯାହାର ଅର୍ଥ ହେଉଛି ବିରୋଧୀ ।

---

[୬] ମାଥିଉ.୧୩:୨୪

୩. ପ୍ରାଚୀନ କାଳରେ ଶତ୍ରୁର କ୍ଷେତ୍ରରେ ବାଳୁଙ୍ଗା ବୁଣିବା ଏକ ସାଧାରଣ ଅଭ୍ୟାସ ଥିଲା । ଯୀଶୁ ଯାହା କହୁଛନ୍ତି ତାହା ହେଉଛି ଦାଢି ଡାର୍ନେଲ ଏକ ବିଷାକ୍ତ ରାଇ ଘାସ ଯାହାକି ଗହମଠାରୁ ଭିନ୍ନ ନୁହେଁ । ଯେପର୍ଯ୍ୟନ୍ତ ପରିପକ୍ୱତା ହୋଇନାହିଁ ସେପର୍ଯ୍ୟନ୍ତ ଚିହ୍ନି ହେବ ନାହିଁ । ପ୍ରାଚୀନ ଅନୁଯାୟୀ ବାଳୁଙ୍ଗା ଏକ ଭିନ୍ନ ପ୍ରକାରର ମଞ୍ଜି ନୁହେଁ, କେବଳ ଏକ ଖରାପ ଗହମ ଅଟେ । ଗହମ ବୁଣିବା ଦ୍ୱାରା ଗହମ ଫସଲ ହ୍ରାସ ହୁଏ, କାରଣ ଗଛଗୁଡିକ ଗହମକୁ ସଘଷଙ୍ଗ କରି ମାଟିରେ ଥିବା ପୁଷ୍ଟିକର ଖାଦ୍ୟ ଗ୍ରହଣ କରେ । ଗହମକୁ ବାଳୁଙ୍ଗାରୁ ଅଲଗା କରିବା ପାଇଁ ଏହା କୃଷକଙ୍କର ଅଧିକ କଷ୍ଟକର କାର୍ଯ୍ୟ ଆବଶ୍ୟକ ।

୪. ଏହି ଦୃଷ୍ଟାନ୍ତରୁ ଆମେ ଜାଣୁ ଯେ ଶୟତାନ ମନୁଷ୍ୟ ପୁତ୍ର ପରି ନିଜ ବୀଜ ବୁଣିବାର ପଦ୍ଧତି ସମାନ ଭାବରେ ବ୍ୟବହାର କରେ । କହିବା ଦ୍ୱାରା ଶୟତାନ ପୃଥିବୀକୁ ଭ୍ରଷ୍ଟ କରେ, ଯେଉଁଠାରୁ ମନୁଷ୍ୟ ଭ୍ରଷ୍ଟ ହୋଇଛି, ତାଙ୍କ କଥା ଦ୍ୱାରା । ଯେତେବେଳେ ଶୟତାନର ବାକ୍ୟ ମନୁଷ୍ୟ ହୃଦୟରେ ବିଶ୍ୱାସ କରେ, ସେ ଶୟତାନର ଏକ ସନ୍ତାନ ସୃଷ୍ଟି କରେ । ଯାହା ଅନ୍ୟ ପୁରୁଷମାନଙ୍କ ହୃଦୟରେ ବୁଣାଯିବାକୁ ଅଧିକ ଶଦ୍ଧ ଉତ୍ପନ୍ନ କରେ । ଯୀଶୁଙ୍କ ଅନୁଯାୟୀ ଶୟତାନର ସନ୍ତାନମାନେ ଯେଉଁମାନେ ଅନ୍ୟମାନଙ୍କୁ ଝୁଣ୍ଟି ପଡିବାର କାରଣ ହୁଅନ୍ତି ଏବଂ ନିଜ ପାଇଁ ନିଜେ ଏକ ବ୍ୟବସ୍ଥା ହୁଅନ୍ତି ।[୭]

ଦୃଷ୍ଟାନ୍ତର ଅନ୍ତିମ ଧାଡିରେ ଏହିପରି ଲେଖାଅଛି, ଅମଳ ପର୍ଯ୍ୟନ୍ତ ଗହମ ଓ ବାଳୁଙ୍ଗା ଏକତ୍ର ବଢିବାକୁ ଦିଅ । ଆଉ ଅମଳ ସମୟରେ ମୁଁ ଅମଳକାରୀଙ୍କୁ କହିବି ପ୍ରଥମେ ବାଳୁଙ୍ଗା ସଂଗ୍ରହ କରି ନିଆଁରେ ପୋଡିଦେବେ ; କିନ୍ତୁ ଗହମକୁ ମୋ ଅମାରରେ ସଂଗ୍ରହ କର ।

୧. ଗହମ ଓ ବାଳୁଙ୍ଗାକୁ ଏକତ୍ର ବଢିବାକୁ ଅନୁମତି ଦେବାରେ ସୂଚାଇ ଥାଏ ଯେ, ଅମଳ ପର୍ଯ୍ୟନ୍ତ ଦୁନିଆରେ ଭଲ ଏବଂ ମନ୍ଦ ଏକତ୍ର ରୁହନ୍ତି ।

୨. ଅମଳକାରୀମାନଙ୍କୁ ମନୁଷ୍ୟ ପୁତ୍ରଙ୍କ ଦୂତମାନଙ୍କୁ ବର୍ଣ୍ଣନା କରାଯାଏ । ଦୂତ ଶଦ୍ଦର ଅର୍ଥ ସମ୍ବାଦବାହକ । ଏହି ସମ୍ବାଦବାହକମାନେ ମାନବୀୟ କିଅବା ସ୍ୱର୍ଗୀୟ ହୋଇପାରନ୍ତି ।

୩. ଯୀଶୁ କହିଲେ ଯେ ଅମଳ ହେଉଛି ଯୁଗର ଶେଷ (ପୃଥିବୀ) ଯୁଗ । ଜଗତ ପାଇଁ ବ୍ୟବହୃତ ଶଦ୍ଦ ଅଇନ ଅଟେ । ଏହା ଏକ ଅସ୍ତିତ୍ୱର ସମୟକୁ ସୂଚିତ କରେ ।

୪. ଗୋଟିଏ ଭାବରେ ଯୁଗ ଶେଷ ହୁଏ, ଯେତେବେଳେ ଜଣେ ବ୍ୟକ୍ତିଙ୍କ ହୃଦୟରେ ପ୍ରଚାରିତ ଈଶ୍ୱରଙ୍କ ବାକ୍ୟ ପରିପକ୍ୱତାରେ ବଢି ଅମଳ ହୁଏ । ଏହା ଏକ ନୂତନ ସୃଷ୍ଟିରେ ପରିଣତ ହୁଏ ଏବଂ ଖ୍ରୀଷ୍ଟିୟାନ ସୀମା ମଧ୍ୟରେ ପୁନଃଜନ୍ମ ଭାବରେ ଜଣାଶୁଣା ।

୫. ଯୁଗ ଶେଷ ହୁଏ ଯେତେବେଳେ ଈଶ୍ୱର ଏକ ନୂତନ ସ୍ୱର୍ଗ ନୂତନ ପୃଥିବୀ ସୃଷ୍ଟି କରନ୍ତି ଯେପରି ପ୍ରକାଶିତ ବାକ୍ୟ.୨୦:୧୧-୧୫ ଏବଂ ୨୧:୧ ରେ ବର୍ଣ୍ଣନା କରାଯାଇଅଛି । ଏକ ହଜାର ବର୍ଷ ପୂର୍ବେ ଘଟିଥିବା ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ପ୍ରତ୍ୟାବର୍ତ୍ତନ ସହିତ ଏହି ଘଟଣା ଦ୍ୱନ୍ଦରେ ରହିବା ଉଚିତ ନୁହେଁ ।

ଈଶ୍ୱରଙ୍କ ରାଜ୍ୟର ଏକ ବ୍ୟାପକ ଦୃଷ୍ଟିକୋଣରୁ ଲୋକସମୂହକୁ ଯୀଶୁ ଆଠଟି ଦୃଷ୍ଟାନ୍ତ କହିଥିଲେ । ଏହା କିପରି ଆରମ୍ଭ ହୁଏ (ବୁଣାଳି), ଓ କିପରି ବଢେ (ବଢୁଥିବା ଚାରା) ଏବଂ କିପରି ଶେଷ ହୁଏ (ଗହମ ଓ ବାଳୁଙ୍ଗା) । ରାଜ୍ୟର ଅଭିବୃଦ୍ଧି ଉଭୟ

[୭] ମାଥିଉ.୧୩:୪୦-୪୨

ଦୃଶ୍ୟମାନ (ସୋରିଷ ଦାନା) ଓ ଆଭ୍ୟନ୍ତରୀଣ ( ଖମୀର) ଏକ ସମୟରେ ଘଟୁଛି ।  ଈଶ୍ୱରଙ୍କ ରାଜ୍ୟର ମୂଲ୍ୟ ସହଜରେ ଦେଖାଯାଏ ନାହିଁ (କ୍ଷେତରେ ଗୁପ୍ତ ଭଣ୍ଡାର) ତଥାପି ଏହାର ମୂଲ୍ୟ ଅତୁଳନୀୟ (ବହୁମୂଲ୍ୟ ମୁକ୍ତା) ଏବଂ କେବଳ ଯେଉଁମାନେ ପରିଷ୍କାର ଏବଂ ନିର୍ମଳ ରହିବେ (ମତ୍ସ୍ୟସଂଗ୍ରହାକାରୀ ଟଣା ଜାଲ) ।

**ଅନ୍ୟ ଦୃଷ୍ଟାନ୍ତଗୁଡିକ:**

ସୋରିଷ ଦାନାର ଦୃଷ୍ଟାନ୍ତ ଈଶ୍ୱରଙ୍କ ରାଜ୍ୟକୁ ଦର୍ଶାଏ ଯାହା ଅତି କ୍ଷୁଦ୍ରରୁ ଆରମ୍ଭ ହୁଏ କିନ୍ତୁ ବଡ ଆକାରରେ ବଢେ । ଇସ୍ରାଏଲରେ ସୋରିଷ ଗଛ ୧୫ ଫୁଟ ପର୍ଯ୍ୟନ୍ତ ଉଚ୍ଚତା ବଢିଥାଏ ଯାହା ଦ୍ୱାରା ଏକ ଗଛରୂପ ନେଇଥାଏ । ଏହା ଏକ ଜଣାଶୁଣା ସତ୍ୟ ଯେ, ପକ୍ଷୀଗୁଡିକ ସୋରିଷ ଗଛ ପ୍ରତି ଆକର୍ଷିତ ହୁଅନ୍ତି ଏବଂ ପ୍ରକୃତରେ ଏହାର ଡାଳରେ ନିଜର ବସା ବାନ୍ଧନ୍ତି । ତଥାପି ଯୀଶୁ ଅନ୍ୟ କିଛି ବିଷୟରେ କହୁଛନ୍ତି ।

ମନେରଖ ଯେ, ବୁଣାଳି ଦୃଷ୍ଟାନ୍ତରେ ପକ୍ଷୀଗୁଡିକ ଶୟତାନର ପ୍ରତିନିଧିତ୍ୱ କରେ । ଯେତେବେଳେ ଈଶ୍ୱରଙ୍କ ରାଜ୍ୟରେ ଶୟତାନରୁ ଜାତ ବୀଜ ଥାଏ, ଏହାକୁ ସହଜରେ ଗ୍ରାସ କରିପାରେ । କିନ୍ତୁ ଯେତେବେଳେ ସୋରିଷ ଗଛ ଦ୍ୱାରା ବର୍ଣ୍ଣିତ ପରିପୂର୍ଣ୍ଣ ହୋଇଯାଏ । ସେ ଆଉ ଏହାକୁ ନଷ୍ଟ କରିପାରେ ନାହିଁ । କିନ୍ତୁ ଥରେ ଈଶ୍ୱରଙ୍କ ରାଜ୍ୟ ବଡ ହୋଇଗଲେ ଶୟତାନ ସେଠାରେ ତାଙ୍କ ଘର ତିଆରି କରିପାରେ ଏବଂ ଏହା ଦ୍ୱାରା ଉତ୍ପନ୍ନ ବିହନକୁ ଗ୍ରାସ କରିପାରେ । ପକ୍ଷୀମାନେ ସାଧାରଣତଃ ସେମାନେ ନିଜ ବସାକୁ ଏକ ଗଛ ଡାଳରେ ତିଆରି କରନ୍ତି କିମ୍ୱା ଯେଉଁଠାରେ ଏକ ନୂତନ ଶାଖା ସୃଷ୍ଟି ହୁଏ । ଯେଉଁଠାରେ ମଣ୍ଡଳୀ ବିଭାଜନ ହୁଏ ଓ ଶୟତାନ ସେଠାରେ ଦେଖାଦିଏ ।

ଖମୀର ଦୃଷ୍ଟାନ୍ତ ଦର୍ଶାଏ ଯେ ଈଶ୍ୱରଙ୍କ ରାଜ୍ୟ ଏହା ସହିତ ଯୋଗାଯୋଗ କରୁଥିବା ସମସ୍ତ ବିଷୟକୁ ପ୍ରଭାବିତ କରେ । ଅନେକ ଖ୍ରୀଷ୍ଟିୟାନ ବିଶ୍ୱାସ କରନ୍ତି ଯେ ଖମୀର ପାପର ପ୍ରତିନିଧିତ୍ୱ କରେ । ତଥାପି ଏକ ଅତି ସଠିକ ମତ ଅଛୀ । ଖମୀର ହେଉଛି ଏକ ପରିବର୍ତ୍ତନ ପ୍ରତିନିଧି ଅଟେ । ଏଥିରେ ରଖାଯାଇଥିବା ସମସ୍ତ ଗୁଣର ପରିବର୍ତ୍ତନ ହୁଏ । ଯୀଶୁ ପରେ ଶିଷ୍ୟମାନଙ୍କୁ ଫାରୂଶୀ ଓ ସାଦ୍ଦୂକୀମାନଙ୍କର[୮] ଖମୀରଠାରୁ ସାବଧାନ ହେବାକୁ କହିଲେ । ଶିକ୍ଷା ବାସ୍ତବରେ ଭଲ ନା ମନ୍ଦ, ସତ୍ୟ ନା ମିଥ୍ୟା ଓ ଭ୍ରାନ୍ତ କରେ ନା ମନ ପରିବର୍ତ୍ତନ କରେ ।

ଏହି ଦୃଷ୍ଟାନ୍ତରେ ଖମୀରକୁ ତିନି ଭାଗରେ ରଖାଯାଇଛି । ତିନି ଭାଗ ଖମୀରରେ ଥିବା ସମସ୍ତ ବିଷୟକୁ ପ୍ରତିନିଧିତ୍ୱ କରେ । ହିବ୍ରୁ ମାପର ମାନକପୂର୍ଣ୍ଣ ଏକକ କେଉଛି ଐଫା ଏବଂ ଏକ ଐଫା, ଏକ ଐଫା ସହିତ ସମାନ ହେବା ପାଇଁ ତିନି ସିହା ଦରକାର ପଡେ । ଏହା ଦ୍ୱାରା ଯୀଶୁ ସୂଚାଇ ଦେଉଛନ୍ତି ଯେ, ପ୍ରତ୍ୟେକ ମଣିଷ ତିନୋଟି ଉପାଦାନକୁ ନେଇ ଗଠିତ: ଶରୀର, ପ୍ରାଣ ଓ ଆତ୍ମା । ଯେତେବେଳେ ଏହି କ୍ଷେତ୍ରରେ ଖମୀର ବା ଈଶ୍ୱରଙ୍କା ରାଜ୍ୟ ପ୍ରତ୍ୟେକ ଅଂଶରେ ପରିଚିତ ହୁଏ ଯେପରି ବ୍ୟକ୍ତିର ସଂପୂର୍ଣ୍ଣ ପ୍ରକୃତ ପରିବର୍ତ୍ତନ ହେବ ।

[୮] ମାଥିଉ.୧୬:୧୧-୧୨

କ୍ଷେତରେ ଥିବା ଗୁପ୍ତ ଭଣ୍ଡାରର ଦୃଷ୍ଟାନ୍ତ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଅଧିକ ସତ୍ୟତା ପ୍ରକାଶ କରେ । ଭଣ୍ଡାର ସୂଚିତ କରେ ଯେ, ଏହା ମୂଲ୍ୟବାନ ଅଟେ । କ୍ଷେତ୍ର ଜଗତକୁ ବୁଝାଏ । ଈଶ୍ୱରଙ୍କ ରାଜ୍ୟ କ୍ଷେତର ଭୂଇଁରେ ଏହା ଗୁପ୍ତ ଭାବରେ ଥିଲା । ଯାହା

ମନୁଷ୍ୟର ହୃଦୟକୁ ପ୍ରତିପାଦନ କରେ । ଏହି ଦୃଷ୍ଟାନ୍ତରେ ଜଣେ ବ୍ୟକ୍ତି ଧନ ଖୋଜି ଆବିଷ୍କାର କରିଥିଲେ । ଏହି ବ୍ୟକ୍ତି ମନୁଷ୍ୟପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ପ୍ରତିନିଧିତ୍ୱ କରେ । ଧନ ଆବିଷ୍କାର କରିବା ପରେ ସେ ପୁଣି ଗୁପ୍ତ ରହିଲେ । ତାପରେ ସେ ନିଜ ଜୀବନ ଦେଲେ, ଯାହାକି ଜଗତ କିଣିବା ପାଇଁ ତାଙ୍କ ପାଖରେ ଥିଲା

ଯୀଶୁ ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁ ଭଣ୍ଡାର ଖୋଜୁଥିଲେ, ତାହା ବିଶ୍ୱାସ ଥିଲା ଯେ ସେ ଜୀବନ୍ତ ଈଶ୍ୱରଙ୍କ ପୁତ୍ର । ପିତର ହୃଦୟରେ ଯୀଶୁ ଯଯୀଶୁ ଏହି ଭଣ୍ଡାର ଆବିଷ୍କାର କରିବାକୁ ଯେତେବେଳେ ସେ ଶିଷ୍ୟମାନଙ୍କୁ ପଚାରିଲେ, "ମୁଁ କିଏ ବୋଲି ତୁମେ କ'ଣ କହୁଅଛ ?" ପିତର ଉତ୍ତର ଦେଲେ ଯେ, ସେ ଜୀବନ୍ତ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି । ତେବେ ଯୀଶୁ କହିଲେ, *ହେ ଯୂନସର ପୁତ୍ର ଶିମୋନ, ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ ବରଂ ମୋହର ସ୍ୱର୍ଗସ୍ଥ ପିତା ପ୍ରକାଶ କରିଅଛନ୍ତି* [୯]। ଯୀଶୁ ଏହି ଧନକୁ ପୁଣି ଗୁପ୍ତ ରଖିଲେ କାରଣ ଶିଷ୍ୟମାନଙ୍କୁ କହିଥିଲେ ଯେ ସେ ଖ୍ରୀଷ୍ଟ ବୋଲି କାହାକୁ କୁହନ୍ତୁ ନାହିଁ ।

ବହୁମୂଲ୍ୟ ମୁକ୍ତାର ଦୃଷ୍ଟାନ୍ତ ଏହା ସୂଚିତ କରେ ଯେ, ଈଶ୍ୱରଙ୍କ ରାଜ୍ୟ ହେଉଛି ସବୁଠାରୁ ବହୁମୂଲ୍ୟ ବିଷୟ ଯାହାକୁ ଯେକୌଣସି ବ୍ୟକ୍ତି ପାଇପାରିବେ । ଜଣେ ବ୍ୟବସାୟୀ ହେଉଛି ଯିଏ କ୍ରୟ ଓ ବିକ୍ରୟର ରୋଜଗାର କରେ । ସେ ଜଣେ ଜ୍ଞାନୀ ବ୍ୟବସାୟୀ ଓ ତାଙ୍କର ବାଣିଜ୍ୟର ମୂଲ୍ୟ ଜାଣନ୍ତି । ଯେତେବେଳେ ସେ ସବୁଠାରୁ ମୂଲ୍ୟବାନ ବିଷୟ ପାଏ ତାହା ସେ ଧାରଣ କରିପାରେ । ପୁଣି ସେ ପାଇବା ପାଇଁ ନିଜର ସମସ୍ତ ଜିନିଷ ବିକ୍ରି କରେ । କ୍ରୟ ସମୟରେ ବ୍ୟବସାୟୀ ବ୍ୟବସାୟ ବାହାରେ ତାଙ୍କ ସହିତ ଆଉ କିଛି ବଦଳାଇବାକୁ ନ ଥାଏ । ପୁର୍ନାର କମ୍ ମୂଲ୍ୟର ଅନ୍ୟ ମୁକ୍ତା ପାଇବା ପାଇଁ ବଡ ମୂଲ୍ୟର ମୁକ୍ତା ବିକ୍ରି କରିବାର ଅର୍ଥ କଣ ହେବ ?

ବ୍ୟବସାୟୀ ଏହି ଜଗତର ଯେକୌଣସି ବ୍ୟକ୍ତିଙ୍କୁ ପ୍ରତିନିଧିତ୍ୱ କରନ୍ତି ଯିଏ ଏହି ଜୀବନରେ ମୂଲ୍ୟବାନ ଜିନିଷ ଖୋଜନ୍ତି । ଈଶ୍ୱରଙ୍କ ରାଜ୍ୟ ଅଧିକାର କରିବାକୁ  କରେ ଯେ ଜଣେ ବ୍ୟକ୍ତି ଏହା ବଦଳରେ ମୂଲ୍ୟବାନ ଭାବୁଥିବା ସମସ୍ତ ଜିନିଷ ତ୍ୟାଗ କରନ୍ତୁ । ସେ ସମୟରେ କାହିଁକି ସେ ପୂର୍ବରୁ ଥିବା ଜିନିଷଗୁଡିକ ପାଇବାକୁ ହେଲେ ଈଶ୍ୱରଙ୍କ ରାଜ୍ୟ ତ୍ୟାଗ କରିବା ଉଚିତ୍ । ବହୁମୂଲ୍ୟ ମୁକ୍ତାର ଦୃଷ୍ଟାନ୍ତର ଦ୍ୱିତୀୟ ବ୍ୟାଖ୍ୟାରେ ମଧ୍ୟ ଯୋଗ୍ୟତା ଅଛି । ଏହି ପରିପ୍ରେକ୍ଷୀରେ ବଣିକ ହେଉଛି ଈଶ୍ୱରଙ୍କ ରାଜ୍ୟ । ଈଶ୍ୱରଙ୍କ ରାଜ୍ୟ ଆଜି ମଣ୍ଡଳୀ ମାଧ୍ୟମରେ କାର୍ଯ୍ୟ କରିବା ପରି ସର୍ବଶ୍ରେଷ୍ଠ ଭାବରେ ପ୍ରକାଶ ପାଇଛି । ତେଣୁ ଏହା କୁହାଯାଇପାରେ ଯେ ମଣ୍ଡଳୀ ନିଜକୁ ବିନିଯୋଗ କରିବାକୁ କିମ୍ବା ଅଧୀକାର କରିବାକୁ କିଛି ଖୋଜୁଛି । ବହୁମୂଲ୍ୟ ମୁକ୍ତାର ଚରମ ଜିନିଷକୁ ପ୍ରତିପାଦିତ କରେ ଯାହା ପ୍ରାପ୍ତ କରାଯାଇପାରିବ ।

---

[୯] ମାଥିଉ.୧୬:୧୭

ଏହା ବାସ୍ତବରେ ଏତେ ମୂଲ୍ୟବାନ ଯେ ମଣ୍ଡଳୀ ଏହା ଅନୁସରଣ କରିବା ଆବଶ୍ୟକ । ଏହା କଣ ଆୟୁବ ତାଙ୍କ ନାମ ଧାରଣ କରିଥିବା ପୁସ୍ତକର ୨୮ ଅଧ୍ୟାୟରେ ଜ୍ଞାନ ଉପରେ ଆଲୋଚନା ସମୟରେ ସେ ଉତ୍ତର ଦିଅନ୍ତି । ୧୮ ପଦରେ ସେ କହନ୍ତି, *ତହିଁ ନିକଟରେ ପ୍ରବାଳ ଓ ସ୍ଫଟିକର କଥା କୁହାଯାଏ ନାହିଁ; କାରଣ ପଦ୍ମରାଗ ମଣି ଅପେକ୍ଷା ଜ୍ଞାନର ମୂଲ୍ୟ ଅଧିକ ଅଟେ ।* ବହୁମୂଲ୍ୟ ମୁକ୍ତା ହେଉଛି ଜ୍ଞାନ । ଜ୍ଞାନ କଣ ତାହା ବ୍ୟାଖ୍ୟା କରି ଆୟୁବ ତାଙ୍କ ବକ୍ତବ୍ୟକୁ ସମାପ୍ତ କରିଛନ୍ତି । *ଦେଖ ପ୍ରଭୁ ବିଷୟକ ଭୟ ହିଁ ଜ୍ଞାନ ଓ କୁକ୍ରିୟା ତ୍ୟାଗ ହିଁ ବୁଦ୍ଧି ।*[୧୦]

ମତ୍ସ୍ୟସଂଗ୍ରହାକାରୀ ଟଣା ଜାଲ ଦୃଷ୍ଟାନ୍ତରୁ ଜଣାପଡୁଛି ଯେ, ଏହି ଯୁଗରେ ଈଶ୍ୱରଙ୍କ ରାଜ୍ୟ ମନୋନୀତ ନୁହେଁ । ଦୃଷ୍ଟାନ୍ତରେ, ମାଛ ଲୋକମାନଙ୍କୁ ସୂଚିତ କରେ । ଏହି ସିଦ୍ଧାନ୍ତଟି ଚାରିଜଣ ମତ୍ସ୍ୟଜୀବୀ ପିତର, ଆନ୍ଦ୍ରିୟ, ଯାକୁବ ଓ ଯୋହନ ଯୀଶୁଙ୍କ ଆହ୍ୱାନରୁ ଉତ୍ପନ୍ନ । ଯୀଶୁ କହିଥିଲେ ଯେ ସେମାନେ ସେହି ସମୟଠାରୁ ଲୋକମାନଙ୍କୁ ଧରିବେ, ଈଶ୍ୱରଙ୍କ ରାଜ୍ୟ ଆଜି ମଣ୍ଡଳୀ ମଧ୍ୟରେ କାର୍ଯ୍ୟ କରିବା ପାଇଁ ସର୍ବଶ୍ରେଷ୍ଠ ଭାବରେ ପ୍ରତିନିଧିତ୍ୱ କରି ସମସ୍ତ ପ୍ରକାରର ଲୋକଙ୍କୁ ନିଜ ଆଡକୁ ଅକର୍ଷିତ କରିଥାଏ ।

ଯେହେତୁ ଜାଲ ପାଣି ଦେଇ ଟାଣି ହୋଇଥାଏ, ମତ୍ସ୍ୟଜୀବୀ କଣ ଧରାଯାଉଅଛି ତାହା ଦେଖିପାରିବେ ନାହିଁ ଏବଂ ଜାଲ କୂଳକୁ ଟାଣି ନ ହେବା ପର୍ଯ୍ୟନ୍ତ ମାଛର ପ୍ରକାର ନିର୍ଣ୍ଣୟ କରାଯାଇପାରିବ ନାହିଁ । ଯିହୁଦୀମାନେ ତାପରେ ସେମାନେ ପାଇଥିବା ବିଷୟକୁ ଦୁଇ ଭାଗରେ ପୃଥକ୍ କରନ୍ତି, ଯେଉଁଗୁଡିକ ସଫା ହୋଇଥିବା ସେଗୁଡିକୁ ଖାଇପାରିବେ ଏବଂ ଯେଉଁଗୁଡିକ ଅଶୁଚି ଜାତିର ହୋଇଥିବ ସେଗୁଡିକୁ ପରିତ୍ୟାଗ କରିବେ । ପରିଷ୍କାର ମାଛଗୁଡିକ ହେଉଛି ଉଭୟ କାତି ଓ ପର ଥିବା ବେଳେ ଅପରିଷ୍କାର ମାଛଗୁଡିକ ହେଉଛି ଏହି ଉଭୟ ଅଙ୍ଗଗୁଡିକ ନ ଥିବା ମାଛ । ପରବର୍ତ୍ତୀ ଯୁଗର ଆଗମନ ପୂର୍ବରୁ ଯେଉଁଠାରେ ଏକ ନୂତନ ସ୍ୱର୍ଗ ଓ ନୂତନ ପୃଥିବୀ ପ୍ରକାଶ ପାଇବ ସେଠାରେ ଈଶ୍ୱରଙ୍କ ରାଜ୍ୟକୁ ଆକର୍ଷିତ ବ୍ୟକ୍ତିମାନଙ୍କର ସ୍ୱତନ୍ତ୍ରତା ରହିବ । ଧାର୍ମିକମାନେ ସଂରକ୍ଷିତ ହେବେ ଏବଂ ଅଧାର୍ମିକମାନଙ୍କୁ ପରିତ୍ୟାଗ କରାଯିବ ।

**ଶିକ୍ଷାର ମୁଖ୍ୟ ବିଷୟ:**

ଈଶ୍ୱରଙ୍କ ରାଜ୍ୟ ବିଷୟରେ ତୁମର ବୁଝିବା ଜ୍ଞାନ ବୃଦ୍ଧି କର ।

**ପ୍ରୟୋଗ:**

ଈଶ୍ୱରଙ୍କ ଆଠଟି ରାଜ୍ୟ ଦୃଷ୍ଟାନ୍ତ ବିଷୟରେ ତୁମର କୌଣସି ପ୍ରଶ୍ନ ଅଛି ଯାହା ଆମେ ପୂର୍ବରୁ ପଡଥିଲୁ । ସାଧାରଣ ଆଲୋଚନା ନିମନ୍ତେ ପରବର୍ତ୍ତୀ ମିଟିଂକୁ ଆଣ ।

[୧୦] ଅୟୁବ.୨୮:୧୮

## ପାଠ - ୨୧

## ଅମଳ କ୍ଷେତ୍ରକୁ ଯିବା

**ଆଇସବ୍ରେକର ଦଳ:**

୧. "ଅମଳ କ୍ଷେତ୍ର" କହିଲେ ତୁମେ କ'ଣ ବୁଝ ? (ଯେଉଁ କ୍ଷେତ୍ରରେ ଲଗାଯାଇଥିବା ଫସଲ ଅମଳ ନିମନ୍ତେ ପ୍ରସ୍ତୁତ ।)

୨. ଅମଳ କ୍ଷେତ୍ର କେଉଁଠାରେ ଅଛି ? (ଯେକୌଣସି ସ୍ଥାନରେ  ସେହି ବିହନ ବୁଣାଯାଇ ଅମଳ ନିମନ୍ତେ ପ୍ରସ୍ତୁତ ।)

୩. ଅମଳ କରିବାକୁ କ୍ଷେତ ପ୍ରସ୍ତୁତ ହେଲା ବୋଲି ଜଣେ ବ୍ୟକ୍ତି କିପରି ଜାଣେ ? (ଫସଲ ପରିପକ୍ୱ: ଖାଦ୍ୟ ପାଇଁ ପ୍ରସ୍ତୁତ କିମ୍ବା ଅଧିକ ଫସଲ ଉତ୍ପାଦନ ନିମନ୍ତେ ବୁଣାଯାଏ ।)

୪. ଜଣେ ବ୍ୟକ୍ତି ଫସଲର ପରିପକ୍ୱତା ଚିହ୍ନଟ ନିମନ୍ତେ କ'ଣ କରେ ? (ଏହାକୁ ପରୀକ୍ଷା ଦ୍ୱାରା: ଦୃଶ୍ୟମାନ, ଦୃଢତା ଇତ୍ୟାଦି)

୫. ଅମଳ ସମୟରେ କ'ଣ ହୁଏ ? (ଭବିଷ୍ୟତରେ ବ୍ୟବହାର ପାଇ ଫସଲ ସଂଗ୍ରହ, ଏକତ୍ର କରିବା ଓ ଗଚ୍ଛିତ ରଖିବା)

**ଉପକ୍ରମ:**

ଲୋକମାନଙ୍କ ମଧ୍ୟରେ ଈଶ୍ୱରଙ୍କ ରାଜ୍ୟ ଗଠନ କରିବାକୁ ଯୀଶୁ ନିଜ ଶିଷ୍ୟମାନଙ୍କୁ ପ୍ରସ୍ତୁତ କରୁଛନ୍ତି । ଏହା ସେମାନଙ୍କ ଜୀବନରେ ଏକ ମିଶନ ସେବାକାର୍ଯ୍ୟ ହେବା ପୂର୍ବ ତିନୋଟି ପାଠରେ ଆମେ ଦେଖିଲୁ ଯେ ଯୀଶୁ ଦୃଷ୍ଟାନ୍ତ ବ୍ୟବହାର କରି ରାଜ୍ୟର ଅନେକ ସତ୍ୟତା ପ୍ରକାଶ କରିଥିଲେ । ସେହି ସତ୍ୟଗୁଡିକ ଲୋକମାନଙ୍କୁ ମିଳିତ କିମ୍ବା ବ୍ୟକ୍ତିଗତ ଭାବରେ ପ୍ରୟୋଗ କରାଯାଇପାରେ । ଅ ।ସ, ସେଗୁଡିକ ବିଷୟରେ ସଂକ୍ଷେପରେ ଦେଖିବା:

- ଈଶ୍ୱରଙ୍କ ରାଜ୍ୟ ଲୋକମାନଙ୍କ ଜୀବନରେ ଈଶ୍ୱରଙ୍କ ବାକ୍ୟ କହିବା ଦ୍ୱାରା ରୋପିତ ହୁଏ । ଏହା ହୃଦୟର ଅବସ୍ଥା ଉପରେ ନିର୍ଭର କରି ପରିପକ୍ୱତା ଆଡକୁ ବଢି ପାରେ କିମ୍ବା ବଢି ନ ପାରେ (ବୀଜ ବୁଣାଳିର ଦୃଷ୍ଟାନ୍ତ)
- ଈଶ୍ୱରଙ୍କ ରାଜ୍ୟ ଲୋକମାନଙ୍କ ଜୀବନରେ ପର୍ଯ୍ୟାୟକ୍ରମେ ବଢେ: ପ୍ରଥମେ ଶିଶୁ ଅବସ୍ଥା, ତାପରେ ଯୁବାବସ୍ଥା ଓ ଶେଷରେ ମୁଖ୍ୟ ପରିପକ୍ୱ ଶସ୍ୟ ( ବୟସ୍କ ଅବସ୍ଥା) । ଅଭିବୃଦ୍ଧି ଜଳସେଚନ (ସଂଶୋଧନ) ଓ ସୂର୍ଯ୍ୟାଲୋକ (ତାଡନା) ଦ୍ୱାରା ହୁଏ । (ବୃଦ୍ଧି ପାଉଥିବା ଗଛର ଦୃଷ୍ଟାନ୍ତ)
- ଯେଉଁମାନେ ଝୁଣ୍ଟି ପଡନ୍ତି ଏବଂ ଅନୈତିକ କାର୍ଯ୍ୟରେ ଜୀବନଯାପନ କରନ୍ତି, ସେମାନେ ରାଜ୍ୟ ଉପରେ ପ୍ରଭାବ ପକାନ୍ତି । (ଗହମ ଓ ବାଲୁଙ୍ଗାର ଦୃଷ୍ଟାନ୍ତ)
  - ସେମାନେ ଧ୍ୟାନ ଦେବା ଅତ୍ୟନ୍ତ ଜରୁରୀ ଯେହେତୁ ହୃଦୟ ଯାହା ବିଶ୍ୱାସ କରେ ତାହା ଉତ୍ପାଦନ କରେ ।
  - ଯେତେବେଳେ ପରିପକ୍ୱତା ହାସଲ ହୁଏ, ଯେଉଁମାନେ ଝୁଣ୍ଟି ପଡିବାର କାରଣ ହୁଅନ୍ତି ଓ ଅନୈତିକ ଜୀବନଯାପନ କରନ୍ତି, ସେମାନେ ରାଜ୍ୟ ଉପରେ ପ୍ରଭାବ ପକାଇବେ ନାହିଁ ।
- ଈଶ୍ୱରଙ୍କ ରାଜ୍ୟ ଉଭୟ ବାହ୍ୟ (ଦୃଶ୍ୟ ପ୍ରମାଣ ବିଷୟ ସଂଖ୍ୟା) ଏବଂ ଆଭ୍ୟନ୍ତରୀଣ (ଆଧ୍ୟାତ୍ମିକ ପରିପକ୍ୱତା – ଜ୍ଞାନ ଓ ବୁଦ୍ଧି) ଅଟେ । (ଖମୀର ଓ ସୋରିଷ ଦାନାର ଦୃଷ୍ଟାନ୍ତ)

- ଈଶ୍ୱରଙ୍କ ରାଜ୍ୟରେ ଅଜ୍ଞାତ ଲାଭ ଅଛି । (କ୍ଷେତରେ ଗୁପ୍ତ ଭଣ୍ଡାର ଦୃଷ୍ଟାନ୍ତ)
- ଈଶ୍ୱରଙ୍କ ରାଜ୍ୟ ହେଉଛି ବହୁମୂଲ୍ୟ ବିଷୟ ଯାହାକି ଯେକୌଣସି ବ୍ୟକ୍ତି ପାଇପାରିବେ । (ବହୁମୂଲ୍ୟ ମୁକ୍ତାର ଦୃଷ୍ଟାନ୍ତ)
- ଈଶ୍ୱରଙ୍କ ରାଜ୍ୟ ପୂର୍ଣ୍ଣ ନ ହେବା ପର୍ଯ୍ୟନ୍ତ ଜାରି ରହିବ ଏବଂ ତାପରେ ମନ୍ଦଠାରୁ ଉତ୍ତମ ପୃଥକତା କରାଯିବ । (ମତ୍ସ୍ୟସଂଗ୍ରହାକାରୀ ଟଣା ଜାଲ ଦୃଷ୍ଟାନ୍ତ)

**ଶାସ୍ତ୍ରପାଠ:**

**ମାଥିଉ.୮:୨୩-୩୪, ୯:୩୫-୩୮, ମାର୍କ.୪:୩୫-୫:୨୦, ଲୂକ.୮:୨୨-୩୯**

## ଯୀଶୁ ସମୁଦ୍ରକୁ ଶାନ୍ତ କଲେ

**ମାଥିଉ.୮:୨୩-୨୭, ମାର୍କ.୪:୩୫-୪୧, ଲୂକ.୮:୨୨-୨୫**

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ସେହି ଦିନ ସନ୍ଧ୍ୟା ହୁଅନ୍ତେ ଯୀଶୁ ସେମାନଙ୍କୁ କହିଲେ, ଆସ, ଆରପାରିକି ଯିବା। ସେଥିରେ ସେମାନେ ଲୋକସମୂହକୁ ପରିତ୍ୟାଗ କରି, ସେ ଯେପରି ଥିଲେ, ସେହିପରି ତାହାଙ୍କୁ ନୌକାରେ ସାଙ୍ଗରେ ଘେନିଗଲେ, ପୁଣି ଅନ୍ୟାନ୍ୟ ନୌକା ମଧ୍ୟ ତାହାଙ୍କ ସହିତ ଥିଲା। ଆଉ, ପ୍ରବଳ ତୋଫାନ ହେଲା, ପୁଣି ତରଙ୍ଗର ଆଘାତରେ ନୌକା ଜଳରେ ପୂର୍ଣ୍ଣ ହେବାକୁ ଲାଗିଲା। ସେତେବେଳେ ସେ ନୌକାର ପଛ ମଙ୍ଗରେ ମୁଣ୍ଡଲାରେ ମୁଣ୍ଡ ଦେଇ ଶୋଇପଡ଼ିଥିଲେ; ଆଉ, ସେମାନେ ତାହାଙ୍କୁ ଉଠାଇ କହିଲେ, ହେ ଗୁରୁ, ଆମେ ମଲୁ, ଆପଣଙ୍କର କଅଣ ଚିନ୍ତା ନାହିଁ? ଏଥିରେ ଯୀଶୁ ଉଠି ପବନକୁ ଧମକ ଦେଇ ସମୁଦ୍ରକୁ କହିଲେ, ତୁନି ହ, ଚୁପ୍ କର୍। ସେଥିରେ ପବନ ବନ୍ଦ ହେଲା ଓ ସବୁ ଧୀରସ୍ଥିର ହେଲା। ପୁଣି, ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭେମାନେ କାହିଁକି ଏଡ଼େ ଭୀରୁ? ଏ କଅଣ ! ତୁମ୍ଭମାନଙ୍କର ବିଶ୍ୱାସ ନାହିଁ? ସେଥିରେ ସେମାନେ ଅତ୍ୟ; ଭୀତ ହୋଇ ପରସ୍ପରକୁ କହିବାକୁ ଲାଗିଲେ, ଏ ତେବେ କିଏ ଯେ, ପବନ ଓ ସମୁଦ୍ର ଉଭୟ ଏହାଙ୍କ ଆଜ୍ଞା ମାନନ୍ତି?

## ବାହିନୀଭୂତକୁ ଘୁଷୁରୀମାନଙ୍କ ମଧ୍ୟକୁ ଛଡାଗଲା

**ମାଥିଉ.୮:୨୮-୩୪, ମାର୍କ.୫:୧-୨୦, ଲୂକ.୮:୨୬-୩୯**

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ପରେ ସେମାନେ ସମୁଦ୍ରର ପରପାରସ୍ଥ ଗରାଶୀୟ-ମାନଙ୍କ ଅଞ୍ଚଳରେ ଉପସ୍ଥିତ ହେଲେ। ଯୀଶୁ ନୌକାରୁ ଓହ୍ଲାଇବାମାତ୍ରେ ଜଣେ ଅଶୁଚି ଆତ୍ମାବିଷ୍ଟ ଲୋକ ସମାଧି-ସ୍ଥାନରୁ ବାହାରି ତାହାଙ୍କୁ ଭେଟିଲା। ସେ ସମାଧି-ସ୍ଥାନରେ ବାସ କରୁଥିଲା, ପୁଣି କେହି ତାହାକୁ ଜଞ୍ଜିରରେ ସୁଦ୍ଧା ଆଉ ବାନ୍ଧି ପାରୁ ନ ଥିଲେ, କାରଣ ସେ ଅନେକ ଥର ବେଡ଼ି ଓ ଜଞ୍ଜିରରେ ବନ୍ଧା ହୋଇଥିଲା, କିନ୍ତୁ ସେ ଜଞ୍ଜିର ଛିଣ୍ଡାଇଦେଇ ବେଡ଼ିସବୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଥିଲା ଓ ତାହାକୁ ବଶରେ ରଖିବାକୁ କାହାରି ବଳ ନ ଥିଲା। ସେ ଦିନରାତି ସବୁବେଳେ ସମାଧି-ସ୍ଥାନ ଓ ପର୍ବତରେ ରହି ଚିତ୍କାର କରୁଥିଲା, ପୁଣି ପ୍ରସ୍ତରରେ ଆପଣାକୁ କ୍ଷତବିକ୍ଷତ କରୁଥିଲା। ସେ ଯୀଶୁଙ୍କୁ ଦୂରରୁ ଦେଖି ଦୌଡ଼ିଆସି ତାହାଙ୍କୁ ପ୍ରଣାମ କଲା, ଆଉ ଉଚ୍ଚ ସ୍ୱରରେ ଚିତ୍କାର କରି କହିଲା, ହେ ପରାତ୍ପର ଈଶ୍ୱରଙ୍କ ପୁତ୍ର ଯୀଶୁ, ତୁମ୍ଭ ସାଙ୍ଗରେ ମୋର କଅଣ ଅଛି? ତୁମ୍ଭକୁ ଈଶ୍ୱରଙ୍କ ନାମରେ ଶପଥ ଦେଉଅଛି, ମୋତେ ଯନ୍ତ୍ରଣା ଦିଅ ନାହିଁ। କାରଣ ଯୀଶୁ ତାହାକୁ

କହିବାକୁ ଯାଉଥିଲେ, ଆରେ ଅଶୁଚି ଆତ୍ମା, ଏହି ଲୋକଠାରୁ ବାହାରିଯା। ଆଉ, ଯୀଶୁ ତାହାକୁ ପଚାରିଲେ, ତୋର ନାଁ କଅଣ? ସେ ତାହାଙ୍କୁ କହିଲା, ମୋର ନାଁ ବାହିନୀ[୧୧], ଯେଣୁ ଆମେ ଅନେକ। ପୁଣି, ଯୀଶୁ ଯେପରି ସେମାନଙ୍କୁ ସେହି ଅଞ୍ଚଳରୁ ବାହାରକୁ ପଠାଇ ନ ଦିଅନ୍ତି, ସେଥିପାଇଁ ସେ ତାହାଙ୍କୁ ବହୁତ ବିନତି କଲା। ସେଠାରେ ପର୍ବତ କଡ଼ରେ ଗୋଟିଏ ଘୁଷୁରିପଲ ଚରୁଥିଲା। ଆଉ, ସେମାନେ ତାହାଙ୍କୁ ବିନତି କରି କହିଲେ, ସେହି ଘୁଷୁରିମାନଙ୍କ[୧୨] ଭିତରେ ପଶିବା ପାଇଁ ଆମ୍ଭମାନଙ୍କୁ ସେମାନଙ୍କ ମଧ୍ୟକୁ ପଠାଅ। ସେ ସେମାନଙ୍କୁ ଅନୁମତି ଦିଅନ୍ତେ, ଅଶୁଚି ଆତ୍ମାଗୁଡ଼ାକ ବାହାରି ଘୁଷୁରିମାନଙ୍କ ଭିତରେ ପଶିଲେ; ସେଥିରେ ସେହି ପଲ ଅତି ବେଗରେ ଦୌଡ଼ିଯାଇ ତୀଖସ୍ଥାନରୁ[୧୩] ସମୁଦ୍ରରେ ପଡ଼ି ବୁଡ଼ିମଲେ। ଘୁଷୁରିମାନଙ୍କ ସଂଖ୍ୟା ପ୍ରାୟ ଦୁଇହଜାର ଥିଲା। ସେମାନଙ୍କୁ ଚରାଉଥିବା ଲୋକମାନେ ପଳାଇଯାଇ ନଗର ଓ ପଲ୍ଲୀଗୁଡ଼ିକରେ ତାହା ଜଣାଇଲେ; ସେଥିରେ ଲୋକେ କଅଣ ଘଟିଛି ବୋଲି ଦେଖିବାକୁ ଆସିଲେ। ପୁଣି, ସେମାନେ ଯୀଶୁଙ୍କ ନିକଟକୁ ଆସି ସେହି ଭୂତଗ୍ରସ୍ତ, ଅର୍ଥାତ୍, ଯାହାକୁ ପୂର୍ବରେ ବାହିନୀ ଭୂତ ଲାଗିଥିଲା, ତାହାକୁ ଲୁଗା ପିନ୍ଧି ଭଲ ମନରେ ବସିଥିବା ଦେଖି ଭୀତ ହେଲେ। ଆଉ, ଯେଉଁମାନେ ଦେଖିଥିଲେ, ସେମାନେ ସେହି ଭୂତଗ୍ରସ୍ତ ପ୍ରତି କିପରି କଅଣ ଘଟିଥିଲା, ତାହା ଓ ଘୁଷୁରିମାନଙ୍କ ବିଷୟ ସେମାନଙ୍କ ନିକଟରେ ବର୍ଣ୍ଣନା କଲେ। ସେଥିରେ ସେମାନେ ସେମାନଙ୍କ ସୀମାରୁ ପ୍ରସ୍ଥାନ କରିବାକୁ ତାହାଙ୍କୁ ବିନତି କରିବାକୁ ଲାଗିଲେ। ପରେ ସେ ନୌକାରେ ଚଢ଼ିବା ସମୟରେ, ଯେଉଁ ଲୋକକୁ ପୂର୍ବରେ ଭୂତ ଲାଗିଥିଲା, ସେ ତାହାଙ୍କ ସାଙ୍ଗରେ ରହିବା ନିମନ୍ତେ ଥରକୁ ଥର ବିନତି କଲା। କିନ୍ତୁ ଯୀଶୁ ଅନୁମତି ନ ଦେଇ ତାହାକୁ କହିଲେ, ତୁମ୍ଭର ଗୃହକୁ, ତୁମ୍ଭର ଆତ୍ମୀୟମାନଙ୍କ ନିକଟକୁ ଯାଅ, ପୁଣି ପ୍ରଭୁ ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି ଓ ତୁମ୍ଭ ପ୍ରତି ଯେଉଁ ଦୟା ଦେଖାଇଅଛନ୍ତି, ସେହିସବୁ ସେମାନଙ୍କୁ ଜଣାଅ। ତହିଁରେ ସେ ଚାଲିଯାଇ, ଯୀଶୁ ତାହା ନିମନ୍ତେ ଯେ ଯେ କର୍ମ କରିଥିଲେ, ସେହିସବୁ ଦେକାପଲିରେ ଘୋଷଣା କରିବାକୁ ଲାଗିଲା; ସେଥିରେ ସମସ୍ତେ ଚମତ୍କୃତ ହେଲେ।

## ସୁସମାଚାର ପ୍ରଚାର
## ମାଥିଉ.୯:୩୫-୩୮

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

**୨୯ ଖ୍ରୀଷ୍ଟାବ୍ଦ, ଗ୍ରୀଷ୍ମ ଶେଷ ଆଡକୁ/ଶରତ ଆରମ୍ଭ ବେଳକୁ**

ଯୀଶୁ ସମସ୍ତ ନଗର ଓ ଗ୍ରାମରେ ସେମାନଙ୍କର ସମାଜଗୃହରେ ଶିକ୍ଷା ଦେଉଥିଲେ ଓ ରାଜ୍ୟର ସୁସମାଚାର ପ୍ରଚାର କରୁଥିଲେ ଏବଂ ସମସ୍ତ ପ୍ରକାର ରୋଗ ଓ ବିଭିନ୍ନ ପ୍ରକାର ପୀଡିତଲୋକମାନଙ୍କୁ ସୁସ୍ଥ କରୁଥିଲେ । ସେ ସେମାନଙ୍କୁ ଦୟାରେ ବିଗଳିତ ହେଉଥିଲେ କାରଣ ସେମାନେ ଅରକ୍ଷକ ମେଷ ପରି ଦୁର୍ଦ୍ଦଶାଗ୍ରସ୍ତ ଓ ଛିନ୍ନଭିନ୍ନ ଥିଲେ । ତା'ପରେ ସେ ନିଜ ଶିଷ୍ୟମାନଙ୍କୁ କହିଲେ, "ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ । ଏଣୁ ଆପଣା ଶସ୍ୟ କ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।"

**ଆଦେଶ:**

- ଚାଲ, ହ୍ରଦର ଆରପାରିକି ଯିବା ।
- ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ । ଏଣୁ ଆପଣା ଶସ୍ୟ କ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର ।

---

[୧୧] ବାହିନୀ - ଯୀଶୁଙ୍କ ସମୟରେ ୬୦୦୦ ରୋମୀୟ ପଦାତିକ ବାହିନୀ ନେଇ ଏକ ସୈନ୍ୟବାହିନୀ ଗଠିତ ହୋଇଥିଲା ।
[୧୨] ଘୁଷୁରୀଗୁଡିକ - ଅଶୁଚି ପ୍ରାଣୀ ଅଟନ୍ତି ।
[୧୩] ଗାଲିଲୀ ସମୁଦ୍ରରେ କେବଳ ଗୋଟିଏ ସ୍ଥାନ ଅଛି ଯାହା କୁର୍ସି ବୋଲି ଏକ ଛୋଟ ଗାଁ ନିକଟରେ ଏହି ବର୍ଣ୍ଣନା ସହିତ ମେଳ ହେଉଛି ।

**ଶିକ୍ଷା:**

ଈଶ୍ୱରଙ୍କ ରାଜ୍ୟ ଘୋଷଣା କରିବା ମୌଳିକ ଆଧାର ହେଉଛି, ଚିହ୍ନ ଓ ଆଶ୍ଚର୍ଯ୍ୟରେ ଯୀଶୁଙ୍କ ସେବାକାର୍ଯ୍ୟ । ସେ ନିଜ ଦୃଷ୍ଟାନ୍ତ ମାଧ୍ୟମରେ ଈଶ୍ୱରଙ୍କ ରାଜ୍ୟ କଣ ତାହା ଶିକ୍ଷା ଦିଅନ୍ତି ଏବଂ ସେ ନିଜ ଆଶ୍ଚର୍ଯ୍ୟକର୍ମ ମାଧ୍ୟମରେ ରାଜ୍ୟର ଶକ୍ତି ପ୍ରଦର୍ଶନ କରନ୍ତି । *କିନ୍ତୁ ଯଦି ମୁଁ ଈଶ୍ୱରଙ୍କ ଆତ୍ମା ଦ୍ୱାରା ଭୂତମାନଙ୍କୁ ଛଡାଏ, ତେବେ ତ ଈଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ ମଧ୍ୟରେ ଉପସ୍ଥିତ ହେଲାଣି (ମାଥିଉ.୧୨:୨୮)* । ଦୃଷ୍ଟାନ୍ତଗୁଡିକ ହେଉଛି ଈଶ୍ୱରଙ୍କ ରାଜ୍ୟ ବିଷୟରେ ମୌଖିକ ଘୋଷଣା । ଆଶ୍ଚର୍ଯ୍ୟକର୍ମ ହେଉଛି ଈଶ୍ୱରଙ୍କ ରାଜ୍ୟର ଦୃଶ୍ୟମାନ ବିଷୟ ।

ଈଶ୍ୱରଙ୍କ ରାଜ୍ୟର ଦୃଷ୍ଟାନ୍ତଗୁଡିକ ବିଷୟରେ ତାଙ୍କର ଶିକ୍ଷା ସମାପ୍ତ କରି ଯୀଶୁ ଏବଂ ତାଙ୍କ ଶିଷ୍ୟମାନେ ଏକ ଛୋଟ ନୌକାରେ ହ୍ରଦର ପୂର୍ବାଞ୍ଚଳରେ ଥିବା ଗରାଶୀୟକୁ ଆସିଲେ ।

ହ୍ରଦର ପୂର୍ବ ପାର୍ଶ୍ୱ ଦକାପଲ୍ଲୀ କିମ୍ବା ଦଶ ନଗରର ସଂଘର ଅଂଶ ଥିଲା ଯାହା ହିପ୍ପୋସ ନଗର ଦ୍ୱାରା ନିୟନ୍ତ୍ରିତ ହେଉଥିଲା । ରୋମୀୟ ଶାସକ ପମ୍ପି ୬୩ ଖ୍ରୀଷ୍ଟାବ୍ଦରେ ସିରିଆରୁ ଫେରିବା ପରେ ଦକାପଲ୍ଲୀ ପ୍ରତିଷ୍ଠା କରିଥିଲେ ଏବଂ ଏହାକୁ ଅଣଯିହୁଦୀ

ରୋମୀୟ ନଗର ଭାବେ ପ୍ରଦାନ କରିଥିଲେ । ନିର୍ଦ୍ଦିଷ୍ଟ ଭାବରେ ସେମାନେ ଗରାଶୀୟ ଅଳ ଆଡକୁ ଯାଉଥିଲେ । ହିବ୍ରୁ ଭାଷାରେ ଗରାଶିମ ବା ଗେରୁଶୀମ ଅର୍ଥ "ପଳାୟନକାରୀ ଲୋକମାନେ" ବା "ବହିଷ୍କୃତ ଲୋକମାନେ" । ଯିହୁଦୀ ପରମ୍ପରା ଅନୁଯାୟୀ, ଏହା ଗରାଶୀୟମାନଙ୍କ ଦେଶ ଥିଲା, କିଣାନର ସ୍ଥାନୀୟ ସାତୋଟି ଅଧିବାସୀମାନଙ୍କ ମଧ୍ୟରୁ ସେମାନେ ଅନ୍ୟତମ ଅଟନ୍ତି, ଯେଉଁମାନଙ୍କୁ ଯିହୋଶିୟ କିଣାନରୁ ତଡି ଦେଇଥିଲେ ।

ପାଞ୍ଚ ମାଇଲ ଯାତ୍ରା ସମୟରେ ସେମାନେ ଏକ ଭୟଙ୍କର ମହାଝଡର ସମ୍ମୁଖୀନ ହୋଇଥିଲେ ଯାହାକି ସେହି ଝଡ ସେମାନଙ୍କୁ ବିନଷ୍ଟ କରିବାର ଭୟଭୀତ କରାଇଥିଲା । ଯୀଶୁ ଶିଷ୍ୟମାନଙ୍କ ଦ୍ୱାରା ନିଦରୁ ଜାଗ୍ରତ ହେଲେ ଓ ସେ ଝଡ ଏବଂ ସମୁଦ୍ରକୁ ଶାନ୍ତ ହେବାକୁ ଆଦେଶ ଦେଲେ । କୁର୍ସି ଗାଁ ନିକଟ ପୂର୍ବକୂଳରେ ପହଂଚିବା ପରେ ସେମାନେ ସମାଧି ମଧ୍ୟରେ ରହୁଥିବା ଜଣେ ଭୂତଗ୍ରସ୍ତ ବ୍ୟକ୍ତିଙ୍କୁ ଭେଟିଥିଲେ ଏବଂ ଯୀଶୁ ପ୍ରାୟ ୬୦୦୦ ପୁରୁଷ ଭୂତମାନଙ୍କୁ ଘୁଷୁରି ପଲରେ ଫିଙ୍ଗି ଦେଲେ ଆଉ ସେହି ଭୂତାତ୍ମାଗୁଡାକ ଘୁଷୁରି ପଲ ଭିତରେ ପଶିଲେ, ସେଥିରେ ସେହି ପଲ ଅତି ବେଗରେ ଦୌଡିଯାଇ ତୀଖସ୍ଥାନରୁ ସମୁଦ୍ରରେ ପଡି ବୁଡି ମଲେ ।

**ଦଳୀୟ ଆଲୋଚନା:**

୧. ତୁମେ ଚିନ୍ତା କରୁଥିବ କାହିଁକି ଯୀଶୁ ଚାହିଁଲେ ଶିଷ୍ୟମାନେ ହ୍ରଦର ଆର ପାରିକୁ ଯାଆନ୍ତୁ ବୋଲି? (ସେ ହୁଏତ ଶୟତାନର ରାଜ୍ୟ ସହିତ ମୁହାଁମୁହିଁ ହୋଇ ଈଶ୍ୱରଙ୍କ ରାଜ୍ୟର ଶକ୍ତି ପ୍ରଦର୍ଶନ କରିବାକୁ କିମ୍ବା ସମ୍ଭବତଃ ଶିଷ୍ୟମାନଙ୍କୁ ଅସହଜ ଅବସ୍ଥାରେ ରଖିବାକୁ ଚାହିଁଥିବେ ଯଦ୍ୱାରା ସେମାନେ କଠିନ ପରିସ୍ଥିତିରେ ତାହାଙ୍କ ଶକ୍ତିର କାର୍ଯ୍ୟକୁ ନିରୀକ୍ଷଣ କରି ପାରିବେ ।

୨. ତୁମେ ଚିନ୍ତା କରୁଥିବ ପବନ ଓ ସମୁଦ୍ରକୁ ଭର୍ତ୍ସନା କରିବା ପରେ ଯୀଶୁ ଶିଷ୍ୟମାନଙ୍କୁ କାହିଁକି କହିଲେ, ତୁମ୍ଭେମାନେ କାହିଁକି ଏଡେ ଭୀରୁ? ଏ କ'ଣ! ତୁମ୍ଭମାନଙ୍କର ବିଶ୍ୱାସ ନାହିଁ? (ସେ ଶିଷ୍ୟମାନଙ୍କୁ ଈଶ୍ୱରଙ୍କଠାରେ ବିଶ୍ୱାସ ରଖିବାକୁ ଏବଂ ସେମାନଙ୍କ ପରିସ୍ଥିତି ଉପରେ କର୍ତ୍ତୃତ୍ୱ କରିବାକୁ ଆହ୍ୱାନ କରୁଥିଲେ । ଯୀଶୁ ତାଙ୍କର ସମସ୍ତ ସେବାକାର୍ଯ୍ୟରେ ମନୁଷ୍ୟପୁତ୍ର ଭାବରେ ପୃଥିବୀ ଓ ମନ୍ଦ ଆତ୍ମା ଶକ୍ତି ଉପରେ ତାଙ୍କର ଶକ୍ତି ପ୍ରଦର୍ଶନ କରୁଥିଲେ । କିନ୍ତୁ କେବେ ମଧ୍ୟ ମନୁଷ୍ୟର ଇଚ୍ଛା ଉପରେ ଶକ୍ତି ପ୍ରଦର୍ଶନ କରୁନଥିଲେ ।

୩. ଈଶ୍ୱରଙ୍କ ସମ୍ବାଦ ଶୁଣିନଥିବା ଅଞ୍ଚଳକୁ ସେହି ସମ୍ବାଦ ନେବାକୁ ତୁମେ ଭୟ କରୁଛ କି?

**ଶିକ୍ଷା ଜାରି ରହିଛି:**

ହ୍ରଦର ଉର କୂଳକୁ ଫେରିବା ପରେ ୧୨ ବର୍ଷ ଧରି ରକ୍ତସ୍ରାବ ହେଉଥିବା ଜଣେ ମହିଳାଙ୍କୁ ଯୀଶୁ ସୁସ୍ଥ କଲେ । ସେହିଦିନ ପରେ ସେ ଏକ ଛୋଟ ଝିଅକୁ ମୃତ୍ୟୁରୁ ଉଠାଇଲେ । ଦୁଇ ଅନ୍ଧଙ୍କୁ ଦୃଷ୍ଟି ଶକ୍ତି ପ୍ରଦାନ କଲେ ଏବଂ ଜଣେ ମୂକୁ କହିବା ପାଇଁ ଶକ୍ତି ଦେଲେ । ସେଠାରେ ଯୀଶୁ ନିଜ ସହର ନାଜରୀତକୁ ଫେରିଗଲେ ଯେଉଁଠାରେ ସେ କିଛି ରୋଗୀଙ୍କ ଉପରେ ହାତ ରଖି ସୁସ୍ଥ କଲେ । ଯୀଶୁ ତାଙ୍କର ପରବର୍ତ୍ତୀ ପ୍ରଚାର ଯାତ୍ରା[୧୪] ସମୟରେ ଦେଖିଲେ ଯେ, ଲୋକମାନେ ଅରକ୍ଷକ ମେଷତୁଲ୍ୟ ଆଚରଣ କରୁଛନ୍ତି । ସେମାନେ ଲକ୍ଷ୍ୟହୀନ ଓ ବିନା ଉଦ୍ଦେଶ୍ୟରେ ବୁଲାବୁଲି କରୁଛନ୍ତି, ସମସ୍ତ ପ୍ରକାର ରୋଗରେ ଶୀକାର ହେଉଛନ୍ତି ଯେହେତୁ ସେମାନଙ୍କର ଶତ୍ରୁମାନେ ଗୋଟିଏ ଗୋଟିଏ ସେମାନଙ୍କୁ ଉଠାଇ ନେଇଯାଆନ୍ତି । ସେମାନଙ୍କର ଯତ୍ନ ନେବା, ଦିଗଦର୍ଶନ ଦେବା ଓ ସୁରକ୍ଷା ପ୍ରଦାନ କରିବାର ଆବଶ୍ୟକତା ରହିଛି । ସେମାନଙ୍କ ପ୍ରତି ଦୟାଭାବ ହୋଇ ଏବଂ ସେ ଜାଣନ୍ତି ଯେ ସେ ସମସ୍ତଙ୍କ ଯତ୍ନ ନେବାରେ ସକ୍ଷମ ନୁହନ୍ତି ଯୀଶୁ ନିଜ ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ ଡାକନ୍ତି ।

**ଦଳୀୟ ଆଲୋଚନା:**

୪. ତୁମେ କୌଣସି ଲୋକଙ୍କୁ ଜାଣ କି ଯିଏ ଅରକ୍ଷକ ମେଷତୁଲ୍ୟ ଆଚରଣ କରୁଛି କି ଏବଂ ସେମାନେ କିପ୍ରକାର ଆଚାର ବ୍ୟବହାର କରୁଛନ୍ତି? (ସେମାନେ ଲକ୍ଷ୍ୟହୀନ ଓ ବିନା ଉଦ୍ଦେଶ୍ୟରେ ବୁଲାବୁଲି କରନ୍ତି, ସମସ୍ତ ପ୍ରକାର ରୋଗରେ ଶୀକାର ହୁଅନ୍ତି ଯେହେତୁ ସେମାନଙ୍କର ଶତ୍ରୁମାନେ ଗୋଟିଏ ଗୋଟିଏ ସେମାନଙ୍କୁ ଉଠାଇ ନେଇଯାଆନ୍ତି ।)

୫. ତୁମେ ଭାବୁଥିବ କାହିଁକି ଯୀଶୁ ନିଜ ଶିଷ୍ୟମାନଙ୍କୁ ଅଧିକ ଅମଳକାରୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ କହିଲେ କିନ୍ତୁ ଅଧିକ ବୁଣାଳି ନିମନ୍ତେ କହିଲେ ନାହିଁ? (ଅମଳ ପାଇଁ ଅଧିକ ଲୋକଙ୍କର ଆବଶ୍ୟକ ହୁଏ କିନ୍ତୁ ତାପରେ ଏହା ବୁଣିବା ପାଇଁ କରେ ।

**ଶିକ୍ଷାର ମୂଳ ବିଷୟ:**

ଅମଳ କ୍ଷେତ ଅନୁସନ୍ଧାନ କରି କାର୍ଯ୍ୟ କରିବାକୁ ସେଠାକୁ ଯାଅ ।

**ପ୍ରୟୋଗ:**

ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ପ୍ରତିଦିନ ପ୍ରାର୍ଥନା କର ।

---

[୧୪] ସମ୍ଭବତଃ ୨୯ ଖ୍ରୀଷ୍ଟାବ୍ଦର ଅପ୍ରେଲ ମାସରୁ ଅକ୍ଟୋବର ।

# ପାଠ – ୨୨

# ସୁସମାଚାର

**ଆଇସବ୍ରେକର ଦଳ:**

ସୁସମାଚାର ଶବ୍ଦ ଶୁଣି କେଉଁ ଛବି ବା ରୂପ ତୁମ ମନରେ ଆସିଥାଏ ?

**ଶାସ୍ତ୍ରପାଠ:**

**ମାଥିଉ.୧୦:୧-୧୫, ମାର୍କ.୬:୭-୧୩, ଲୁକ.୯:୧-୬, ୧୦:୧-୧୬**

## ସୁସମାଚାର ପ୍ରଚାର କରିବା ନିମନ୍ତେ ୧୨ ଜଣଙ୍କୁ ପ୍ରେରଣ

## ମାଥିଉ.୧୦:୧-୧୫, ମାର୍କ.୬:୭-୧୩, ଲୁକ.୯:୧-୬

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ଇତି ମଧ୍ୟରେ ଯୀଶୁ ଆପଣା ଦ୍ୱାଦଶ ଶିଷ୍ୟଙ୍କୁ ନିକଟକୁ ଡାକି ସେମାନଙ୍କୁ ଅଶୁଚିଆତ୍ମାଗୁଡ଼ାକ ଛଡ଼ାଇବା ନିମନ୍ତେ ସେମାନଙ୍କ ଉପରେ ଅଧିକାର ଦେଲେ, ପୁଣି ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରିବା ନିମନ୍ତେ ଅଧିକାର ଦେଲେ। ସେହି ଦ୍ୱାଦଶ ପ୍ରେରିତଙ୍କର ନାମ ଏହି, ପ୍ରଥମରେ ଶିମୋନ, ଯାହାଙ୍କୁ ପିତର ବୋଲି କହନ୍ତି, ଆଉ ତାଙ୍କ ଭ୍ରାତା ଆନ୍ଦ୍ରିୟ, ଜେବଦିଙ୍କ ପୁତ୍ର ଯାକୁବ ଓ ତାଙ୍କ ଭ୍ରାତା ଯୋହନ, ଫିଲିପ୍ପ ଓ ବାର୍ଥଲମୀ, ଥୋମା ଓ କରଗ୍ରାହୀ ମାଥିଉ, ଆଲଫିଙ୍କ ପୁତ୍ର ଯାକୁବ ଓ ଥଦ୍ଦୀୟ, କିଣାନୀୟ ଶିମୋନ ଓ ଇଷ୍କାରିୟୋତୀୟ ଯିହୁଦା, ଯେ ଯୀଶୁଙ୍କୁ ଶତ୍ରୁହସ୍ତରେ ସମର୍ପଣ କଲା। ଯୀଶୁ ଏହି ଦ୍ୱାଦଶ ଜଣଙ୍କୁ ପ୍ରେରଣ କରି ସେମାନଙ୍କୁ ଆଜ୍ଞା ଦେଇ କହିଲେ, ବିଜାତିମାନଙ୍କ ନିକଟକୁ ଯାଅ ନାହିଁ ଏବଂ ଶମିରୋଣୀୟମାନଙ୍କର କୌଣସି ନଗରରେ ପ୍ରବେଶ କର ନାହିଁ, ବରଂ ଇସ୍ରାଏଲ-ବଂଶର ହଜିଯାଇଥିବା ମେଷମାନଙ୍କ ପାଖକୁ ଯାଅ। ପୁଣି, ଯାଉ ଯାଉ ସ୍ୱର୍ଗରାଜ୍ୟ ସନ୍ନିକଟ, ଏହି କଥା କହି ଘୋଷଣା କର।[୧୫] ପୀଡ଼ିତମାନଙ୍କୁ ସୁସ୍ଥ କର, ମୃତମାନଙ୍କୁ ଉଠାଅ, କୁଷ୍ଠୀମାନଙ୍କୁ ଶୁଚି କର, ଭୂତମାନଙ୍କୁ ଛଡ଼ାଅ। ତୁମ୍ଭେମାନେ ବିନାମୂଲ୍ୟରେ ପାଇଅଛ, ବିନାମୂଲ୍ୟରେ ଦାନ କର। ତୁମ୍ଭମାନଙ୍କ ଗାଞ୍ଜିଆରେ ସୁନା କି ରୂପା କି ତମ୍ବା, ଆଉ ଯାତ୍ରା ନିମନ୍ତେ ଝୋଲି କିମ୍ବା ଦୁଇଟି ଅଙ୍ଗରଖା ଅବା ଯୋତା କିମ୍ବା ବାଡ଼ି ଆୟୋଜନ କର ନାହିଁ, କାରଣ କାର୍ଯ୍ୟକାରୀ ଆପଣା ଆହାରର ଯୋଗ୍ୟ। ଆଉ, ତୁମ୍ଭେମାନେ ଯେକୌଣସି ନଗରରେ କି ଗ୍ରାମରେ ପ୍ରବେଶ କରିବ, ସେଠାରେ କେଉଁ ଲୋକ ଯୋଗ୍ୟ, ତାହା ଅନୁସନ୍ଧାନ କର, ପୁଣି ପ୍ରସ୍ଥାନ ନ କରିବା ପର୍ଯ୍ୟନ୍ତ ସେଠାରେ ରୁହ। ଆଉ, ଗୃହରେ ପ୍ରବେଶ କରିବା ସମୟରେ ତାହାକୁ କଲ୍ୟାଣ କର[୧୬]; ସେହି ଗୃହ ଯେବେ ଯୋଗ୍ୟ, ତେବେ ତାହା ପ୍ରତି ତୁମ୍ଭମାନଙ୍କ ଶାନ୍ତି ବର୍ତ୍ତୁ, କିନ୍ତୁ ତାହା ଯଦି ଯୋଗ୍ୟ ନୁହେଁ, ତାହାହେଲେ ତୁମ୍ଭମାନଙ୍କ ଶାନ୍ତି ତୁମ୍ଭମାନଙ୍କ ନିକଟକୁ ବାହୁଡ଼ିଆସୁ। ପୁଣି, ଯେକେହି ତୁମ୍ଭମାନଙ୍କୁ ଗ୍ରହଣ କରିବ ନାହିଁ ଅବା ତୁମ୍ଭମାନଙ୍କ କଥା ଶୁଣିବ ନାହିଁ, ସେହି ଗୃହରୁ କିମ୍ବା ସେହି ନଗରରୁ ବାହାରିଯିବା ବେଳେ ତୁମ୍ଭମାନଙ୍କ ପାଦଧୂଳି ଝାଡ଼ିଦିଅ। ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ବିଚାର-ଦିନରେ ସେହି ନଗରର ଦଶା ଅପେକ୍ଷା ସଦୋମ ଓ ହମୋରା[୧୭] ଦେଶର ଦଶା ସହନୀୟ ହେବ।

---

[୧୫] ସ୍ୱର୍ଗରାଜ୍ୟ ସନ୍ନିକଟ । ଅନ୍ୟ ଅର୍ଥରେ କହିବାକୁ ଗଲେ ଈଶ୍ୱର ବର୍ତ୍ତମାନ ଓ ଏଠାରେ ରାଜତ୍ୱ କରୁଛନ୍ତି ।

[୧୬] କଲ୍ୟାଣ କର । ଶାଲୋମ ଅଲେଖମ୍ ବା ତୁମ୍ଭ ଉପରେ ଶାନ୍ତି **ବର୍ତ୍ତୁ** । ଶାଲୋମ ଶବ୍ଦ କେବଳ ଶାନ୍ତିର ଧାରଣା ଆଣେ ତାହା ନୁହଁ, ମାତ୍ର ତା'ସହ କଲ୍ୟାଣ, ଉତ୍ତମ, ସ୍ୱାସ୍ଥ୍ୟ, ଉନ୍ନତି, ସାନ୍ତ୍ୱନା ଓ ଅଖଣ୍ଡତାକୁ ମଧ୍ୟ ବୁଝାଇଥାଏ ।

[୧୭] ସଦୋମ ଓ ହୋମରାର ଅଞ୍ଚଳ ମୃତ ସମୁଦ୍ରର ଦକ୍ଷିଣ ଭାଗରେ ଥିବା ଏକ ଅଞ୍ଚଳ ଯାହା ଅବ୍ରହାମଙ୍କ ସମୟରେ ଏହାର ଅଧିବାସୀମାନଙ୍କ ଦୁଷ୍ଟତା କାରଣରୁ ଈଶ୍ୱର ଏଗୁଡିକୁ ବିନାଶ କରିଥିଲେ ।

## ସତୁରିଜଣଙ୍କୁ ପ୍ରେରଣ

## ମାଥିଉ.୧୧:୨୦-୨୪, ଲୁକ.୧୦:୧-୧୬

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ଏଥିଉତ୍ତାରେ ପ୍ରଭୁ ଆଉ ସତୁରି ଜଣଙ୍କୁ ନିଯୁକ୍ତ କଲେ ଓ ନିଜେ ଯେଉଁ ଯେଉଁ ନଗର ଓ ସ୍ଥାନକୁ ଯିବା ପାଇଁ ଉଦ୍ୟତ ଥିଲେ, ସେହି ସେହି ସ୍ଥାନକୁ ଦୁଇ ଦୁଇ ଜଣ କରି ସେମାନଙ୍କୁ ଆପଣା ଆଗେ ପ୍ରେରଣ କଲେ। ପୁଣି, ସେ ସେମାନଙ୍କୁ କହିଲେ, ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ; ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ନିବେଦନ କର। ତୁମ୍ଭେମାନେ ଯାଅ[୧୮]; ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାଛୁଆମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି। ଥଳି, ଝୋଲି ଓ ଯୋତା ନିଅ ନାହିଁ, ପୁଣି ବାଟରେ କାହାକୁ ନମସ୍କାର[୧୯] କର ନାହିଁ। ଆଉ, ଯେକୌଣସି ଗୃହରେ ତୁମ୍ଭେମାନେ ପ୍ରବେଶ କରିବ, ପ୍ରଥମେ କୁହ, ଏହି ଗୃହ ପ୍ରତି ଶାନ୍ତି ହେଉ। ଆଉ, ସେସ୍ଥାନରେ ଯଦି ଜଣେ ଶାନ୍ତିର ପାତ୍ର ଥାଏ, ତାହାହେଲେ ତୁମ୍ଭମାନଙ୍କର ଶାନ୍ତି ତାହାରି ଉପରେ ଅଧିଷ୍ଠାନ କରିବ; କିନ୍ତୁ ଯଦି ନ ଥାଏ, ତେବେ ତାହା ତୁମ୍ଭମାନଙ୍କ ନିକଟକୁ ବାହୁଡ଼ି ଆସିବ। ପୁଣି, ସେମାନଙ୍କ ପାଖରେ ଯାହା ଥାଏ, ତାହା ଭୋଜନପାନ କରି ସେହି ଗୃହରେ ରୁହ, କାରଣ କାର୍ଯ୍ୟକାରୀ ଆପଣା ବେତନର ଯୋଗ୍ୟ। ଘରକୁ ଘର ଯାଅ ନାହିଁ। ପୁଣି, ଯେକୌଣସି ନଗରରେ ତୁମ୍ଭେମାନେ ପ୍ରବେଶ କର ଓ ଲୋକେ ତୁମ୍ଭମାନଙ୍କୁ ଗ୍ରହଣ କରନ୍ତି, ସେଠାରେ ତୁମ୍ଭମାନଙ୍କୁ ଯାହା ପରିବେଷଣ କରାଯାଏ, ତାହା ଭୋଜନ କର, ସେସ୍ଥାନରେ ଥିବା ପୀଡ଼ିତମାନଙ୍କୁ ସୁସ୍ଥ କର, ଆଉ ସେମାନଙ୍କୁ କୁହ, ଈଶ୍ୱରଙ୍କ ରାଜ୍ୟ ତୁମ୍ଭମାନଙ୍କ ସନ୍ନିକଟ[୨୦]। କିନ୍ତୁ ଯେକୌଣସି ନଗରରେ ତୁମ୍ଭେମାନେ ପ୍ରବେଶ କର ଓ ଲୋକେ ତୁମ୍ଭମାନଙ୍କୁ ଗ୍ରହଣକରନ୍ତି ନାହିଁ, ସେଥିର ଦାଣ୍ଡମାନଙ୍କୁ ବାହାରିଯାଇ କୁହ, ତୁମ୍ଭମାନଙ୍କ ନଗରର ଯେଉଁ ଧୂଳି ଆମ୍ଭମାନଙ୍କ ପାଦରେ ଲାଗିଅଛି, ତାହା ସୁଦ୍ଧା ତୁମ୍ଭମାନଙ୍କ ପାଇଁ ଝାଡ଼ି ଦେଉଅଛୁ; ତଥାପି ଈଶ୍ୱରଙ୍କ ରାଜ୍ୟ ଯେ ସନ୍ନିକଟ, ଏହା ଜାଣିଥାଅ। ମୁଁ ତୁମ୍ଭମାନଙ୍କୁ କହୁଅଛି, ସେଦିନରେ ସେହି ନଗରର ଦଶା ଅପେକ୍ଷା ସଦୋମର ଦଶା ସହନୀୟ ହେବ। ହାୟ, ଦଣ୍ଡର ପାତ୍ର କୋରାଜୀନ୍, ହାୟ, ଦଣ୍ଡର ପାତ୍ର ବେଥ୍ସାଇଦା, କାରଣ ତୁମ୍ଭମାନଙ୍କ ମଧ୍ୟରେ ଯେଉଁ ଯେଉଁ ଶକ୍ତିର କାର୍ଯ୍ୟ କରାଯାଇଅଛି, ସେହିସବୁ ଯେବେ ସୋର ଓ ସୀଦୋନରେ କରାଯାଇଥାଆନ୍ତା, ତେବେ ସେମାନେ ଅନେକ କାଳ ପୂର୍ବରୁ ଅଖା ପିନ୍ଧି ପାଉଁଶରେ ବସି ମନ ପରିବର୍ତ୍ତନ କରିଥାଆନ୍ତେ। ତଥାପି ବିଚାରରେ ତୁମ୍ଭମାନଙ୍କ ଦଶା ଅପେକ୍ଷା ସୋର ଓ ସୀଦୋନର ଦଶା ସହନୀୟ ହେବ। ଆଉ, ରେ କଫର୍ନାହୂମ, ତୁ କଅଣ ସ୍ୱର୍ଗ ପର୍ଯ୍ୟନ୍ତ ଉନ୍ନତ ହେବୁ? ପାତାଳ ପର୍ଯ୍ୟନ୍ତ ତୋହର ଅଧୋଗତି ହେବ?। ଯେ ତୁମ୍ଭମାନଙ୍କର କଥା ଶୁଣେ, ସେ ମୋ' କଥା ଶୁଣେ, ପୁଣି ଯେ ତୁମ୍ଭମାନଙ୍କୁ ଅଗ୍ରାହ୍ୟ କରେ, ସେ ମୋତେ ଅଗ୍ରାହ୍ୟ କରେ, ଆଉ ଯେ ମୋତେ ଅଗ୍ରାହ୍ୟ କରେ, ସେ ମୋ' ପ୍ରେରଣକର୍ତ୍ତାଙ୍କୁ ଅଗ୍ରାହ୍ୟ କରେ।

**ଆଦେଶ:**

- ବିଜାତିମାନଙ୍କ ମାର୍ଗରେ ଯାଅ ନାହିଁ ।
- ଶମିରୋଣୀୟମାନଙ୍କ ନଗରରେ ପ୍ରବେଶ କର ନାହିଁ ।
- ଇସ୍ରାଏଲର ହଜିଯାଇଥିବା ମେଷମାନଙ୍କ ନିକଟକୁ ଯାଅ ।
- ମୁଁ ଯିବାକୁ ଥିବା ପ୍ରତ୍ୟେକ ନଗରକୁ ଯାଅ ।

---

[୧୮] ତୁମ୍ଭେମାନେ ଯାଅ । ଯେଉଁ ସ୍ଥାନକୁ ମୁଁ ତୁମ୍ଭମାନଙ୍କୁ ଯିବା ଦାୟିତ୍ୱ ଦେଇଛି ସେହି ସ୍ଥାନକୁ ଯାଅ ।

[୧୯] ରାସ୍ତାରେ କାହାକୁ ନମସ୍କାର କର ନାହିଁ । ନିଷ୍କ୍ରିୟ ବାର୍ତ୍ତାଳାପରେ ଯୋଗ ଦେବା ପାଇଁ ବନ୍ଦ କର ନାହିଁ ।

[୨୦] ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ । ପ୍ରକୃତରେ ସେମାନେ କହୁଥିଲେ, ଈଶ୍ୱରଙ୍କ ନିର୍ଦ୍ଦେଶ ଅନୁଯାୟୀ, ତାଙ୍କ ଅଧୀନରେ, ତାଙ୍କ ଶକ୍ତି ସହିତ, ତାଙ୍କ ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଆମେ ଆପଣଙ୍କ ନିକଟକୁ ଆସିଅଛୁ ।

❖ ତୁମେ ଯାଉଁ ଯାଉଁ ପଥରେ ପ୍ରଚାର କର ଯେ, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ।
❖ ରୋଗୀମାନଙ୍କୁ ସୁସ୍ଥ କର ।
❖ ସେମାନଙ୍କୁ କୁହ, ସ୍ୱର୍ଗରାଜ୍ୟ ତୁମ୍ଭ ନିକଟକୁ ପହଂଚିଅଛି ।
❖ ମୃତମାନଙ୍କୁ ଉଠାଅ ।
❖ କୁଷ୍ଠୀମାନଙ୍କୁ ଶୁଚି କର ।
❖ ଭୂତମାନଙ୍କୁ ଛଡାଅ ।
❖ ବିନା ମୂଲ୍ୟରେ ପାଇଅଛ, ବିନା ମୂଲ୍ୟରେ ଦାନ କର ।
❖ ନିଜ ସଙ୍ଗରେ ସୁନା, ରୂପା କିଅବା ନିଜର ଟଙ୍କାମୁଣି ନିଅ ନାହିଁ ।
❖ ନିଜ ଯାତ୍ରାରେ ଝୋଲା ନିଅ ନାହିଁ ।
❖ ଦୁଇଟି ଚଦର ମଧ୍ୟ ନିଅ ନାହିଁ ।
❖ ଜୋତା ମଧ୍ୟ ନିଅ ନାହିଁ ।
❖ ରାସ୍ତାରେ କାହାକୁ ନମସ୍କାର କର ନାହିଁ ।
❖ ଯେକୌଣସି ସହର କିମ୍ବା ଗାଁରେ ପ୍ରବେଶ କର, ଏଥିରେ କିଏ ଯୋଗ୍ୟ ତାହା ଜାଣ ।
❖ ତୁମେ ନ ଯିବା ପର୍ଯ୍ୟନ୍ତ ସେଠାରେ ରୁହ ।
❖ ଯାହା ପରସିଗଲା ତାହା ଭୋଜନ କର ।
❖ ଯେତେବେଳେ ତୁମେ ଗୃହରେ ପ୍ରବେଶ କର, ତୁମେ ସେହି ଗୃହକୁ କଲ୍ୟାଣ କର – ଏହି ଗୃହ ପ୍ରତି ଶାନ୍ତି ବର୍ତ୍ତୁ ।
❖ ଯଦି ଗୃହଟି ଯୋଗ୍ୟ (ଏଠାରେ ଜଣେ ଶାନ୍ତିର ବ୍ୟକ୍ତି ଅଛି) ତେବେ ତୁମର କଲ୍ୟାଣ ଏହି ଗୃହରେ ବର୍ତ୍ତୁ ।
❖ ଯିଏ ତୁମକୁ ଗ୍ରହଣ କରେ ନାହିଁ କିମ୍ବା ତୁମ କଥା ପ୍ରତି ଧ୍ୟାନ ଦିଏ ନାହିଁ । ତେବେ ତୁମେ ସେହି ଗୃହ କିମ୍ବା ସେହି ସହର କିମ୍ବା ଗ୍ରାମର ବାହାରକୁ ଯାଇ ତୁମ ପାଦର ଧୁଳି ଝାଡି ଦିଅ ।
❖ ଏହାର ରାସ୍ତାରେ ଯାଇ କୁହ, ତୁମ୍ଭ ନଗରର ଧୁଳି ଯାହା ଆମ ପାଦରେ ଲାଗିଛି, ଆମ୍ଭେମାନେ ତୁମ ବିରୁଦ୍ଧରେ ବୋରୋଧ କରି ପୋଛି ଦେଉଛୁ । ତଥାପି ନିଶ୍ଚିତ ହୁଅ ଯେ, ଈଶ୍ୱରଙ୍କ ରାଜ୍ୟ ତୁମ ନିକଟକୁ ଆସିଛି ।

**ଦଳୀୟ ଆଲୋଚନା:**

୧. ଖ୍ରୀଷ୍ଟଙ୍କୁ ଅନୁଗମନ କରିବାକୁ ତୁମ୍ଭର ନିଷ୍ପତ୍ତିରେ ସବୁଠାରୁ ପ୍ରଭାବଶାଳୀ ବ୍ୟକ୍ତି କିଏ ?
୨. ସେହି ବ୍ୟକ୍ତିଙ୍କ ସହିତ ତୁମର ସଂପର୍କ କ'ଣ ଥିଲା ?
୩. ସେହି ବ୍ୟକ୍ତି କ'ଣ କଲା ଯାହା ତୁମକୁ ପ୍ରଭାବିତ କଲା ?
୪. ସେହି ବ୍ୟକ୍ତି କିପରି ତୁମ ଜୀବନରେ ତୁମକୁ ଅନୁଭବ କରାଇଲେ, ତାହା ବର୍ଣ୍ଣନା କର ।
୫. ତୁମକୁ ପ୍ରଭାବିତ କରିବାକୁ ସେହି ବ୍ୟକ୍ତି କ'ଣ କହିଲା ?

**ଶିକ୍ଷା:**

ଶାସ୍ତ୍ରରେ ଦର୍ଶାଯାଇଅଛି ଯେ, ଯୀଶୁ ମହାନ ଆଦେଶ ଦେବା ପୂର୍ବରୁ ଲୋକଙ୍କ ଯତ୍ନ ନେବା ପାଇଁ ଦୁଇଥର ସୁସମାଚାରର ରାଜଦୂତମାନଙ୍କୁ ପ୍ରେରଣ କରିଥିଲେ । ସେ ପ୍ରଥମଥର ପାଇଁ ୧୨ ଜଣ ପ୍ରେରିତଙ୍କ ମଧ୍ୟରୁ ପ୍ରାୟ ଛଅ ମାସ[21] ଯାଏ କେବଳ ଇସ୍ରାଏଲର ହଜିଯାଇଥିବା ମେଷମାନଙ୍କ ନିକଟକୁ ପଠାଇଥିଲେ । ଅନେକ ମାସ ପରେ ସେ ଅନ୍ୟ ୭୦ଜଣ ଶିଷ୍ୟଙ୍କୁ ପ୍ରାୟ

ଦୁଇମାସ[22] ଯାଏ ପଠାଇଥିଲେ, ଯେଉଁଠାକୁ ସେ ଯିବାର ଥିଲା । ସେ ଉଭୟ ଦଳକୁ ଦେଇଥିବା ନିର୍ଦ୍ଦେଶଗୁଡିକ ସମାନ ଓ ଅତି ସ୍ୱତନ୍ତ୍ରତା ଥିଲା ।

ଉଭୟ ଉଦ୍ୟମରେ ପ୍ରାର୍ଥନା ଆଗକୁ ବଢିଲା । ସମସ୍ତେ ଈଶ୍ୱରଙ୍କୁ ନିବେଦନ କଲେ ଯେ, ଅମଳ କ୍ଷେତ୍ରକୁ ଶ୍ରମିକ ପଠାଇବା ନିମନ୍ତେ । ତାପରେ ଯେଉଁମାନେ ଯିବାକୁ ପ୍ରସ୍ତୁତ ସେମାନଙ୍କୁ କାର୍ଯ୍ୟଭାର ଦେଲେ । ସେମାନଙ୍କୁ ଦୁଇ ଦୁଇ କରି ପ୍ରେରଣ କଲେ ଯଦ୍ୱାରା ଈଶ୍ୱରଙ୍କ ପ୍ରତ୍ୟେକ ବାକ୍ୟ ଦୁଇ କିମ୍ବା ଅଧିକ ସାକ୍ଷୀ ମୁଖରେ ନିଶ୍ଚିତ ହେବ । ସେ ସେମାନଙ୍କୁ ପ୍ରଚାର କରିବାକୁ କହିଲେ ଯେ, ମନ ପରିବର୍ତ୍ତନ କର[23], କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।[24]

ଆଉ ଲୋକମାନଙ୍କୁ ସୁସ୍ଥ କରିବାକୁ ସେ ସେମାନଙ୍କୁ କହିଲେ, ଯେପରି ସେମାନଙ୍କର ସାକ୍ଷ୍ୟ କେବଳ ଶବ୍ଦରେ ନୁହେଁ ବରଂ ଉର୍ଦ୍ଧ୍ୱରୁ ଈଶ୍ୱରଙ୍କ ଶକ୍ତିରେ ହେବ । ଯୀଶୁ ଏହି ସୁସମାଚାରର ରାଜଦୂତମାନଙ୍କୁ ଭୂତମାନଙ୍କୁ ଛଡାଇବା ଏବଂ ସମସ୍ତ ପ୍ରକାରର ରୋଗ ଓ ବେମାରରୁ ସୁସ୍ତ କରିବା ନିମନ୍ତେ ଶକ୍ତି ପ୍ରଦାନ କଲେ । ସେ 'ବାର ଜଣଙ୍କୁ' କେବଳ ଯିହୁଦୀମାନଙ୍କ ନିକଟକୁ ଏବଂ 'ସତୁରିଜଣଙ୍କୁ' ସେ ନଗରଗୁଡିକୁ ପ୍ରେରଣ କଲେ, ଯେଉଁଠାକୁ ସେ ଯିବାର ଥିଲା ।[25] ଯେତେବେଳେ ସେ ନିଜ ଶିଷ୍ୟମାନଙ୍କୁ "ମହାନ ଆଦେଶ" ଦେଲେ, ସେଥିରେ ଯିରୁଶାଲମ, ଯିହୁଦା, ଶମିରୋଣ ଏବଂ ପୃଥିବୀର ପ୍ରାନ୍ତ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ କଲେ ।

ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ଯାତ୍ରା ବିଷୟରେ ଯୀଶୁ ଦେଇଥିବା ନିର୍ଦ୍ଦେଶଗୁଡିକ ଏକ ଜରୁରୀ ମନୋଭାବରେ ଆହୂତ ହୋଇଥବା ପରି ମନେ ହୁଏ । ତାଙ୍କରି ଶିଷ୍ୟମାନେ ଯାତ୍ରା ପାଇଁ କୌଣସି ଆନୁଷ୍ଠାନିକ ପ୍ରସ୍ତୁତି କରିବାକୁ ନ ଥିଲା । ସେମାନେ ସେମାନଙ୍କ ଯାତ୍ରା ପାଇଁ ଟଙ୍କା, ଲୁଗାପଟା, ଜିନିଷ କିମ୍ବା ଖାଦ୍ୟ ଭଳି କିଛି ନେବାକୁ ନ ଥିଲା ଏବଂ ସେମାନେ ରାସ୍ତାରେ କାହା ସହିତ ଦୁଃଖସୁଖ କଥାବାର୍ତ୍ତା କିମ୍ବା ବାର୍ତ୍ତାଳାପ କରିବା ଉଚିତ ନ ଥିଲା । ଏହି ନିର୍ଦ୍ଦେଶ ୧ମ ରାଜାବଳୀ ୧୩ ଅଧ୍ୟାୟରେ ଥିବା କାହାଣୀ ସୁସମାଚାରର ରାଜଦୂତମାନଙ୍କୁ ମନେ ପକାଇବ; ସେ ଜଣେ ଭାବବାଦୀଙ୍କୁ ରାସ୍ତାରେ ଖାଇବ ପିଇବା ବନ୍ଦ ନ କରିବା ବିଷୟରେ ଏକ ନିର୍ଦ୍ଦିଷ୍ଟ ସୂଚନା ଦେଇ ପଠାଇଥିଲେ । ସେ ଆଜ୍ଞା ପାଳନ ନ କରି ସେହିକ୍ଷଣି ମୃତ୍ୟୁବରଣ କରିଥିଲେ ।

---

[21] ସମ୍ଭବତଃ ୨୯ ଖ୍ରୀଷ୍ଟାବ୍ଦ ଅକ୍ଟୋବରରୁ ୩୦ ଖ୍ରୀଷ୍ଟାବ୍ଦ ଅପ୍ରେମ ପର୍ଯ୍ୟନ୍ତ ।

[22] ସମ୍ଭବତଃ ୩୦ ଖ୍ରୀଷ୍ଟାବ୍ଦ ଅକ୍ଟୋବର ଓ ନଭେମ୍ବର ।

[23] ଅନୁତାପ । ମନ ପରିବର୍ତ୍ତନ କର । (ଗ୍ରୀକ୍ ଶବ୍ଦ ମେଟାନୋଇଟେ) – ତୁମ୍ଭ ମନକୁ ବଦଳାଅ - ଏକ ପରିବର୍ତ୍ତନ ହୃଦୟ ଧାରଣ କରିବା (ନିଜ ମାର୍ଗକୁ ବନ୍ଦ କରି ଈଶ୍ୱରଙ୍କ ମାର୍ଗରେ ଆଗକୁ ବଢିବା ।

[24] ଈଶ୍ୱରଙ୍କ ରାଜ୍ୟ ସନ୍ନିକଟକୁ ଦୁଇ ପ୍ରକାରେ ବ୍ୟବହାର କରାଯାଇଅଛି । ପ୍ରଥମ, ଏହା ଘୋଷଣା କରେ ଯେ, ଈଶ୍ୱର ଏଠାରେ ବର୍ତ୍ତମାନ ରାଜତ୍ୱ କରୁଛନ୍ତି । ଦ୍ୱିତୀୟରେ ଏହା କହେ ଯେ, ରାଜ୍ୟ ନିକଟରେ, କାରଣ ଏହାର ଶକ୍ତି ଏବଂ ଅଧିକାରକୁ ବକ୍ତବ୍ୟ କରୁଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛି ।

[25] ଦ୍ୱିତୀୟ ଆୟୋଗ ହେଉଛି ମହାନ ଆୟୋଗର ପୂର୍ବପୁରୁଷ । ଏହା ଶିଷ୍ୟ ମିଶନକୁ ସର୍ବତ୍ର ବିସ୍ତାର କରେ ଯେପରି ପ୍ରଭୁ ଆସିବେ । ସେହି ମୁହୁର୍ତ୍ତରେ ଏହା ଗାଲିଲୀ ଶମିରୋଣ ଏବଂ ଯିହୁଦାର ନଗରଗୁଡିକ ଅନ୍ତର୍ଭୁକ୍ତ କରିବ । ତଥାପି ଏହାର ଅର୍ଥ ନିଆଯାଇପାରେ ଯେକୌଣସି ନଗର ଯାହା ଯୀଶୁ ସେହି ସମୟରେ କିମ୍ବା ଭବିଷ୍ୟତରରେ ପରିଦର୍ଶନ କରିପାରନ୍ତି ।

ଏକ ନଗରରେ ଯୀଶୁ ପ୍ରବେଶ କରି ଯୀଶୁଙ୍କର ରାଜଦୂତମାନଙ୍କୁ ଏକ "ଶାନ୍ତିକାରକ ବ୍ୟକ୍ତିଙ୍କି"[୨୬] ପାଇବାକୁ ହେବ । ସେମାନେ ତାଙ୍କ ଘରେ ରହିବେ ଏବଂ ସେହି ନଗରରେ ରହିବା ସମୟ ମଧ୍ୟରେ ତାଙ୍କରି ଗୃହରେ ଖାଇବେ । ତାଙ୍କ ଗୃହରେ ପ୍ରବେଶ କରିବା ପରେ ସେମାନେ ଲୋକମାନଙ୍କୁ "ଶାଲୋମ ଆଖେଲମ୍" ବା "ତୁମ୍ଭର ଶାନ୍ତି ହେଉ" ବୋଲି କଲ୍ୟାଣ କରିବେ । ଶାଲୋମ ଶବ୍ଦ କେବଳ ଶାନ୍ତି ଆଧାରର ଧାରଣା ନୁହେଁ ବରଂ ସୁରକ୍ଷା, ସୁସ୍ଥତା, ସ୍ୱାସ୍ଥ୍ୟ, ତୃପ୍ତି, ସଫଳତା, ବିଶ୍ରାମ, ଅଖଣ୍ଡତା ଓ

ସମ୍ପୂର୍ଣ୍ଣତାକୁ ମଧ୍ୟ ଦର୍ଶାଏ । ଯେତେବେଳେ ଏହି କଲ୍ୟାଣ କରାଯାଏ ସେତେବେଳେ ଈଶ୍ୱର ସେହି ଘରର ଲୋକଙ୍କୁ ଶାନ୍ତି ଏବଂ ଅନୁଗ୍ରହ ବଢାଇ ଦିଅନ୍ତି । ଯଦି ଯୀଶୁଙ୍କ ରାଜଦୂତମାନେ ସେହି ଗୃହ ଦ୍ୱାରା ପ୍ରତ୍ୟାଖ୍ୟାନ ହୁଅନ୍ତି, ତେବେ ଈଶ୍ୱର ତାଙ୍କର ଶାନ୍ତି ଓ ଅନୁଗ୍ରହ ମଧ୍ୟ ପ୍ରତ୍ୟାହାର କରି ନିଅନ୍ତି ।

ତାହାଙ୍କ ରାଜଦୂତମାନଙ୍କୁ ବିଶ୍ୱସନୀୟତା ହେବା ପାଇଁ ଯୀଶୁ ସେମାନଙ୍କୁ ସମସ୍ତ ପ୍ରକାର ରୋଗ ଏବଂ ବେମାରି ଭଲ କରିବାକୁ ଶକ୍ତି ପ୍ରଦାନ କଲେ । ସେମାନେ କୁଷ୍ଠରୋଗୀମାନଙ୍କୁ ଶୁଚି ଓ ଭୂତମାନଙ୍କୁ ଛଡାଇବାକୁ ସାମର୍ଥ୍ୟ ଦେଲେ । କେହି ସୁସ୍ଥ ହେବା ପରେ ସେମାନେ ସେମାନଙ୍କୁ ଘୋଷଣା କରିବାକୁ ଲାଗିଲେ, ଈଶ୍ୱରଙ୍କ ରାଜ୍ୟ ସନ୍ନିକଟ ! ସୁସ୍ଥ କରିବାର ଶକ୍ତି ସହିତ ଏକ ଅତିରିକ୍ତ ଦାୟିତ୍ୱ ଦେଲେ । ରାଜଦୂତମାନେ ଆରୋଗ୍ୟ କରିବା ପାଇଁ କୌଣସି ଟଙ୍କା ବା ଉପହାର ନେବାକୁ ଅନୁମତି ଦିଆଯାଇନଥିଲା, କାରଣ ସେମାନେ ବିନା ମୂଲ୍ୟରେ ଈଶ୍ୱରଙ୍କଠାରୁ ପାଇଥିଲେ, ଏଣୁ ବିନା ମୂଲ୍ୟରେ ଦେବା ଉଚିତ । ଏହା ୨ୟ ରାଜାବଳି ୫ ଅଧ୍ୟାୟରେ, କୁଷ୍ଠ ରୋଗୀ ନାମାନ୍‌ର କାହାଣୀ ରାଜଦୂତମାନଙ୍କୁ ସ୍ମରଣ କରାଇବ । ଭବିଷ୍ୟଦ ବକ୍ତା ଏଲିଶାୟ କୁଷ୍ଠ ରୋଗୀ ନାମାନକୁ କୁଷ୍ଠ ରୋଗରୁ ବିନା ମୂଲ୍ୟରେ ସୁସ୍ଥ କଲେ, କିନ୍ତୁ ଏଲୀଶାୟଙ୍କ ଦାସ ଗିହେଜୀ ଆରୋଗ୍ୟ ନିମନ୍ତେ କିଛି ଉପହାର ପାଇବା ପାଇ ନାମାନ ପଛରେ ଦୌଡିଲେ ଓ ନାମାନଠାରୁ ଉପହାର ଗ୍ରହଣ କଲେ; ଫଳସ୍ୱରୂପ ଏଲୀଶାୟ ନାମାନ୍‌ର କୁଷ୍ଠ ରୋଗ ଗିହେଜୀଙ୍କ ଉପରେ ଦେଲେ ।

ଯଦି କୌଣସି ଗୃହ କିମ୍ୱା ନଗର ସେମାନଙ୍କ କଥା ଗ୍ରହଣ କରିବାକୁ କିମ୍ୱା ଧ୍ୟାନ ଦେବାକୁ ମନା କରିଦିଏ, ତେବେ ଯୀଶୁଙ୍କ ରାଜଦୂତମାନେ ନଗରରୁ ବାହାରି ଯିବା ସମୟରେ ସେମାନଙ୍କ ପାଦରୁ ଧୂଳି ଝାଡି ଦେବେ । ସେମାନେ ଏହା କରିବା ବେଳେ ସେମାନେ କହିବେ, ତୁମ୍ଭମାନଙ୍କ ନଗରର ଯେଉଁ ଧୂଳି ଆମ୍ଭମାନଙ୍କ ପାଦରେ ଲାଗିଅଛି, ତାହା ସୁଧା ତୁମ୍ଭମାନଙ୍କ ପାଇଁ ଝାଡି ଦେଉଅଛୁ; ତଥାପି ଈଶ୍ୱରଙ୍କ ରାଜ୍ୟ ଯେ ସନ୍ନିକଟ, ଏହା ଜାଣିଥାଅ । ଐତିହାସିକ ସୂତ୍ରରୁ, ଯିହୁଦୀ ଲୋକମାନେ ଏକ ବିଜାତି/ଅଣଯିହୁଦୀ ନଗରର ଧୂଳି ଝାଡି ନିଜ ଦେଶ ଇସ୍ରାଏଲରେ ପ୍ରବେଶ କରିଥାନ୍ତି । ଯୀଶୁ ଚାହାନ୍ତି ଯେ, ତାଙ୍କର ରାଜଦୂତମାେ ଏହି ଧାରଣାକୁ ଆପଣାନ୍ତୁ ଯେଉଁମାନେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଯେହେତୁ ସେମାନେ ଯିହୁଦୀ ଅଟନ୍ତି । ଯେଉଁମାନେ ଈଶ୍ୱରଙ୍କ ବାକ୍ୟ ଗ୍ରହଣ କରିବେ ନାହିଁ, ସେମାନେ ସେମାନଙ୍କ ପାଇଁ ବିଜାତି ଲୋକ ସଦୃଶ ହେବେ । ଏହି ଧାରଣା ପ୍ରେରିତ.୧୩:୫୧ ରେ ବର୍ଣ୍ଣନା କରାଯାଇଛି । ଏହି ଧାରଣା ରକ୍ତପାତ ଦୋଷର ଅପରାଧ ସଦୃଶ ସମାନ । ଯେତେବେଳେ ଲୋକମାନେ ଈଶ୍ୱରଙ୍କ ବାକ୍ୟକୁ ପ୍ରତ୍ୟାଖ୍ୟାନ କରନ୍ତି, ସେତେବେଳେ ଯେଉଁମାନେ ଏହାକୁ ପ୍ରଚାର କରନ୍ତି ସେମାନେ ନିର୍ଦ୍ଦୋଷ ଅଟନ୍ତି ମାତ୍ର ଈଶ୍ୱରଙ୍କ ବାକ୍ୟକୁ ଅଗ୍ରାହ୍ୟ କରିଥିବା ଲୋକମାନଙ୍କ ବିରୁଦ୍ଧରେ ଈଶ୍ୱର ବିଚାର କରନ୍ତି । ଏହି ବିଷୟରେ ଅତି ସ୍ପଷ୍ଟ ଭାବରେ ପ୍ରେରିତ.୧୮:୬ ରେ ଦର୍ଶାଯାଇଛି ।

---

[୨୬] ଶାନ୍ତି କାରକ ବ୍ୟକ୍ତି ଏକ ଶବ୍ଦ ଜଣେ ବ୍ୟକ୍ତିଙ୍କୁ ଦର୍ଶାଏ ଯିଏ ନମ୍ର, ଆତିଥ୍ୟକାରୀ, ଏବଂ ଈଶ୍ୱରଙ୍କୁ ବହୁତ ସମ୍ମାନ କରେ (ଈଶ୍ୱର ଭୟକରୀ) । ସେ ଏଥିର ଯୋଗ୍ୟ ହେବା ପାଇଁ ତାଙ୍କୁ ଯିହୁଦୀ କିମ୍ୱା ଖ୍ରୀଷ୍ଟିୟାନ ହେବା ଆବଶ୍ୟକ ନାହିଁ ।

**ଶିକ୍ଷାର ମୂଳ ବିଷୟ:**

ଯୀଶୁଙ୍କ ଅନୁସାରେ, ଏହିପରି ଭାବରେ ତୁମେ ସୁସମାଚାର ପ୍ରଚାର କାର୍ଯ୍ୟ କରିବା ଉଚିତ୍ ।

**ପ୍ରୟୋଗ:**

- ପ୍ରତିଦିନ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କଠାରେ ପ୍ରାର୍ଥନା କର, ଯେପରି ସେ ଶସ୍ୟ ଅମଳ କରିବା ପାଇଁ କାର୍ଯ୍ୟକାରୀମାନଙ୍କୁ ପଠାଇବେ ।
- ଆସନ୍ତା ସପ୍ତାହରେ ଅନ୍ତତଃ ଜଣେ ବ୍ୟକ୍ତିଙ୍କୁ ସୁସମାଚାର ପ୍ରଚାର କର ଯେପରି ଯୀଶୁ ଏହା କରିବାକୁ କହିଥିଲେ ।

## ପାଠ – ୨୩
## ସର୍ପ ଓ କପୋତ

**ଆଇସବ୍ରେକର ଦଳ:**

କାହିଁକି ଖ୍ରୀଷ୍ଟିୟାନମାନେ କାହିଁକି ସୁସମାଚାର ପ୍ରଚାର କରିବା ପାଇଁ ନିଜକୁ ଅନୁପଯୁକ୍ତ ଓ ଭୟଭୀତ ମନେ କରନ୍ତି ?

**ଉପକ୍ରମ:**

ଈଶ୍ୱରଙ୍କ ରାଜ୍ୟର ବା୍ା କିପରି ପ୍ରଚାର କରାଯିବ, ସେବିଷୟରେ ନିଜ ଶିଷ୍ୟମାନଙ୍କୟ ଯୀଶୁ ନିର୍ଦ୍ଦେଶ ଦେବା ପରେ ସେ ସେମାନଙ୍କୁ ଏକ ଶତ୍ରୁ ବା ବିରୋଧ ପରିବେଶରେ ପ୍ରବେଶ କରାଇବା ପାଇଁ ପ୍ରସ୍ତୁତ କଲେ । ସେ ସେହି ଲୋକମାନଙ୍କ ମଧ୍ୟକୁ ପଠାଇଲେ ଯେଉଁମାନେ ତାହାଙ୍କ ବାର୍ତ୍ତାକୁ ବିରୋଧ କରିବେ, ଏପରିକି ସେମାନେ ସେମାନଙ୍କୁ ହତ୍ୟା ହେବାର ସ୍ଥାନକୁ ପ୍ରେରଣ କଲେ ।

**ଶାସ୍ତ୍ରପାଠ:**

**<u>ମାଥିଉ.୧୦:୧୬-୨୩, ଲୂକ.୧୦:୩</u>**

### ସର୍ପ ଓ କପୋତ
### ୧୨ଜଣଙ୍କୁ ସୁସମାଚାର ପ୍ରଚାର ନିମନ୍ତେ ପ୍ରେରଣ
### ମାଥିଉ.୧୦:୧୬-୨୩

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି, ଅତଏବ ସର୍ପ ପରି ବୁଦ୍ଧିମାନ ଓ କପୋତ ପରି ଅହିଂସକ ହୁଅ। ମାତ୍ର ମନୁଷ୍ୟମାନଙ୍କଠାରୁ ସାବଧାନ ହୋଇଥାଅ, କାରଣ ସେମାନେ ତୁମ୍ଭମାନଙ୍କୁ ବିଚାର ସଭାମାନଙ୍କରେ ସମର୍ପଣ କରିବେ ଓ ସେମାନଙ୍କ ସମାଜଗୃହସମୂହରେ କୋରଡ଼ା ମାରିବେ, ପୁଣି ତୁମ୍ଭେମାନେ ମୋ' ସକାଶେ ଶାସନକର୍ତ୍ତା ଓ ରାଜାମାନଙ୍କ ଛାମୁକୁ ଅଣାଯିବ; ତାହା ସେମାନଙ୍କ ଓ ବିଜାତିମାନଙ୍କ ପ୍ରତି ସାକ୍ଷ୍ୟ ସ୍ୱରୂପ ହେବ। କିନ୍ତୁ ଯେତେବେଳେ ସେମାନେ ତୁମ୍ଭମାନଙ୍କୁ ସମର୍ପଣ କରିବେ, ସେତେବେଳେ ତୁମ୍ଭେମାନେ କିପରି ବା କି କଥା କହିବ, ସେ ବିଷୟରେ ଚିନ୍ତିତ ହୁଅ ନାହିଁ, କାରଣ କଅଣ କହିବ, ତାହା ସେହି ଦଣ୍ଡରେ ତୁମ୍ଭମାନଙ୍କୁ ଦିଆଯିବ। ଯେଣୁ ତୁମ୍ଭେମାନେ ବକ୍ତା ନୁହଁ, କିନ୍ତୁ ତୁମ୍ଭମାନଙ୍କ ପିତାଙ୍କ ଆତ୍ମା, ଯେ କି ତୁମ୍ଭମାନଙ୍କ ଅନ୍ତରରେ କଥା କହନ୍ତି, ସେ ବକ୍ତା ଅଟନ୍ତି। ଭ୍ରାତା ଭ୍ରାତାକୁ ଓ ପିତା ପୁତ୍ରକୁ ମୃତ୍ୟୁ ଭୋଗ କରିବା ନିମନ୍ତେ ସମର୍ପଣ କରିବେ, ପୁଣି ସନ୍ତାନମାନେ ପିତାମାତାଙ୍କ ବିରୁଦ୍ଧରେ ଉଠି ସେମାନଙ୍କୁ ବଧ କରିବେ। ଆଉ, ମୋହର ନାମ ସକାଶେ ତୁମ୍ଭେମାନେ ସମସ୍ତଙ୍କ ଦ୍ୱାରା ଘୃଣିତ ହେବ, ମାତ୍ର ଯେ ଶେଷ ପର୍ଯ୍ୟନ୍ତ ଧୈର୍ଯ୍ୟ ଧରି ରହିବ, ସେ ପରିତ୍ରାଣ ପାଇବ। କିନ୍ତୁ ସେମାନେ ଯେତେବେଳେ ତୁମ୍ଭମାନଙ୍କୁ ଏକ ନଗରରେ ତାଡ଼ନା କରିବେ, ସେତେବେଳେ ଅନ୍ୟ ନଗରକୁ ପଳାଇଯାଅ, କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଇସ୍ରାଏଲ ନଗରଗୁଡ଼ିକରେ ତୁମ୍ଭମାନଙ୍କ ଭ୍ରମଣ ଶେଷ ନ ହେବା ପୂର୍ବରୁ ମନୁଷ୍ୟପୁତ୍ର ଆଗମନ କରିବେ।

## ସତୁରି ଜଣଙ୍କୁ ପ୍ରେରଣ

## ଲୁକ.୧୦:୩

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ତୁମ୍ଭେମାନେ ଯାଅ[୨୭]; ଦେଖ, ବାଘମାନଙ୍କ ମଧରେ ମେଣ୍ଢାଛୁଆମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି।

**ଆଦେଶ:**

- ଦେଖ, ମୁଁ ତୁମ୍ଭମାନଙ୍କୁ ବାଘମାନଙ୍କ ମଧ୍ୟରେ ମେଣ୍ଢାଛୁଆମାନଙ୍କ ପରି ପଠାଉଛି । ତେଣୁ ସର୍ପ ପରି ବୁଦ୍ଧିମାନ ଓ କପୋତ ପରି ଅହିଂସ୍ରକ ହୁଅ ।
- ମନୁଷ୍ୟମାନଙ୍କ ପ୍ରତି ସାବଧାନ ହୁଅ ।
- କିନ୍ତୁ ଯେତେବେଳେ ସେମାନେ ତୁମ୍ଭମାନଙ୍କୁ ସମର୍ପଣ କରିବେ, ତୁମ୍ଭେମାନେ କିପରି ବା କି କଥା କହିବ ସେଥିପାଇଁ ଚିନ୍ତା କର ନାହିଁ; ତାହା ସେହି ସମୟରେ ତୁମ୍ଭମାନଙ୍କୁ ଦିଆଯିବ ।
- କିନ୍ତୁ ଯେତେବେଳେ ସେମାନେ ଏହି ନଗରରେ ତୁମ୍ଭମାନଙ୍କୁ ତାଡନା କରନ୍ତି, ଅନ୍ୟ ନଗରକୁ ପଳାଇଯାଅ ।

**ଶିକ୍ଷା:**

ଯୀଶୁ ଶିଷ୍ୟମାନଙ୍କୁ କହିଥିଲେ ଯେ, ସେ ସେମାନଙ୍କୁ ବାଘମାନଙ୍କ ମଧ୍ୟରେ ମେଣ୍ଢା ଭାବରେ ପଠାଉଛନ୍ତି । ପୂର୍ବ ପାଠରେ ସେମାନଙ୍କୁ କିଣାନୀୟ ପରିବାର ବିଷୟରେ କହିଥିଲେ । ସେ କହିଲେ, "ଯାହା ପବିତ୍ର ତାହା କୁକୁରମାନଙ୍କୁ ଦିଅ ନାହିଁ ।"[୨୮] ଏହି ସୂଚନାର ଅର୍ଥ ହେଲା ଯେକୌଣସି ଈଶ୍ୱରଙ୍କ (ପବିତ୍ର) ବିଷୟ ସେମାନଙ୍କୁ ଦିଅ ନାହିଁ କାରଣ ସେମାନେ ଈଶ୍ୱରଙ୍କୁ ଅଗ୍ରାହ୍ୟ କରିଛନ୍ତି । ଅନ୍ୟ ଅର୍ଥରେ ସେମାନେ ଏହି ଲୋକମାନଙ୍କୁ ରାଜ୍ୟର ବାର୍ତ୍ତା ପ୍ରଚାର କରିବା ଉଚିତ ନୁହେଁ । ଶିଷ୍ୟମାନେ ସର୍ପ ପରି ବୁଦ୍ଧିମାନ ହେବା ଉଚିତ, ଚୁପଚାପ ରହିବା ଉଦ୍ଦେଶ୍ୟମୂଳକ ଭାବେ ଦୃଷ୍ଟିରୁ ଦୁରେଇ ରହିବା ସହିତ ସେମାନଙ୍କ ସହ ଯୋଯୋଗରୁ ଦୁରେଇ ରହିବା । ସେମାନେ ମଧ୍ୟ କପୋତ ପରି ଶାନ୍ତ ପୂର୍ଣ୍ଣ ପ୍ରକୃତି ଧାରଣ କରିବା ଦରକାର । ଶିଷ୍ୟମାନେ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ଆବଶ୍ୟକ । ସେମାନଙ୍କ ସହ ଯୁକ୍ତିତର୍କ ନ କରିବା କିମ୍ବା ଖ୍ରୀଷ୍ଟିୟାନମାନଙ୍କୁ ତାଡନା ଦେବାର କାରଣ ସେମାନଙ୍କୁ ନ ଦେବା ।

ଯୀଶୁ ଶିଷ୍ୟମାନଙ୍କୁ ଏହି ଲୋକମାନଙ୍କ ପ୍ରତି ସାବଦାନ ରହିବାକୁ କହିଥିଲେ, ଯାହା ଦ୍ୱାରା ସେମାନେ କେଉଁ ପ୍ରକାରର ଲୋକମାନଙ୍କୁ ଚିହ୍ନିବା ଗୁରୁତ୍ୱପୂର୍ଣ୍ଣ ହୋଇଯାଏ । ବାଘ ପରି ସେମାନଙ୍କର ଅନେକ ଏକା ପ୍ରକାରର ଗୁଣ ରହିଛି । ସେମାନେ ସମାଜରେ ଏକତ୍ର ବାନ୍ଧିବାକି ପ୍ରବୃତ୍ତି କରନ୍ତି । ସେମାନେ ଲଜ୍ଜାଜନକ ଅଟନ୍ତି, ସେମାନଙ୍କର ଏକ ଶକ୍ତିଶାଳୀ ନେତା ଅଛନ୍ତି, ଗୋଷ୍ଠୀ ଭାବରେ ଦୁର୍ବଳଙ୍କୁ ବ୍ୟକ୍ତି ବିଶେଷଙ୍କୁ ଆକ୍ରମଣ କରନ୍ତି । ସାଧାରଣତଃ ସେମାନେ କିଛି ବିଷୟରେ ଚିତ୍କାର କରନ୍ତି । ଯୀଶୁ ସେମାନଙ୍କୁ କହିଥିଲେ, ତୁମ୍ଭେମାନେ ସେମାନଙ୍କ ଫଳ ଦ୍ୱାରା ସେମାନଙ୍କୁ ଚିହ୍ନିପାରିବ । ୧. ପ୍ରେମରେ ଚାଲିବା ପରିବର୍ତ୍ତେ ଶରୀରର ଅଭିଳାଷରେ ବଞ୍ଚନ୍ତି, ୨. ଈଶ୍ୱରଙ୍କ ସନ୍ତାନମାନଙ୍କୁ ପତିତ କରିବାକୁ ଅନ୍ୟମାନଙ୍କୁ ଶିକ୍ଷା ଦିଅନ୍ତି, ୩. ଈଶ୍ୱରଙ୍କ ଓ ତାହାଙ୍କ ମାର୍ଗ ବିରୋଧରେ ଅଭିଯୋଗ ଓ ବଚସା କରନ୍ତି ।

---

[୨୭] ତୁମ୍ଭେମାନେ ଯାଅ । ମୁଁ ତୁମ୍ଭମାନଙ୍କୁ ନ୍ୟସ୍ତ କରିଥିବା ନଗରକୁ ଯାଅ ।

[୨୮] ମାଥିଉ.୭:୬ - ପବିତ୍ର ପଦାର୍ଥ କୁକୁରମାନଙ୍କୁ ଦିଅ ନାହିଁ ।

ଏସମସ୍ତ ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ଯୀଶୁ କହିଥିଲେ ଯେ, ଶିଷ୍ୟମାନେ ସମସ୍ତ ମୁକାବିଲାକୁ ଏଡାଇ ଦେଇ ପାରିବେ ନାହିଁ । କେତେକଙ୍କୁ ନ୍ୟାୟାଳୟରେ ବିଚାର କରାଯିବ ଏବଂ ସେମାନଙ୍କୁ ସୁସମାଚାର ସକାଶେ ତାଡନା ଦିଆଯିବ । ଯୀଶୁ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ, ପରୀକ୍ଷା ସମୟରେ ନିଜକୁ କିପରି ରକ୍ଷା କରିବେ ସେ ବିଷୟରେ ଚିନ୍ତା କରିବାର ଆବଶ୍ୟକ ନାହିଁ । ଯେହେତୁ ପବିତ୍ରଆତ୍ମା ସେମାନଙ୍କୁ କଣ କହିବେ ତାହା ଜ୍ଞାତ ହେବେ । ଥରେ ଗୋଟିଏ ନଗର ତାଡନା ପାଇଲେ ଅନ୍ୟ ନଗରକୁ ପଳାଇଯିବେ ।

ଏହି ନୀତି ଆଜି ଖ୍ରୀଷ୍ଟିୟାନମାନଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଖ୍ରୀଷ୍ଟଙ୍କ ସାକ୍ଷ ଥରେ ଜଣେ ବ୍ୟକ୍ତିଙ୍କୁ ଦିଆଯିବା ପରେ ଏବଂ ସାକ୍ଷୀ ସାକ୍ଷ୍ୟ ନିମନ୍ତେ ତାଡନା ପାଇଲେ, ସେ ସେହି ବ୍ୟକ୍ତିଙ୍କୁ ଅନ୍ୟ ସାକ୍ଷ୍ୟ ଆଣନ୍ତି ନାହିଁ କିନ୍ତୁ ପ୍ରକୃତରେ ଯଥାସମ୍ଭବ ତାଙ୍କଠାରୁ ଦୁରେଇ ଯିବା ଆବଶ୍ୟକ । ଯଦି ସେ ନିଜ ପାପରେ ମରିଯାଏ ତେବେ ଈଶ୍ୱର ସେହି ସାକ୍ଷୀଙ୍କୁ ଦୋଷୀ ସାବ୍ୟସ୍ତ କରିବେ ନାହିଁ ।

ଈଶ୍ୱରଙ୍କ ରାଜ୍ୟ ପ୍ରଚାର କରିବା ପାଇଁ ଯୀଶୁ ଉପଦେଶ ଦେବା ସମୟରେ ଏକ ଆକର୍ଷଣୀୟ କଥା କହିଅଛନ୍ତି, "*କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଇସ୍ରାଏଲ ନଗରଗୁଡିକରେ ତୁମ୍ଭମାନଙ୍କ ଭ୍ରମଣ ଶେଷ ନ ହେବା ପୂର୍ବରୁ ମନୁଷ୍ୟପୁତ୍ର ଆଗମନ କରିବେ ।*" ସେ ତାହାଙ୍କ ଦ୍ୱିତୀୟ ଆଗମନ ଓ ସମଗ୍ର ଇସ୍ରାଏଲ ମଧ୍ୟରେ ସୁସମାଚାର ପ୍ରଚାର କରିବା ସହିତ ସାମଞ୍ଜସ୍ୟ କରିଛନ୍ତି । ଅନେକ ବର୍ଷ ଧରି ପ୍ରଚାର କାର୍ଯ୍ୟ କରିବା କଷ୍ଟସାଧ୍ୟ ଥିଲା ଯେହେତୁ ଯିହୁଦୀ ଲୋକମାନେ ବିଭିନ୍ନ ଦେଶରେ ଛିନ୍ନଭିନ୍ନ[୨୯] ହୋଇଥିଲେ ଏବଂ ଆପଣା ଦେଶର ଅଧିକାରରେ ନ ଥିଲେ । ୧୯୪୮ରେ ଇସ୍ରାଏଲ ପୁଣିଥରେ ଏକ ରାଷ୍ଟ୍ର ହେଲା ଏବଂ ଅଣଯିହୁଦୀମାନଙ୍କ ସମୟ ପୂର୍ଣ୍ଣ ହେଲା ।[୩୦] ଇସ୍ରାଏଲରେ ସୁସମାଚାର ପ୍ରଚାର କରିବା ଏପର୍ଯ୍ୟନ୍ତ କଷ୍ଟସାଧ୍ୟ, କାରଣ ଏହା ବ୍ୟବସ୍ଥା ବିରୋଧ ଅଟେ । କିନ୍ତୁ ଖ୍ରୀଷ୍ଟିୟାନମାନଙ୍କ ପାଇଁ ନିଜ ଦେଶରେ ଯିହୁଦୀ ଲୋକଙ୍କୁ ପ୍ରଚାର ଜାରି ରଖିବା ପ୍ରାଥମିକତା ଅଟେ ।

ଦଳୀୟ ଆଲୋଚନା**:**

୧. ଜଣେ ବ୍ୟକ୍ତିଙ୍କ ନିକଟରେ କୌଣସି ଈଶ୍ୱରଙ୍କ ବାକ୍ୟ ବୁଣାଯିବା ଓ ଯାହା ବୁଣିଲ ତାହା ଅମଳ କରିବା କରିବା ମଧ୍ୟରେ କେତେ ସମୟ ଲାଗିବ ବୋଲି ତୁମେ ଭାବୁଛ ? (ଯଥାଶୀଘ୍ର । ୨ୟ କରିନ୍ଥୀୟ.୬:୨ କହେ, କାରଣ ସେ କହନ୍ତି, "ଆମ୍ଭେ ଅନୁଗ୍ରହର ସମୟରେ ତୁମ୍ଭର ପ୍ରାର୍ଥନା ଶ୍ରବଣ କଲୁ, ଆଉ ପରିତ୍ରାଣର ଦିନରେ ଆମ୍ଭେ ତୁମ୍ଭର ସାହାଯ୍ୟ କଲୁ।" ଦେଖ, ଏବେ ମହା ଅନୁଗ୍ରହର ସମୟ; ଦେଖ, ଏବେ ପରିତ୍ରାଣର ଦିନ**। ଆମୋଷ.୯:୧୩ ମଧ୍ୟ କହେ,** ସଦାପ୍ରଭୁ କହନ୍ତି, ଦେଖ, ଯେଉଁ ସମୟରେ ହଳବାହକ ଶସ୍ୟ କଟାଳିର ପଛେ ଓ ଦ୍ରାକ୍ଷାପେଷକ ବୀଜବାପକର ପଛେ ଲାଗି ରହିବ, ଏପରି ସମୟ ଆସୁଅଛି ।

୨. ଉପଦେଶକ.୧୧:୪ ର ଅର୍ଥ ତୁମେ କ'ଣ ବୋଲି ଭାବୁଛ ? (ଏହି ପଦଟି ଆମକୁ କହିଥାଏ ଯେ, ଅନୁକୂଳ ଅବସ୍ଥା ଖୋଜୁଥିବା ଭୟଭୀତ ବ୍ୟକ୍ତି ବୁଣିପାରେ ନାହିଁ କିଅବା ଅମଳ କରିପାରେ ନାହିଁ । ସେମାନଙ୍କ ଯଥାର୍ଥତା ଏହିପରି ହିଁ ଚାଲିଥାଏ: ୧. ପବନ ହୋଇପାରେ ମୋ ମଞ୍ଜିଗୁଡିକୁ ଉଡାଇଦେବ, ତେଣୁ ହୋଇପାରେ ଏହା

---

[୨୯] ଛିନ୍ନଭିନ୍ନ ଶବ୍ଦର ଗ୍ରୀକ୍ ଶବ୍ଦ ଗଲଟ (ନିର୍ବାସିତ), ଇସ୍ରାଏଲ ଦେଶ ବାହାରେ ଅଣଯିହୁଦୀମାନଙ୍କ ମଧ୍ୟରେ ଯିହୁଦୀମାନଙ୍କ ଭିନ୍ନତା ।

[୩୦] ଅଣଯିହୁଦୀୟମାନଙ୍କ ସମୟ । ୭୦ ଖ୍ରୀଷ୍ଟାବ୍ଦରେ ରୋମୀୟମାନେ ଯିରୁଶାଲମ ଧ୍ୱଂସ କରିବା ପରେ ଯିହୁଦୀମାନଙ୍କୁ ବାରକୋଖବା ବିଦ୍ରୋହ (୧୩୧-୧୩୫ ଖ୍ରୀଷ୍ଟାବ୍ଦ) ପର୍ଯ୍ୟନ୍ତ ସେଠାରେ ରହିବାକୁ ଅନୁମତି ଦିଆଗଲା । ୧୩୪ ଖ୍ରୀଷ୍ଟାବ୍ଦ ସେମାନଙ୍କୁ ଯିରୁଶାଲମ ନଗର ଯାଇ ସେହି ସ୍ଥାନକୁ ଆଲି। କପିତୋଲିନା ନାମ ଦିଆଗଲା । ଜୁନ ୮, ୧୯୬୭ ପର୍ଯ୍ୟନ୍ତ ଏହା ବିଦେଶୀୟମାନଙ୍କ ଅଧୀନରେ ଥିଲା । ତତ୍ପରେ ୧୯୮୦ରେ ୬ ଦିନ ଯୁଦ୍ଧରେ ଯର୍ଦ୍ଦନ ଠାରୁ ସ୍ୱାଧୀନ ହୋଇ ଇସ୍ରାଏଲ ସାର୍ବଭୌମ ଅଧୀନରେ ଯିରୁଶାଲମ ଏକ ସଂଗଠିତ ନଗର ଭାବେ ଷୋଷିତ ହେଲା ।

ବାରବାଦ ହୋଇଯିବ । ୨. ମେଘ ସୂଚାଇଛି ଯେ, ବର୍ଷା ହୋଇପାରେ, ଅତଏବ ଫସଲ ବର୍ଷାରେ ଧୋଇ ହୋଇଯାଇପାରେ ।

୩. ଜଣେ ବ୍ୟକ୍ତି କିପରି ତାହାର ଭୟକୁ ଦୂର କରିପାରେ? ( ସେ ଭାବୁଥିବା ଭାବନାକୁ ବଦଳାଇବା ଦ୍ୱାରା । ଉଦାହରଣସ୍ୱରୂପ - ଉପରୋକ୍ତ ଭାବନାର ଦିଗ ବଦଳାଇ ତାଙ୍କ ଫସଲକୁ ଘୋଡାଇବା ବ୍ୟବସ୍ଥା କରିପାରନ୍ତି ।)

୪. ଈଶ୍ୱରଙ୍କ ବାକ୍ୟ ବୁଣିବା ପାଇଁ ସର୍ବୋତ୍ତମ ସମୟ କେବେ? (ତୁମ୍ଭେ ପ୍ରଭାତରେ ବୀଜ ବୁଣ ଓ ସନ୍ଧ୍ୟା ବେଳେ ଆପଣା ହସ୍ତ ବନ୍ଦ କର ନାହିଁ; କାରଣ ଏହା ଅବା ତାହା ସିଦ୍ଧ ହେବ, ଅବା ଉଭୟ ସମାନ ଉତ୍ତମ ହେବ, ଏହା ତୁମ୍ଭେ ଜାଣ ନାହିଁ) । (ଉପଦେଶକ.୧୧:୬)

୫. ଗୀତସଂହିତା.୧୨୬:୫-୬ର ଅର୍ଥ ତୁମେ କ'ଣ ବୁଝ? ଯେଉଁମାନେ କାନ୍ଦି କାନ୍ଦି ବିହନ ବୁଣନ୍ତି, ସେମାନେ ଆନନ୍ଦ କରୁ କରୁ ଶସ୍ୟ କାଟିବେ। ଯଦ୍ୟପି ସେ ବିହନ ବହି କାନ୍ଦି କାନ୍ଦି ଆପଣା ପଥରେ ଯାଏ, ତଥାପି ସେ ବିଡ଼ା ଘେନି ଆନନ୍ଦ କରୁ କରୁ ନେଉଟି ଆସିବ।

କ. ଲୁହ ବୁଣିବାର ସମୟକୁ ବୁଝାଏ ।

ଖ. ଭୂମି ଭାଙ୍ଗି ଜଳ ସେଚିତ ହୋଇଛି ।

ଗ. ଲୁହ ଅନ୍ୟର କିମ୍ବା ନିଜର ହୋଇପାରେ ।

ଘ. ଛଅ ପ୍ରକାର ଲୁହ ଅଛି ।

୧. ଆନନ୍ଦ (ଆଦି.୩୩:୪)

୨. ଦୁଃଖ (୨ୟ ରାଜାବଳି.୨୦:୫)

୩. ନିରାଶ (ଏଷ୍ଟର.୪:୧, ୩)

୪. ଅତି ଖଟଣି – ଶିଶୁ ଜନ୍ମ କଲାପରି ଯନ୍ତ୍ରଣା (ଯିଶାୟ.୪୨:୧୪)

୫. ଅନୁତାପ (ଯୋୟେଲ.୨:୧୨-୧୩)

୬. ଦୟା (ଯୋହନ.୧୧:୩୫)

୬. ତୁମର ବୀଜ ବୁଣିବାର ବୁଦ୍ଧିମାନ ଉପାୟ କଣ ଅଟେ? (ଶାନ୍ତିରେ ବୁଣ । ଯାକୁବ.୩:୧୭-୧୮ କହେ, କିନ୍ତୁ ଊର୍ଦ୍ଧ୍ୱରୁ ଆଗତ ଜ୍ଞାନ ପ୍ରଥମରେ ପବିତ୍ର, ଦ୍ୱିତୀୟରେ ଶାନ୍ତିପ୍ରିୟ, ମୃଦୁଶୀଳ, ବାଧ୍ୟ, ଦୟା ଓ ଉତ୍ତମ ଫଳରେ ପରିପୂର୍ଣ୍ଣ, ସନ୍ଦେହଶୂନ୍ୟ ଓ ନିଷ୍କପଟ। ପୁଣି, ଶାନ୍ତିକାରକ ଲୋକମାନଙ୍କ ଦ୍ୱାରା ଧର୍ମରୂପ ଫଳର ବୀଜ ଶାନ୍ତିରେ ବୁଣାଯାଏ। )

୭. ତୁମେ କେତେ ବୁଣିବା ଉଚିତ? (ଏହା ନିର୍ଭର କରେ ତୁମେ କେତେ ଅମଳ କରିବାକୁ ଚାହଁ । ୨ୟ କରିନ୍ଥୀୟ.୯:୬ କହେ, କିନ୍ତୁ ଏହା ସତ୍ୟ, ଯେ ଅଳ୍ପ ବୁଣେ, ସେ ମଧ୍ୟ ଅଳ୍ପ କାଟିବ; ଆଉ ଯେ ପ୍ରଚୁର ବୁଣେ, ସେ ମଧ୍ୟ ପ୍ରଚୁର କାଟିବ )।

୮. ତୁମେ କଣ ବୁଣୁଅଛ? (*ଭ୍ରାନ୍ତ ହୁଅ ନାହିଁ, ଈଶ୍ୱର ବିଦ୍ରୂପର ପାତ୍ର ନୁହନ୍ତି; କାରଣ ମନୁଷ୍ୟ ଯାହା ବୁଣେ, ତାହା ହିଁ କାଟିବ*।)

**ଶିକ୍ଷାର ମୂଳ ବିଷୟ:**

ସୁସମାଚାର ଘୋଷଣା କରିବାରେ ଜ୍ଞାନୀ ହୁଅ ।

**ପ୍ରୟୋଗ:**

- ପ୍ରତିଦିନ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କଠାରେ ପ୍ରାର୍ଥନା କର, ଯେପରି ସେ ଶସ୍ୟ ଅମଳ କରିବା ପାଇଁ କାର୍ଯ୍ୟକାରୀମାନଙ୍କୁ ପଠାଇବେ ।
- ଆସନ୍ତା ସପ୍ତାହରେ ଅନ୍ତତଃ ଜଣେ ବ୍ୟକ୍ତିଙ୍କୁ ସୁସମାଚାର ପ୍ରଚାର କର ଯେପରି ଯୀଶୁ ଏହା କରିବାକୁ କହିଥିଲେ ।

## ପାଠ – ୨୪

## ଗମ୍ଭୀର ନିଷ୍ପତ୍ତି

**ଆଇସବ୍ରେକର ଦଳ:**

ତୁମେ କ'ଣ ଯୀଶୁଙ୍କ ପାଇଁ ସାକ୍ଷ୍ୟମର ବା ଶହୀଦ ହେବାକୁ ଚାହୁଁଛ ? କାହିଁକି କିମ୍ୱା କାହିଁକି ନୁହେଁ ?

**ଉପକ୍ରମ:**

ଧର୍ମଶାସ୍ତ୍ରରେ ଶହୀଦର ଗ୍ରୀକ ଶବ୍ଦ ହେଲା "ମାର୍ଟର୍ସ୍" । ଏହା କେବଳ ଏକ ସାକ୍ଷୀ ବା ସାକ୍ଷ୍ୟ ଅଟେ ଏବଂ ମୃତ୍ୟୁର ଧାରଣାକୁ ଅବଶ୍ୟ ଜଣାଏ ନାହିଁ । ଏହି ଶବ୍ଦ ଶାସ୍ତ୍ରରେ କିଛି ପ୍ରମାଣ ଦେବା ସହିତ ଜଡିତ । ମୃତ୍ୟୁ ଶହୀଦ ଶବ୍ଦ ସହିତ ଜଡିତ ହେଲା କାରଣ ଯେଉଁମାନେ ସାକ୍ଷୀ ହୋଇଥିଲେ, ସେମାନେ ସେମାନଙ୍କର ସାକ୍ଷ୍ୟର ବୈଧତା ଉପରେ ବିଶ୍ୱାସ କରିଥିଲେ, ଯାହା ସେମାନେ ସେଥିପାଇଁ ମରିବା ପର୍ଯ୍ୟନ୍ତ ସହମତି ଥିଲେ । ଜଣେ ଖ୍ରୀଷ୍ଟିୟାନ ଭାବରେ ଆମେ ଶହୀଦ ଭାବରେ ଜୀବନଯାପନ କରିବା ଉଚିତ ଓ ଆମର ବାକ୍ୟ ଓ କାର୍ଯ୍ୟ ମାଧ୍ୟମରେ ଖ୍ରୀଷ୍ଟଙ୍କଠାରେ ପରିବର୍ତ୍ତନର ପ୍ରମାଣ ଦେଇ ଜୀବନଯାପନ କରୁ ।

**ଶାସ୍ତ୍ରପାଠ:**

ଗମ୍ଭୀର ନିଷ୍ପତ୍ତି

ମାଥିଉ.୧୦:**୨୪-୪୨**

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ଶିଷ୍ୟ ଗୁରୁଠାରୁ କିମ୍ବା ଦାସ କର୍ତ୍ତାଠାରୁ ଶ୍ରେଷ୍ଠ ନୁହେଁ। ଶିଷ୍ୟ ଆପଣା ଗୁରୁ ଓ ଦାସ ଆପଣା କର୍ତ୍ତା ତୁଲ୍ୟ ହେଲେ ସେମାନଙ୍କ ପକ୍ଷରେ ଯଥେଷ୍ଟ। ସେମାନେ ଯେବେ ଗୃହକର୍ତ୍ତାଙ୍କୁ ବାଆଲ୍ଜିବୂଲ୍ ବୋଲି କହିଅଛନ୍ତି, ତେବେ ତାହାଙ୍କର ପରିଜନଙ୍କୁ ତ ଆହୁରି ଅଧିକ କହିବେ। ଅତଏବ, ସେମାନଙ୍କୁ ଭୟ କର ନାହିଁ; କାରଣ ଯାହା ପ୍ରକାଶିତ ନ ହେବ, ଏପରି ଆଚ୍ଛାଦିତ କିଛି ନାହିଁ, ଆଉ ଯାହା ଜଣା ନ ଯିବ, ଏପରି ଗୁପ୍ତ କିଛି ନାହିଁ। ମୁଁ ତୁମ୍ଭମାନଙ୍କୁ ଯାହା ଅନ୍ଧକାରରେ କହେ, ତାହା ଆଲୋକରେ କୁହ, ପୁଣି ଯାହା ତୁମ୍ଭେମାନେ ଗୋପନରେ ଶୁଣ, ତାହା ଘରଛାତ ଉପରେ ଘୋଷଣା କର। ଆଉ, ଯେଉଁମାନେ ଶରୀରକୁ ବଧ କରନ୍ତି, କିନ୍ତୁ ଆତ୍ମାକୁ ବଧ ପରି ପାରନ୍ତି ନାହିଁ, ସେମାନଙ୍କୁ ଭୟ କର ନାହିଁ; ବରଂ ଯେ ଶରୀର ଓ ଆତ୍ମା ଉଭୟକୁ ନରକରେ ବିନଷ୍ଟ କରି ପାରନ୍ତି, ତାହାଙ୍କୁ ହିଁ ଭୟ କର। ଦୁଇଟି ଘରଚଟିଆ କଅଣ ଗୋଟିଏ ପଇସାରେ ବିକାଯାଆନ୍ତି ନାହିଁ? ଆଉ, ତୁମ୍ଭମାନଙ୍କର ପିତାଙ୍କର ଅନୁମତି ବିନା ସେମାନଙ୍କ ମଧ୍ୟରୁ ଗୋଟିଏ ହେଲେ ତଳେ ପଡ଼େ ନାହିଁ; କିନ୍ତୁ ତୁମ୍ଭମାନଙ୍କ ମସ୍ତକର ସମସ୍ତ କେଶ ହିଁ ଗଣାଯାଇଅଛି। ଏଣୁ ଭୟ କର ନାହିଁ, ତୁମ୍ଭେମାନେ ଅନେକ ଘରଚଟିଆଠାରୁ ଶ୍ରେଷ୍ଠ। ଆଉ, ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ସ୍ୱୀକାର କରିବି। ମାତ୍ର ଯେ କେହି ଲୋକଙ୍କ ସାକ୍ଷାତରେ ମୋତେ ଅସ୍ୱୀକାର କରିବ, ମୁଁ ମଧ୍ୟ ମୋହର ସ୍ୱର୍ଗସ୍ଥ ପିତାଙ୍କ ସାକ୍ଷାତରେ ତାହାକୁ ଅସ୍ୱୀକାର କରିବି। ମୁଁ ଯେ **ପୃଥିବୀରେ ଶାନ୍ତି**[୩୧] ଦେବାକୁ ଆସିଅଛି, ଏହା ମନେ କର ନାହିଁ; ଶାନ୍ତି ଦେବାକୁ ନ ଆସି ବରଂ ଖଡ୍‌ଗ ଦେବାକୁ ଆସିଅଛି। **କାରଣ ମୁଁ ପିତା ସହିତ ପୁତ୍ରର ଓ ମାତା ସହିତ**

[୩୧] ପୃଥିବୀରେ ଶାନ୍ତି **ବର୍ତ୍ତୁ** । ଈଶ୍ୱର ଓ ମନୁଷ୍ୟ ମଦ୍ୟରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଯୀଶୁ ଆସିଲେ, ସମସ୍ତ ମାନଜାତି ସହ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନୁହେଁ ।

**କନ୍ୟାର, ପୁଣି ଶାଶୁ ସହିତ ବୋହୁର ବିରୋଧ ଘଟାଇବାକୁ ଆସିଅଛି, ଆଉ ମନୁଷ୍ୟର ନିଜ ପରିଜନ[୩୨] ହିଁ ତାହାର ଶତ୍ରୁ ହେବେ।** ଯେ ପିତା କି ମାତାକୁ ମୋ'ଠାରୁ ଅଧିକ ପ୍ରିୟଜ୍ଞାନ କରେ, ସେ ମୋହର ଯୋଗ୍ୟ ନୁହେଁ, ପୁଣି ଯେ ପୁତ୍ର କି କନ୍ୟାକୁ ମୋ'ଠାରୁ ଅଧିକ ସ୍ନେହ କରେ, ସେ ମୋହର ଯୋଗ୍ୟ ନୁହେଁ। ଆଉ, ଯେ ଆପଣା କ୍ରୁଶ[୩୩] ନେଇ ମୋହର ଅନୁଗମନ ନ କରେ, ସେ ମୋହର ଯୋଗ୍ୟ ନୁହେଁ। ଯେ ଆପଣା ଜୀବନ ବଞ୍ଚାଏ, ସେ ତାହା ହରାଇବ, ଆଉ ଯେ ମୋ' ନିମନ୍ତେ ଆପଣା ଜୀବନ ହରାଏ, ସେ ତାହା ବଞ୍ଚାଇବ। ଯେ ତୁମ୍ଭମାନଙ୍କୁ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ, ଆଉ ଯେ ମୋତେ ଗ୍ରହଣ କରେ, ସେ ମୋହର ପ୍ରେରଣକର୍ତ୍ତାଙ୍କୁ ଗ୍ରହଣ କରେ। ଯେ ଭାବବାଦୀଙ୍କି ଭାବବାଦୀ ବୋଲି ଗ୍ରହଣ କରେ, ସେ ଭାବବାଦୀଙ୍କ ପୁରସ୍କାର ପାଇବ। ଆଉ, ଯେ ଧାର୍ମିକ ବ୍ୟକ୍ତିଙ୍କି ଧାର୍ମିକ ବୋଲି ଗ୍ରହଣ କରେ, ସେ ଧାର୍ମିକ ବ୍ୟକ୍ତିଙ୍କ ପୁରସ୍କାର ପାଇବ। ପୁଣି, ଯେ କେହି ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ମୋହର ଶିଷ୍ୟ ବୋଲି କେବଳ ଗିନାଏ ଥଣ୍ଡା ପାଣି ପିଇବାକୁ ଦେବ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେ କୌଣସି ପ୍ରକାରେ ଆପଣା ପୁରସ୍କାର ହରାଇବ ନାହିଁ।

**ଆଦେଶ:**

- ଅତଏବ, ସେମାନଙ୍କୁ ଭୟ କର ନାହିଁ ।
- ମୁଁ ତୁମ୍ଭମାନଙ୍କୁ ଅନ୍ଧକାରରେ ଯାହା କହେ, ଆଲୋକରେ ତାହା କୁହ ।
- ଯାହା ତୁମ୍ଭେ ଗୋପନରେ ଶୁଣ, ତାହା ଘରଛାତ ଉପରେ ଘୋଷଣା କର ।
- ଯେଉଁମାନେ ଶରୀରକୁ ବଧ କରନ୍ତିମ କିନ୍ତୁ ଆତ୍ମାକୁ ବଧ କରିପାନ୍ତି ନାହିଁ, ସେମାନଙ୍କୁ ଭୟ କର ନାହିଁ ।
- ବରଂ ଯେ ଶରୀର ଓ ଆତ୍ମା ଉଭୟକୁ ନରକରେ ବିନଷ୍ଟ କରିପାରନ୍ତି, ତାହାଙ୍କୁ ହିଁ ଭୟ କର ।
- ଏଣୁ ଭୟ କର ନାହିଁ ।
- ମୁଁ ଯେ ପୃଥିବୀରେ ଶାନ୍ତି ଦେବାକୁ ଆସିଅଛି, ଏହା ମନେ କର ନାହିଁ; ଶାନ୍ତି ଦେବାକୁ ନ ଆସି ବରଂ ଖଡ୍ଗ ଦେବାକୁ ଆସିଅଛି ।

**ଶିକ୍ଷା:**

ଯୀଶୁ ଜଣେ ପ୍ରଗତିଶୀଳ ବ୍ୟକ୍ତି ଥିଲେ ଏବଂ ସେ ନିଜ ଶିଷ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ କୌଣସି ଅତିରଞ୍ଜିତ ପ୍ରଚାର କରିନଥିଲେ । ସେମାନଙ୍କୁ ସେ ସତ୍ୟତା କହିଲେ । ସେମାନଙ୍କ ବିଶ୍ୱାସ ଓ ସମ୍ବାଦ ଘୋଷଣା ସକାଶେ ସେମାନେ ତାଡନା ପାଇବେ । ଆସୁଥିବା ତାଡନାର ବାର୍ତ୍ତା ସତ୍ତ୍ୱେ ଯୀଶୁ ନିଜ ଶିଷ୍ୟମାନଙ୍କ ନିମନ୍ତେ ଅନେକ ଆଦେଶ ଦେଇଅଛନ୍ତି, ଯାହା ସେମାନେ ଅନୁଭବ କରୁଥିବା ଭୟର ମୁଖରେ ସିଧାସଳଖ ଦେଖାଯାଏ ।

ସେ ନିଜ ଶିଷ୍ୟମାନଙ୍କୁ ମନୁଷ୍ୟମାନଙ୍କୁ ଭୟ ନ କରି ବରଂ ଈଶ୍ୱରଙ୍କୁ ଭୟ କରିବାକୁ ଆଦେଶ ଦିଅନ୍ତି । ଏକ ଆଦେଶ ଜାରି କରି ଯୀଶୁ ଶିଷ୍ୟମାନଙ୍କୁ ନିଷ୍ପତ୍ତି ନେବାକୁ ବାଧ୍ୟ କରନ୍ତି । ସେମାନେ ଈଶ୍ୱରଙ୍କ ଦ୍ୱାରା ନା ସେମାନଙ୍କ ନିଜ ଭାବନା ଦ୍ୱାରା ପରିଚାଳିତ ହେବାକୁ ନିର୍ଣ୍ଣୟ କରିବେ କି ? ଈଶ୍ୱରଙ୍କୁ ବାଛିବା ଏକ ସହଜ ସରଳ ଅଟେ । ମଣିଷ ଶରୀରକୁ ବଧ କରିପାରେ ଯାହାକି ଶରୀର ଚିରଦିନ ପାଇଁ ବଂଚିବ ନାହିଁ । କିନ୍ତୁ ଆତ୍ମାକୁ ଚିରଦିନ ପାଇଁ ବିନଷ୍ଟ କରିବାକୁ ସେମାନଙ୍କର କୌଣସି ଶକ୍ତି

---

[୩୨] ମୀଖା.୭:୬ - କାରଣ ପୁତ୍ର ପିତାକୁ ଅମାନ୍ୟ କରେ, କନ୍ୟା ଆପଣା ମାତାର ବିରୁଦ୍ଧରେ, ପୁତ୍ରବଧୂ ଆପଣା ଶାଶୁର ବିରୁଦ୍ଧରେ ଉଠେ; ଆପଣା ପରିବାରର ଲୋକେ ମନୁଷ୍ୟର ଶତ୍ରୁ ହୁଅନ୍ତି।

[୩୩] ତାହାଙ୍କ କ୍ରୁଶ ଯାହା ତାଙ୍କରି ଯନ୍ତ୍ରଣା ଓ ମୃତ୍ୟୁ ଆଣିବ ।

ନାହିଁ । କେବଳ ଈଶ୍ୱରଙ୍କ ପାଖରେ ସେହି ଶକ୍ତି ଅଛି । ତେଣୁ ଲୋକଙ୍କୁ ଭୟ କରିବା ପରିବର୍ତ୍ତେ ଈଶ୍ୱରଙ୍କୁ ଭୟ କରିବା ଉତ୍ତମ ।

ଯୀଶୁ ଶିଷ୍ୟମାନଙ୍କୁ ସାନ୍ତ୍ୱନା ଦିଅନ୍ତି ଯେ, ସେମାନେ ସେମାନଙ୍କର ସାକ୍ଷ୍ୟ ବହନ କରିବାରେ ସେ ସକ୍ରିୟ ଭାବେ ଜଡିତ ରହିବେ । ବାସ୍ତବରେ ସେ ସେମାନଙ୍କୁ କ'ଣ କହିବେ ସେ ଦିଗରେ ମାର୍ଗଦର୍ଶନ କରିବେ, *"ଯାହା ମୁଁ ଅନ୍ଧକାରରେ କହୁଛି, ତାହା ଆଲୋକରେ କୁହ ।"* ଏହି କ୍ଷେତ୍ରରେ ଯୀଶୁ କହୁଛନ୍ତି ଯେ, ସେ ସେମାନଙ୍କ ସହିତ ସ୍ୱପ୍ନ ଓ ଦର୍ଶନ ମାଧ୍ୟମରେ ଯୋଗାଯୋଗ କରିବେ । ଏଥିରେ ଅନେକ ସୁନ୍ଦର ଶାସ୍ତ୍ରାଂଶଗୁଡିକ ଅଛି:

କଥା ଗୋଟିଏ ଗୁପ୍ତରେ ମୋ' କତିରେ ପହଞ୍ଚିଲା ଓ ମୋ' କର୍ଣ୍ଣ ତହିଁର ଈଷତ୍ ଶବ୍ଦ ପାଇଲା। (ଆୟୁବ.୪:୧୨)

ପୁଣି, ତହିଁ ଉତ୍ତାରେ ଆମ୍ଭେ ସମୁଦାୟ ପ୍ରାଣୀ ଉପରେ ଆପଣା ଆତ୍ମା ଢାଳିବା; ତହିଁରେ ତୁମ୍ଭମାନଙ୍କର ପୁତ୍ରଗଣ ଓ କନ୍ୟାଗଣ ଭବିଷ୍ୟଦ୍ବାକ୍ୟ ପ୍ରଚାର କରିବେ, ତୁମ୍ଭମାନଙ୍କର ବୃଦ୍ଧ ଲୋକମାନେ ସ୍ୱପ୍ନ ଦେଖିବେ, ତୁମ୍ଭମାନଙ୍କର ଯୁବା ଲୋକମାନେ ଦର୍ଶନ ପାଇବେ; ଈଶ୍ୱର କହନ୍ତି, ଶେଷକାଳରେ ଏପରି ଘଟିବ ଯେ, ଆମ୍ଭେ ସମସ୍ତ ମର୍ତ୍ତ୍ୟ ଉପରେ ଆପଣା ଆତ୍ମା ବୃଷ୍ଟି କରିବା, ସେଥିରେ ତୁମ୍ଭମାନଙ୍କର ପୁତ୍ରକନ୍ୟାମାନେ ଭାବବାଣୀ କହିବେ, ଆଉ ତୁମ୍ଭମାନଙ୍କର ଯୁବାମାନେ ଦର୍ଶନ ପାଇବେ, ତୁମ୍ଭମାନଙ୍କର ପ୍ରାଚୀନମାନେ ସ୍ୱପ୍ନ ଦେଖିବେ। (ଯୋୟେଲ.୨:୨୮ ଏବଂ ପ୍ରେରିତ.୨:୧୭)

ଆଉ, ରାତ୍ରିକାଳରେ ପାଉଲ ଗୋଟିଏ ଦର୍ଶନ ପାଇଲେ, ମାକିଦନିଆର ଜଣେ ଲୋକ ଠିଆ ହୋଇ ତାଙ୍କୁ ବିନତି କରି କହୁଅଛି, ମାକିଦନିଆକୁ ପାର ହୋଇ ଆସି ଆମ୍ଭମାନଙ୍କର ଉପକାର କର। ସେ ଏହି ଦର୍ଶନ ପାଇଲା ପରେ ଆମ୍ଭେମାନେ ତତ୍କ୍ଷଣାତ୍ ମାକିଦନିଆକୁ ଯିବା ପାଇଁ ଚେଷ୍ଟା କଲୁ, କାରଣ ସେମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବାକୁ ଈଶ୍ୱର ଆମ୍ଭମାନଙ୍କୁ ଆହ୍ୱାନ କରିଅଛନ୍ତି ବୋଲି ଆମ୍ଭେମାନେ ବୁଝିଲୁ। (ପ୍ରେରିତ.୧୬:୯-୧୦) ।

ଯୀଶୁ ନିଜ ଶିଷ୍ୟମାନଙ୍କୁ ମଧ୍ୟ କହନ୍ତି, ଯାହା ତୁମ୍ଭେମାନେ ଗୋପନରେ ଶୁଣ, ତାହା ଘର ଛାତ ଉପରେ ଘୋଷଣା କର ।[୩୪] ଏହି କ୍ଷେତ୍ରରେ ଯୀଶୁ ସେମାନଙ୍କୁ କହୁଛନ୍ତି ଯେ, ସେ ସେମାନଙ୍କ ସହିତ ସ୍ପଷ୍ଟ ଭାବରେ କାନରେ ଫୁସଫୁସ କଥା କହିବା ଭଳି ଯୋଗାଯୋଗ କରିବେ । କାରଣ ଏହା ଅତ୍ୟନ୍ତ ସାଧାରଣ ଅଟେ । ଏଦନ ଉଦ୍ୟାନ ସମୟଠାରୁ ଈଶ୍ୱର ମନୁଷ୍ୟମାନଙ୍କୁ କଥା କହି ଆସୁଅଛନ୍ତି । କେତେକ ଲୋକ ଈଶ୍ୱରଙ୍କ ସ୍ୱର ଶୁଣିବାକୁ ମନା କରନ୍ତି ଏବଂ ଅନ୍ୟକେତେକ ଲୋକେ ଏହାକୁ ଅବଜ୍ଞା କରନ୍ତି ।

ଯେବେ ଯୀଶୁଙ୍କୁ ପଚରାଗଲା କେଉଁ ଆଜ୍ଞା ପ୍ରଧାନ? ଯୀଶୁ ଉତ୍ତର ଦେଲେ, ପ୍ରଧାନ ଆଜ୍ଞା ଏହି, ହେ ଇସ୍ରାଏଲ, ଶୁଣ; ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି । ଆଉ, ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର। ଦ୍ୱିତୀୟଟି ଏହି, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର। ଏହି ଆଜ୍ଞାଗୁଡ଼ିକ ଅପେକ୍ଷା ଆଉ କୌଣସି ଶ୍ରେଷ୍ଠତର ଆଜ୍ଞା ନାହିଁ। (ମାର୍କ.୧୨:୨୯-୩୧)

---

[୩୪] ଇସ୍ରାଏଲରେ ଘରଛାତଗୁଡିକ ସମତଳ ଥିଲା ଯେଉଁଠାରେ ପାଣିପାଗ ଭଲ ଥିବା ସମୟରେ ଲୋକମାନଙ୍କନ ଏକତ୍ରିତ ହେଉଥିଲେ । ଯେହେତୁ ଘରଗୁଡିକ ପାଖାପାଖି ଥିଲା, ଲୋକମାନେ ନିଜ ଘର ଛାତ ଉପରୁ ପାଟି କରି କୌଣସି ବିଷୟରେ ଘୋଷଣା କରି ଅନ୍ୟମାନଙ୍କୁ ଶୁଣାଉଥିଲେ ।

ଆପଣ ଏହା ଲକ୍ଷ୍ୟ କଲେ କି ? ପ୍ରଥମ ଆଜ୍ଞା ହେଉଛି **ଶୁଣିବା** ପରେ ପ୍ରେମ କରିବା । ଈଶ୍ୱର ଆଜ୍ଞାକୁ ମାନିବା ପାଇଁ ତାଙ୍କ ସ୍ୱର ଶୁଣିବା ସହିତ ତାଙ୍କୁ ପ୍ରେମ କରିବା ବିଷୟକୁ ସମାନ କରିଛନ୍ତି । ଅନ୍ୟ ଏକ ଯୀଶୁଙ୍କ ବାକ୍ୟଟି ଏହାକୁ ସମର୍ଥନ କରେ, *ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।* (ଯୋହନ.୧୪:୧୫)

ଯୀଶୁଙ୍କ ସ୍ୱର ଶୁଣୁଥିବା ଶିଷ୍ୟମାନଙ୍କ ନିମନ୍ତେ ନିମ୍ନଲିଖିତ ପଦଗୁଡ଼ିକ ଉଲ୍ଲେଖ କରାଗଲା –

ପୁଣି ମେଷଗୁଡ଼ିକ ତା'ର ସ୍ୱର ଶୁଣନ୍ତି, ଆଉ ସେ ନିଜର ମେଷସବୁକୁ ନାମ ଧରି ଡାକି ବାହାର କରି ଘେନିଯାଏ। ସେ ନିଜର ମେଷସବୁକୁ ବାହାର କଲା ଉତ୍ତାରେ ସେମାନଙ୍କ ଆଗେ ଆଗେ ଚାଲେ ଓ ମେଷଗୁଡ଼ିକ ତାହାର ପଛେ ପଛେ ଚାଲନ୍ତି, କାରଣ ସେମାନେ ତାହାର ସ୍ୱର ଚିହ୍ନନ୍ତି; କିନ୍ତୁ ସେମାନେ ଅଚିହ୍ନା ଲୋକର ପଛେ ପଛେ କେବେ ହେଁ ଚାଲିବେ ନାହିଁ, ମାତ୍ର ତାହା ପାଖରୁ ପଳାଇଯିବେ, କାରଣ ସେମାନେ ଅଚିହ୍ନା ଲୋକମାନଙ୍କର ସ୍ୱର ଚିହ୍ନନ୍ତି ନାହିଁ। (ଯୋହନ.୧୦:୩-୫)

ମୋ' ମେଷସବୁ ମୋହର ସ୍ୱର ଶୁଣନ୍ତି ଓ ମୁଁ ସେମାନଙ୍କୁ ଜାଣେ, ଆଉ ସେମାନେ ମୋହର ପଛେ ପଛେ ଚାଲନ୍ତି । (ଯୋହନ.୧୦:୨୭)

ଯେକେହି ସତ୍ୟର ସନ୍ତାନ, ସେ ମୋହର କଥା ଶୁଣେ। (ଯୋହନ.୧୦:୩୭)

ସେଥିରେ ସେ ଭୂମିରେ ପଡ଼ିଯାଇ ତାଙ୍କ ପ୍ରତି ଉକ୍ତ ଏହି ବାଣୀ ଶୁଣିଲେ, ହେ ଶାଉଲ, ହେ ଶାଉଲ, କାହିଁକି ଆମ୍ଭକୁ ତାଡ଼ନା କରୁଅଛ? ସେ କହିଲେ, ହେ ପ୍ରଭୁ, ଆପଣ କିଏ? ଆଉ ସେ କହିଲେ, ଯାହାଙ୍କୁ ତୁମ୍ଭେ ତାଡ଼ନା କରୁଅଛ, ଆମ୍ଭେ ସେହି ଯୀଶୁ। କିନ୍ତୁ ଉଠ, ନଗରରେ ପ୍ରବେଶ କର, ଆଉ ତୁମ୍ଭକୁ କ'ଣ କରିବାକୁ ହେବ, ତାହା କୁହାଯିବ। (ପ୍ରେରିତ.୯:୪-୬)

ଅତଏବ ପବିତ୍ର ଆତ୍ମା ଯେପରି କହନ୍ତି, "ଆଜି ଯଦି ତୁମ୍ଭେମାନେ ତାହାଙ୍କ ବାଣୀ ଶୁଣ" (ଏବ୍ରୀ.୩:୭)

**ଦଳୀୟ ଆଲୋଚନା:**

୧. ଅନେକ ଖ୍ରୀଷ୍ଟମାସ କାର୍ଡଗୁଡିକରେ ଲୂକ.୨;୧୪ରୁ ଉଲ୍ଲେଖ କରି "ପୃଥିବୀରେ ଶାନ୍ତି ବର୍ତ୍ତୁ", "ଲୋକମାନଙ୍କର ମଙ୍ଗଳ ହେଉ" ବୋଲି ଶୁଭେଚ୍ଛା ବାକ୍ୟାଂଶ ଲେଖନ୍ତି । ଯୀଶୁ ଯାହା କହିଥିଲେ ତାହା ସହିତ ଏହି ମତ କିପରି ମାପି ହୁଏ, "ମୁଁ ଯେ ପୃଥିବୀରେ ଶାନ୍ତି ଦେବାକୁ ଆସିଅଛି, ଏହା ମନେ କର ନାହିଁ; ଶାନ୍ତି ଦେବାକୁ ନ ଆସି ବରଂ ଖଡ୍ଗ ଦେବାକୁ ଆସିଅଛି" (ମାଥିଉ.୧୦:୧୩) । ଲୂକ.୨:୧୪ର ସଠିକ୍ ଅନୁବାଦ ହେଉଛି, "ପୃଥିବୀରେ ଶାନ୍ତି, ଯେଉଁମାନଙ୍କ ସହିତ ଈଶ୍ୱର ସନ୍ତୁଷ୍ଟ ହୁଅନ୍ତି ।" ଅନ୍ୟ ଅର୍ଥରେ "ପୃଥିବୀରେ ସେମାନଙ୍କର କେବଳ ଶାନ୍ତି ଅଛି, ଯେଉଁମାନଙ୍କଠାରେ ଈଶ୍ୱର ପ୍ରସନ୍ନ ଅଟନ୍ତି ।" ଯୀଶୁଙ୍କ ମୂଳ ଉଦ୍ଦେଶ୍ୟ ଥିଲା ପୃଥିବୀକୁ ଶାନ୍ତି ଆଣିବା ପାଇଁ ନୁହଁ ବରଂ ମନୁଷ୍ୟମାନଙ୍କୁ ଈଶ୍ୱରଙ୍କ ସହିତ ମିଶାଇବା । ସେ ଜାଣିଥିଲେ ଯେ, ସେ ଯାହା ଘୋଷଣା କରୁଛନ୍ତି ତାହା ଲୋକମାନଙ୍କୁ ବିଭକ୍ତ କରିବ । ସେମାନେ ତାଙ୍କ ପାଇଁ କିମ୍ବା ତାଙ୍କ ବିରୋଧ ଚାହିଁବେ ।

୨. ଧଳା କଇଁଫୁଲ କିମ୍ବା ଗୋଲାପ ଫୁଲ ମଧ୍ୟରୁ କେଉଁ ଫୁଲ ଅଧିକ ସୁନ୍ଦର ଅଟେ ?

୩. ପ୍ରତ୍ୟେକଙ୍କର ଗୁଣଗୁଡିକ ତାଲିକା କର ଏବଂ ଦଳ ଗଠନ କରି ଆଲୋଚନା କର ।

**ଶିକ୍ଷା ଜାରି ରହିଛି:**

ଆଦ୍ୟ ମଣ୍ଡଳୀ ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ବିଷୟରେ ଜଣେ ବ୍ୟକ୍ତିଙ୍କ ସାକ୍ଷ୍ୟର ମହତ୍ତ୍ୱକୁ ସ୍ୱୀକୃତି ଦେଇଥିଲା ଏବଂ ତାଙ୍କ ସାକ୍ଷ୍ୟର ଦୁଇଟି ଭାବନାକୁ ପ୍ରତିପାଦିତ କରିବାକୁ ପ୍ରତୀକଗୁଡିକ ବିକଶିତ କରିଥିଲା । ଉପତ୍ୟକାର ଧଳା କଇଁ ପରି ଥିଲା, ଆଉ ତାହା ସାଧୁମାନଙ୍କ ଉତ୍ତମ କାର୍ଯ୍ୟକୁ ସୂଚିତ କରେ । ସେ ବଞ୍ଚିଥାଉ ଥାଉ ଏହା ଲୋକମାନଙ୍କ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କର ସାକ୍ଷ୍ୟ ପ୍ରତିନିଧିତ୍ୱ କରିଅଛି । ଶାରୋଣର ଫୁଲ ରଙ୍ଗ ଥିଲା, ସହୀଦ ଲୋକମାନଙ୍କ ରକ୍ତକୁ ବୁଝାଏ । ତାଙ୍କର ମୃତ୍ୟୁର କାର୍ଯ୍ୟରେ ଏହା ଈଶ୍ୱରଙ୍କ ସମ୍ମୁଖରେ ଜଣେ ବ୍ୟକ୍ତିଙ୍କର ସାକ୍ଷ୍ୟ ପ୍ରତିନିଧିତ୍ୱ କରିଅଛି । ଉଭୟ ଫୁଲର ବାସନା ଅତି ସୁଗନ୍ଧିତ ଅଟେ । ଫୁଲଗୁଡିକର ସୁଗନ୍ଧ ଯେପରି ମନୋହର କରିଥାଏ । ଜଣେ ଖ୍ରୀଷ୍ଟିୟାନ ବଂଚୁ କିଅବା ମରୁ ସଦାପ୍ରଭୁଙ୍କ ସମ୍ମୁଖରେ ପ୍ରୀତିକର ହେବା ଆବଶ୍ୟକ ।

ବିଶ୍ୱାସ ନିମନ୍ତେ ବଞ୍ଚିବା କିଅବା ମରିବା ଉତ୍ତମ ବିଷୟ ଅଟେ କି ? ପ୍ରେରିତ ପାଉଲ ସେହିପରି ବିବିଧ ସମସ୍ୟା ସହ ସଂଘର୍ଷ କରୁଥିଲେ । ଫିଲିପ୍ପୀୟ ମଣ୍ଡଳୀକୁ ତାଙ୍କର ପତ୍ରର ପ୍ରଥମ ଅଧ୍ୟାୟରେ ସେ ଏହି ବିଷୟକୁ ଆଲୋଚନା କରନ୍ତି । ତାଙ୍କର ଏହି ପତ୍ର ଲେଖିବା ସମୟ ୬୨ ଖ୍ରୀଷ୍ଟାବ୍ଦ ଅଟେ । ରୋମରେ ଗୃହବନ୍ଦୀ ରହି ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ଘୋଷଣା ନିମନ୍ତେ ଦଣ୍ଡାଜ୍ଞାର ଅପେକ୍ଷା କରୁଥିଲେ । ସେ ବଞ୍ଚିଥାନ୍ତେ କିଅବା ମରିଥାନ୍ତେ ?

ସେ କଣ କହିଛନ୍ତି, ଶୁଣନ୍ତୁ । କିନ୍ତୁ ସର୍ବଦା ଯେଉଁପରି, ଏବେ ମଧ୍ୟ ସେହିପରି ଅତି ସାହସରେ, ଜୀବନରେ ହେଉ ବା ମରଣରେ ହେଉ, ଖ୍ରୀଷ୍ଟଙ୍କୁ ମୋହର ଶରୀରରେ ମହିମାନ୍ୱିତ କରିବି। କାରଣ ମୋ' ପକ୍ଷରେ ଜୀବନଧାରଣ ଖ୍ରୀଷ୍ଟ, ପୁଣି ମୃତ୍ୟୁଭୋଗ ଲାଭଜନକ। କିନ୍ତୁ ଶରୀରରେ ଜୀବନଧାରଣ ଯଦି ମୋ' ପକ୍ଷରେ ଫଳପ୍ରଦ କାର୍ଯ୍ୟସାଧନ ହୁଏ, ତେବେ ମୁଁ କଅଣ ପସନ୍ଦ କରିବି, ତାହା ଜାଣେ ନାହିଁ। ମୁଁ ଦୁଇଟି ବିଷୟ ଘେନି ମହାସମସ୍ୟାରେ ପଡ଼ିଅଛି; ଇହଲୋକରୁ ପ୍ରସ୍ଥାନ କରି ଖ୍ରୀଷ୍ଟଙ୍କ ସହିତ ରହିବାକୁ ମୋହର ଇଚ୍ଛା, କାରଣ ତାହା ଅତୀବ ଶ୍ରେୟସ୍କର; ମାତ୍ର ଶରୀରରେ ରହିବା ତୁମ୍ଭମାନଙ୍କ ନିମନ୍ତେ ଅଧିକ ଆବଶ୍ୟକ। ଆଉ ମୁଁ ଦୃଢ଼ ରୂପେ ଏହା ଜାଣେ ଯେ, ମୁଁ ରହିବି, ହଁ, ବିଶ୍ୱାସରେ ତୁମ୍ଭମାନଙ୍କର ବୃଦ୍ଧି ଓ ଆନନ୍ଦ ନିମନ୍ତେ ତୁମ୍ଭସମସ୍ତଙ୍କ ସହିତ ରହିବି, ଯେପରି ତୁମ୍ଭମାନଙ୍କ ମଧ୍ୟରେ ମୋହର ପୁନର୍ବାର ଉପସ୍ଥିତି ହେତୁ ମୋ' ଦ୍ୱାରା ଖ୍ରୀଷ୍ଟ ଯୀଶୁଙ୍କଠାରେ ତୁମ୍ଭମାନଙ୍କ ଦର୍ପ ଅଧିକ ବୃଦ୍ଧି ପାଇବ। ଏବଂ ପାଉଲ ଆହୁରି ବଞ୍ଚିଲେ । ସେହି ବର୍ଷର ଶେଷ ଆଡକୁ ପାଉଲ କାରାଗାରରୁ ମୁକ୍ତ ହେଲେ ଏବଂ ସୁସମାଚାର କାର୍ଯ୍ୟରେ ଆହୁରି ବଞ୍ଚିଲେ । ସେ ପୁଣିଥରେ କାରାବନ୍ଦୀ ହୋଇ ତାଙ୍କ ବିଶ୍ୱାସ ଯୋଗୁଁ ୬୭ କିମ୍ବା ୬୮ ଖ୍ରୀଷ୍ଟାବ୍ଦରେ ସହୀଦ ହେଲେ ।

ବଞ୍ଚିବା କିମ୍ବା ମରିବା ଭଲ ବୋଲି ପାଉଲଙ୍କ ନିଷ୍ପତ୍ତି ମୃତ୍ୟୁ କିମ୍ବା ବ୍ୟକ୍ତିଗତ କ୍ଷତି ହେତୁ ପ୍ରେରିତ ହୋଇନଥିଲେ । ଯେତେବେଳେ ସେ ପ୍ରଥମେ ବିଶ୍ୱାସ କଲେ ସେହି ବିଷୟଗୁଡିକ ସ୍ଥିର ହୋଇଥିଲା: ଭୟ କରନାହିଁ ପାଇଁ ଯୀଶୁଙ୍କ ନିର୍ଦ୍ଦେଶ ଅନୁସରଣ କରି ପାଉଲ ନିଷ୍ପତ୍ତି ନେଲେ ଯେ, ସେ ମରୁ କିଅବା ବଂଚୁ କେବଳ ଖ୍ରୀଷ୍ଟ ତାଙ୍କ ଜୀବନ ଦ୍ୱାରା ଗୌରବାନ୍ୱିତ ହୁଅନ୍ତୁ । ପ୍ରତ୍ୟେକ ଖ୍ରୀଷ୍ଟିୟାନମାନଙ୍କ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଏହା ହିଁ ଆବଶ୍ୟକ ।

ତାଙ୍କର ମରଣ ଓ ଜୀବନ ନିଷ୍ପତ୍ତି ନେବା ସାହାଯ୍ୟରେ ପାଉଲ ଦୁଇଟି ପରୀକ୍ଷା ବ୍ୟବହାର କରିଛନ୍ତି ।

- ଏହା କେବଳ ମୋର ନୁହେଁ ଈଶ୍ୱରଙ୍କ ଗୌରବ ସକାଶେ ? (ମୋ ପାଇଁ ବଞ୍ଚିବା ହେଉଛି ଖ୍ରୀଷ୍ଟ ଏବଂ ମରିବା ହେଉଛି ତାଙ୍କ ସହିତ ରହିବା)
- ଏହା କେବଳ ମୋର ନୁହେଁ ଅନ୍ୟମାନଙ୍କ ହିତ ସକାଶେ ? (ମୁଁ ଅନ୍ୟମାନଙ୍କୁ ମୋ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ କରେ ।)

**ଦଳୀୟ ଆଲୋଚନା:**

୪. ଆପଣ ଭୟ ନ କରିବାକୁ ପସନ୍ଦ କରନ୍ତି କି? (ଖ୍ରୀଷ୍ଟଙ୍କ ବିଷୟରେ ଆପଣଙ୍କର ନିଜ ବାର୍ତ୍ତାକୁ ଆପଣ ପ୍ରକୃତରେ ବିଶ୍ୱାସ କରନ୍ତି କି?)

୫. ଆପଣ ବ୍ୟକ୍ତିଗତ କ୍ଷତିକୁ ଭୟ ନ କରିବାକୁ ନିର୍ଣ୍ଣୟ କରିବେ କି? (ଏହି ଜଗତର ବିଷୟବସ୍ତୁକୁ ଆପଣ ଅଧିକ ଭଲ ପାଆନ୍ତି କି?

୬. ଆପଣ ତାଡନା ଭୋଗିବାକୁ ଭୟ ନ କରିବାକୁ ନିର୍ଣ୍ଣୟ କରିବେ କି? (ଆପଣ ମନୁଷ୍ୟର ପ୍ରଶଂସା ପାଇଁ ବଂଚୁଛନ୍ତି କିମ୍ବା ପରମେଶ୍ୱରଙ୍କ ପ୍ରଶଂସା ପାଇଁ ବଂଚୁଛନ୍ତି ।)

**ପାଦଟିକା:**

ବିଜୟର ମୁକୁଟ ବୁଣିବା ପାଇଁ ଉଭୟ ଧଳା କଇଁ ଓ ନାଲି ଗୋଲାପର ବ୍ୟବହୃତ ହୁଏ । ପ୍ରତ୍ୟେକ ବିଶ୍ୱାସୀ ଗୋଟିଏ ବିଷୟ ପାଇବେ, ଯାହାର ପ୍ରତୀକ, ଯାହାର ବିଶ୍ୱାସ ଜୀବନ ମାଧ୍ୟମରେ ପରାଜିତ ହୋଇଛି ଏବଂ ଯେଉଁମାନଙ୍କର ବିଶ୍ୱାସ ମୃତ୍ୟୁ ଦ୍ୱାରା ପରାଜିତ ହୋଇଛି ।

**ପାଠର ମୂଳ ଶିକ୍ଷା:**

ବିଶ୍ୱାସରେ ଚାଲିବା ଦ୍ୱାରା ମନୁଷ୍ୟର ଭୟ ଦୂର ହୁଏ ।

**ପ୍ରୟୋଗ:**

- ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇଦେବା ନିମନ୍ତେ ଶସ୍ୟକ୍ଷେତ୍ରର ମାଲିକଙ୍କ ନିକଟରେ ପ୍ରତିଦିନ ପ୍ରାର୍ଥନା କରନ୍ତୁ ।
- ଆସନ୍ତା ସପ୍ତାହରେ ଅନ୍ତତଃ ଜଣକୁ ବ୍ୟକ୍ତିଗତ ଭାବରେ ସୁସମାଚାର ପ୍ରଚାର କରନ୍ତୁ ଯେପରି ଯୀଶୁ ଏହା କରିବାକୁ କହିଥିଲେ ।

## ପାଠ – ୨୫

## ଈଶ୍ୱରଙ୍କ ଉପାୟ ଅନୁସନ୍ଧାନ କରିବା

**ଆଇସବ୍ରେକର ଦଳ:**

ଯଦି ତୁମେ କୌଣସି ବ୍ୟକ୍ତି ଈଶ୍ୱରଙ୍କ ବାକ୍ୟ ଶିକ୍ଷା ଦେଉଛି ଏବଂ ଚିହ୍ନ ଓ ଚମତ୍କାର ପ୍ରଦର୍ଶନ କରୁଅଛି ବୋଲି ଶୁଣୁଛ, ତେବେ ତୁମେ କ'ଣ କରିବ ?

**ପରିଚୟ:**

ମାର୍କ[୩୫] ଶେଷରେ ଯେତେବେଳେ ଶିଷ୍ୟମାନେ ସେମାନଙ୍କର ପ୍ରଥମ ପ୍ରଚାର ଭ୍ରମଣରୁ ଫେରି ଆସିଲେ, ଯୀଶୁ ସେମାନଙ୍କୁ ସାଙ୍ଗରେ ନେଇ ବେଥସାଇଦାକୁ[୩୬] ଗଲେ । କିନ୍ତୁ ବେଥସାଇଦାରେ ସେବାକାର୍ଯ୍ୟ କଲାବେଳେ ଏତେ ମାତ୍ରାରେ କଲେ ଯେ, ସେମାନଙ୍କର ଖାଇବାକୁ ସମୟ ପାଇଲେ ନାହିଁ । ତେଣୁ ଯୀଶୁ ପରାମର୍ଶ ଦିଅନ୍ତି ଯେ, ସେମାନେ ଡଙ୍ଗାରେ ଚଢି ଅଳ୍ପ ବିଶ୍ରାମ ଓ ଆରାମ ପାଇ କୌଣସି ଶାନ୍ତ ସ୍ଥାନକୁ ଚାଲିଯାଆନ୍ତି ।

ତଥାପି ଭୂତମାନଙ୍କୁ ଛଡାଇବା, ଲୋକମାନଙ୍କୁ ସୁସ୍ଥ କରିବା ପୁଣି ଚିହ୍ନ ଓ ଆଶ୍ଚର୍ଯ୍ୟକର୍ମ କରିବା ଜନସମୁହକୁ ଆକର୍ଷିତ କରିଥାଏ । ସମୁଦ୍ରକୁଳରେ ଯାଉଁ ଯାଉଁ ଲୋକମାନେ ଡଙ୍ଗାରେ ତାଙ୍କୁ ଅନୁସରଣ କଲେ ଏବଂ ଯୀଶୁ କୂଳରେ ପହଞ୍ଚିବା ପୂର୍ବରୁ ସେମାନେ ପହଞ୍ଚିଲେ । ତାଙ୍କରି ଖୁବ୍ କ୍ଳାନ୍ତତା ସତ୍ତ୍ୱେ ସେ ଲୋକମାନଙ୍କୁ ଦୟା ପ୍ରକାଶ କରି ଦିନର ଅବଶିଷ୍ଟ ସମୟ ସେମାନଙ୍କୁ ଶିକ୍ଷା ଦେବାରେ ବିତାଇଲେ ।

**ଶାସ୍ତ୍ରପାଠ:**

**ମାଥିଉ.୧୪:୧୫-୨୧, ମାର୍କ.୬:୩୫-୪୪, ଲୁକ.୯:୧୨-୧୭, ଯୋହନ.୬:୩-୧୪**

**ପ୍ରେରିତମାନଙ୍କ ପ୍ରତ୍ୟାଗମନ**

**ମାଥିଉ.୧୪:୧୩-୧୪, ମାର୍କ.୬:୩୦-୩୪, ଲୁକ.୯:୧୦-୧୧, ଯୋହନ.୬:୧-୪**

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ପରେ ପ୍ରେରିତମାନେ ଯୀଶୁଙ୍କ ନିକଟରେ ଏକତ୍ର ହେଲେ, ଆଉ ସେମାନେ ଯାହା ଯାହା କରିଥିଲେ ଓ ଯାହା ଯାହା ଶିକ୍ଷା ଦେଇଥିଲେ, ସେହିସବୁ ତାହାଙ୍କୁ ଜଣାଇଲେ। ସେଥିରେ ସେ ସେମାନଙ୍କୁ କହିଲେ, ତୁମ୍ଭେମାନେ ଅନ୍ତର ହୋଇ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ଯାଇ କିଛି ସମୟ ବିଶ୍ରାମ କର। କାରଣ ଅନେକ ଲୋକ ଯିବା ଆସିବା କରୁଥିବାରୁ ସେମାନଙ୍କର ଭୋଜନ କରିବାକୁ ସୁଦ୍ଧା ସୁଯୋଗ ନ ଥିଲା। ତହିଁରେ ସେମାନେ ଅନ୍ତର ହୋଇ ନୌକାରେ ଗୋଟିଏ ନିର୍ଜ୍ଜନ ସ୍ଥାନକୁ ବାହାରିଗଲେ। କିନ୍ତୁ ଅନେକେ ସେମାନଙ୍କୁ ବାହାରିଯିବାର ଦେଖିଲେ ଓ ଚିହ୍ନିଲେ, ପୁଣି ଲୋକମାନେ ସମସ୍ତ ନଗରରୁ ପାଦଗତିରେ ସେଠାକୁ ଏକତ୍ର ଦୌଡ଼ିଯାଇ

[୩୫] ମାର୍କ ଶେଷ ଭାଗରେ ସଠିକ୍ ସମୟ ଅବଧି ପରି ଦେଖାଯାଏ, ଯେହେତୁ ଯୋହନ.୬:୪ ବର୍ଣ୍ଣନା କରେ ଯେ, ଯିହୁଦୀମାନଙ୍କ ନିସ୍ତାରପର୍ବ ପାଖେଇ ଆସୁଥିଲା ।

[୩୬] ବେଥସାଇଦା ଗାଲିଲୀ ସମୁଦ୍ରର ଉତ୍ତର-ପୂର୍ବ କୂଳରେ କଫର୍ନାହୂମର ପ୍ରାୟ ତିନିମାଇଲ ଦୂରରେ ଅବସ୍ଥିତ ଥିଲା ଯେଉଁଠି ଯର୍ଦ୍ଦନ ନଦୀ ଏଥିରେ ପ୍ରବେଶ କରିଥିଲା ।

ସେମାନଙ୍କ ଆଗରେ ପହଞ୍ଚିଲେ। ସେ ନୌକାରୁ ବାହାରି ବହୁସଂଖ୍ୟକ ଲୋକଙ୍କୁ ଦେଖି ସେମାନଙ୍କ ପ୍ରତି ଦୟାରେ ବିଗଳିତ ହେଲେ, କାରଣ ସେମାନେ ଅରକ୍ଷକ ମେଷ ପରି ଥିଲେ; ପୁଣି ସେ ସେମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାକୁ ଲାଗିଲେ।

## ଯୀଶୁ ପାଞ୍ଚ ହଜାର ଲୋକଙ୍କୁ ଖୁଆଇଲେ

## ମାଥିଉ.୧୪:୧୫-୨୩, ମାର୍କ.୬:୩୫-୪୬, ଲୂକ.୯:୧୨-୧୭, ଯୋହନ.୬:୫-୧୬

"ମୋହର ଅନୁଗମନ କର: ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂଶ"

ବେଳ ବହୁତ ହେବାରୁ ତାହାଙ୍କ ଶିଷ୍ୟମାନେ ତାହାଙ୍କ ନିକଟକୁ ଆସି କହିଲେ, ଏ ସ୍ଥାନ ତ ନିର୍ଜ୍ଜନ, ପୁଣି ବହୁତ ବେଳ ହେଲାଣି; ଲୋକମାନେ ଯେପରି ଚତୁର୍ଦ୍ଦିଗର ପଲ୍ଲୀ ଓ ଗ୍ରାମମାନଙ୍କୁ ଯାଇ ଆପଣା ଆପଣା ନିମନ୍ତେ ଖାଇବା ପାଇଁ କିଛି କିଣନ୍ତି, ଏଥିନିମନ୍ତେ ସେମାନଙ୍କୁ ବିଦାୟ ଦିଅନ୍ତୁ। କିନ୍ତୁ ଯୀଶୁ ସେମାନଙ୍କୁ ଉତ୍ତର ଦେଲେ, ତୁମ୍ଭେମାନେ ସେମାନଙ୍କୁ ଭୋଜନ କରାଅ। ସେମାନେ ତାହାଙ୍କୁ କହିଲେ, ଆମ୍ଭେମାନେ କଅଣ ଯାଇ ଶହେ ଟଙ୍କାର ରୋଟୀ କିଣି ଏମାନଙ୍କୁ ଭୋଜନ କରାଇବା? ପୁଣି, ଯୀଶୁ ଦୃଷ୍ଟିପାତ କରି ବହୁସଂଖ୍ୟକ ଲୋକଙ୍କୁ ଆପଣା ନିକଟକୁ ଆସିବା ଦେଖି ଫିଲିପ୍ପଙ୍କୁ କହିଲେ, ଏମାନଙ୍କର ଭୋଜନ ନିମନ୍ତେ ଆମ୍ଭେମାନେ କେଉଁଠାରୁ ରୋଟୀ କିଣିବା? କିନ୍ତୁ ସେ ତାହାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏହା କହିଲେ, କାରଣ ସେ କଅଣ କରିବାକୁ ଯାଉଅଛନ୍ତି, ତାହା ସେ ନିଜେ ଜାଣିଥିଲେ। ଫିଲିପ୍ପ ତାହାଙ୍କୁ ଉତ୍ତର ଦେଲେ, ପ୍ରତ୍ୟେକ ଜଣ ଟିକିଏ ପାଇବା ପାଇଁ ଏମାନଙ୍କ ନିମନ୍ତେ ଶହେ ଟଙ୍କାର ରୋଟୀ ଯଥେଷ୍ଟ ନୁହେଁ। ଶିମୋନ ପିତରଙ୍କର ଭ୍ରାତା ଆନ୍ଦ୍ରୀୟ ନାମକ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ କହିଲେ, ଏଠାରେ ଜଣେ ବାଳକ ଅଛି, ତାହା ପାଖରେ ଯବର ପାଞ୍ଚୋଟି ରୋଟୀ ଓ ଦୁଇଟି ଭଜା ମାଛ ଅଛି, କିନ୍ତୁ ଏତେ ଲୋକଙ୍କ ପାଇଁ ତାହା କଅଣ ହେବ? ଯୀଶୁ କହିଲେ, ଲୋକମାନଙ୍କୁ ବସାଅ। ସେ ସ୍ଥାନରେ ବହୁତ ଘାସ ଥିଲା। ତେଣୁ ସଂଖ୍ୟାରେ ପ୍ରାୟ ପାଞ୍ଚ ହଜାର ପୁରୁଷ[୩୭] ବସିଲେ। ସେଥିରେ ଯୀଶୁ ସେହି ରୋଟୀ ଘେନି ଧନ୍ୟବାଦ ଦେଇ ବସିଥିବା ଲୋକମାନଙ୍କୁ ତାହା ବାଣ୍ଟିଦେଲେ, ସେହି ପ୍ରକାରେ ମାଛ ମଧ୍ୟ ବାଣ୍ଟିଦେଲେ, ସେମାନେ ଯେତେ ଚାହିଁଲେ, ସେତେ ଦେଲେ। ଆଉ, ସେମାନେ ପରିତୃପ୍ତ ହୁଅନ୍ତେ, ସେ ଆପଣା ଶିଷ୍ୟମାନଙ୍କୁ କହିଲେ, ଯେପରି କିଛି ନଷ୍ଟ ନ ହୁଏ, ଏଥିନିମନ୍ତେ ବଳିଥିବା ଭଙ୍ଗା ଖଣ୍ଡଗୁଡ଼ିକ ଏକାଠି କର। ସେଥିରେ ସେମାନେ ସେହିସବୁ ଏକାଠି କଲେ, ପୁଣି ଲୋକମାନଙ୍କର ଖାଇବା ପରେ ଯବର ସେହି ପାଞ୍ଚ ରୋଟୀରୁ ଯେଉଁ ଭଙ୍ଗା ଖଣ୍ଡଗୁଡ଼ିକ ବଳିଥିଲା, ସେଥିରେ ସେମାନେ ବାର ଟୋକାଇ ପୂର୍ଣ୍ଣ କଲେ। ତେଣୁ ଲୋକମାନେ ତାହାଙ୍କ କୃତ ଆଶ୍ଚର୍ଯ୍ୟକର୍ମ ଦେଖି କହିବାକୁ ଲାଗିଲେ, ଜଗତକୁ ଯେଉଁ ଭାବବାଦୀଙ୍କର ଆସିବାର ଥିଲା, ଏ ନିଶ୍ଚୟ ସେହି। ଅତଏବ, ସେମାନେ ଆସି ରାଜା କରିବା ନିମନ୍ତେ ଯେ ତାହାଙ୍କୁ ବଳପୂର୍ବକ ଧରିବାକୁ ଉଦ୍ୟତ ଅଟନ୍ତି, ସେହିକ୍ଷଣି ସେ ଆପଣା ଶିଷ୍ୟମାନଙ୍କୁ ନୌକାରେ ଚଢ଼ି ବେଥ୍ସାଇଦା[୩୮] ଆଡ଼କୁ ଅପର ପାରିକି ଆଗରେ ଯିବା ପାଇଁ ବଳାଇଲେ, ପୁଣି ସେ ଇତିମଧ୍ୟରେ ଲୋକସମୂହକୁ ବିଦାୟ ଦେଲେ। ସେମାନଙ୍କଠାରୁ ବିଦାୟ ନେଲା ଉତ୍ତାରେ ସେ ପ୍ରାର୍ଥନା କରିବା ନିମନ୍ତେ ପର୍ବତକୁ ଗଲେ।

**ଆଦେଶ:**

- ❖ ନିଜେ ଏକୁଟିଆ ନିର୍ଜ୍ଜନ ସ୍ଥାନକୁ ଯାଇ କିଛି ସମୟ ଆରାମ ବା ବିଶ୍ରାମ କର ।
- ❖ ତୁମେ ସେମାନଙ୍କୁ କିଛି ଖାଇବାକୁ ଦିଅ ।
- ❖ ତୁମ ପାଖରେ କେତେ ଖଣ୍ଡ ରୋଟୀ ଅଛି, ଯାଇ ଦେଖ ।

[୩୭] ୫ ହଜାର ପୁରୁଷ । ସର୍ବ ମୋଟ ପ୍ରାୟତଃ ୨୦, ୦୦୦ରୁ ଅଧିକ ଲୋକ ଯାହାଙ୍କୁ ଯୀଶୁ ସେଦିନ ଖୁଆଇଥିଲେ ।
[୩୮] ବେଥ୍ସାଇଦା । ଏକ କଫର୍ନାହୂମ ନିକଟସ୍ଥ ସହର, ଯେଉଁଠାରେ ପିତର, ଆନ୍ଦ୍ରିୟ ଓ ଫିଲିପଙ୍କ ଗୃହ ଥିଲା ।

❖ ତାହା ମୋ ନିକଟକୁ ଆଣ ।

❖ ପଚାଶ ପଚାଶ କରି ଦଳ ଦଳ ହୋଇ ସେମାନଙ୍କୁ ଖାଇବାକୁ ଦିଅ ।

❖ ଅବଶିଷ୍ଟ ସଂଗ୍ରହ କର ଯାହା ନଷ୍ଟ ନ ହୁଏ ।

**ଦଳୀୟ ଆଲୋଚନା:**

୧. ସେବାକାର୍ଯ୍ୟ କଲାବେଳେ ତୁମେ କେତେଥର ବିଶ୍ରାମ ନେଇଥାଅ ।

**ଶିକ୍ଷା:**

ଶିଷ୍ୟମାନଙ୍କ ପାଇଁ ନୂତନ ସେବା ପାଠ୍ୟ ଗଚ୍ଛିତ ଅଛି । ସେମାନଙ୍କ ମିଶନାରୀ ଯାତ୍ରା ସମୟରେ ଶିଷ୍ୟମାନେ ଫସଲ କ୍ଷେତ୍ରକୁ ଯିବା ବିଷୟରେ ଯୀଶୁ ଦେଇଥିବା ନିର୍ଦ୍ଦେଶ ଉପରେ ଧ୍ୟାନ ଦେଇଥିଲେ । ବର୍ତ୍ତମାନ ସେମାନେ ଏକ ଅପ୍ରାକୃତିକ ଅବସ୍ଥାରେ ସେବାକାର୍ଯ୍ୟର ସମ୍ମୁଖୀନ ହୋଇଛନ୍ତି ।

ଆସନ୍ତୁ ଏହା କହି ଆରମ୍ଭ କରିବା ଯେ, ଈଶ୍ୱର ଜଣେ ଅନ୍ୟକୁ ଖଟାଇବା ବ୍ୟକ୍ତି ନୁହନ୍ତି । ସେ ତାଙ୍କ ଲୋକମାନଙ୍କୁ କଷ୍ଟରେ ପରିଚାଳନା କରନ୍ତି ନାହିଁ । ଯୀଶୁ ନିଜ ଶିଷ୍ୟମାନଙ୍କ ବିଶ୍ରାମ ଓ ଆରମ ପାଇଁ ଆବଶ୍ୟକତା ବୁଝିଲେ ଏବଂ ସେମାନଙ୍କୁ କିଛି ନେବାକୁ ଆଦେଶ ଦେଲେ । ଏହିପରି ସେବାକାର୍ଯ୍ୟରେ ଜଡିତ ଅନେକ ଲୋକ ପ୍ରକୃତରେ ନିଜକୁ ବିଚଳିତ କରନ୍ତି କାରଣ ସେମାନେ ବିରତି ନିଅନ୍ତି ନାହିଁ ।

ସେମାନଙ୍କର ବିଫଳତା ସାଧାରଣତଃ ଗର୍ବର ବିଷୟ ସହିତ ଜଡିତ ଅଟେ । ସମ୍ଭବତଃ ସେମାନେ ବିଶ୍ୱାସ କରନ୍ତି ଯେ ଈଶ୍ୱର ସେମାନଙ୍କୁ ଦେଇଥିବା ସେବାକାର୍ଯ୍ୟ ସେମାନଙ୍କ ବିନା ଏକ ମିନିଟ ପାଇ ମଧ୍ୟ କରିପାରିବେ ନାହିଁ । (ଆତ୍ମ-ଗୁରୁତ୍ୱତା) କିମ୍ବା କାର୍ଯ୍ୟ କରିବାକୁ ଆଉ କେହି ନାହାନ୍ତି (ପରମେଶ୍ୱର ଯୋଗାଇବାରେ ବିଫଳ ହୋଇଅଛନ୍ତି) ।

ଈଶ୍ୱର ଅଳସୁଆକୁ ବରଦାସ୍ତ କରନ୍ତି ନାହିଁ, କିନ୍ତୁ ସେ ଚାହାନ୍ତି ନାହିଁ ଯେ, ତାଙ୍କ ଲୋକମାନେ ମଧ୍ୟ କାର୍ଯ୍ୟନିଶା ହୁଅନ୍ତୁ । ସେଥିପାଇଁ ସେ ବାଇବଲରେ ଅନେକ ଥର କହିଛନ୍ତି ଯାହା ସେମାନଙ୍କୁ ବିଶ୍ରାମ କରିବାକୁ ଆବଶ୍ୟକ ମନେ କଲେ ।

- ସପ୍ତାହରେ ଏକ ଦିନ ।
- ପ୍ରତ୍ୟେକ ବର୍ଷରେ ସାତ ଦିନ ଛୁଟିଦିନ ।
- ବର୍ଷକୁ ତିନୋଟି ଛୁଟି –
    - ବସନ୍ତ ସମୟ, ୮ ଦିନ ଏବଂ ଯାତ୍ରା ସମୟ ।
    - ଗ୍ରୀଷ୍ମ ସମୟ, ୨ ଦିନ ଏବଂ ଯାତ୍ରା ସମୟ ।
    - ବର୍ଷ ଶେଷ, ୮ ଦିନ ଏବଂ ଯାତ୍ରା ସମୟ ।
- ପ୍ରତି ସାତ ବର୍ଷରେ ବର୍ଷ ସାରା ଛୁଟି ।
- ପୁଣି ପ୍ରତିଟି ପଚାଶ ବର୍ଷରେ ବର୍ଷ ସାରା ଛୁଟି ।

ଆଉ ଏହି ଦିନଗୁଡିକରେ କେବଳ ବିଶ୍ରାମ ନେବାର ଆବଶ୍ୟକତା ଥିଲା ।

**ଦଳୀୟ ଆଲୋଚନା:**

୨. ଯେତେବେଳେ ତୁମେ ଏକ ଅତ୍ୟଧିକ ଆବଶ୍ୟକତାର ସମ୍ମୁଖୀନ ହୁଅ, ସେତେବେଳେ ତୁମେ କିପରି ପ୍ରତିକ୍ରିୟା ପ୍ରକାଶ କରିବ ?

**ଶିକ୍ଷା ଜାରି ରହିଛି:**

ଯେତେବେଳେ ଶୀଷ୍ୟମାନେ ଶିଖାଉଥିବା ଲୋକମାନଙ୍କର ଶାରୀରିକ ଆବଶ୍ୟକତା ବିଷୟରେ ଅବଗତ ହୁଅନ୍ତି, ସେମାନେ ସେମାନଙ୍କର ଚିନ୍ତାଧାରା ସହିତ ଯୀଶୁଙ୍କ ନିକଟକୁ ଆସନ୍ତି । ଆମର ଅନେକଙ୍କ ପରି ସେମାନଙ୍କର ଆବଶ୍ୟକତା ପାଇଁ ବ୍ୟବସ୍ଥା କରିବାକୁ ଅନୁମତି ଦେବା । ଏହା ଏକ ଚତୁର ଏବଂ ଯୁକ୍ତିଯୁକ୍ତ ଧାରଣା । ସମସ୍ତେ ଆତ୍ମ-ନିର୍ଭର ହୋଇ ନିଜ ନିଜ ଜିନିଷର ମାଲିକ ହୁଅନ୍ତି । ଆମେରିକାରେ ଏହାକୁ ଆମେ ସାଧାରଣତନ୍ତ୍ର ବୋଲି କହିଥାଉ ।

କିନ୍ତୁ ଯୀଶୁ ତୁରନ୍ତ ସେହି ଧାରଣାକୁ ବନ୍ଦ କରିଦେଲେ । ସେ ନିଜ ଶିଷ୍ୟମାନଙ୍କୁ ଆଦେଶ ଦିଅନ୍ତି ଯେ, ତୁମେ ସେମାନଙ୍କୁ କିଛି ଖାଇବାକୁ ଦିଅ । ସେ ଚାହାନ୍ତି ଯେ ଶିଷ୍ୟମାନେ ଏହି ଲୋକଙ୍କ ଆବଶ୍ୟକତା ପାଇଁ ବ୍ୟକ୍ତିଗତ ଦାୟିତ୍ୱ ଗ୍ରହଣ କରନ୍ତୁ ଏବଂ ବୋଧହୁଏ ଏହା ସେମାନଙ୍କ ପାଇ ପୂର୍ବକାଳର ପ୍ରଶ୍ନ, 'ମୁଁ କଣ ମୋ ଭାଇର ରକ୍ଷକ ?' (ଆଦି.୪:୯) । ତାଙ୍କ ପ୍ରତ୍ୟୁତ୍ତରରୁ ଯୀଶୁ ସ୍ପଷ୍ଟ ଭାବରେ ବିଶ୍ୱାସ କରିଥିଲେ ଯେ, ଆବଶ୍ୟକ କରୁଥିବା ଲୋକଙ୍କୁ ସାହାଯ୍ୟ କରି ପ୍ରେମର ମାର୍ଗ ପ୍ରକାଶ କରିବା ।

ସେମାନଙ୍କର ବ୍ୟକ୍ତିଗତ ଦାୟିତ୍ୱ ଗ୍ରହଣ କରି ଶିଷ୍ୟମାନେ ଏକ ବିକଳ୍ପ ସମାଧାନ ସହ ଯୀଶୁଙ୍କୁ ଉପସ୍ଥାପନ କଲେ । ଆମ୍ଭମାନଙ୍କ ପରି ସମାଧାନ ହେଉଛି ଲୋକଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିଜସ୍ୱ ଟଙ୍କା ବ୍ୟୟ କରିବା । ନିଶ୍ଚିତ ଭାବରେ ଏହା ଏକ ଚତୁର ଏବଂ ଯୁକ୍ତିଯୁକ୍ତ ଧାରଣା । ଆସନ୍ତୁ ଆମର ସାମାଜିକ ଦାୟିତ୍ୱ ଗ୍ରହଣ କରି ଏଥିରେ କିଛି ଟଙ୍କା ବ୍ୟୟ କରିବା । ଆମେରିକାରେ ଆମେ ଏହାକୁ ଗଣତାନ୍ତ୍ରିକ ଉପାୟ[୩୯] ବୋଲି କହୁ ।

କିନ୍ତୁ ଯୀଶୁ ସେହି ଧାରଣାକୁ ବନ୍ଦ କରି ଶିଷ୍ୟମାନଙ୍କୁ ପରିସ୍ଥିତିକୁ ଯୁକ୍ତିଯୁକ୍ତ ଭାବରେ ଚିନ୍ତା କରିବାକୁ ବାଧ୍ୟ କଲେ । ଯେହେତୁ ସେମାନେ ନିର୍ଜନ ସ୍ଥାନରେ ଅଛନ୍ତି । ସେ ପଚାରିଲେ, "ଆମେ କେଉଁଠାରୁ ରୋଟୀ କିଣିବା ଯାହା ଏମାନେ ଖାଇପାରିବେ" । ଅନ୍ୟ କଥାରେ ସେ କହୁଛନ୍ତି ।

- ତୁମର ମନେ ଅଛିକି ଦିନରେ ବିଳମ୍ବ ହୋଇଛି ?
- ଯେହେତୁ ଆମେ ଏକ ଦୂର ସ୍ଥାନରେ ଅଛୁ, ତୁମେ ରୋଟୀ ଆଣିବାକୁ କେଉଁଆଡେ ଯାଉଅଛ ?
- ତୁମେ ଏହି ସମସ୍ତ ଲୋକଙ୍କୁ ଖୁଆଇବା ପାଇଁ ଗୋଟିଏ ସହରରେ ଯଥେଷ୍ଟ ରୋଟୀ ପାଇପାରିବ ନାହିଁ କିଅବା ତୁମେ ଅନେକ ସହରକୁ ଯିବାକୁ ପଡିବ କି ?

---

[୩୯] ଅନ୍ୟମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ଶିଷ୍ୟମାନେ ଦୁଇଟି ସମାଧାନର ମାର୍ଗ ଯୀଶୁଙ୍କୁ କହିଥିଲେ । ଏହି ବିଂଶ ଶତାବ୍ଦୀରେ ଆମେରିକାରେ ଦୁଇଟି ଦଳ ଆମେରିକୀୟ ରାଜନୀତି ପ୍ରକ୍ରିୟାକୁ ପରିଚାଳନା କରୁଛି । ଡେମୋକ୍ରାଟ ଦଳର ଲୋକେ ରିପବ୍ଲିକାନ ଦଳର ଲୋକମାନଙ୍କୁ ହୃଦୟ ନାହିଁ ବୋଲି ଅଭିଯୋଗ କରନ୍ତି ଏବଂ ରିପବ୍ଲିକାନ ଦଳର ଲୋକେ ଡେମୋକ୍ରାଟ ଦଳର ଲୋକମାନଙ୍କୁ ବୁଦ୍ଧି ନାହିଁ ବୋଲି ଅଭିଯୋଗ କରନ୍ତି ।

- ତୁମେ କେଉଁ ସହରକୁ ଯିବ ?
- ସହରର ଏକ ସଉଦା ଦୋକାନ ଅଛି ନା ରୋଟୀ ନିମନ୍ତେ ଦ୍ୱାର ଦ୍ୱାର ତୁମମାନଙ୍କୁ ମାଗିବାକୁ ପଡିବ ?
- ଯଦି ତୁମେ ବିଭିନ୍ନ ସହରକୁ ରୋଟୀ କିଣିବାକୁ ଯାଉଛ, ବିଶେଷତଃ କିଏ ଟଙ୍କା ନେଇ ଯିବ ?
- ତେବେ ଏଠାକୁ ରୋଟୀ କିପରି ଆଣିବ ?

ଶେଷରେ ଫିଲିପ ପରିସ୍ଥିତିର ସତ୍ୟତାକୁ ଅନୁଭବ କଲେ, ଯେତେବେଳେ ସେ ଉର ଦେଲେ, ଦୁଇ ଶହ ଦେନାରି[୪୦] ମୂଲ୍ୟର ରୋଟୀ ଟିକିଏ ଟିକିଏ ମଧ୍ୟ ଖାଇବାକୁ ସେମାନଙ୍କର ଯଥେଷ୍ଟ ହେବ ନାହିଁ । ଫଲିପଙ୍କ ହୃଦୟକୁ ଆଶୀର୍ବାଦ କର । ଲୋକଙ୍କ ଆବଶ୍ୟକତା ପୂରଣ ନିମନ୍ତେ ପାଖରେ ଥିବା ସମସ୍ତ ଅର୍ଥ ବ୍ୟୟ କରିବାକୁ ଚାହିଁଲେ, କିନ୍ତୁ ଯଦିଓ ଏହି ଚିନ୍ତା ବୃଥା ସାବ୍ୟସ୍ତ ହେଲା । ଅର୍ଥ ବ୍ୟୟ କଲାପରେ ସେମାନେ ଆପଣା ଆବଶ୍ୟକତାକୁ ପୂରଣ କରିପାରିନଥାନ୍ତେ । ସେବାକାର୍ଯ୍ୟକୁ ଆଗକୁ ବଢେଇବା କିଅବା ଆବଶ୍ୟକତାକୁ ପୂରଣ କରିପାରିନଥାନ୍ତେ ।

ଅନ୍ୟର ଆବଶ୍ୟକତା ପୂରଣ କରିବା ପାଇଁ ଶିଷ୍ୟର ସମାଧାନ ଶୁଣି, ଯୀଶୁ ନିଜର ଉପାୟ ପ୍ରଦାନ କରନ୍ତି । ଏହା ବିଶ୍ୱାସ ଦ୍ୱାରା ବଞ୍ଚିବା ଏକ ଜଣାଶୁଣା ନମୁନାକୁ ଅନୁସରଣ କରିବା ।

- **ମାଗ** – ଈଶ୍ୱରଙ୍କଠାରୁ ବାକ୍ୟ ବା ପ୍ରକାଶନ ପାଇବା ନିମନ୍ତେ ମାଗିବା । ଏହାକୁ ରେହ୍ମା କୁହାଯାଏ: ଏକ ବ୍ୟକ୍ତିଗତ ସ୍ୱତନ୍ତ୍ର ପ୍ରକାଶନ ବା ବାକ୍ୟ ଈଶ୍ୱରଙ୍କଠାରୁ ପାଇବା ଯାହା ସାହାଯ୍ୟ ସକାଶେ ମାଗିବା ଓ ଉତ୍ତର ସକାଶେ ଅପେକ୍ଷା କରିବା ।
    - ଯୀଶୁ ଜାଣନ୍ତି ଯେ, ସେ କଣ କରିବାକୁ ଯାଉଅଛନ୍ତି । ଆଉ ଏଥିରେ ସେ ତାଙ୍କୁ ପରୀକ୍ଷା ଏହା କରିବାକୁ କହୁଥିଲେ, କାରଣ ସେ ନିଜେ ଜାଣନ୍ତି ଯେ, ସେ କଣ କରିବାକୁ ଚାହୁଁଥିଲେ ।

- **ଖୋଜ** – ଏହାକୁ ପୂରଣ କରିବା ନିମନ୍ତେ ଉତ୍ସ ଖୋଜୁଥିବା ଲୋକମାନଙ୍କଠାରେ ଈଶ୍ୱରଙ୍କ ଯୋଜନା କୁହ ।
    - କେତୋଟି ରୋଟି ଖଣ୍ଡ ଅଛି ? ଯାଇ ଦେଖ ।
    - ତାହା ମୋ ପାଖକୁ ଆଣ ।
    - ଏବଂ ସେ ତାଙ୍କ ଶିଷ୍ୟମାନଙ୍ୟକୁ କହିଲେ, ପଚାଶ ପଚାଶ କରି ଦଳ ଦଳ ଭାବେ ଖାଇବାକୁ ଦିଅ ।

- **ଦ୍ୱାରରେ ଆଘାତ କର** – ଈଶ୍ୱରଙ୍କ ଯୋଜନା ଉପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରି ସେ ଯେ ତୁମ ପାଇଁ କାର୍ଯ୍ୟ ସମ୍ପାଦନ କରିବେ ଏହା ଭରସା ରଖ ।
    - ସେ ରୋଟୀଗୁଡିକ ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ ସେମାନଙ୍କ ସମ୍ମୁଖରେ ରଖିବାକୁ ଲାଗିଲେ । ସେ ଦୁଇଟି ମାଛ ନେଇ ସ୍ୱର୍ଗ ଆଡକୁ ଚାହିଁ ଖାଦ୍ୟକୁ ଆଶୀର୍ବାଦ କଲେ ।

---

[୪୦] ବୋଧହୁଏ ଏହା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରରେ ଥିବା ଅର୍ଥର ହିସାବ ବା ମୂଲ୍ୟର ପରିମାଣ ।

○ ଅବଶିଷ୍ଟ ଖଣ୍ଡଗୁଡିକ ସଂଗ୍ରହ କର, ଯେପରି କିଛି ନଷ୍ଟ ହୁଏ ଏବଂ ସେମାନେ ଭଙ୍ଗାଗୁଡିକ ୧୨ ଟୋକେଇ ଏବଂ ମାଛ ମଧ୍ୟ ଉଠାଇଲେ ।

ଆବଶ୍ୟକତା ପାଇ ବ୍ୟବସ୍ଥା କରିବା ପାଇଁ ପ୍ରାଥମିକ ଢାଞ୍ଚା ପ୍ରଦର୍ଶନ କରିବା ବ୍ୟତିତ, ଯୀଶୁ ନିଜ ଶିଷ୍ୟମାନଙ୍କୁ ତାଙ୍କ ଆଦେଶ ମାଧ୍ୟମରେ ଅନ୍ୟ କେତେକ ନୀତି ମଧ୍ୟ ଶିଖାଇଲେ ।

ଆସନ୍ତୁ ସେସବୁକୁ ପରୀକ୍ଷା କରିବା । ଯେବେ ଯୀଶୁ କହିଲେ, "ତୁମ ପାଖରେ କେତୋଟି ରୋଟୀ ଅଛି ?" ସେ ସୂଚାଇ ଦେଉଛନ୍ତି ଯେ, ଯେତେବେଳେ ଏକ ଆବଶ୍ୟକତା ଆସେ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ଈଶ୍ୱର ପୂର୍ବରୁ ପ୍ରଦାନ କରିଥିବା ଉପାଦାନଗୁଡିକ ଦେଖନ୍ତୁ ।

ସେ କହନ୍ତି, "ସେଗୁଡିକ ମୋ ନିକଟକୁ ଆଣ ।" ଯୀଶୁ କହନ୍ତି ଯେ, ତାଙ୍କର ଶିଷ୍ୟମାନେ ତାଙ୍କର ସାମଗ୍ରୀ ତାହାଙ୍କ ନିକଟକୁ ଆଣନ୍ତୁ । ସ୍ୱର୍ଗ ଓ ପୃଥିବୀର ଈଶ୍ୱର ଉକ୍ତ କ୍ଷୁଦ୍ର ସାମଗ୍ରୀକୁ ବହୁଗୁଣିତ କରି ସେମାନଙ୍କ ଆବଶ୍ୟକତାକୁ ପୂରଣ କରିବେ ।

ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ପଚାଶ ଏବଂ ଶହେ ଲୋକଙ୍କ ସେବା କରିବାର ପୁରାତନ ନିୟମ ଅନୁସରଣ କରି ଦଳ ଦେଇଥିଲେ ଏବଂ ଉକ୍ତ ଦଳଗୁଡିକ ବିଶେଷକରି ଦଶ, ପଚାଶ, ଏକ ଶହ ଓ ଏକ ହଜାର ସଖ୍ୟା ବିଶିଷ୍ଟ ଦଳଗୁଡିକ ଥିଲେ । ଆଉ ସେମାନଙ୍କୁ ସେବା କରିବା ପାଇ ଗୋଟିଏ ଦଳ ପାଇଁ ଗୋଟିଏ ନେତା ଥିଲେ । ଉଦାହରଣସ୍ୱରୂପ, ଦଶ ଜଣଙ୍କ ପାଇଁ ଏକ ସମାଜଗୃହ ସ୍ଥାପନ କରାଯାଇ ତାଙ୍କରି ପରିଚାଳନା ପାଇଁ ଏକ ବରିଷ୍ଠଙ୍କୁ ନିଯୁକ୍ତି କରାଯାଇଥିଲା ।

ଈଶ୍ୱରଙ୍କୁ ତାଙ୍କର ଯୋଗାଣ ପାଇ ଯେତିକି ସାମାନ୍ୟ ଦେଖାଯାଏ, ସେଥିପାଇଁ ଧନ୍ୟବାଦ ଦେବା ସର୍ବଦା ଉପଯୁକ୍ତ । ସେ ପାଞ୍ଚଟି ରୋଟୀ ଓ ଦୁଇଟି ମାଛ ନେଇ ସ୍ୱର୍ଗ ଆଡକୁ ଚାହିଁ ଖାଦ୍ୟକୁ ଆଶୀର୍ବାଦ କଲେ ।[୪୧]

ତା'ପରେ ଯୀଶୁ ଯାହା ପାଇଲେ ତାହା ଦେବାକୁ ଆରମ୍ଭ କଲେ ଏବଂ ଯାହା ଦେଲେ ତାହା ବହୁଗୁଣିତ ହେଲା । ଏହା ବୁଣିବା ଏବଂ ଅମଳ ନିୟମରୁ ଆସିଛି ।

- ଦାନ କର, ତାହାହେଲେ ତୁମ୍ଭମାନଙ୍କୁ ଦାନ ଦିଆଯିବ; ଲୋକେ ମାଣକୁ ପୁରା କରି ତାହାକୁ ଚାପି ହଲାଇ ଉଛୁଳାଇ ତୁମ୍ଭମାନଙ୍କ ଅଣ୍ଟିରେ ଦେବେ; କାରଣ ଯେଉଁ ମାପରେ ମାପ କର, ସେହି ମାପରେ ତୁମ୍ଭମାନଙ୍କୁ ପୁଣି ମପାଇ ଦିଆଯିବ। (ଲୂକ.୬:୩୮)
- କିନ୍ତୁ ଏହା ସତ୍ୟ, ଯେ ଅଳ୍ପ ବୁଣେ, ସେ ମଧ ଅଳ୍ପ କାଟିବ; ଆଉ ଯେ ପ୍ରଚୁର ବୁଣେ, ସେ ମଧ ପ୍ରଚୁର କାଟିବ। ପ୍ରତ୍ୟେକ ଜଣ ଆପଣା ହୃଦୟରେ ଯେପରି ସଂକଳ୍ପ କରିଅଛି, ସେହିପରି କରୁ, କୁଣ୍ଠିତ ଭାବରେ ନୁହେଁ ଅବା ବାଧ୍ୟବାଧକତା ହେତୁରୁ ନୁହେଁ; କାରଣ ଈଶ୍ୱର ହୃଷ୍ଟଚିତ୍ତ ଦାତାକୁ ଭଲ ପାଆନ୍ତି। ଆଉ, ସମସ୍ତ ବିଷୟ ସର୍ବଦା ଯଥେଷ୍ଟ ରୂପେ ପାଇ ତୁମ୍ଭେମାନେ ଯେପରି ସମସ୍ତ ଉତ୍ତମ କର୍ମ ନିମନ୍ତେ ଅଧିକରୁ ଅଧିକତର ଦାନ କରି ପାର, ଏଥିନିମନ୍ତେ ଈଶ୍ୱର ତୁମ୍ଭମାନଙ୍କୁ ସର୍ବପ୍ରକାର

---

[୪୧] ସେ ଖାଦ୍ୟକୁ ଆଶୀର୍ବାଦ କଲେ । ପ୍ରକୃତରେ ଖାଦ୍ୟ କେବେବି ଆଶୀର୍ବାଦ ପ୍ରାପ୍ତ ହୁଏ ନାହିଁ, ତାଙ୍କରି ଯୋଗାଣ ନିମନ୍ତେ ଧନ୍ୟବାଦ ଦେବା ଦ୍ୱାରା ସେ ନିଜେ ଗୌରବାନ୍ୱିତ ହୁଅନ୍ତି ।

ଅନୁଗ୍ରହ ପ୍ରଚୁର ଭାବରେ ଦେବାକୁ ସମର୍ଥ ଅଟନ୍ତି, ଯେପରି ଲେଖାଅଛି, "ସେ ମୁକ୍ତହସ୍ତରେ ବିତରଣ କରିଅଛି, ସେ ଦରିଦ୍ରମାନଙ୍କୁ ଦାନ ଦେଇଅଛି, ତାହାର ଧାର୍ମିକତା ଚିରକାଳସ୍ଥାୟୀ।" ଆଉ, ଯେ ବୀଜବପନକାରୀକୁ ବୀଜ ଓ ଭୋଜନ ନିମନ୍ତେ ଆହାର ଯୋଗାନ୍ତି, ସେ ବୁଣିବା ନିମନ୍ତେ ତୁମ୍ଭମାନଙ୍କୁ ବୀଜ ଯୋଗାଇବେ ଓ ତାହା ବଢ଼ାଇବେ, ପୁଣି, ତୁମ୍ଭମାନଙ୍କ ଧାର୍ମିକତାର ଫଳ ବୃଦ୍ଧି କରିବେ; ଏହିପରି ତୁମ୍ଭେମାନେ ସବୁ ବିଷୟରେ ଧନୀ ହୋଇ ସର୍ବପ୍ରକାର ବଦାନ୍ୟତା ଦେଖାଇ ପାରିବ, ଆଉ ତାହା ଆମ୍ଭମାନଙ୍କ ଦ୍ୱାରା ଈଶ୍ୱରଙ୍କ ଧନ୍ୟବାଦର କାରଣ ହେବ। କାରଣ ଏହି ଦାନରୂପ ସେବା ଯେ କେବଳ ସାଧୁମାନଙ୍କର ଅଭାବ ପୂରଣ କରୁଅଛି, ତାହା ନୁହେଁ, ମାତ୍ର ତଦ୍ଦ୍ୱାରା ମଧ୍ୟ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ବହୁ ଧନ୍ୟବାଦ ଉଚ୍ଛୁଳି ଉଠୁଅଛି, (୨ୟ କରିନ୍ଥୀୟ.୯:୬-୧୨)।

- ଦେଖ, ଯୀଶୁ ତାଙ୍କ ପାଖରେ ଯାହାଥିଲା ସବୁ ଦାନ କଲେ ।

ଶେଷରେ, ଯୀଶୁ ନିଜ ଶିଷ୍ୟମାନଙ୍କୁ ଯାହା ବଳି ପଡିଲା ତାହା ସଂଗ୍ରହ କରିବାକୁ କହିଲେ । ସେ ଚାହାନ୍ତି ଯେ, ଶିଷ୍ୟମାନେ ସ୍ୱୀକାର କରନ୍ତୁ ଯେ ଈଶ୍ୱର ଯାହା କିଛି ଯୋଗାନ୍ତି ସେ କୌଣସି କାରଣ ଥାଇ ତାହା କରନ୍ତି । ତେଣୁ ତାଙ୍କରି ଦତ୍ତ ଖାଦ୍ୟକୁ ନଷ୍ଟ କରନାହିଁ । ଯଦିଓ ସେମାନେ ବର୍ତ୍ତମାନ ସମୟରେ ଅବଶିଷ୍ଟର ତୁରନ୍ତ ଆବଶ୍ୟକତା ଦେଖନ୍ତି ନାହିଁ .. .. .. ତଥାପି ଭବିଷ୍ୟତରେ ଏହାର ଏକ ଉଦ୍ଦେଶ୍ୟ ଅଛି ।

**ଦଳୀୟ ଆଲୋଚନା:**

୩. ଯୀଶୁଙ୍କ ଚତୁର୍ଦ୍ଦିଗରେ ଥିବା ଲୋକମାନେ କିଏ ଏବଂ ସେ ସେମାନଙ୍କୁ କ'ଣ ଖାଇବାକୁ ଦେଲେ ?
   - ଦରିଦ୍ର "ସୁସମାଚାର ପ୍ରଚାର କଲେ (ସୁସମ୍ବାଦ) ।"
   - ନିର୍ବାସିତ ବା ବନ୍ଦୀମାନେ "ସ୍ୱାଧୀନ ଘୋଷଣା କଲେ ।"
   - ଅନ୍ଧ ଦୃଷ୍ଟିଶକ୍ତିର ଘୋଷଣା କଲେ ।
   - ଦଳିତ ସ୍ୱାଧୀନ ଘୋଷଣା କଲେ ।

୪. କେଉଁ ଲୋକମାନେ ତୁମ ଚତୁଃପାର୍ଶ୍ୱରେ ଅଛନ୍ତି ?

୫. ଯେତେବେଳେ ତୁମେ ଅନୁଭବ କରିବ ଯେ, ଦୁନିଆର ଆବଶ୍ୟକତା ଯୋଗାଇବା ପାଇ ତୁମର ବିଶେଷ ଦାନ ଅଛି, ଏହା ତୁମକୁ କିପରି ଅନୁଭବ କରିବ ?

**ପାଠର ମୂଳ ଶିକ୍ଷା:**

ସଦାପ୍ରଭୁ ତୁମକୁ ବ୍ୟବହାର କରି ଲୋକମାନଙ୍କୁ ଆଶୀର୍ବାଦ କରିବା ଏବଂ ତାଙ୍କ ନାମକୁ ଗୌରବାନ୍ୱିତ କରିବାକୁ ଚାହାନ୍ତି ।

**ପ୍ରୟୋଗ:**

ତୁମ ଚତୁଃପାର୍ଶ୍ୱରେ ଥିବା ଲୋକମାନଙ୍କର ସେବା କର ।

## ପାଠ – ୨୬

## ଭୟ ନ କର

**ଗ୍ରୁପ୍ ଆଇସ୍‌ବ୍ରେକର:-**

ପ୍ରଭୁ ଆପଣଙ୍କୁ କେବେ କିଛି କରିବାକୁ କହିଛନ୍ତି କି, ଯାହା ବାଧ୍ୟ ହେବା ପାଇଁ ଆପଣଙ୍କର କଷ୍ଟକର ହୋଇଛି ? ଯଦି ଉତ୍ତର ହଁ ହୁଏ, ଘଟଣାଗୁଡିକ ବର୍ଣ୍ଣନା କରନ୍ତୁ ।

**ଉପକ୍ରମ:**

ଯୀଶୁ ଯେତେବେଳେ ୫ଟି ରୋଟି ଓ ୨ଟି ମାଛରେ ୫ ହଜାର ଲୋକଙ୍କୁ ଖୁଆଇଲେ ସେମାନେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେମାନେ ଯୀଶୁଙ୍କୁ ରାଜା କରିବା ପାଇଁ ଇଚ୍ଛା କଲେ । ଯୀଶୁ ଏହା ଜାଣି ପାରି ସଙ୍ଗେ ସଙ୍ଗେ ତାହାଙ୍କ ଶିଷ୍ୟମାନଙ୍କୁ ନୌକାରେ ବସି ବେଥସାଇଦାକୁ[୪୨] ଯିବାକୁ କହିଲେ, ସେତେବେଳେ ସେ ପ୍ରାର୍ଥନା କରିବାକୁ ପର୍ବତ ଉପରକୁ ଗଲେ ।

ଯୀଶୁ ପର୍ବତ ଉପରେ ଥିବା ତାହାଙ୍କ ପ୍ରାର୍ଥନା ସ୍ଥଳ ଦ୍ରାକ୍ଷାଲତାଠାରୁ ଦୁରରେ ଥିବା ତାହାଙ୍କ ଶିଷ୍ୟମାନେ ପ୍ରତିକୂଳ ଝଡ ପବନରେ[୪୩] ନୌକା ବାହିବାରେ ସଂଘର୍ଷ କରୁଥିବାର ଦେଖିପାରିଲେ । ଏଣୁ ରାତ୍ରିର ଚତୁର୍ଥ ପ୍ରହରରେ[୪୪] ପାଣି ଉପରେ ଚାଲି ଚାଲି[୪୫] ସେମାନଙ୍କ ନିକଟକୁ ଆସିଲେ ।

**ପଠନ ଶାସ୍ତ୍ରାଂଶ:**

**<u>ମାଥିଉ.୧୪:୨୪-୩୩, ମାର୍କ:୪୭-୫୨, ଯୋହନ.୬:୧୪-୨୧</u>**

### ଯୀଶୁ ପାଣି ଉପରେ ଚାଲିଲେ

ମାଥିଉ.୧୪:୨୪-୩୩, ମାର୍କ:୪୭-୫୨, ଯୋହନ.୬:୧୪-୨୧

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ

କିନ୍ତୁ ନୌକା ସେତେବେଳେ କୂଳରୁ ଅନେକ ଦୂରରେ[୪୬] ଥିଲା ଏବଂ ପ୍ରତିକୂଳ ବାୟୁ ହେତୁ ତାହା ଲହଡିରେ ଟଳମଳ ହେଉଥିଲା । କିନ୍ତୁ ରାତ୍ରିର ଚତୁର୍ଥ ପ୍ରହରରେ[୪୭] ସେ ସମୁଦ୍ର ଉପରେ ଚାଲି ସେମାନଙ୍କ ପାଖକୁ ଆସିଲେ, ପୁଣି ଶିଷ୍ୟମାନେ ତାହଙ୍କୁ ସମୁଦ୍ର ଉପରେ ଚାଲିବାର ଦେଖି ଉଦ୍‌ବିଗ୍ନ ହୋଇ କହିଲେ, ଏ ତ ଭୂତ; ଆଉ ସେମାନେ ଭୟରେ ଚିତ୍କାର କଲେ । କିନ୍ତୁ ଯୀଶୁ ସେହିକ୍ଷଣି ସେମାନଙ୍କ ସହିତ କଥାବାର୍ତ୍ତା କରି କହିଲେ, "<u>ସାହସ ଧର, ଏ ତ ମୁଁ, ଭୟ କର ନାହିଁ</u>।" ସେଥିରେ

---

[୪୨] ଗାଲିଲୀ ସମୁଦ୍ରକୂଳସ୍ଥ ଉ□ାଂଚଳରେ ଥିବା କଫର୍ନାହୂମଠାରୁ ପୂର୍ବ ଦିଗରେ ପ୍ରାୟ ତିନି ମାଇଲ ଦୂରରେ ବେଥସାଇଦା ନଗର ଅବସ୍ଥିତ ଥିଲା ବେଥସାଇଦାର ଅର୍ଥ "ମାଛ ଧରିବାର ଗୃହ" । ବେଥସାଇଦା ସ୍ଥାନଟି ଆନ୍ଦ୍ରିୟ, ପିତର ଓ ଫିଲ୍ଲିପଙ୍କ ଜନ୍ମ ସ୍ଥାନ ଥିଲା

[୪୩] ବର୍ଷର ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ବାୟୁ ହ୍ରଦ ଉପରେ ବହୁଥିଲା ଗ୍ରୀଷ୍ମ ଋତୁର ଅପରାହ୍ନରେ ପଶ୍ଚିମା ବାୟୁ (ଘାର୍ବିହେ) ବହି ଗ୍ରୀଷ୍ମ ଉତ୍ତାପରେ ଥଣ୍ଡା ପବନ ବହୁଥିଲା, କିନ୍ତୁ ଝଡ ହେଉନଥିଲା । ଶୀତ ଓ ବସନ୍ତ ଋତୁରେ ପୂର୍ବୀୟ ବାୟୁ (ଶାର୍କିହେ)ବହୁବାର ବହି ଭୟଙ୍କର ବିପଦଜ୍ଜନକ ଝଡ ହେଉଥିଲା । ମାର୍ଚ୍ଚ ମାସର ଶେଷ ଆଡକୁ ସଠିକ ଅବଧି ପରି ଦେଖାଯାଏ ଯେହେତୁ ଯୋହନ.୬;୪ରେ ଲେଖାଯାଏ ଯେ ଯିହୁଦୀମାନଙ୍କ ନିସ୍ତାରପର୍ବ ପାଖେଇ ଆସୁଥିଲା । ସେହି ବର୍ଷ ହୋଇପାରେ ଏହା ଅପ୍ରିଲ ମାସର ଆରମ୍ଭରେ ଘଟିଥିଲା ।

[୪୪] ପାହାନ୍ତିଆ ୩ ଘଟିକାରୁ ସକାଳ ୬ ଘଟିକା ମଧ୍ୟରେ ।

[୪୫] ପ୍ରେରିତ ଯୋହନଙ୍କ ଅନୁଯାୟୀ, ଯୀଶୁ ସେମାନଙ୍କ ନିକଟକୁ ପାଣିରେ ଚାଲି ଆସିବା ପୂର୍ବରୁ ସେମାନେ ପ୍ରାୟ ୨୫ ରୁ ୩୦ ଷ୍ଟାଡିଆନ ଦୂରରେ ଥିଲେ । ଏକ ଷ୍ଟାଡିଅନର ଲମ୍ବ ମାପ ୬୦୬ ଫୁଟ ଲମ୍ବା ସହ ସମାନ । ତେଣୁ ଦୂରତା ପ୍ରାୟ ତିନି ମାଇଲ ଦୂରରେ ଶିଷ୍ୟମାନେ ଥିଲେ ।

[୪୬] ଷ୍ଟାଡିଆ ହେଉଛି ଏକ ମାପ । ଏକ ଷ୍ଟାଡିଆନର ମାପ ୬୦୬ ଫୁଟ ଲମ୍ବ ସହ ସମାନ । ପ୍ରେରିତ ଶିଷ୍ୟ ଯୋହନଙ୍କ ଲେଖାନୁସାରେ ଯୀଶୁ ଶିଷ୍ୟମାନଙ୍କଠାରୁ ପ୍ରାୟ ୨୫ ରୁ ୩୦ ଷ୍ଟାଡିଆ ଦୂରରେ ଥିଲେ ବା ପ୍ରାୟ ତିନି ମାଇଲ ଦୂରରେ ଥିଲେ ।

[୪୭] ପାହାନ୍ତିଆ ୩ ଘଟିକାଠାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ।

ପିତର ଉତ୍ତର ଦେଲେ, “ହେ ପ୍ରଭୁ, ଯେବେ ଆପଣ, ତେବେ ଜଳ ଉପରେ ଆପଣଙ୍କ ପାଖକୁ ଯିବା ପାଇଁ ମୋତେ ଆଜ୍ଞା କରନ୍ତୁ ।” ସେ କହିଲେ, “ଆସ !” ସେଥିରେ ପିତର ନୌକାରୁ ଓହ୍ଲାଇ ଜଳ ଉପରେ ଚାଲି ଯୀଶୁଙ୍କ ପାଖକୁ ଗଲେ । ମାତ୍ର ସେ ପବନ ଦେଖି ଭୟ କଲେ, ପୁଣି ବୁଡି ଯାଉ ଯାଉ ଚିତ୍କାର କରି କହିଲେ, “ହେ ପ୍ରଭୁ, ମୋତେ ରକ୍ଷା କରନ୍ତୁ ।” ଯୀଶୁ ସେହିକ୍ଷଣି ହାତ ବଢାଇ ତାହାକୁ ଧରି କହିଲେ, “ହେ ଅଳ୍ପ ବିଶ୍ୱାସୀ କାହିଁକି ସନ୍ଦେହ କଲ ?” ପୁଣି ସେମାନେ ନୌକାରେ ଚଢନ୍ତେ ପବନ ବନ୍ଦ ହେଲା । ସେଥିରେ ନୌକାରେ ଥିବା ଲୋକମାନେ ତାହାଙ୍କୁ ପ୍ରଣାମ କରି କହିଲେ, “ଆପଣ ନିଶ୍ଚୟ ଈଶ୍ୱରଙ୍କ ପୁତ୍ର ।”

**ଆଦେଶ:**

- ❖ ସାହସ ଧର, ଏ ତ ମୁଁ, ଭୟ କର ନାହିଁ ।

**ଦଳଗତ ଆଲୋଚନା:**

୧. ଯଦି ଆପଣ ଶିଷ୍ୟମାନଙ୍କ ସହିତ ନୌକାରେ ରହିଥାନ୍ତେ ଆଉ ଯୀଶୁ ପାଣି ଉପରେ ଚାଲି ଆସୁଥିବା ଦେଖି କ’ଣ ଭାବି ଥା’ନ୍ତେ ?

୨. ଆପଣ ଭାବୁଥିବେ ଯୀଶୁ କାହିଁକି ସେମାନଙ୍କ ମଧ୍ୟ ଦେଇ ଯିବାକୁ ଯାଉଥିଲେ ?

**ଶିକ୍ଷଣୀୟ ବିଷୟ:**

ଏହି କାହାଣୀରେ ଆମେ ଅନେକ ବିଷୟ ଶିଖିପାରୁ । ପ୍ରାଥମିକତଃ ଯୀଶୁ ଆମକୁ ଯାହା କରିବାକୁ କହନ୍ତି ଆମେ ତାଙ୍କର ବାଧ୍ୟତା ହୋଇ ତାହା କରିବାରେ ସାମିଲ ହେବା ଏବଂ ଏହା କରିବା ଦ୍ୱାରା ତାଙ୍କର ଆଦେଶର କାର୍ଯ୍ୟ ପୂରଣ କରିବାକୁ ଆବଶ୍ୟକ କରୁଥିବା ସମସ୍ତ ଜିନିଷ ସେ ଯୋଗାଇ ଦେବେ । ଆସନ୍ତୁ ଏହି କାହାଣୀ ଉପରେ ଅଧିକ ଧ୍ୟାନ କରି ଦେଖିବା ।

କାହାଣୀର ଚମକପ୍ରଦ ବିଷୟ ସେତେବେଳେ ଆରମ୍ଭ ହେଲା ଯେତେବେଳେ ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ସେମାନଙ୍କ ନୌକାରେ ଚଢି ହ୍ରଦର ଅପର ପାର୍ଶ୍ୱରେ ଥିବା ବେଥସାଇଦାକୁ ଯିବାକୁ କହିଲେ । ସେମାନେ ସେହିକ୍ଷଣି ଯୀଶୁଙ୍କ ବାଧ୍ୟ ହେଲେ ଏବଂ ଏପରିକି ପ୍ରତିକୂଳ ଝଡ ବାୟୁ ଓ ସମୁଦ୍ର ସେମାନଙ୍କ ପାଇଁ କଷ୍ଟସାଧ୍ୟ କଲାବେଳେ ମଧ୍ୟ ଆଗକୁ ଚାଲୁଥିଲେ । ପର୍ବତ ଉପରେ ଥାଇ ଯୀଶୁ ସେମାନଙ୍କୁ ନିରୀକ୍ଷଣ କରୁଥିଲେ । ସେ ଦେଖିଲେ ଯେ, ତାହାଙ୍କ ଆଜ୍ଞା ପାଳନକୁ ସଂପୂର୍ଣ୍ଣ କରିବା ବେଳେ ସେମାନେ ସଂଘର୍ଷ କରୁଛନ୍ତି । ସେମାନଙ୍କ ପ୍ରତି ଦୟାରେ ବିଗଳିତ ହୋଇ ସେ ନିଷ୍ପ□ନେଲେ ଯେ, ସେ ସମୁଦ୍ରର ପାଣି ଉପରେ ଚାଲି ସେମାନଙ୍କ ପାଖକୁ ଯାଇ ସେମାନଙ୍କ କଷ୍ଟକର ସମୟରେ ଉପସ୍ଥିତ ହୋଇ ଉତ୍ସାହ ପ୍ରଦାନ କରିବେ । ସେହି ରାତ୍ରିରେ[୪୮] ସମୁଦ୍ରରେ ଅନ୍ଧକାର ହୋଇଥିଲା, ଏଣୁ ଯୀଶୁ ସେମାନଙ୍କ ଅତି ନିକଟକୁ ଗଲେ ଯେପରି ସେମାନେ ତାହାଙ୍କୁ ଚିହ୍ନି ପାରିବେ । ପାଣି ଉପରେ ଚାଲିବା ଆଶ୍ଚର୍ଯ୍ୟକର୍ମ ସେମାନଙ୍କୁ ଆଶ୍ୱାସନା ଦେବା ପାଇଁ ଉଦ୍ଦିଷ୍ଟ ଥିଲା । ଅନ୍ୟ ଅର୍ଥରେ କହିବାକୁ ଗଲେ ଯୀଶୁ ସେମାନଙ୍କୁ କହିପାରିଥାନ୍ତେ, ସେମିତି ହିଁ ତୁମ୍ଭେମାନେ ଆଗକୁ ମାଡିଚାଲ, ଯେପରି ମୁଁ ତୁମ୍ଭମାନଙ୍କୁ କହିଥିଲି ସେହିପରି ବେଥସାଇଦାରେ ଦେଖା ହେବା । ମାତ୍ର ଯୀଶୁ ସେମାନଙ୍କ ପାଖକୁ ଆସି ଉଦ୍ଧାର କରିବା ବିଷୟ ଦ୍ୱାରା ଶିଷ୍ୟମାନେ ବୁଝିବା ଉଚିତ୍ ଥିଲା ଯେ, ଯୀଶୁ ସେମାନଙ୍କ କଷ୍ଟକର ବିଷୟ ଆଗରୁ ଜାଣିଥିଲେ ମାତ୍ର ସେ ଚାହୁଁଥିଲେ କି ଏହି କଷ୍ଟକର ସମୟରେ ମଧ୍ୟ ସେମାନେ ଯେପରି ଅପର ପାର୍ଶ୍ୱରେ ପହଂଚିବେ ।

[୪୮] ନିସ୍ତାରପର୍ବ ଅତି ନିକଟବର୍ତ୍ତୀ ହେଉଥିଲା, ନିସ୍ତାରପର୍ବ ମାସର ମଧ୍ୟ ଭାଗ ବା ପୂର୍ଣ୍ଣିମା ସମୟରେ ହୋଇଥାଏ । ସେମାନେ ହୁଏତ ମାସର ପ୍ରାରମ୍ଭ କିମ୍ବା ଅମାବାସ୍ୟା ସମୟରେ ସମୁଦ୍ର ପାରି ହେଉଥଲେ । ଝଡ ପବନ ଏହାକୁ ଆହୁରି ଅସ୍ପଷ୍ଟ କରିଥାନ୍ତା ।

କିନ୍ତୁ ଫଳାଫଳ ଆଶ୍ଚର୍ଯ୍ୟଜନକ ଭାବେ ଭିନ୍ନ ଥିଲା । ଶିଷ୍ୟମାନେ ଯୀଶୁଙ୍କ ଅପ୍ରତ୍ୟାଶିତ ଆସିବା ଦେଖି, ଭୂତ ଦେଖୁଛନ୍ତି ବୋଲି ଭାବି ଅତ୍ୟନ୍ତ ଭୟଗ୍ରସ୍ତ ହେଲେ । ଧର୍ମଶାସ୍ତ୍ର ଅନୁଯାୟୀ ସେମାନଙ୍କର ଏହି ଭୟ ସୃଷ୍ଟି ହୋଇଥିଲା କାରଣ ସେମାନେ ୫ଟି ରୋଟି ଓ ୨ଟି ମାଛରେ ୫ ହଜାର ଲୋକଙ୍କୁ ଯୀଶୁ ଖୁଆଇଥିବା ଆଶ୍ଚର୍ଯ୍ୟକର୍ମ ବିଷୟ ଭୁଲି ଯାଇଥିଲେ କାରଣ ସେମାନଙ୍କ ହୃଦୟ କଠିନ ହୋଇଥିଲା । ଶିଷ୍ୟମାନଙ୍କ ପରି ଆଜି ମଧ୍ୟ ଆମେ ଭୁଲିଯାଉ କି ଯୀଶୁ ତାଙ୍କର ଲୋକମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ଆଜି ମଧ୍ୟ ସେ ଆଶ୍ଚର୍ଯ୍ୟକର୍ମ ସାଧନ କରନ୍ତି ।

**ଦଳଗତ ଆଲୋଚନା:**

୩. ପାଣି ଉପରେ ଚାଲି ଯୀଶୁ ତୁମ ନିକଟକୁ ଆସିବା ଦେଖି ତୁମର କ'ଣ ପ୍ରତିକ୍ରିୟା ହେବ ?
୪. ତୁମ ଜୀବନରେ ପ୍ରଭୁ କେବେ ଆଶ୍ଚର୍ଯ୍ୟକର୍ମ କରିଅଛନ୍ତି କି ?
୫. ଯଦି ସେ କରିଅଛନ୍ତି, ତେବେ ସେଗୁଡିକ କ'ଣ ଥିଲା ଓ ସେହି ଆଶ୍ଚର୍ଯ୍ୟକର୍ମ ସକାଶେ ତୁମର କ'ଣ ପ୍ରତିକ୍ରିୟା ଥିଲା ଆମକୁ କୁହ ।

**ଶିକ୍ଷା ଜାରି ରହିଲା:**

ଏହି ପୁରା କାହାଣୀକୁ ଦେଖିବା ଦ୍ୱାରା ଆମେ ଦେଖି ପାରିଲୁ ଯେ, ବର୍ତ୍ତମାନ ସମୟ ପୃଥିବୀରେ ଖ୍ରୀଷ୍ଟିୟାନ ଜୀବନରେ ଯାହା ଘଟୁଛି ତାହା ଏହାର ଏକ ଜୀବନ୍ତ ଉଦାହରଣ । ଯୀଶୁ ଚାହାନ୍ତି କି, ଆମର କଷ୍ଟକର ପରିସ୍ଥିତିରେ ଆମେ ତାଙ୍କର ଆଜ୍ଞାକୁ ସ୍ମରଣ କରୁ । *ସାହସ ଧର, ଏ ତ ମୁଁ, ଭୟ କର ନାହିଁ ।*

- କାହାଣୀର ଆରମ୍ଭରେ ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ କହିଲେ ସମୁଦ୍ରର ଅପର ପାର୍ଶ୍ୱକୁ ଯାଅ ଯେଉଁଠାରେ ସେ ସେମାନଙ୍କୁ ସାକ୍ଷାତ କରିବେ ।
  - ଖ୍ରୀଷ୍ଟିୟାନମାନଙ୍କୁ ଆଦେଶ ଦିଆଯାଇଛି କି ସେମାନେ ପ୍ରତ୍ୟେକ ବ୍ୟକ୍ତିଙ୍କଠାରେ ସୁସମାଚାର ପ୍ରଚାର କରିବେ ଏବଂ ଯେବେ ଆମ୍ଭେମାନେ ଏହି କାର୍ଯ୍ୟ ସଂପୂର୍ଣ୍ଣ ସଂପାଦନ କରିବା ତେବେ ଯୀଶୁ ପୁନର୍ବାର ଆସିବେ ଓ ମଧ୍ୟ ଆକାଶରେ ଆମ୍ଭମାନଙ୍କ ସହିତ ସାକ୍ଷାତ କରିବେ ।
    - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ ।"*
- ଯୀଶୁ ସେମାନଙ୍କଠାରୁ ବିଦାୟ ନେଇ ସେ ଏକ ଉଚ୍ଚ ପର୍ବତକୁ ଗଲେ ।
  - ଯୀଶୁ ପୁନରୁତଥିତ ପରେ ସ୍ୱର୍ଗାରୋହଣ କଲେ ।
    - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ ।"*
- ପର୍ବତ ଉପରେ ଯୀଶୁ ପ୍ରାର୍ଥନା କଲେ ।
  - ଯୀଶୁ, ଆମର ପ୍ରଧାନ ଯାଜକ ଆମ ନିମନ୍ତେ ମଧ୍ୟସ୍ଥ ପ୍ରାର୍ଥନା କରନ୍ତି ।
    - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ ।"*
- ଯୀଶୁ ଦେଖିଲେ ଶିଷ୍ୟମାନେ ପ୍ରତିକୂଳ ବାୟୁରେ ଆଗକୁ ଅଗ୍ରସର ହେବା ପାଇଁ ସଂଘର୍ଷ କରୁଛନ୍ତି ।
  - ଜଗତରେ ଆମେ ଈଶ୍ୱରଙ୍କ ଇଚ୍ଛା ସାଧନ କରିବା ସମୟରେ ଈଶ୍ୱରଙ୍କ ବିପରୀତ ବିଷୟର ସମ୍ମୁଖୀନ ହୋଇ ଅଗ୍ରସର ହେବା ବେଳେ ଆମର କଷ୍ଟକୁ ସେ ଦେଖନ୍ତି ।
    - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ ।"*
- ସେ ଶିଷ୍ୟମାନଙ୍କୁ ଉତ୍ସାହିତ କରିବା ପାଇଁ ଏକ ଆଶ୍ଚର୍ଯ୍ୟରୂପେ ସେମାନଙ୍କ ନିକଟକୁ ଆସିଲେ ।
  - ସେ ଆମ୍ଭମାନଙ୍କୁ ଉତ୍ସାହିତ କରିବା ପାଇଁ ଆଶ୍ଚର୍ଯ୍ୟରୂପେ ଆମ୍ଭମାନଙ୍କ ନିକଟକୁ ଆସନ୍ତି ।

        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ଶିଷ୍ୟମାନେ ସେହି ଅଲୌକିକ ଘଟଣା ଦେଖି ଭୟଭୀତ ହୋଇଯାଇଥିଲେ ।
    - ଖ୍ରୀଷ୍ଟିୟାନମାନେ ମଧ୍ୟ ଅଲୌକିକ ବା ଆଶ୍ଚର୍ଯ୍ୟ ବିଷୟ ଦେଖି ଭୟଭୀତ ହୁଅନ୍ତି, ଏହା ପ୍ରକୃତରେ ଯୀଶୁ କି ?
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ଶିଷ୍ୟମାନେ ଅଲୌକିକ ଘଟଣା ବିଷୟରେ ନିଶ୍ଚିତ ନ ଥିଲେ, ଏ କଣ ଯୀଶୁ ?
    - ଖ୍ରୀଷ୍ଟିୟାନମାନେ ମଧ୍ୟ ଅଲୌକିକ ଘଟଣା ବିଷୟରେ ନିଶ୍ଚିତ ନ ଥାନ୍ତି, ପ୍ରକୃତରେ ଏ କଣ ଯୀଶୁ କି ?
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ପିତର ଯୀଶୁଙ୍କୁ କହିଲେ ସେ ମଧ୍ୟ ସେହି ଆଶ୍ଚର୍ଯ୍ୟକର୍ମରେ ସାମିଲ ହେବେ ।
    - କେତେକ ଖ୍ରୀଷ୍ଟିୟାନ ମଧ୍ୟ ଯୀଶୁ କରୁଥିବା ଆଶ୍ଚର୍ଯ୍ୟକର୍ମରେ ସାମିଲ ହୁଅନ୍ତି ।
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ଅନ୍ୟ ଶିଷ୍ୟମାନେ ନୌକାରେ ହିଁ ଥିଲେ ।
    - କେତେକ ଖ୍ରୀଷ୍ଟିୟାନମାନେ ମଧ୍ୟ ଆଶ୍ଚର୍ଯ୍ୟକର୍ମରେ ସାମିଲ ହେବାକୁ ଇଚ୍ଛା କରନ୍ତି ନାହିଁ ।
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ବିଶ୍ୱାସ ଦ୍ୱାରା ପିତର ଯୀଶୁଙ୍କ ବାଧ୍ୟ ହେଲେ ଓ ନୌକାରୁ ବାହାରକୁ ଆସିଲେ ।
    - ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟିୟାନ ଯୀଶୁଙ୍କ ବାଧ୍ୟ ହୁଅନ୍ତି ଓ ଆଶ୍ଚର୍ଯ୍ୟକର୍ମରେ ସାମିଲ ହୁଅନ୍ତି ।
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ପିତର ପବନକୁ ଦେଖି ଭୟ କରି ବା ବିଭ୍ରାନ୍ତ ହୋଇ ଯୀଶୁଙ୍କ ପ୍ରତି ଦୃଷ୍ଟିପାତ କଲେ ନାହିଁ ।
    - ଖ୍ରୀଷ୍ଟିୟାନମାନେ ଯୀଶୁଙ୍କ ପ୍ରତି ଅନେଇବାରେ ଆଖି ବନ୍ଦ କରିଦିଅନ୍ତି ଓ ସେମାନଙ୍କ ଚତୁଃପାର୍ଶ୍ୱରେ ଥିବା ପରିସ୍ଥିତି ସକାଶେ ବିଭ୍ରାନ୍ତ ହୁଅନ୍ତି ।
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ପିତର ଯେବେ ସମସ୍ୟାରେ ପଡିଲେ ସେ ଯୀଶୁଙ୍କ ପ୍ରତି ଡାକ ଛାଡିଲେ ତାଙ୍କୁ ଉଦ୍ଧାର କରିବା ପାଇଁ ।
    - ଖ୍ରୀଷ୍ଟିୟାନ ଯୀଶୁଙ୍କ ପ୍ରତି ଡାକ ପକାନ୍ତି ଓ ସେ ସେମାନଙ୍କୁ ଉଦ୍ଧାର କରନ୍ତି ।
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ଯୀଶୁ ପିତରଙ୍କୁ କହିଲେ, ହେ ଅଳ୍ପ ବିଶ୍ୱାସୀ, କାହିଁକି ସନ୍ଦେହ କଲ ?
    - ଯୀଶୁ ଖ୍ରୀଷ୍ଟିୟାନମାନଙ୍କୁ କହନ୍ତି, ହେ ଅଳ୍ପ ବିଶ୍ୱାସୀମାନେ, କାହିଁକି ସନ୍ଦେହ କଲ ?
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*
- ଯୀଶୁ ଯେତେବେଳେ ନୌକା ଉପରେ ଚଢିଲେ ପବନ ବନ୍ଦ ହେଲା ।
    - ଯୀଶୁ ଯେତେବେଳେ ଖ୍ରୀଷ୍ଟିୟାନମାନଙ୍କ ନାଉରୀ ବା ଚାଳକ ହୁଅନ୍ତି ସେତେବେଳେ ସେମାନଙ୍କ ଉଦ୍ଦେଶ୍ୟ ସଫଳ ହେବାରେ ସହଜ ହୁଏ ।
        - *"ସାହସ ଧର, ଏ ତ ମୁଁ, ଭୟ କର ନାହିଁ।"*

**ଦଳଗତ ଆଲୋଚନା**

୬. ପିତର ଜଳ ଉପରେ ଚାଲିବା ପରେ ଯୀଶୁ କାହିଁକି ତାଙ୍କୁ କହିଲେ, ହେ ଅଳ୍ପ ବିଶ୍ୱାସୀ ?

୭. କଣ ବଡ ବିଶ୍ୱାସ ହୋଇପାରିନଥାନ୍ତା ?
୮. କାହିଁକି ସନ୍ଦେହ କର ?
୯. କାହିଁକି ଭୟଭୀତ ହୁଅ ?

**ପାଠର ଶିକ୍ଷଣୀୟ ବିଷୟ**

ଯୀଶୁ ତୁମର ଯତ୍ନ ନିଅନ୍ତି ଓ ସାହାଯ୍ୟ କରନ୍ତି

**ପ୍ରୟୋଗ:**

ମନେରଖନ୍ତୁ, ଧର୍ମଶାସ୍ତ୍ରରେ ୩୬୫ ଥର ଭୟକର ନାହିଁ ବୋଲି ଲେଖାଯାଇଛି, ଏହା ଦିନକୁ ଗୋଟିଏ ଲେଖାଏ ଯଥେଷ୍ଟ ଆମ ଜୀବନସାରା । ଏହାକୁ ପ୍ରତିଦିନ ବ୍ୟବହାର କରନ୍ତୁ ।

## ପାଠ – ୨୭
## ଅଳ୍ପ ଖମୀର

**ଉପକ୍ରମ:**

ଯୀଶୁ ଶିଷ୍ୟମାନଙ୍କ ସହିତ ଡଙ୍ଗାରେ ବସିବା ପରେ ହ୍ରଦରେ ଝଡ କମିଗଲା କିନ୍ତୁ ସେମାନେ ଓହ୍ଲାଇବା ପରେ ଏକ ଭିନ୍ନ ପ୍ରକାରର ବାୟୁ ପ୍ରବାହିତ ହୋଇ ଝଡ ସୃଷ୍ଟି ହୋଇଥିଲା । ବହୁସଂଖ୍ୟକ ଲୋକ ଯୀଶୁଙ୍କୁ ଖୋଜୁଥିଲେ ତେଣୁ ସେ ସେମାନଙ୍କ ନିକଟରେ ନିଜକୁ ଉପଲବ୍ଧ କରାଇଲେ । ୫ଟି ରୋଟି ଓ ୨ଟି ମାଛ ସହିତ ଯୀଶୁ ୫୦୦୦ ହଜାର ପୁରୁଷଙ୍କୁ ଖୁଆଇ, ଯୀଶୁ ଖାଦ୍ୟ ପାଇଁ କାମ କରିବା ବିଷୟରେ ଏକ ଆଲୋଚାନ ଆରମ୍ଭ କଲେ ।

ଏହି ଆଲୋଚନାର ଉପାଦାନ ଦ୍ୱି-ଗୁଣ ବିଶିଷ୍ଟ; କାର୍ଯ୍ୟ ଯାହା ଈଶ୍ୱର ଚାହାନ୍ତି ଯେ ଲୋକମାନେ ତାଙ୍କର ପୁତ୍ର ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରନ୍ତୁ ଓ ଖାଦ୍ୟ ଯାହା ସେମାନେ ତାହାଙ୍କ ଶରୀର ଓ ରକ୍ତକୁ ଭୋଜନ କରିବାରେ ଅଂଶୀ ହେଉନ୍ତୁ । ଏହି ଆଲୋଚନାରେ ବିବାଦ ଦେଖାଦେଇଥିଲା । ଅନେକ ଶିଷ୍ୟ ବିଶ୍ୱାସ କଲେ ଯେ, ଯୀଶୁ ସେମାନଙ୍କୁ ତାହାର ଶରୀରର ମାଂସ ଓ ରକ୍ତ ଖାଇବାକୁ କହୁଛନ୍ତି, ତେଣୁ ସେମାନେ ତାଙ୍କର ଅନୁଗମନ କରିବା ପରିତ୍ୟାଗ କଲେ । ତାପରେ ଶାସ୍ତ୍ରୀ ଓ ଫାରୂଶୀମାନେ ଯୀଶୁଙ୍କ ଶିଷ୍ୟମାନେ ଖାଇବା ପୂର୍ବରୁ ସେମାନେ ହାତ ଧୋଉନଥିବା ବିଷୟକୁ ନିରୀକ୍ଷଣ କରି ଯୀଶୁଙ୍କଠାରେ ଅଭିଯୋଗ କଲେ ।

**ପଠନ ଶାସ୍ତ୍ରାଂଶ:**

<u>ମାଥିଉ.୧୫:୧-୨୦, ୧୬:୫-୧୨, ମାର୍କ.୭:୧-୨୩, ୮:୧୩-୨୧</u>

### ହୃଦୟରୁ କଳୁଷିତ ଆସେ

ମାଥଉ.୧୫:୧-୨୦, ମାର୍କ.୭:୧-୨୩

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ

ପରେ ଫାରୂଶୀମାନେ ଓ ଯିରୂଶାଲମରୁ ଆସିଥିବା କେତେକ ଶାସ୍ତ୍ରୀ ତାହାଙ୍କ ନିକଟରେ ଏକତ୍ର ହେଲେ। ସେମାନେ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ କେତେକଙ୍କୁ ଅଶୁଚି, ଅର୍ଥାତ୍ ଅଧୁଆ ହାତରେ ଖାଇବାର ଦେଖିଲେ। (ଫାରୂଶୀମାନେ ଓ ସମସ୍ତ ଯିହୁଦୀ ଲୋକ ପ୍ରାଚୀନ-ମାନଙ୍କ ପରମ୍ପରାଗତ ରୀତିନୀତି ପାଳନ କରି ଭଲ ରୂପେ ହାତ ନ ଧୋଇଲେ ଭୋଜନ କରନ୍ତି ନାହିଁ, ପୁଣି ହାଟ ବଜାରରୁ ଆସି ନିଜ ନିଜ ଉପରେ ପାଣି ନ ଛିଞ୍ଚିଲେ ଖାଆନ୍ତି ନାହିଁ; ଆଉ ଗିନା, ଢାଳ ଓ ପିତଳର ପାତ୍ରଗୁଡ଼ିକ ପାଣିରେ ବୁଡ଼ାଇ ଧୋଇବା ଇତ୍ୟାଦି ଅନ୍ୟାନ୍ୟ ଅନେକ ରୀତିନୀତି ପାଳନ କରିବା ନିମନ୍ତେ ସେମାନେ ଆଦେଶ ପ୍ରାପ୍ତ ହୋଇଅଛନ୍ତି।) ଏଣୁ ଫାରୂଶୀମାନେ ଓ ଶାସ୍ତ୍ରୀମାନେ ତାହାଙ୍କୁ ପଚାରିଲେ, "ଆପଣଙ୍କର ଶିଷ୍ୟମାନେ ପ୍ରାଚୀନମାନଙ୍କର ପରମ୍ପରାଗତ ରୀତିନୀତି ଅନୁସାରେ କାହିଁକି ଆଚରଣ ନ କରି ଅଶୁଚି ହସ୍ତରେ ଭୋଜନ କରନ୍ତି?" ଯୀଶୁ ସେମାନଙ୍କୁ କହିଲେ, "ରେ କପଟୀମାନେ, ଯିଶାଇୟ ତୁମ୍ଭମାନଙ୍କ ବିଷୟରେ ଯଥାର୍ଥ ରୂପେ ଭାବବାଣୀ କହିଅଛନ୍ତି, ଯେପରି ଲେଖାଅଛି, **ଏହି ଜାତି ମୁଖରେ ଆମ୍ଭକୁ ସମାଦର କରନ୍ତି, କିନ୍ତୁ ସେମାନଙ୍କ ହୃଦୟ ଆମ୍ଭଠାରୁ ଦୂରରେ ଥାଏ। ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି। ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତି ଧରି**

**ବସିଅଛ।**[୪୯] “ ପୁଣି, ଯୀଶୁ ସେମାନଙ୍କୁ କହିଲେ, “ତୁମ୍ଭେମାନେ ଆପଣା ଆପଣା ପରମ୍ପରାଗତ ରୀତିନୀତି ପାଳନ କରିବା ନିମନ୍ତେ ଈଶ୍ୱରଙ୍କ ଆଜ୍ଞା ବେଶ୍ ଅଗ୍ରାହ୍ୟ କରୁଅଛ ! କାରଣ ମୋଶା କହିଅଛନ୍ତି, **ଆପଣା ପିତାମାତାଙ୍କୁ ସମାଦର କର**[୫୦], **ଆଉ ଯେକେହି ପିତା କି ମାତାଙ୍କୁ ଅଭିଶାପ ଦିଏ, ସେ ନିଶ୍ଚୟ ପ୍ରାଣଦଣ୍ଡ ଭୋଗ କରିବ।**[୫୧] କିନ୍ତୁ ତୁମ୍ଭେମାନେ କୁହ, କେହି ଯେବେ ପିତା କି ମାତାଙ୍କୁ କହେ, ମୋ’ଠାରୁ ଯାହା ଦ୍ୱାରା ତୁମ୍ଭର ଉପକାର ହୋଇଥାଆନ୍ତା, ତାହା ‘କର୍ବାନ୍’, ଅର୍ଥାତ୍ ମାନତ ହୋଇଅଛି, ତେବେ ତୁମ୍ଭେମାନେ ତାହାକୁ ତାହାର ପିତା କି ମାତାର କିଛି ଉପକାର କରିବାକୁ ଆଉ ଦେଉ ନ ଥାଅ; ଏହିରୂପେ ତୁମ୍ଭେମାନେ ସ୍ୱପ୍ରଚଳିତ ପରମ୍ପରାଗତ ରୀତିନୀତି ଯୋଗୁଁ ଈଶ୍ୱରଙ୍କ ବାକ୍ୟ ବ୍ୟର୍ଥ କରୁଅଛ ଓ ସେହି ପ୍ରକାର ଅନେକ କର୍ମ କରୁଅଛ।“ ଯୀଶୁ ପୁନର୍ବାର ଲୋକସମୂହକୁ ନିକଟକୁ ଡାକି ସେମାନଙ୍କୁ କହିଲେ, ତୁମ୍ଭେମାନେ ସମସ୍ତେ ମୋ’ କଥା ଶୁଣ ଓ ବୁଝ। ମନୁଷ୍ୟର ବାହାରେ ଏପରି କୌଣସି ବିଷୟ ନାହିଁ, ଯାହା କି ତାହାର ଭିତରେ ପ୍ରବେଶ କରି ତାହାକୁ ଅଶୁଚି କରି ପାରେ, କିନ୍ତୁ ଯାହା ଯାହା ମନୁଷ୍ୟଠାରୁ ବାହାରେ, ସେହିସବୁ ତାହାକୁ ଅଶୁଚି କରେ। [ଯଦି କାହାର ଶୁଣିବାକୁ କାନ ଅଛି, ସେ ଶୁଣୁ।] ଆଉ, ସେ ଲୋକସମୂହଠାରୁ ଗୃହ ମଧ୍ୟକୁ ଆସିଲା ଉତ୍ତାରେ ତାହାଙ୍କ ଶିଷ୍ୟମାନେ ତାହାଙ୍କୁ ଦୃଷ୍ଟାନ୍ତଟିର ଭାବ ପଚାରିବାକୁ ଲାଗିଲେ। ସେଥିରେ ଯୀଶୁ ସେମାନଙ୍କୁ କହିଲେ, ତୁମ୍ଭେମାନେ ମଧ୍ୟ କଅଣ ସେହିପରି ଅବୋଧ? ଯାହା କିଛି ବାହାରୁ ମନୁଷ୍ୟ ଭିତରେ ପ୍ରବେଶ କରେ, ତାହା ତାହାକୁ ଅଶୁଚି କରି ପାରେ ନାହିଁ, କାରଣ ତାହା ତାହାର ହୃଦୟରେ ପ୍ରବେଶ କରେ ନାହିଁ, ମାତ୍ର ଉଦରରେ ପ୍ରବେଶ କରି ବାହ୍ୟ ସ୍ଥାନରେ ବହିର୍ଗତ ହୁଏ ଓ ଏହି ପ୍ରକାରେ ସମସ୍ତ ଖାଦ୍ୟ ପରିଷ୍କୃତ ହୋଇଥାଏ, ଏହା କଅଣ ବୁଝୁ ନାହଁ? ଆଉ, ସେ କହିଲେ, ଯାହା ମନୁଷ୍ୟଠାରୁ ବାହାରେ, ତାହା ହିଁ ତାହାକୁ ଅଶୁଚି କରେ। କାରଣ ଭିତରୁ, ମନୁଷ୍ୟର ହୃଦୟରୁ, କୁଚିନ୍ତା ବାହାରେ- ବେଶ୍ୟାଗମନ, ଚୌର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଶଠତା, କାମୁକତା, ଈର୍ଷାଦୃଷ୍ଟି, ନିନ୍ଦା,, ଅହଙ୍କାର, ମୂର୍ଖତା; ଏହି ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅଶୁଚି କରେ।

## ସାଦ୍ଦୂକୀ ଓ ଫାରୂଶୀମାନଙ୍କ ଖମୀର
## ମାଥିଉ.୧୬:୫-୧୨, ମାର୍କ.୮:୧୩-୨୧

“ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର” ଶାସ୍ତ୍ରାଂଶରୁ ଉଦ୍ଧୃତ

ଆଉ, ସେ ସେମାନଙ୍କୁ ଛାଡ଼ି ପୁନର୍ବାର ନୌକାରେ ଚଢ଼ି ଆର ପାରିକି ବାହାରିଗଲେ। ସେତେବେଳେ ଶିଷ୍ୟମାନେ ରୋଟୀ ନେବାକୁ ପାସୋରିଗଲେ; ନୌକାରେ ସେମାନଙ୍କ ପାଖରେ କେବଳ ଗୋଟିଏ ମାତ୍ର ରୋଟୀ ଥିଲା। ଯୀଶୁ ସେମାନଙ୍କୁ କହିଲେ, “ସତର୍କ ହୁଅ, ଫାରୁଶୀ ଓ ସାଦ୍ଦୂକୀମାନଙ୍କ ଖମୀରଠାରୁ ସାବଧାନ ହୋଇଥାଅ।“ ସେଥିରେ ସେମାନେ ପରସ୍ପର ତର୍କବିତର୍କ କରି କହିବାକୁ ଲାଗିଲେ, ଆମ୍ଭମାନଙ୍କ ପାଖରେ ରୋଟୀ ନାହିଁ ବୋଲି ସେ ଏହା କହୁଅଛନ୍ତି। ଯୀଶୁ ତାହା ଜାଣି ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ପାଖରେ ରୋଟୀ ନାହିଁ ବୋଲି କାହିଁକି ପରସ୍ପର ତର୍କବିତର୍କ କରୁଅଛ? ତୁମ୍ଭେମାନେ କଅଣ ଏପର୍ଯ୍ୟନ୍ତ ଜାଣୁ ନାହଁ କି ବୁଝୁ ନାହଁ? ତୁମ୍ଭମାନଙ୍କ ହୃଦୟ କଅଣ ଜଡ଼ ହୋଇ ରହିଅଛି? **ଚକ୍ଷୁ ଥାଉ ଥାଉ କି ଦେଖୁ ନାହଁ? ପୁଣି, କର୍ଣ୍ଣ ଥାଉ ଥାଉ କି ଶୁଣୁ ନାହଁ?**[୫୨] ସେହି ପାଞ୍ଚହଜାର ଲୋକଙ୍କ ମଧ୍ୟରେ ମୁଁ ଯେତେବେଳେ ପାଞ୍ଚୋଟି ରୋଟୀ ଭାଙ୍ଗିଥିଲି, ସେତେବେଳେ ତୁମ୍ଭେମାନେ ପୂରା କେତେ ଟୋକାଇ ଭଙ୍ଗା ଖଣ୍ଡ ଉଠାଇ ନେଇଥିଲ, ତାହା କି ତୁମ୍ଭମାନଙ୍କର ସ୍ମରଣ ନାହିଁ? ସେମାନେ ତାହାଙ୍କୁ କହିଲେ, ବାର ଟୋକାଇ।

---

[୪୯] ଯିଶାଇୟ.୨୯:୧୩- ଆହୁରି, ପ୍ରଭୁ କହିଲେ, ଏହି ଲୋକମାନେ ଆମ୍ଭର ନିକଟବର୍ତ୍ତୀ ହୁଅନ୍ତି ଓ ସେମାନେ ଆପଣା ଆପଣା ମୁଖରେ ଓ ଓଷ୍ଠାଧରରେ ଆମ୍ଭର ସମ୍ମାନ କରନ୍ତି, ମାତ୍ର ସେମାନେ ଆପଣା ଆପଣା ଅନ୍ତଃକରଣ ଆମ୍ଭଠାରୁ ଦୂରରେ ରଖିଅଛନ୍ତି ଓ ଆମ୍ଭ ବିଷୟକ ସେମାନଙ୍କର ଯେଉଁ ଭୟ, ତାହା ମନୁଷ୍ୟଠାରୁ ଶିକ୍ଷିତ ଆଜ୍ଞା ଅଟେ।

[୫୦] ଯାତ୍ରାପୁସ୍ତକ.୨୦:୧୨ - ତୁମ୍ଭେ ଆପଣା ପିତା ଓ ଆପଣା ମାତାଙ୍କୁ ସମ୍ଭ୍ରମ କର; ତହିଁରେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ତୁମ୍ଭକୁ ଯେଉଁ ଦେଶ ଦେବେ, ସେହି ଦେଶରେ ତୁମ୍ଭର ଦୀର୍ଘ ପରମାୟୁ ହେବ।

[୫୧] ଯାତ୍ରାପୁସ୍ତକ.୨୧:୧୭ - ଯେ କେହି ଆପଣା ପିତା କି ମାତାକୁ ଶାପ ଦିଏ, ତାହାର ଅବଶ୍ୟ ପ୍ରାଣଦଣ୍ଡ ହେବ।

[୫୨] ଯିରିମିୟ.୫:୨୧ - ହେ ଅଜ୍ଞାନ ଓ ବୁଦ୍ଧିହୀନ ଲୋକେ, ଚକ୍ଷୁ ଥାଉ ଥାଉ ଦେଖୁନାହଁ; କର୍ଣ୍ଣ ଥାଉ ଥାଉ ଶୁଣୁ ନାହଁ ଯେ ତୁମ୍ଭେମାନେ।

ଆଉ, ସେହି ଚାରିହଜାର ଲୋକଙ୍କ ମଧ୍ୟରେ ମୁଁ ଯେତେବେଳେ ସାତୋଟି ରୋଟୀ ଭାଙ୍ଗିଥିଲି, ସେତେବେଳେ ତୁମ୍ଭେମାନେ ପୂରା କେତେ ବେତା ଭଙ୍ଗା ଖଣ୍ଡ ଉଠାଇ ନେଇଥିଲ? ସେମାନେ କହିଲେ, ସାତ ବେତା। ସେଥିରେ ଯୀଶୁ ସେମାନଙ୍କୁ କହିଲେ, ମୁଁ ଯେ ତୁମ୍ଭମାନଙ୍କୁ ରୋଟୀ ବିଷୟରେ କହି ନ ଥିଲି, ଏହା କିପରି ବୁଝୁ ନାହଁ? କିନ୍ତୁ ଫାରୂଶୀ ଓ ସାଦ୍ଦୂକୀମାନଙ୍କ ଖମୀର ବିଷୟରେ ସାବଧାନ ହୋଇଥାଅ। ଯୀଶୁ ଯେ ରୋଟୀର ଖମୀରଠାରୁ ସାବଧାନ ହୋଇ ରହିବା ପାଇଁ ନ କହି ଫାରୂଶୀ ଓ ସାଦ୍ଦୂକୀମାନଙ୍କ ଶିକ୍ଷାରୁ ସାବଧାନ ହୋଇ ରହିବା ପାଇଁ ସେମାନଙ୍କୁ କହିଥିଲେ, ଏହା ସେମାନେ ସେତେବେଳେ ବୁଝିଲେ।

**ଆଜ୍ଞାଗୁଡିକ:**

- ❖ ତୁମ୍ଭେମାନେ ସମସ୍ତେ ମୋ କଥା ଶୁଣ ଓ ବୁଝ ।
- ❖ ଯାହାର ଶୁଣିବାକୁ କାନ ଅଛି, ସେ ଶୁଣୁ ।
- ❖ ସେମାନଙ୍କୁ ଏକାକୀ ଛାଡିଦିଅ ।
- ❖ ଫାରୂଶୀ ଓ ସଦ୍ଦୂକୀମାନଙ୍କ ଖମୀରଠାରୁ ସାବଧାନ ହୋଇଥାଅ ।

**ଦଳଗତ ଆଲୋଚନା:**

୧. ମଣ୍ଡଳୀରେ ଆମେ ପାଳନ କରୁଥିବା ପ୍ରଥା ପରମ୍ପରା ରୀତିନୀତିଗୁଡିକ ନାମ ଲେଖ ।

୨. ପରମ୍ପରାଗତ ରୀତିନୀତିର ଉତ୍ପତ୍ତି କେବେ ହୋଇଥିଲା ?

୩. କିଏ ଏହାକୁ ଅନୁମତି ଦେଇଛନ୍ତି ?

୪. ଆମେ ଏହାକୁ କିପରି ଧରି ରଖିବା ?

**ଶିକ୍ଷଣୀୟ ବିଷୟ:**

ପରମ୍ପରା ଗୁରୁତ୍ୱପୂର୍ଣ୍ଣ ଅଟେ । ବିନା କୌଣସି ଲିଖିତ ସୂଚନା ବ୍ୟତିତ ଗୋଟିଏ ପୀଢିରୁ ଆଉ ଗୋଟଏ ପୀଢିକୁ ଏହି ପ୍ରଥା, ପରମ୍ପରା ବିଶ୍ୱାସର ସୂଚନାକୁ ମୌଖିକ ଭାବରେ ହସ୍ତାନ୍ତର କରିବାର ଏହା ହେଉଛି ଉପାୟ । ପୃଥିବୀର ପ୍ରତ୍ୟେକ ସମାଜ ପ୍ରଥା ପରମ୍ପରାକୁ ବ୍ୟବହାର କରନ୍ତି । ଏହା ଲୋକମାନଙ୍କୁ ପରସ୍ପର ସହ ସମ୍ପର୍କ ଓ ଏକ ଶୃଙ୍ଖଳିତ ଜୀବନଶୈଳୀ ବଜାୟ ରଖିବାରେ ସାହାଯ୍ୟ କରେ । ଯେତେବେଳେ ଶାସ୍ତ୍ରୀ ଓ ଫାରୂଶୀମାନେ ଯୀଶୁଙ୍କ ଶିଷ୍ୟମାନେ ଖାଇବା ପୂର୍ବରୁ ହାତ ନ ଧୋଇ ଖାଇବା ବିଷୟରେ ସମାଲୋଚନା କରିଥିଲେ, ଦୀର୍ଘ ଦିନର ପରମ୍ପରା ବୋଲି ସେମାନେ ଏହାକୁ ଦୃଷ୍ଟି ଆର୍କଷଣ କରିଥିଲେ । ଆମ୍ଭମାନଙ୍କ ମଧ୍ୟରୁ ଅନେକଙ୍କର ପିତାମାତା ଥିଲେ ଯେଉଁମାନେ ସମାନ ପରମ୍ପରାକୁ ଧରିଥିଲେ ।

ଯୀଶୁ ଅପବିତ୍ରତା ବା ଅନ୍ୟ ଅର୍ଥରେ କେଉଁ ବିଷୟ ଲୋକଙ୍କୁ ଅଶୁଚି କରିଥାଏ ତାହା ଲୋକଙ୍କୁ ଶିକ୍ଷାକୁ ଦେବା ପାଇଁ ହାତ ଧୋଇବାର ପରମ୍ପରା ବିଷୟକୁ ବ୍ୟବହାର କଲେ । ଏହି ବିଷୟରେ ତିନୋଟି ବିଷୟ ଆମକୁ ଶିଖିବାକୁ ମିଳିଥାଏ । ସେଗୁଡିକ ଅତି ଗୁରୁତ୍ୱପୂର୍ଣ୍ଣ ଯେ, ଯୀଶୁ କ'ଣ କହୁଛନ୍ତି ଲୋକମାନଙ୍କୁ ତାହା ଶୁଣି ବୁଝିବାକୁ ସେ ସେମାନଙ୍କୁ ଆଦେଶ ଦେଲେ ।

ପ୍ରଥମ ଶିକ୍ଷଣୀୟ ବିଷୟ ହେଲା ଯେ, ଜଣେ ଯାହା ଖାଏ ତାହା ତାଙ୍କୁ ଅଶୁଚି କରେ ନାହିଁ । ଯିହୁଦୀୟ ଲୋକମାନଙ୍କ ପାଇଁ ଏହା ଶୁଣିବା ଓ ବୁଝିବା କଷ୍ଟକର ଥିଲା ଯେହେତୁ ସେମାନେ ମୋଶାଙ୍କ ନିୟମର କଠୋର ଖାଦ୍ୟ ନିୟମକୁ ପାଳନ କରୁଥିଲେ । କେତେକ ବିଶ୍ୱାସ କରିବାକୁ ଇଚ୍ଛୁକ ଥିବାରୁ ଯୀଶୁ ଯିହୁଦୀୟ ସେହି ନିୟମକୁ ରଦ୍ଦ କରିନଥିଲେ । ସେ ସୂଚନାତ୍ମକ ଭାବରେ

କହିଲେ, ଲୋକମାନେ ଯାହା ଖାଇଲେ ତାହା ତାହାକୁ ଅଶୁଚି କରେ ନାହିଁ ବରଂ ମୁଖରେ ଯାହା ଯାଏ ତାହା ପେଟରେ ପ୍ରକ୍ରିୟାକରଣ ହୋଇ ଶରୀରକୁ ଭଲରେ ରଖେ ଓ ଯାହା ବର୍ଜ୍ୟବସ୍ତୁ ତାହା ଦୂର କରେ ।

କିଛି ବର୍ଷ ପରେ ଯେତେବେଳେ ପ୍ରେରିତ ପିତର ଅଣଯିହୁଦୀମାନଙ୍କ ବିଷୟରେ ଏକ ଦର୍ଶନ ଦେଖିଲେ, ସେ ସିଧାସଳଖ ଏହି ସମସ୍ୟାର ସମ୍ମୁଖୀନ ହୋଇଥିଲେ । ପ୍ରେରିତ.୧୦:୯-୧୫ରେ ଲେଖାଯାଇଛି ।

ପରଦିନ ସେମାନେ ଯାଉ ଯାଉ ଯେତେବେଳେ ସେହି ନଗରର ନିକଟବର୍ତ୍ତୀ ହେଲେ, ସେତେବେଳେ ପିତର ପ୍ରାୟ ଦିନ ବାର ଘଣ୍ଟା ସମୟରେ ପ୍ରାର୍ଥନା କରିବା ନିମନ୍ତେ ଛାତ ଉପରକୁ ଗଲେ, ଆଉ ସେ କ୍ଷୁଧିତ ହୋଇ ଭୋଜନ କରିବାକୁ ଇଚ୍ଛା କଲେ, କିନ୍ତୁ ସେମାନେ ଖାଦ୍ୟ ପ୍ରସ୍ତୁତ କରୁଥିବା ସମୟରେ ସେ ମୂର୍ଚ୍ଛିତ ହୋଇ ଦର୍ଶନ ପାଇ ଦେଖିଲେ, ଆକାଶ ଉନ୍ମୁକ୍ତ ହୋଇଅଛି, ପୁଣି ଗୋଟିଏ ପାତ୍ର ତଳକୁ ଆସୁଅଛି, ଯେପରି ଗୋଟିଏ ବଡ଼ ଚାଦର ଚାରି କୋଣରେ ଧରା ହୋଇ ପୃଥିବୀ ଉପରକୁ ଖସାଇ ଦିଆଯାଉଅଛି; ସେଥିରେ ପୃଥିବୀର ସର୍ବପ୍ରକାର ଚତୁଷ୍ପଦ ପ୍ରାଣୀ, ସରୀସୃପ ଓ ଆକାଶର ପକ୍ଷୀଗୁଡ଼ିକ ଅଛନ୍ତି। ଆଉ, ତାଙ୍କ ପ୍ରତି ଏହି ବାଣୀ ହେଲା, ହେ ପିତର, ଉଠ, ବଧ କରି ଭୋଜନ କର। କିନ୍ତୁ ପିତର କହିଲେ, ନାହିଁ, ପ୍ରଭୋ, ମୁଁ କେବେ ହେଲେ କୌଣସି ଅପବିତ୍ର ଓ ଅଶୁଚି ପଦାର୍ଥ ଭୋଜନ କରି ନାହିଁ। ପୁନଶ୍ଚ ଦ୍ୱିତୀୟ ଥର ତାଙ୍କ ପ୍ରତି ଏହି ବାଣୀ ହେଲା, ଈଶ୍ୱର ଯାହା ଶୁଚି କରିଅଛନ୍ତି, ତାହା ତୁମ୍ଭେ ଅଶୁଚି ବୋଲି ନ କୁହ।

ପିତର ଦର୍ଶନର ବାଧ୍ୟ ହେଲେ । ସେ ବିଜାତୀୟମାନଙ୍କ ନିକଟକୁ ଗଲେ ଓ ସୁସମାଚାର ପ୍ରଚାର କଲେ । ସେମାନେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହେଲେ ଓ ପରଭାଷାରେ କଥା କହିଲେ ଓ ଈଶ୍ୱରଙ୍କ ପ୍ରଶଂସା କଲେ ଯେପରି ପିତର ସେମାନଙ୍କୁ ସଂପୂର୍ଣ୍ଣ ଭାବରେ ଗ୍ରହଣ କରିପାରନ୍ତି । ଏପରିକି ପିତର ତାହାର ପୁରୁଣା ବିଶ୍ୱାସ ବା ସ୍ୱଭାବକୁ ଫେରିଥିଲେ ଯେତେଦିନ ପର୍ଯ୍ୟନ୍ତ ପାଉଲ ତାଙ୍କୁ ମୁହଁମୁହିଁ ଅନୁଯୋଗ କରିଥିଲେ । (ଗାଲାତୀୟ.୨:୧୧-୨୧)

ଦ୍ୱିତୀୟ ଶିକ୍ଷାରେ ଯୀଶୁ କହିଲେ ଯେ, ଯାହା ହୃଦୟରୁ ଆସିଥାଏ, ତାହା ହିଁ ତାହାକୁ ଅଶୁଚି କରିଥାଏ । କାରଣ ଭିତରୁ ମନୁଷ୍ୟର ହୃଦୟରୁ, କୁଚିନ୍ତା, ବାହାର, ବେଶ୍ୟାଗମନ, ଚୋରି, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଶଠତା, କାମୁକତା, ଈର୍ଷାଦୃଷ୍ଟି, ନିନ୍ଦା, ଅହଙ୍କାର, ମୁର୍ଖତା ଏ ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅଶୁଚି କରେ । ହୃଦୟରେ କ'ଣ ଅଛି ବାକ୍ୟ ପ୍ରକାଶ କରେ ଓ ମନୁଷ୍ୟ କ'ଣ କହିବା ଉଚିତ୍ ତାହା ବିଷୟରେ ଧର୍ମଶାସ୍ତ୍ରରେ ଅନେକ ଉପଦେଶ ଦିଆଯାଇଛି । ସେଗୁଡିକ ମଧ୍ୟରୁ ଅଳ୍ପ ନିମ୍ନରେ ଲେଖାଗଲା –

ମରଣ ଓ ଜୀବନ ଜିହ୍ୱାର ଅଧୀନ; ଯେଉଁମାନେ ତାକୁ ଭଲ ଜାଣନ୍ତି, ସେମାନେ ତାହାର ଫଳ ଭୋଗିବେ।
**(ହିତୋପଦେଶ.୧୮:୨୧)**

କିନ୍ତୁ ଜିହ୍ୱାକୁ କେହି ବଶରେ ରଖି ପାରେ ନାହିଁ, ଅନିଷ୍ଟ ସାଧନରେ ତାହାର ବିରାମ ନାହିଁ, ମାରାତ୍ମକ ଗରଳରେ ତାହା ପରିପୂର୍ଣ୍ଣ। ତଦ୍ଦ୍ୱାରା ଆମ୍ଭେମାନେ ପ୍ରଭୁ ଓ ପିତାଙ୍କର ଧନ୍ୟବାଦ କରିଥାଉ, ପୁଣି, ତଦ୍ଦ୍ୱାରା ଈଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ମନୁଷ୍ୟକୁ ଅଭିଶାପ ଦେଇଥାଉ; ଏକ ମୁଖରୁ ଧନ୍ୟବାଦ ଓ ଅଭିଶାପ ନିର୍ଗତ ହୁଏ। ହେ ମୋହର ଭାଇମାନେ, ଏପରି ହେବା ଉଚିତ ନୁହେଁ। (ଯାକୁବ.୩:୮-୧୦)

ଅଜ୍ଞାନ ହିଁ ତୁନି ହେଲେ, ଜ୍ଞାନବାନ ଗଣିତ ହୁଏ; ପୁଣି, ସେ ଆପଣା ଓଷ୍ଠ ବନ୍ଦ କଲେ, ବୁଦ୍ଧିମାନ ଗଣିତ ହୁଏ। (ହିତୋପଦେଶ.୧୭:୨୮)

କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟମାନେ ଯେକୌଣସି ଅସାର କଥା କହନ୍ତି, ବିଚାର-ଦିନରେ ସେମାନେ ସେଥିର ଉତ୍ତର ଦେବେ; ଯେଣୁ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ନିର୍ଦ୍ଦୋଷ ଓ ତୁମ୍ଭ ବାକ୍ୟ ଦ୍ୱାରା ତୁମ୍ଭେ ଦୋଷୀ ବୋଲି ପ୍ରମାଣିତ ହେବ। ସେତେବେଳେ ଶାସ୍ତ୍ରୀ ଓ ଫାରୂଶୀମାନଙ୍କ ମଧ୍ୟରୁ କେତେକ ଜଣ ତାହାଙ୍କୁ ଉତ୍ତର ଦେଲେ, ହେ ଗୁରୁ, ଆମ୍ଭେମାନେ ଆପଣଙ୍କଠାରୁ ଗୋଟିଏ ଚିହ୍ନ ଦେଖିବାକୁ ଇଚ୍ଛା କରୁଅଛୁ। (ମାଥିଉ.୧୨:୩୬-୩୮)

ପିତର ଯେତେବେଳେ ଶୁଣିଲେ ଯେ, ବିଜାତୀୟମାନେ ପରଭାଷାରେ କଥା କହୁଛନ୍ତି, ଈଶ୍ୱରଙ୍କର ଉଚ୍ଚୀକୃତ କରୁଛନ୍ତି, ସେ ହୃଦୟଙ୍ଗମ କଲେ ଯେ ଈଶ୍ୱର ସେମାନଙ୍କୁ ଏକ ନୂତନ ହୃଦୟ ଦେଇଅଛନ୍ତି । ଏହା ଯୀଶୁଙ୍କ ଶିକ୍ଷାର ଏକ ପ୍ରମାଣ ଥିଲା ଯେ, ଯାହା କୁହାଯାଏ ତାହା ହୃଦୟରୁ ଆସିଥାଏ । ଅତଏବ ଏହି ଲୋକମାନେ ଈଶ୍ୱରଙ୍କ ଦ୍ୱାରା ଶୁଚି ବୋଲି ବିବେଚନା କରାଗଲା ।

ଶେଷ ଶିକ୍ଷଣୀୟ ବିଷୟ ହେଲା ମନୁଷ୍ୟର ପରମ୍ପରାକୁ ଈଶ୍ୱରଙ୍କ ଆଦେଶ ସହିତ ସମାନ କିମ୍ବା ତା'ଠରୁ ଅଧିକ ଶିକ୍ଷା ଦେବା ସହିତ କାର୍ଯ୍ୟ କଲେ । ଯୀଶୁ ସୁସ୍ପଷ୍ଟ ଭାବରେ ପ୍ରକାଶ କଲେ ଯେ ଶାସ୍ତ୍ରୀ ଓ ଫାରୂଶୀମାନେ ଈଶ୍ୱରଙ୍କ ବ୍ୟବସ୍ଥା ଅପେକ୍ଷା ମନୁଷ୍ୟର ମୌଖିକ ପରମ୍ପରା ନୀତିନିୟମ ଅଧିକ ଗୁରୁତ୍ୱ ଦିଅନ୍ତି । **ସେମାନେ ମନୁଷ୍ୟମାନଙ୍କ ବିଧିଗୁଡ଼ିକୁ ଧର୍ମର ଉପଦେଶବାଣୀ ବୋଲି ଶିକ୍ଷା ଦେଇ ବୃଥାରେ ଆମ୍ଭର ଆରାଧନା କରନ୍ତି। ତୁମ୍ଭେମାନେ ଈଶ୍ୱରଙ୍କ ଆଜ୍ଞା ପରିତ୍ୟାଗ କରି ମନୁଷ୍ୟମାନଙ୍କ ପରମ୍ପରାଗତ ରୀତିନୀତି ଧରି ବସିଅଛ** । ସେମାନେ ଅନ୍ୟମାନଙ୍କୁ ସେହିପରି କାରିବାକୁ ଶିଖାଉଥିଲେ, ଯୀଶୁ ତାହାଙ୍କ ଶିଷ୍ୟମାନଙ୍କୁ ସେଗୁଡିକ ଏକୁଟିଆ ଛାଡିବାକୁ ଆଜ୍ଞା ଦେଲେ ।

କିଛି ସମୟ ପରେ ଯୀଶୁ ଫାରୂଶୀ ଓ ସାଦ୍ଦୂକୀମାନଙ୍କ ଶିକ୍ଷାଗୁଡିକଠାରୁ ସାବଧାନ ରହିବାକୁ ଶିଷ୍ୟମାନଙ୍କୁ ସତର୍କ କରାଇଥିଲେ । ସେ ସେମାନଙ୍କ ଶିକ୍ଷାକୁ ଖମୀର ସହିତ ତୁଳନା କଲେ । ଯେହେତୁ ଖମୀର ପଦାର୍ଥର ପ୍ରତ୍ୟେକ ଅଂଶକୁ ବିସ୍ତାର କରେ । ଲୋକଙ୍କୁ ଯାହା ଶିକ୍ଷା ଦିଆଯାଏ ତାହା ସେମାନଙ୍କୁ ଆଜୀବନ ପ୍ରଭାବିତ କରିଥାଏ ।

ଉଭୟ ଫାରୂଶୀ ଓ ସାଦ୍ଦୂକୀମାନେ[୫୩] ଈଶ୍ୱରଙ୍କ ବାକ୍ୟ ଅପେକ୍ଷା ମନୁଷ୍ୟର ମୌଖିକ ବିଧିବ୍ୟବସ୍ଥାକୁ ଗୁରୁତ୍ୱ ସ୍ଥାନ ଦେଉଥିଲେ । ଆଉ ଏପରି କରିବା ଦ୍ୱାରା ସେମାନେ ଅଶୁଚି ଅପବିତ୍ର ହେଉଥିଲେ । ମନେରଖ, ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ, ମନୁଷ୍ୟର ମୁଖରୁ ଯାହା ବାହାରେ ତାହା ତାହାକୁ ଅଶୁଚି କରେ । ପୁଣି ସେମାନେ ସେମାନଙ୍କ ବାକ୍ୟ ଦ୍ୱାରା ପ୍ରକାଶ କରୁଥିଲେ ଯେ, ସେମାନେ ଈଶ୍ୱରଙ୍କ ବାକ୍ୟ ଅପେକ୍ଷା ସେମାନଙ୍କ ମୌଖିକ ବିଧିବ୍ୟବସ୍ଥାକୁ ଅଧିକ ଗୁରୁତ୍ୱ ଦିଅନ୍ତି, ଏଣୁ ସେମାନଙ୍କ ହୃଦୟ ଅଶୁଚିତା ହେଉଥିଲା ।

---

[୫୩] ଏକ ଦଳ, ଫାରୂଶୀମାନେ ସାଧାରଣତଃ ଈଶ୍ୱରଙ୍କ ବାକ୍ୟରେ ଯୋଗ କଲେ । ଉଦାହରଣ ଭାବରେ ସେମାନେ ବିଶ୍ରାମବାରରେ କାର୍ଯ୍ୟ ନ କରିବାକୁ ଅନେକ ପ୍ରତିବନ୍ଧକ ବିଷୟ ଯୋଗ କରିଥିଲେ । ଏଥି ମଧ୍ୟରୁ ଗୋଟିଏ ହେଲା ବିଶ୍ରାମବାରରେ ନିଆଁ ଲଗାଇବା ବା ଚୁଲି ଜାଳିବା ବେଆଇନ ଥିଲା । ସାଦ୍ଦୂକୀମାନେ ଈଶ୍ୱରଙ୍କ ବାକ୍ୟରୁ ବିଚ୍ଛିନ୍ନ ହେବାକୁ ଲାଗିଲେ । ଏଥିର ଗୋଟିଏ ଉଦାହରଣ ହେଲା ସେମାନେ ମୃତମାନଙ୍କ ପୁନରୁତ୍‌ଥାନ ଉପରେ ବିଶ୍ୱାସ କରନ୍ତି ନାହିଁ ।

ଜଣେ ବ୍ୟକ୍ତ ନିଜେ ବ୍ୟକ୍ତିଗତ ଅଶୁଚି ହୁଏ କିନ୍ତୁ ଯେତେବେଳେ ସେ ଅନ୍ୟମାନଙ୍କୁ ଶିକ୍ଷାଦାନ ଦ୍ୱାରା ଅନ୍ୟମାନଙ୍କୁ ଅଶୁଚିତାର ସଂକ୍ରମଣ କରେ । ଏହି ବିଷୟକୁ ଆଦାର କରି ଯୀଶୁଙ୍କ ଭ୍ରାତା ଯାକୁବ ତାଙ୍କ ପତ୍ରରେ ଉଲ୍ଲେଖ କରି କୁହନ୍ତି, "ହେ ମୋହର ଭାଇମାନେ, ତୁମ୍ଭେମାନେ ଅନେକେ ଶିକ୍ଷକ[୫୪]ହୁଅ ନାହିଁ ଶିକ୍ଷକ ଯେ ଆମ୍ଭେମାନେ, ଆମ୍ଭେମାନେ ଯେ ଗୁରୁତର ଦଣ୍ଡ ପାଇବା, ଏହା ଜାଣ। ଯେଣୁ ଆମ୍ଭେମାନେ ସମସ୍ତେ ଅନେକ ବିଷୟରେ ଝୁଣ୍ଟିପଡ଼ୁ। ଯଦି କେହି ବାକ୍ୟରେ ଝୁଣ୍ଟି ନ ପଡ଼େ, ତେବେ ସେ ସିଦ୍ଧ ପୁରୁଷ, ସମସ୍ତ ଶରୀରକୁ ମଧ୍ୟ ବଶରେ ରଖିବାକୁ ସମର୍ଥ।"

**ଦଳଗତ ଆଲୋଚନା:**

୫. ଏକ ମଣ୍ଡଳୀ ପରମ୍ପରାଗୁଡ଼ିକର ନାମ ଲେଖ ଯାହା ଶାସ୍ତ୍ରର ବିପରୀତ ଅଟେ ।

୬. ପରମ୍ପରାର ଉତ୍ପତ୍ତି କେବେ ହୋଇଛି ?

୭. ଏହାକୁ କିଏ ଅନୁମତି ଦେଇଅଛନ୍ତି ?

୮. କାହିଁକି ଲୋକମାନଙ୍କନ ଏହାକୁ ଧରି ରଖିଛନ୍ତି ?

**ମୁଖ୍ୟ ଶିକ୍ଷଣୀୟ ବିଷୟ:**

ତୁମେ କହୁଥିବା କଥାଗୁଡ଼ିକ ପ୍ରତି ଯତ୍ନବାନ ହୁଅ ।

**ପ୍ରୟୋଗ:**

ପରମ୍ପରାଗୁଡ଼ିକ ଉପରେ ଧ୍ୟାନ ଦେଇ ଧରି ରଖ ଓ ଅନ୍ୟମାନଙ୍କୁ ଶିକ୍ଷା ଦିଅ ।

---

[୫୪] ଶିକ୍ଷାଦାତା ଯିଏ ଶିକ୍ଷା ଦିଏ ।

ପାଠ ୨୮

## କ୍ରୁଶ ବହନ କରିବା

**ଉପକ୍ରମ:**

୩୦ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସରେ ଯୀଶୁ ତାଙ୍କର ୩୦ ବର୍ଷ ବୟସରେ ଯର୍ଦ୍ଦନ ନଦୀରେ ବାପ୍ତିସ୍ମ ନେଇଥିଲେ । ଗ୍ରୀଷ୍ମ ଅମଳ ପ୍ରାୟ ଶେଷ ହୋଇଛି ଓ ଶରତ ପବନରେ ବାୟୁମଣ୍ଡଳର ପରିବର୍ତ୍ତନ ହୋଇଛି । ଯୀଶୁ ମଧ୍ୟ ଏହି ପରିବର୍ତ୍ତନର ଅନୁଭବ କରିଛନ୍ତି । ସେ ଓ ତାଙ୍କର ଶିଷ୍ୟମାନେ ଯେଉଁଆଡେ ଗଲେ ସେଆଡେ ସୁସମାଚାର ପ୍ରଚାର ଓ ଲୋକଙ୍କ ସେବା କରିଆସୁଅଛନ୍ତି । କିନ୍ତୁ ସେ ଜାଣନ୍ତି ଜଗତରେ ତାହାଙ୍କର ସମୟ ଅତି ଅଳ୍ପ ଓ ସେ ଲୋକମାନଙ୍କୁ ଅନେକ ବିଷୟ ଶିକ୍ଷା ଦେବାର ବାକି ଅଛି । ଅପ୍ରତ୍ୟାଶିତ ବିଷୟ ପାଇଁ ସେମାନଙ୍କୁ ପ୍ରସ୍ତୁତ କରିବାର ବର୍ତ୍ତମାନ ସମୟ ଉପସ୍ଥିତ ... ତାଙ୍କର ଆସୁଥିବା ମୃତ୍ୟୁ ସକାଶେ । ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ସଙ୍ଗରେ ନେଇ ପ୍ରାୟ ପଚିଶ ମାଇଲ ଗାଲିଲୀ ସମୁଦ୍ର ନିକଟରେ ଥିବା ଯର୍ଦ୍ଦନ ନଦୀ ନିକଟ ବେଥସାଇଦାଠାରୁ ହିବ୍ରୋଣ ପାଦ ଦେଶରେ ଥିବା କାଇସରିଆର ଫିଲିପ୍ପୀ ନଗରକୁ ଗଲେ । ମୃତ୍ୟୁ ସମ୍ବନ୍ଧୀୟ କଥା ହେବା ଏକ ଏକ ଉପଯୁକ୍ତ ସ୍ଥାନ ।

୨୦ ଖ୍ରୀଷ୍ଟାବ୍ଦରେ ଅଗଷ୍ଟସ୍ କାଇସରଙ୍କଠାରୁ ସାମନ୍ତରାଜା ହେରୋଦ କାଇସରିଆ ଫିଲିପି ନଗର ପାଇଥିଲେ ଓ ସେଠାରେ ସମ୍ରାଟ ନିମନ୍ତେ ଏକ ମନ୍ଦିର ଉତ୍ସର୍ଗ କରିଥିଲେ । ହେରୋଦଙ୍କ ପୁତ୍ର ଫିଲିପ ସହରକୁ ବଢାଇ ସମୁଦ୍ର ଉପକୂଳରେ ଥିବା ପିତାଙ୍କ ସହର କାଇସରିଆଠାରୁ ଭିନ୍ନ କରିବା ପାଇଁ ଏହାର ନାମ କାଇସରିଆ ଫିଲିପ ବୋଲି ନାମ ଦେଲେ । କାଇସରିଆ ଫିଲିପ ସ୍ଥାନର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ଏହା ପ୍ରକୃତରେ କିଣାନୀୟ ଅଭୟାରଣ୍ୟ ଥିଲା, ହୁଏତ ଏଠାରେ ବାଲ ଦେବତା ନିମନ୍ତେ ବଳି ଉତ୍ସର୍ଗ କରି ପୂଜା କରାଯାଉଥିଲା । ଆଉ ଏହାର ସୀମା ମଧ୍ୟରେ ଏକ ବଡ ଗୁମ୍ଫା ରହିଥିଲା, ଯାହା ମୃତମାନଙ୍କ କ୍ଷେତ୍ରର ମୁଖ୍ୟ ସ୍ଥଳ ... ପାତାଳର ଦ୍ୱାର ।

ପଠନ ଶାସ୍ତ୍ରାଂଶ:

<u>ମାଥିଉ.୧୬:୧୩-୨୮, ୧୭:୨୨-୨୩, ମାର୍କ.୮:୨୭-୯:୧, ୯:୩୦-୩୨, ଲୁକ.୯:୧୮-୨୭, ୯:୪୩-୪୫</u>

## କ୍ରୁଶ ବହନ କରିବା

### ମାଥିଉ.୧୬:୧୩-୨୧, ମାର୍କ.୮:୨୭-୩୧, ଲୁକ.୯:୧୮-୨୨

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ପରେ ଯୀଶୁ କାଇସରୀୟା ଫିଲିପ୍‌ପୀ[୫୫] ଅଞ୍ଚଳକୁ ଆସି ଆପଣା ଶିଷ୍ୟମାନଙ୍କୁ ପଚାରିବାକୁ ଲାଗିଲେ, ମନୁଷ୍ୟପୁତ୍ର କିଏ ବୋଲି ଲୋକେ କଅଣ କହନ୍ତି? ଏଥିରେ ସେମାନେ କହିଲେ, କେହି କେହି କହନ୍ତି, ବାପ୍ତିଜକ ଯୋହନ, କେହି କେହି ଏଲୀୟ, ଆଉ କେହି କେହି ଯିରିମୀୟ ଅବା ଭାବବାଦୀମାନଙ୍କ ମଧ୍ଧରୁ ଜଣେ। ସେ ସେମାନଙ୍କୁ ପଚାରିଲେ, କିନ୍ତୁ ମୁଁ କିଏ ବୋଲି ତୁମ୍ଭେମାନେ କଅଣ କହୁଅଛ? ଶିମୋନ ପିତର ଉତ୍ତର ଦେଲେ, ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର। ଏଥିରେ ଯୀଶୁ ତାଙ୍କୁ ଉତ୍ତର ଦେଲେ, ହେ ଯୂନସର ପୁତ୍ର ଶିମୋନ[୫୬], ତୁମ୍ଭେ ଧନ୍ୟ, କାରଣ ମନୁଷ୍ୟ ତୁମ୍ଭ ନିକଟରେ ଏହା ପ୍ରକାଶ କରି ନାହିଁ, ବରଂ ମୋହର ସ୍ୱର୍ଗସ୍ଥ ପିତା

---

[୫୫] କାଇସରିଆ ଫିଲିପ୍ପ - ହିବ୍ରୋଣ ପାଦ ଦେଶର ବେଥସାଇଦାଠାରୁ ଉତ୍ତରକୁ ୨୫ ମାଇଲ ଦୂରରେ ଅବସ୍ଥିତ କାଇସରିଆ ଫିଲିପୀ ନଗର ।

[୫୬] ଯୂନସଙ୍କ ପୁତ୍ର

ପ୍ରକାଶ କରିଅଛନ୍ତି। ଆଉ, ମୁଁ ମଧ୍ୟ ତୁମ୍ଭକୁ କହୁଅଛି, ତୁମ୍ଭେ ପିତର[୫୭], ପୁଣି ଏହି ପଥର[୫୮] ଉପରେ ମୁଁ ଆପଣା ମଣ୍ଡଳୀ[୫୯] ତୋଳିବି, ଆଉ ନରକର[୬୦] ବଳ[୬୧] ତାହାକୁ ପରାଜୟ[୬୨] କରିବ ନାହିଁ। ମୁଁ ତୁମ୍ଭକୁ ସ୍ୱର୍ଗରାଜ୍ୟର କଞ୍ଚି[୬୩] ଦେବି, ଆଉ ତୁମ୍ଭେ ପୃଥିବୀରେ ଯାହା କିଛି ବନ୍ଦ[୬୪] କରିବ, ସ୍ୱର୍ଗରେ ତାହା ବନ୍ଦ ରହିବ, ପୁଣି ପୃଥିବୀରେ ଯାହା କିଛି ମୁକ୍ତ କରିବ, ସ୍ୱର୍ଗରେ ତାହା ମୁକ୍ତ ରହିବ। ସେତେବେଳେ ସେ ଯେ ଖ୍ରୀଷ୍ଟ ଅଟନ୍ତି, ଏହା କାହାକୁ ନ କହିବା ପାଇଁ ସେ ଶିଷ୍ୟମାନଙ୍କୁ ଦୃଢ଼ ଆଜ୍ଞା ଦେଲେ। ସେହି ସମୟଠାରୁ ଯୀଶୁ ଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କୁ ବୁଝାଇବାକୁ ଲାଗିଲେ ଯେ, ତାହାଙ୍କୁ ଅବଶ୍ୟ ଯିରୂଶାଲମକୁ ଯିବାକୁ ହେବ ଏବଂ ପ୍ରାଚୀନ, ପ୍ରଧାନ ଯାଜକ ଓ ଶାସ୍ତ୍ରୀମାନଙ୍କ ହସ୍ତରୁ ବହୁତ ଦୁଃଖଭୋଗ କରି ହତ ହେବାକୁ ହେବ, ପୁଣି ତୃତୀୟ ଦିବସରେ ଉତ୍ଥିତ ହେବାକୁ ହେବ।

## ପ୍ରକୃତ ଶିଷ୍ୟତ୍ୱ

## ମାଥିଉ.୧୬:୨୪-୨୮, ମାର୍କ.୮:୩୪-୯:୧, ଲୂକ.୯:୨୩-୨୭

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ସେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ ଘେନିମୋହର ଅନୁଗମନ କରୁ। କାରଣ ଯେକେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ, ସେ ତାହା ହରାଇବ; କିନ୍ତୁ ଯେ କେହି ମୋ' ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ପ୍ରାପ୍ତ ହେବ। ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ହେବ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ? ପୁଣି, ମନୁଷ୍ୟପୁତ୍ର ଆପଣା ପିତାଙ୍କ ମହିମାରେ ନିଜ ଦୂତମାନଙ୍କ ସହିତ ଆଗମନ କରିବେ ଏବଂ ସେତେବେଳେ ସେ ପ୍ରତ୍ୟେକ ଲୋକକୁ ତାହାର କର୍ମ ଅନୁସାରେ ଫଳ ଦେବେ। ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ମନୁଷ୍ୟପୁତ୍ରଙ୍କର ଆପଣା ରାଜ୍ୟରେ ଆଗମନ ନ ଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ।

---

[୫୭] ପିତରର ଗ୍ରିକ ଶବ୍ଦ ପିତ୍ରସ୍ ର ଅର୍ଥ ଶୈଳ ବା ପଥର ।

[୫୮] **ପଥର** ଗ୍ରୀକ ଶବ୍ଦ ପିତ୍ର ର ଅର୍ଥ ମୂଳଦୁଆ ପଥର । (ଯୀଶୁ କହନ୍ତି ଯେ, ତାହାଙ୍କ ମଣ୍ଡଳୀର ମୂଳଦୁଆ ପଥରର (ସତ୍ୟତା, ଶୃଙ୍ଖଳା, ବାସ୍ତବ) ଉପରେ ଗଢ଼ାଯିବ । ପିତରଙ୍କ ମନ୍ତବ୍ୟ ଥିଲା ଯେ, ଯୀଶୁ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।

[୫୯] ମଣ୍ଡଳୀ – ଗ୍ରୀକ୍ ଶବ୍ଦ ଏକ୍ଲେସିଆର ଆର୍ଥ ଆହ୍ୱାନ କରାଯାଇଥିବା ଲୋକେ । ଠିକ୍ ଏହି ଶବ୍ଦର ହିବ୍ରୁ ଶବ୍ଦ କାହାଲ ଶବ୍ଦର ଅର୍ଥ ହେଲା ସମାବେଶ, ସଭା, ମଣ୍ଡଳୀ ବା ଗୋଷ୍ଠୀ, । ଉଭୟ ଏହି ଶବ୍ଦ ଲୋକମାନଙ୍କୁ ବୁଝାଏ । ଏହି ଉଭୟ ଶବ୍ଦ ମଦ୍ୟରୁ କୌଣସି ଏକ ଅନୁଷ୍ଠାନ କିମ୍ବା କୋଠାଗୃହକୁ ବୁଝାଏ ନାହିଁ ।

[୬୦] ଦ୍ୱାର - ପ୍ରବେଶ ବା ପ୍ରସ୍ଥାନର ଏକ ଦୃଢ ଶକ୍ତ କେନ୍ଦ୍ର ବିଷୟ । ବିପଦଜନକ ପରିସ୍ଥିତିରେ ଶତ୍ରୁମାନେ ପ୍ରବେଶ ନ କରିବା ପାଇଁ ଦ୍ୱାର ବନ୍ଦ କରାଯାଏ । ଏହା ସୁରକ୍ଷା ନିମନ୍ତେ ଏକ ରକ୍ଷାତ୍ମକ ବିଷୟ । ଦ୍ୱାର ଖୋଲାଯାଏ ଯେପରି ଶତ୍ରୁ ବିରୋଧରେ ଉସ୍କୁ ମୁକ୍ତ କରିବା ପାଇଁ ।

[୬୧] ନର୍କ ଦ୍ୱାର- ମୃତମାନଙ୍କ ସ୍ଥାନକୁ ପ୍ରବେଶ ଓ ପ୍ରସ୍ଥାନ କରିବା ପଏ**ଣ୍ଟ** ।

[୬୨] ପରାଜୟ କରିବ ନାହିଁ । ଏହାର ଅର୍ଥ ମୃତ୍ୟୁର ଶକ୍ତି ତାର ଦ୍ୱାର ଖୋଲି କିଅବା ଅକ୍ରମଣ କରି ମଣ୍ଡଳୀକୁ ହତ୍ୟା କରିପାରିବ ନାହିଁ । କିମ୍ବା ଏହାର ଦ୍ୱାର ବନ୍ଦ କରି ଦୃଢ ଦୁଘଠକୁ ରକ୍ଷା କରି ମୃତମାନଙ୍କ ସ୍ଥାନରୁ ଆତ୍ମାକୁ ବାହାର କରି ମଣ୍ଡଳୀକୁ ଅଟକାଇ ପାରିବ ନାହିଁ ।

[୬୩] ସ୍ୱର୍ଗରାଜ୍ୟର କ**ଞ୍ଚି** । ଏକ ଚାବି ଯାହା ସ୍ୱର୍ଗର ଦ୍ୱାର ବନ୍ଦ କିଅବା ଖୋଲା କରାଯାଏ । ଗୋଟିଏ ଚାବି ସ୍ୱର୍ଗର ପ୍ରବେଶକୁ ବାରଣ କିମ୍ବା ଆଶୀର୍ବାଦ ନିମନ୍ତେ ଦ୍ୱାର ମୁକ୍ତ କରେ ନାହିଁ । ଅନ୍ୟ ଚାବିଟି ସ୍ୱର୍ଗର ଆଶର୍ବାଦର ଦ୍ୱାରକୁ ଖୋଲିଦିଏ ପ୍ରବେଶ କରିବାକୁ କିମ୍ବା ଆଶୀର୍ବାଦ ପ୍ରାପ୍ତ ହେବାକୁ । ଖ୍ରୀଷ୍ଟଙ୍କ ପୁନରୁତଥାନ ପରେ ପରେ ପିତର ପେ[illegible]କ୍ଷ୍ଟ ଦିବସରେ ଏହି ଚାବିକୁ ବ୍ୟବହାର କଲେ ଯଦ୍ୱାରା ସ୍ୱର୍ଗର ଆଶୀର୍ବାଦର ଦ୍ୱାର ମୁକ୍ତ ହୋଇଥିଲା । ପିତର ଘୋଷଣା କଲେ, **ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହେଉନ୍ତୁ; ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ। କାରଣ ଏହି ପ୍ରତିଜ୍ଞା ଆପଣମାନଙ୍କ ନିମନ୍ତେ, ଆପଣମାନଙ୍କର ସନ୍ତାନସନ୍ତତିମାନଙ୍କ ନିମନ୍ତେ, ପୁଣି ଦୂରବର୍ତ୍ତୀ ଯେତେ ଲୋକଙ୍କୁ ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଆପଣା ନିକଟକୁ ଡାକିବେ, ସେହି ସମସ୍ତଙ୍କ ନିମନ୍ତେ।**

[୬୪] କ**ଞ୍ଚି** - ଦୃଢ଼ଦୁର୍ଗର ଫାଟକକୁ ବନ୍ଦ କରିବା ଓ ଖୋଲିବାରେ ବ୍ୟବହୃତ ଯନ୍ତ୍ର ।

## ଯୀଶୁ ତାହାଙ୍କ ମୃତ୍ୟୁର ଭବିଷ୍ୟତବାଣୀ କହିଲେ
## ମାଥିଉ.୧୭:୨୨-୨୩, ମାର୍କ.୯:୪୩-୪୫

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ

ସେମାନେ ସେହି ସ୍ଥାନରୁ ପ୍ରସ୍ଥାନ କରି ଗାଲିଲୀର ମଧ୍ୟଦେଇ ଯାତ୍ରା କଲେ, ଆଉ କେହି ତାହା ଜାଣନ୍ତୁ ବୋଲି ତାହାଙ୍କର ଇଚ୍ଛା ନ ଥିଲା; ସମସ୍ତେ ଈଶ୍ୱରଙ୍କର ମହାଶକ୍ତି ସକାଶେ ଆଶ୍ଚର୍ଯ୍ୟାନ୍ୱିତ ହେଲେ। ମାତ୍ର ତାହାଙ୍କ କୃତ ସମସ୍ତ କାର୍ଯ୍ୟ ସକାଶେ ସମସ୍ତେ ଚମତ୍କୃତ ହେଉଥିବା ସମୟରେ ସେ ଆପଣା ଶିଷ୍ୟମାନଙ୍କୁ କହିଲେ,ଏହିସମସ୍ତ କଥା ତୁମ୍ଭମାନଙ୍କ କର୍ଣ୍ଣରେ ପ୍ରବେଶ କରାଅ; କାରଣ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଏହି କଥା କହି ଶିକ୍ଷା ଦେଉଥିଲେ, ମନୁଷ୍ୟପୁତ୍ର ମନୁଷ୍ୟମାନଙ୍କ ହସ୍ତରେ ସମର୍ପିତ ହେଉଅଛନ୍ତି, ପୁଣି ସେମାନେ ତାହାଙ୍କୁ ବଧ କରିବେ, ଆଉ ସେ ହତ ହେଲା ଉତ୍ତାରେ ତିନି ଦିନ ପରେ ପୁନରୁତ୍ଥାନ କରିବେ। କିନ୍ତୁ ସେମାନେ ସେହି କଥା ବୁଝିଲେ ନାହିଁଓ ତାହାଙ୍କୁ ପଚାରିବାକୁ ଭୟ କରୁଥିଲେ।

**ଆଦେଶ:**

- ଏହି ସମସ୍ତ କଥା ତୁମ୍ଭମାନଙ୍କ କର୍ଣ୍ଣରେ ପ୍ରବେଶ କରାଅ ।

**ଦଳଗତ ଆଲୋଚନା:**

୧. ତୁମେ କେବେ ମୃତ୍ୟୁବରଣ କରିବାକୁ ଯାଉଛ ତାହା କଣ ଜାଣିବାକୁ ଇଚ୍ଛା କରିବ ? କାହିଁକି କିମ୍ୱା କାହିଁକି ନୁହେଁ ?

୨. କିପରି ଭାବରେ ତୁମେ ମୃତ୍ୟୁବରଣ କରିବାକୁ ଚାହିଁବ ?

**ଶିକ୍ଷା:**

ଲୋକମାନେ ତାହାଙ୍କ (ମନୁଷ୍ୟପୁତ୍ର) ବିଷୟରେ କ'ଣ ଭାବନ୍ତି ବୋଲି ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ପଚାରି ନିଜ ମୃତ୍ୟୁ ବିଷୟରେ ସୂଚନା ଦେଲେ । ସେମାନେ ଉତ୍ତର ଦେଲେ, କେହି କେହି ଭାବନ୍ତି କି ଆପଣ ଜଣେ ମୃତ ଭାବବାଦୀମାନଙ୍କ ମଧ୍ୟରୁ ଜଣେ ପୁନର୍ବାର ଜନ୍ମ ନେଇ ଆସିଛନ୍ତି । ତାପରେ ଯୀଶୁ ଶିଷ୍ୟମାନଙ୍କୁ ପଚାରିଲେ, "ମୁଁ କିଏ ବୋଲି ତୁମ୍ଭେମାନେ କଣ କହୁଅଛ ? ପିତର ଉତ୍ତର ଦେଲେ, ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର ।"

ଏହି ଉତ୍ତର ଦ୍ୱାରା ଯୀଶୁ ହୃଦୟଙ୍ଗମ କଲେ ଯେ, ମନୁଷ୍ୟପୁତ୍ରଙ୍କ[୬୫] ପରିଚୟ ପାଇବା ପାଇଁ ଈଶ୍ୱର ପିତରଙ୍କଠାରେ ଏହା ପ୍ରକାଶ କଲେ । ସେହିକ୍ଷଣି ସେ ଅନେକ ଆଶ୍ଚର୍ଯ୍ୟଜନକ ବକ୍ତବ୍ୟ ସହିତ ପ୍ରତିକ୍ରିୟା ପ୍ରକାଶ କଲେ, ଯାହା ସେ ମୃତ୍ୟୁରୁ ପୁନରୁତ୍‌ଥାନ ନ ହେବା ପର୍ଯ୍ୟନ୍ତ ବୁଝାପଡିନଥିଲା ।

---

[୬୫] ଦାନିୟେଲ.୭:୧୩-୧୪ - ମୁଁ ରାତ୍ରିକାଳର ଦର୍ଶନରେ ଦେଖିଲି, ଆଉ ଦେଖ, ମନୁଷ୍ୟପୁତ୍ର ନ୍ୟାୟ ଏକ ପୁରୁଷ ଆକାଶର ମେଘରେ ଆସିଲେ ଓ ସେ ଅନେକ କାଳର ସେହି ବୃଦ୍ଧଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ, ସେମାନେ ତାହାଙ୍କ ଛାମୁକୁ ତାହାଙ୍କୁ ଆଣିଲେ। ପୁଣି, ସମୁଦାୟ ଗୋଷ୍ଠୀ, ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ, ଏଥିପାଇଁ ତାହାଙ୍କୁ କର୍ତ୍ତୃତ୍ୱ, ମହିମା ଓ ରାଜ୍ୟ ଦତ୍ତ ହେଲା; ତାହାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ କର୍ତ୍ତୃତ୍ୱ , ତାହା ଲୁପ୍ତ ହେବ ନାହିଁ, ଆଉ ତାହାଙ୍କର ରାଜ୍ୟ ଅବିନାଶ୍ୟ।

୧. ଯୀଶୁ ପିତରଙ୍କୁ ବାର୍ଜୋନା ବୋଲି ସମ୍ବୋଧନ କରିଥିଲେ, ଯାହାର ଅର୍ଥ ଯୂନସଙ୍କ ପୁତ୍ର । ଏହା ପିତରଙ୍କ ନିମନ୍ତେ ଏକ ଉପଯୁକ୍ତ ଆଖ୍ୟା ନାମ, ଯିଏ ବିଜାତିମାନଙ୍କଠାରେ ପ୍ରଥମେ ସୁସମାଚାର ଆଣିଥିଲେ । ଭବିଷ୍ୟଦ୍‌ବକ୍ତା ଯୂନସଙ୍କ ପରି ଯିଏ ବିଜାତିମାନଙ୍କଠାରେ ତାହାଙ୍କ ବାର୍ତ୍ତା ପ୍ରଚାର କରିଥିଲେ ।

୨. ପିତରଙ୍କ ପ୍ରକୃତ ନାମ ଶିମୋନ କିନ୍ତୁ ଯୀଶୁ ତାହାଙ୍କୁ "ପିତର" ବୋଲି ଡାକିଲେ । ଗ୍ରୀକ୍ ନାମ ପିତ୍ରସ୍‌ର ଅର୍ଥ ପଥର ବା ଶୈଳ । ପଥର ଛୋଟ ହେଲେ ମଧ୍ୟ ଶକ୍ତ ଓ ଦୃଢ ଅଟେ ଯାହା ଘୁଞ୍ଚେ ନାହିଁ ।

୩. "ଆପଣ ଖ୍ରୀଷ୍ଟ, ଜୀବନ୍ତ ଈଶ୍ୱରଙ୍କ ପୁତ୍ର" ପିତରଙ୍କ ଉତ୍ତରରେ, ଯୀଶୁ ପିରଙ୍କୁ କହିଲେ, ତୁମ୍ଭେ ପିତର, ଏହି ପଥର ଉପରେ ମୁଁ ଆପଣା ମଣ୍ଡଳୀ ତୋଳିବି । ଗ୍ରୀକ୍ ଶବ୍ଦରେ ଏହି ପଥରର ଶବ୍ଦ ପିତ୍ର ଅର୍ଥ ମୂଳଦୁଆ ପଥର । ମୂଳଦୁଆ ପଥର ମଧ୍ୟ ଶକ୍ତ ଓ ଦୃଢ ଅଟେ ଯାହା ଘୁଞ୍ଚେ ନାହିଁ ।

୪. ଯୀଶୁ କହିଲେ ସେ ତାହାଙ୍କ ମଣ୍ଡଳୀ ତୋଳିବେ । ମଣ୍ଡଳୀ ଶବ୍ଦର ଗ୍ରୀକ୍ ଶବ୍ଦ ହେଲା ଏକ୍ଲେସିଆ ଯାହାର ଅର୍ଥ "ଆହ୍ୱାନପ୍ରାପ୍ତ ଲୋକମାନେ" । ହିବ୍ରୁର ସମାନ ଶବ୍ଦ କାହାଲ ଅର୍ଥ ସମାବେଶ, ଏକତ୍ରିତ ସଭା, କିମ୍ବା ଗୋଷ୍ଠୀ ବା ସମ୍ପ୍ରଦାୟ । ଏହି ଉଭୟ ଶବ୍ଦ ଲୋକମାନଙ୍କୁ ବୁଝାଏ, ଏହା ଏକ ଅନୁଷ୍ଠାନ କିଅବା ପକ୍କାଘରକୁ ବୁଝାଏ ନାହିଁ । ଯୀଶୁ ତାଙ୍କ ନିଜ ସଂପ୍ରଦାୟର ବିଶ୍ୱାସୀମାନଙ୍କୁ ନେଇ ଆରମ୍ଭ କରିଥିଲେ ଏହା ଶିଷ୍ୟମାନଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଘଟଣା ହୋଇଥାନ୍ତା କାରଣ ପ୍ରତ୍ୟକ୍ଷ ଭାବରେ ପୁରାତନ ନିୟମର ବ୍ୟବସ୍ଥାରେ ଏହି ପ୍ରକାର କେବେ ପ୍ରକାଶ କରାଯାଇନଥିଲା । ତଥାପି ଏହି ଧାରଣାକୁ ଅନେକ ଥର[୬୬] ସୂଚିତ କରାଯାଇଛି ।

୫. ସେ ଏହା ମଧ୍ୟ କହିଲେ ଯେ, ନରକର ବଳ ତାହାଙ୍କ ମଣ୍ଡଳୀକୁ ପରାଜୟ କରିପାରିବ ନାହିଁ । ଏହା କହିବାରେ ଦୁଇ ପ୍ରକାର ଅର୍ଥ ରହିଅଛି – ପ୍ରଥମତଃ ମଣ୍ଡଳୀର ହତ୍ୟା ହେବ ନାହିଁ ଓ ଏହା ସଦାକାଳସ୍ଥାୟୀ । ଦ୍ୱିତୀୟ ହେଲା ମଣ୍ଡଳୀର ଆତ୍ମାକୁ ମୃତମାନଙ୍କ ରାଜ୍ୟରୁ ବାହାର କରିବା ପାଇଁ ମଣ୍ଡଳୀକୁ ପ୍ରତିରୋଧ କରାଯାଇପାରିବ ନାହିଁ ।

୬. ଏଥିସହିତ ଯୋଗ କରି ଯୀଶୁ କହିଲେ, ତାହାଙ୍କ ଶିଷ୍ୟମାନଙ୍କୁ ସ୍ୱର୍ଗରାଜ୍ୟର ଚାବି ଦେବେ । ଏହା ସେମାନଙ୍କ ପାଇଁ ଏକ ଆଶ୍ଚର୍ଯ୍ୟଜନକ ବିଷୟ ଥିଲା କାରଣ ସେସମୟରେ ଫାରୂଶୀମାନେ ଦାବି କରୁଥିଲେ କି ସେମାନେ ସ୍ୱର୍ଗରାଜ୍ୟର ଚାବି[୬୭] ଧରିଛନ୍ତି ବୋଲି । ଗୋଟିଏ ଚାବିରେ ସ୍ୱର୍ଗରାଜ୍ୟରେ ପ୍ରବେଶ ଏବଂ ସ୍ୱର୍ଗୀୟ ଆଶୀର୍ବାଦର ଭଣ୍ଡାର ମୁକ୍ତ[୬୮] କରିବା । ଅନ୍ୟ ଚାବିରେ ସ୍ୱର୍ଗରାଜ୍ୟରେ ପ୍ରବେଶ ନିମନ୍ତେ ବନ୍ଦ[୬୯] କରିବା ଓ ଆଶୀର୍ବାଦର ଭଣ୍ଡାରକୁ ବନ୍ଦ କରିବା । ବନ୍ଦ କରିବା ଶବ୍ଦର ଅର୍ଥ ହେଉଛି କିଛି ବାରଣ କରିବା ଓ ମୁକ୍ତ କରିବା ଅର୍ଥ କିଛି ଅନୁମତି ଦେବା । ବନ୍ଦ କରିବା ଓ ମୁକ୍ତ କରିବାର ଦୁଇଟି ପ୍ରାଥମିକ ଅଧିକାରଯୁକ୍ତ ବ୍ୟବହାର ହେଲା – ୧. ପ୍ରାର୍ଥନା ଓ ୨. ମଣ୍ଡଳୀ ମଧ୍ୟରେ ସାମ୍ପ୍ରଦାୟିକ ବିଷୟରେ ଆଇନଗତ ନିଷ୍ପତ୍ତି ନେବା ।

---

[୬୬] ଯାତ୍ରାପୁସ୍ତକ.୩୨ : ୯-୧୦ - ସଦାପ୍ରଭୁ ମୋଶାଙ୍କୁ ଆହୁରି କହିଲେ, ଆମ୍ଭେ ଏହି ଲୋକମାନଙ୍କୁ ଦେଖିଲୁ; ଦେଖ, ସେମାନେ ଅତିଶୟ ଶକ୍ତଗ୍ରୀବ ଲୋକ। ଏଣୁ ତୁମ୍ଭେ ଏବେ ଆମ୍ଭଙ୍କୁ ଛାଡ଼ି ଦିଅ, ଆମ୍ଭର କ୍ରୋଧ ସେମାନଙ୍କ ପ୍ରତିକୂଳରେ ପ୍ରଜ୍ୱଳିତ ହେଉ, ତହିଁରେ ଆମ୍ଭେ ସେମାନଙ୍କୁ ସଂହାର କରିବା; ମାତ୍ର ଆମ୍ଭେ ତୁମ୍ଭକୁ ମହାଗୋଷ୍ଠୀ କରିବା।

ଦ୍ୱିତୀୟ ବିବରଣ.୩୨ : ୨୧ - ଯେ ପରମେଶ୍ୱର ନୁହନ୍ତି, ତାହା ଦ୍ୱାରା ସେମାନେ ଆମ୍ଭର ଅନ୍ତର୍ଜ୍ୱାଳା ଜନ୍ମାଇଲେ; ସେମାନେ ଅସାର ବସ୍ତୁ ଦ୍ୱାରା ଆମ୍ଭଙ୍କୁ ବିରକ୍ତ କଲେ; ଏଣୁ ଯେଉଁମାନେ ଲୋକରେ ଗଣା ନୁହନ୍ତି, ସେମାନଙ୍କ ଦ୍ୱାରା ଆମ୍ଭେ ସେମାନଙ୍କର ଅନ୍ତର୍ଜ୍ୱାଳା ଜନ୍ମାଇବା; ଆମ୍ଭେ ମୂଢ଼ ଗୋଷ୍ଠୀ ଦ୍ୱାରା ସେମାନଙ୍କୁ ବିରକ୍ତ କରିବା।

ଯିଶାଇୟ.୬୫ : ୧ - ଯେଉଁମାନେ ଆମ୍ଭ ବିଷୟ ପଚାରିଲେ ନାହିଁ, ସେମାନଙ୍କ ଦ୍ୱାରା ଆମ୍ଭେ ଅନ୍ୱେଷିତ ହେଉଅଛୁ; ଯେଉଁମାନେ ଆମ୍ଭର ଅନ୍ୱେଷଣ କଲେ ନାହିଁ, ସେମାନେ ଆମ୍ଭକୁ ପ୍ରାପ୍ତ ହେଉଅଛନ୍ତିନ୍ତ ଯେଉଁ ଦେଶୀୟ ଲୋକେ ଆମ୍ଭ ନାମରେ ଖ୍ୟାତ ହୋଇ ନ ଥିଲେ, ସେମାନଙ୍କୁ, ଆମ୍ଭକୁ ଦେଖ, ଆମ୍ଭକୁ ଦେଖ ବୋଲି ଆମ୍ଭେ କହିଲୁ।

[୬୭] ଐତିହାସିକ ଯୋଷେଫସଙ୍କ ଅନୁସାରେ, "ଯିହୁଦୀମାନଙ୍କ ଯୁଦ୍ଧ ୧ : ୫ : ୨"

[୬୮] ମୁକ୍ତ - ଅନୁମତି, ଖୋଲିବା ।

[୬୯] ବନ୍ଦ - ବାରଣ କରିବା - ନଖୋଲିବା

୭. ଶେଷରେ, ଯୀଶୁ ଶିଷ୍ୟମାନଙ୍କୁ କହିଲେ, ତାହାଙ୍କୁ ଅବଶ୍ୟ ଯିରୁଶାଲମକୁ ଯିବାକୁ ହେବ ଯେଉଁଠାରେ ସେ କଷ୍ଟଭୋଗ ଓ ମୃତ୍ୟୁଭୋଗ କରିବେ । କିନ୍ତୁ ସେ ସେମାନଙ୍କୁ ଆଶ୍ୱସନା ଦେଇ କହନ୍ତି ଯେ ସେ ମୃତ୍ୟୁର ତିନି ଦିନ ପରେ ପୁନରୁତ୍ଥିତ ହେବେ ।

ଯଦି ପୂର୍ବ ପ୍ରକାଶିତ ବିଷୟ ଯଦି ଯଥେଷ୍ଟ ନାହିଁ, ଯୀଶୁ ତାହାଙ୍କ ଶ୍ରୋତାମାନଙ୍କୁ ଏକ ଆହ୍ୱନପୂର୍ଣ୍ଣ ବକ୍ତବ୍ୟ ଦେଲେ, **କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ଆପଣା କ୍ରୁଶ**[୭୦] **ଘେନିମୋହର ଅନୁଗମନ କରୁ। କାରଣ ଯେକେହି ଆପଣା ଜୀବନ ରକ୍ଷା କରିବାକୁ ଇଚ୍ଛା କରେ, ସେ ତାହା ହରାଇବ; କିନ୍ତୁ ଯେ କେହି ମୋ' ନିମନ୍ତେ ଆପଣା ଜୀବନ ହରାଇବ, ସେ ତାହା ପ୍ରାପ୍ତ ହେବ।** ଯୀଶୁ ଏଠାରେ ଅତି ସ୍ପଷ୍ଟ ଭାବରେ ପ୍ରକାଶ କରିଛନ୍ତି କି, ଶିଷ୍ୟତ୍ୱ ଏକ ଦାମୀ ବିଷୟ ଅଟେ । ଖ୍ରୀଷ୍ଟିୟାନ ଭାବରେ କୌଣସି ଶସ୍ତା ଅନୁଗ୍ରହ ନାହିଁ କିମ୍ବା ଈଶ୍ୱରଙ୍କ ଇଚ୍ଛାକୁ ଅନୁସରଣ କରିବା ପାଇଁ କିଛି ପ୍ରାଥମିକ ମାର୍ଗରେ ଶସ୍ତା ଅନୁଗ୍ରହ ନାହିଁ । ଯେଉଁମାନେ ନିଜକୁ ଖ୍ରୀଷ୍ଟିୟାନ ବୋଲି କହନ୍ତି, ସେମାନଙ୍କ ପାଇଁ ଯୀଶୁଙ୍କ ବକ୍ତବ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଚିନ୍ତାର ବିଷୟ । ସେହି କଥା କହିବାର ଅଛି ... ... ଆମେ ଯେଉଁମାନେ ଖ୍ରୀଷ୍ଟଙ୍କ ଅନୁଗମନ କରୁ, ଆମେ ଯାହା କରିବାକୁ ଚାହୁଁଛୁ, ତାହା ତ୍ୟାଗ କରିବା ସହ ... ... ଆମେ ନିଜକୁ ଅସ୍ୱୀକାର କରିପାରିଛୁ କି ? ... ... ଆମେ ଆମର କ୍ରୁଶକୁ ପ୍ରତିଦିନ[୭୧] ବହନ କରିପାରୁଛୁ କି ? ଯୀଶୁ ଯାହା ଆମକୁ କରିବାକୁ କୁହନ୍ତି ... ... ତାହା ପାଳନ କରି ... ... ଆମେ କ'ଣ ଯୀଶୁଙ୍କ ଅନୁଗମନ କରୁଛୁ କି ?

**ଦଳଗତ ଆଲୋଚନା:**

୩. ଗୋଟିଏ ବିଷୟର ନାମ ଲେଖ ଯାହା ଅନ୍ୟର ସେବା କରିବା ପାଇଁ ତୁମେ ତ୍ୟାଗ କରିପାରିବ ?

୪. ଗୋଟିଏ ବିଷୟର ନାମ ଲେଖ ଯାହା ଯୀଶୁ ତୁମକୁ କରିବାକୁ କହିଛନ୍ତି ?

**ଶିକ୍ଷାର ମୁଖ୍ୟ ବିଷୟ:**

<u>ଖ୍ରୀଷ୍ଟଙ୍କ ଶିଷ୍ୟ ଭାବରେ ତୁମେ ନିଜ ଜୀବନକୁ ବହୁମୂଲ୍ୟ ଦେବାକୁ ହେବ</u> ।

**ପ୍ରୟୋଗ:**

୧. ତୁମର ଉଦ୍ଦେଶ୍ୟ ଶୁଦ୍ଧ କି ନାହିଁ ସମୀକ୍ଷା କର ।

୨. ତୁମର ଜୀବନ ସକାଶେ ଭୟଗ୍ରସ୍ତ କିଅବା ଚିନ୍ତିତ ହୁଅ ନାହିଁ ।

୩. ଈଶ୍ୱର ଯାହା କରିବାକୁ ତୁମକୁ କହନ୍ତି ତାହା ବିଶ୍ୱାସ କର, ତାହାପରେ ତାହା କର ।

---

[୭୦] ରୋମୀୟ ଶାସନରେ ଆଇନ ଉଂଲଘନକାରୀକୁ କ୍ରୁଶ ବହନ କରବାକୁ ଓ  କ୍ରୁଶରେ ଟଙ୍ଗା ଯାଉଥିଲା । ଯିହୁଦୀ ଲୋକମାନଙ୍କ ଚାରି ପ୍ରକାର ଦଣ୍ଡବିଧାନ ଥିଲା - ପଥର ଫୋପାଡି ମାରିବା, ନିଆଁରେ ପୋଡିଦେବା, ମସ୍ତକ ଛେଦନ କରିବା ଓ ବେକ ଚିପି ମାରିବା । କ୍ରୁଶରେ (ଗଛରେ) ଜଣକୁ ଟଙ୍ଗାଇବା ସେମାନଙ୍କ ଦଣ୍ଡବିଧାନ ନ ଥିଲା । ଏହାର କାରଣଟି ହେଲା, ଦ୍ୱିତୀୟ ବିବରଣ.୨୧;୨୨-୨୩ ଅନୁଯାୟୀ ଜଣେ ଟଙ୍ଗାଯାଏ ଈଶ୍ୱରଙ୍କ ଅଭିଶାପ ଦ୍ୱାରା । ଗାଲାତୀୟ.୩:୧୪ ରେ ପାଉଲ କହନ୍ତି, **ଏଥିପାଇଁ ଖ୍ରୀଷ୍ଟ ଆମ୍ଭମାନଙ୍କ ନିମନ୍ତେ ଅଭିଶପ୍ତ ହୋଇ ବ୍ୟବସ୍ଥାର ଅଭିଶାପରୁ ଆମ୍ଭମାନଙ୍କୁ ମୂଲ୍ୟ ଦେଇ ମୁକ୍ତ କଲେ; କାରଣ ଲେଖା ଅଛି, ଯେକେହି ଖୁଣ୍ଟରେ ଟଙ୍ଗାଯାଏ, ସେ ଅଭିଶପ୍ତ।**

[୭୧] ଯେଉଁ ଉଦ୍ଦେଶ୍ୟ ପାଇଁ ଈଶ୍ୱର ଆମକୁ ସୃଷ୍ଟି କରିଛନ୍ତି ତାହା ପୂରଣ କରିବା ପାଇଁ ପ୍ରତିଦିନ ଆମେ ଆମର କ୍ରୁଶ ବହନ କରିବା । ଯେଉଁ ବିଷୟ ଆମକୁ ଏଥିରୁ ଦୂରେଇ ରଖେ ତାହା ଆମେ ପ୍ରତ୍ୟାଖ୍ୟାନ କରିବା ଉଚିତ୍ । ଉଦାହରଣସ୍ୱରୂପ - ଯୀଶୁଙ୍କ ଉଦ୍ଦେଶ୍ୟ ଥିଲା କ୍ରୁଶରେ ମୃତ୍ୟୁବରଣ କରିବା ଯାହା ଦ୍ୱାରା ଲୋକମାନେ ଉଦ୍ଧାର ପାଇବେ ଏବଂ ସେହି କାର୍ଯ୍ୟ ପୂରଣ କରିବାରେ ତାଙ୍କୁ କୌଣସି ବିଷୟ ଅଟକାଇ ପାରିନଥିଲା ।

## ପାଠ – ୨୯

## ଯୀଶୁଙ୍କ କଥା ଶୁଣ

ଆଇସବ୍ରେକର ଦଳ:

ଭବିଷ୍ୟତ ଜାଣିବାକୁ ତୁମର ଇଚ୍ଛା ଅଛି କି ? କାହିଁକି ?

ଉପକ୍ରମ:

ଯୀଶୁ ତାଙ୍କର ଆସୁଥିବା ମୃତ୍ୟୁ ବିଷୟରେ କଥା ସମାପ୍ତ କରିବା ପରେ ଓ ମଣ୍ଡଳୀର ଉତ୍‌ଥାନ ବିଷୟରେ ଯୀଶୁ ଶିଷ୍ୟମାନଙ୍କୁ ଏକ ରହସ୍ୟମୟ ଭାବରେ ଛାଡିଲେ କିନ୍ତୁ ଏକ ଆଶାଜନକ କଥା କହିଲେ, **ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ମନୁଷ୍ୟପୁତ୍ରଙ୍କର ଆପଣା ରାଜ୍ୟରେ ଆଗମନ ନ ଦେଖିବା ପର୍ଯ୍ୟନ୍ତ ଏଠାରେ ଠିଆ ହୋଇଥିବା ଲୋକମାନଙ୍କ ମଧ୍ୟରୁ କେତେକ କୌଣସି ପ୍ରକାରେ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ।** ଯୀଶୁଙ୍କ ଏହି କଥାର ଗୁରୁତ୍ୱତାକୁ ଶିଷ୍ୟମାନେ ସେହି ସମୟରେ ବୁଝିପାରି ନ ଥିଲେ କିନ୍ତୁ କିଛି ଦିନ ମଧ୍ୟରେ ସେମାନଙ୍କ ମଧ୍ୟରୁ ତିନି ଜଣ ଏହାକୁ ପ୍ରଥମେ ଅନୁଭବ କଲେ ।

ପିତର, ଯୋହନ ଓ ଯାକୁବ ଯେତେବେଳେ ପ୍ରାର୍ଥନା କରିବାକୁ ଉଚ୍ଚ ପର୍ବତ[୭୨] ଉପରକୁ ତାହାଙ୍କ ସାଙ୍ଗରେ ଯାଇଥିଲେ ଏହି ସମୟରେ ସେମାନେ ଅନୁଭବ କଲେ । ଆମେ ଜାଣୁ ଯେ, ଏହି ଘଟଣାଟି ଯିହୁଦୀୟ ତିସ୍‌ରି ମାସର ପ୍ରାରମ୍ଭ ଆଡକୁ ଘଟିଥିଲା ଯାହା ଈଶ୍ୱରୀୟ କ୍ୟାଲେଣ୍ଡରର ସପ୍ତମ ମାସ[୭୩] ଅଟେ । କଠିନ ଆରୋହଣ ପରେ ଶିଷ୍ୟମାନେ କ୍ଳାନ୍ତ ହୋଇଗଲେ ଓ ଅତି ନିଦ୍ରାଗସ୍ତ ହେଲେ । ଶିଷ୍ୟମାନେ ଶୋଇଥିବା ସମୟରେ ଯୀଶୁ ପ୍ରାର୍ଥନା କଲେ ଏବଂ ସେ ପ୍ରାର୍ଥନା କରୁଥିବା ସମୟରେ ତାହାର ରୂପ ବଦଳିଗଲା । ତାହାଙ୍କ ମୁଖ ସୂର୍ଯ୍ୟ ପରି ତେଜିୟାନ ହେଲା ଓ ତାହାଙ୍କ ବସ୍ତ୍ର ଅତି ଉଜ୍ଜଳମୟ ହେଲା । ଈଶ୍ୱରଙ୍କ ରାଜ୍ୟ ପରାକ୍ରମ ଓ ଗୌରବ ସହିତ ଦେଖାଗଲା ।

**ପଠନ ଶାସ୍ତ୍ରାଂଶ:**

<u>**ମାଥିଉ.୧୭:୧-୧୩, ମାର୍କ.୯:୧-୧୩, ଲୂକ.୯:୨୮-୩୬**</u>

### ଯୀଶୁଙ୍କ ରୂପାନ୍ତରଣ

**ମାଥିଉ.୧୭:୧-୩, ମାର୍କ.୯:୧-୪, ଲୂକ.୯:୨୮-୩୨**

---

[୭୨] ପଣ୍ଡିତମାନେ ଯୀଶୁ ଯେଉଁ ପର୍ବତରେ ରୂପାନ୍ତରଣ ହୋଇଥିଲେ ସେହି ପର୍ବତ ବିଷୟରେ ସେମାନେ ପୃଥକ ପୃଥକ ମତ ଦିଅନ୍ତି । କେତେକ କହନ୍ତି ହର୍ମୋଣ ପର୍ବତ ଓ ଆଉ କେତେକ କହନ୍ତି ତାବୋର ପର୍ବତ । ନିମ୍ନଲିଖିତ କାରଣଗୁଡିକ ପାଇଁ ମୁଁ ହର୍ମୋଣ ପର୍ବତ ବୋଲି ଧରିନିଏ । ଯୀଶୁ ଓ ତାଙ୍କ ଶିଷ୍ୟମାନେ କାଇସରିଆ ଫିଲିପ୍ପି ଅଂଚଳରେ ସମୟ ବିତାଇଥିଲେ ଯାହା ହର୍ମୋଣ ପର୍ବତର ପାଦ ଦେଶର ଦକ୍ଷିଣାଂଚଳରେ ଏହା ଅବସ୍ଥିତ । ତାବୋର ପର୍ବତ କାଇସରିଆ ଫିଲିପ୍ପିର ଅନ୍ୟ ପଟ ଯାହା ପଚାଶ ମାଇଲ ଦୂର ଓ ଯୀଶୁଙ୍କ ଗ୍ରାମ ନାଜରୀତର ଦକ୍ଷିଣ-ପୂର୍ବ ଆଡକୁ ପ୍ରାୟ ଛଅ ମାଇଲ ଦୂର ଅଟେ । ହର୍ମୋଣ ପର୍ବତ ଇସ୍ରାଏଲର ୯୨୩୨ ଫୁଟର ସର୍ବୋଚ୍ଚ ପର୍ବତ ହୋଇଥିବାବେଳେ ତାବୋର ପର୍ବତ ୧୯୨୯ ଫୁଟ ଉଚ୍ଚତାର ଏକ ସାମାନ୍ୟ ପର୍ବତ ଅଟେ ।

[୭୩] ସପ୍ତମ ମାସର ପ୍ରାରମ୍ଭରେ ହୋଇଥିବା ରୂପାନ୍ତରଣ ଧର୍ମଶାସ୍ତ୍ରରୁ ନିର୍ଣ୍ଣୟ କରାଯାଇପାରେ, ଲୂକ ଓ ଯୋହନ ସୁସମାଚାରର ସଂଯୋଜନାକୁ ବ୍ୟବହାର କରି । ରୂପାନ୍ତରଣ ପରେ ଘଟିଥିବା ପରବର୍ତ୍ତୀ ପ୍ରମୁଖ ଘଟଣା ହେଉଛି ଯୀଶୁଙ୍କ ପତ୍ରକୁଟୀର ପର୍ବ (ସୁକ୍କୋତ ବା କୁଡିଆ) ପାଇଁ ଯିରୂଶାଲମକୁ ଯାତ୍ରା, ଯାହା ସପ୍ତମ ମାସର ପଂଚଦଶ ଦିନରେ ଆରମ୍ଭ ହୋଇଥାଏ । ଦ୍ୱିତୀୟ ସାକ୍ଷୀ ହେଲା ପିତରଙ୍କ କଥା ଯେତେବେଳେ ସେ ଯୀଶୁଙ୍କୁ ଏଲୀୟ ଓ ମୋଶାଙ୍କ ସହିତ କଥା ହେବାର ଦେଖି କହିଲେ, *"ଆସୁ, ଆମେ ଏଠାରେ ତିନୋଟି କୁଟୀର ନିର୍ମାଣ କରୁ ।"* ପିତର ଯେଉଁ କୁଟୀର ବିଷୟରେ କହୁଥିଲେ ତାହା କୁଡିଆ, ଗଛ ଡାଳରେ ନିର୍ମିତ ଅସ୍ଥାୟୀ କୁଡିଆ । ପ୍ରାୟଶ୍ଚିତ ଦିନ ପରେ ଯିହୁଦୀମାନେ ସେଗୁଡିକୁ ତୁରନ୍ତ ସ୍ଥାପନ କରିବା ଆରମ୍ଭ କଲେ ଯାହା ସପ୍ତମ ମାସର ଦଶମ ଦିନ ଥିଲା । ସେମାନେ ପତ୍ରକୁଟୀର ପର୍ବ ସାରା ଏହି ଅସ୍ଥାୟୀ କୁଟୀର ବା କୁଡିଆ ଆଶ୍ରୟସ୍ଥଳୀରେ ରହୁଥିଲେ ।

## ୩୦ ଖ୍ରୀଷ୍ଟାବ୍ଦ, ସେପ୍ଟେମ୍ବର ୧୬ – ତୁରୀଧ୍ୱନୀ ପର୍ବ[୭୪]

ଏହିସମସ୍ତ ଘଟଣାର ପ୍ରାୟ ଆଠ ଦିନ ପରେ ସେ ପିତର, ଯୋହନ ଓ ଯାକୁବଙ୍କୁ ସାଙ୍ଗରେ ଘେନି ପ୍ରାର୍ଥନା କରିବା ନିମନ୍ତେ ପର୍ବତ ଉପରକୁ ଗଲେ। ପୁଣି, ସେ ପ୍ରାର୍ଥନା କରୁଥିବା ସମୟରେ ତାହାଙ୍କ ମୁଖର ରୂପ ପରିବର୍ତ୍ତିତ ହେଲା ଏବଂ ତାହାଙ୍କ ବସ୍ତ୍ର ଶୁଭ୍ରବର୍ଣ୍ଣ ଓ ଅତ୍ୟ; ଉଜ୍ଜ୍ୱଳ ହେଲା। ଆଉ ଦେଖ, ମୋଶା ଓ ଏଲୀୟ, ଏହି ଦୁଇ ବ୍ୟକ୍ତି ତାହାଙ୍କ ସହିତ କଥାବାର୍ତ୍ତା କରିବାକୁ ଲାଗିଲେ; ସେମାନେ ଗୌରବରେ ଦର୍ଶନ ଦେଇ, ସେ ଯିରୂଶାଲମରେ ଯେଉଁ ମହାପ୍ରସ୍ଥାନ କରିବାକୁ ଉଦ୍ୟତ ଥିଲେ, ସେ ବିଷୟରେ କହୁଥିଲେ। ସେତେବେଳେ ପିତର ଓ ତାଙ୍କ ସଙ୍ଗୀମାନେ ନିଦ୍ରାରେ ଭାରାକ୍ରା; ଥିଲେ; କିନ୍ତୁ ସେମାନେ ସମ୍ପୂର୍ଣ୍ଣ ରୂପେ ଜାଗ୍ରତ ହୁଅନ୍ତେ ତାହାଙ୍କ ଗୌରବ ଓ ତାହାଙ୍କ ସହିତ ଠିଆ ହୋଇଥିବା ସେହି ଦୁଇ ବ୍ୟକ୍ତିଙ୍କି ଦେଖିଲେ।

### ମାଥିଉ.୧୭:୪-୧୩, ମାର୍କ.୯:୫-୧୩, ଲୂକ.୯:୩୩-୩୬

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ପୁଣି, ସେମାନେ ତାହାଙ୍କଠାରୁ ପ୍ରସ୍ଥାନ କରିବା ସମୟରେ ପିତର ଯୀଶୁଙ୍କୁ କହିବାକୁ ଲାଗିଲେ, ହେ ଗୁରୁ, ଆମ୍ଭେମାନେ ଯେ ଏ ସ୍ଥାନରେ ଅଛୁ, ଏହା ଉତ୍ତମ; ଆମ୍ଭେମାନେ ତିନୋଟି କୁଟୀର ନିର୍ମାଣ କରୁ, ଆପଣଙ୍କ ପାଇଁ ଗୋଟିଏ, ମୋଶାଙ୍କ ପାଇଁ ଗୋଟିଏ ଓ ଏଲୀୟଙ୍କ ପାଇଁ ଗୋଟିଏ। କିନ୍ତୁ ସେ କଅଣ କହୁଅଛନ୍ତି, ତାହା ଜାଣିଲେ ନାହିଁ। ସେ ଏହା କହୁ କହୁ ଖଣ୍ଡେ ମେଘ ଆସି ସେମାନଙ୍କୁ ଆଚ୍ଛାଦନ କଲା, ଆଉ ସେମାନେ ମେଘରେ ପ୍ରବେଶ କରିବା ସମୟରେ ଭୀତ ହେଲେ। ପୁଣି, ସେହି ମେଘରୁ ଏହି ବାଣୀ ହେଲା, ଏ ଆମ୍ଭର ପୁତ୍ର, ଆମ୍ଭର ମନୋନୀତ, ଏହାଙ୍କ ବାକ୍ୟ ଶ୍ରବଣ କର। ଆଉ, ସେହି ବାଣୀ ହେଲା ଉତ୍ତାରେ ଯୀଶୁ ଏକାକୀ ଦେଖାଗଲେ। ଏହା ଶୁଣି ଶିଷ୍ୟମାନେ ମୁହଁ ମାଡ଼ି ପଡ଼ିଗଲେ ଓ ଅତିଶୟ ଭୀତ ହେଲେ। ସେଥିରେ ଯୀଶୁ ଆସି ସେମାନଙ୍କୁ ସ୍ପର୍ଶ କରି କହିଲେ, ଉଠ, ଭୟ କର ନାହିଁ। ପୁଣି, ସେମାନେ ଉପରକୁ ଚାହିଁ କେବଳ ଯୀଶୁଙ୍କ ବିନା ଆଉ କାହାରିକି ଦେଖିଲେ ନାହିଁ। ସେମାନେ ପର୍ବତରୁ ଓହ୍ଲାଇବା ସମୟରେ ଯୀଶୁ ସେମାନଙ୍କୁ ଆଜ୍ଞା ଦେଇ କହିଲେ, ମନୁଷ୍ୟପୁତ୍ର ମୃତମାନଙ୍କ ମଧ୍ୟରୁ ଉତ୍ଥିତ ନ ହେବା ପର୍ଯ୍ୟନ୍ତ ଏ ଦର୍ଶନର କଥା କାହାରିକି କୁହ ନାହିଁ। ପୁଣି, ଶିଷ୍ୟମାନେ ତାହାଙ୍କୁ ପଚାରିଲେ, ତେବେ ଶାସ୍ତ୍ରୀମାନେ କାହିଁକି କହନ୍ତି ଯେ, ପ୍ରଥମରେ ଅବଶ୍ୟ ଏଲୀୟଙ୍କର ଆଗମନ ହେବ? ସେ ଉତ୍ତର ଦେଲେ, ଏଲୀୟ ଆସି ସମସ୍ତ ବିଷୟ ପୁନଃସ୍ଥାପନ କରିବା କଥା ସତ, କିନ୍ତୁ ମୁଁ ତୁମ୍ଭମାନଙ୍କୁ କହୁଅଛି, ଏଲୀୟ ତ ଆସି ସାରିଲେଣି, ମାତ୍ର ଲୋକ ତାହାଙ୍କୁ ନ ଚିହ୍ନି ଯାହା ଇଚ୍ଛା, ତାହା ହିଁ ତାହାଙ୍କ ପ୍ରତି କରିଅଛନ୍ତି। ସେହି ପ୍ରକାରେ ମନୁଷ୍ୟପୁତ୍ର ମଧ୍ୟ ସେମାନଙ୍କ ହସ୍ତରେ ଦୁଃଖଭୋଗ କରିବାକୁ ଯାଉଅଛନ୍ତି।  ସେ ଯେ ସେମାନଙ୍କୁ ବାପ୍ତିଜକ ଯୋହନଙ୍କ ବିଷୟରେ କହିଲେ, ଶିଷ୍ୟମାନେ ସେତେବେଳେ ତାହା ବୁଝିଲେ।

**ଆଦେଶଗୁଡିକ:**

- **ଏ ଆମ୍ଭର ପୁତ୍ର, ଆମ୍ଭର ମନୋନୀତ, ଏହାଙ୍କ ବାକ୍ୟ ଶ୍ରବଣ କର ।**
- ଉଠ, ଭୟ କର ନାହିଁ ।
- ମନୁଷ୍ୟପୁତ୍ର ମୃତମାନଙ୍କ ମଧ୍ୟରୁ ଉତ୍‌ଥିତ ନ ହେବା ପର୍ଯ୍ୟନ୍ତ ଏ ଦର୍ଶନର କଥା କାହାରିକି କୁହ ନାହିଁ ।

[୭୪] **ତୁରୀଧ୍ୱନୀ ପର୍ବ** – ବର୍ତ୍ତମାନ ଏହାକୁ ଯିହୁଦୀମାନେ ରୋଶ୍ ହାଶାନା (ନୂଆବର୍ଷ) ବୋଲି କହନ୍ତି ଯଦିବା ବାଇବଲର ନାମ ଯୋମ ତେରୁହା ( ତୁରୀଧ୍ୱନୀର ଦିବସ ବା ଚେତାବନୀ ଦିବସ) । ପର୍ବରେ ଅନ୍ୟ ଦୁଇଟି ନାମ ମଧ୍ୟ ଅଛି ଯାହା ଏହା ସହିତ ସଂଯୁକ୍ତ ପ୍ରସଙ୍ଗଗୁଡିକୁ ବୁଝାଏ । ସେଗୁଡିକ ହେଲା – ଯୋମ ହାଜିକରନ୍ (ସ୍ମରଣୀୟ ଦିବସ ବା ସ୍ମରଣ କରିବା ଦିନ ) ଏବଂ ଯୋମ ହାଡିନ୍ (ବିଚାର ଦିନ) । ଏହି ସମସ୍ତ ନାମ ଈଶ୍ୱରଙ୍କ ସାର୍ବଭୌମତ୍ୱ ଏବଂ ରାଜତ୍ୱକୁ ସୂଚାଇଥାଏଯେତେବେଳେ ଘୋଷଣା କରେ ଯେ, ତାହାଙ୍କ ଆଗମନ ନିମନ୍ତେ ଲୋକମାନେ ଅନୁତାପ କରିବେ ପ୍ରସ୍ତୁତ ହେବେ ।

**ଶିକ୍ଷା:**

ଯେହେତୁ ଆମେ ଏହି ଶିକ୍ଷା ଆରମ୍ଭ କରିବା, ଆମକୁ ମନେ ରଖିବାକୁ ହେବ ଯେ, ଶିଷ୍ୟମାନେ ଯାହା ଦେଖିଲେ ତାହା ଏକ ଦର୍ଶନ ଥିଲା ... ପ୍ରକୃତ ଘଟଣା ନୁହେଁ । ଏହି ଦର୍ଶନ ଭବିଷ୍ୟତ ଘଟଣାଗୁଡିର ଚିତ୍ର ଥିଲା, ବହୁ ବର୍ଷ ପରେ ପାଟ୍ମ ଦ୍ୱୀପରେ ପ୍ରେରିତ ଯୋହନଙ୍କୁ ଦର୍ଶନ ଦିଆଯାଇଥିଲା । ଆଉ ଈଶ୍ୱରଙ୍କ ପ୍ରକାଶନ ବିନା ଆମେ ଶିଷ୍ୟମାନଙ୍କ ପରି ଆମର ବୁଝିବା ଜ୍ଞାନ ସୀମିତ ରହିବ । ପ୍ରକାଶିତ ବାକ୍ୟ ପୁସ୍ତକକୁ ବ୍ୟବହାର କରି ଆମେ ସେହି ଘଟଣାଗୁଡିକବିଷୟରେ ଉତ୍ତମ ଭାବେ ବୁଝିପାରିବା ।

ଯେତେବେଳେ ଶିଷ୍ୟମାନେ ସେମାନଙ୍କ ନିଦ୍ରାରୁ ଜାଗ୍ରତ ହେଲେ, ସେମାନେ ଯୀଶୁଙ୍କୁ ମୋଶା ଓ ଏଲୀୟଙ୍କ ସହିତ କଥାବାର୍ତ୍ତା କରୁଥିବାର ଦେଖିଲେ । ଏହି ଘଟଣାରୁ ଆମେ କେତେକ ବିଷୟକୁ ନିରୀକ୍ଷଣ କରିପାରିବା:

୧. ମୋଶା ଓ ଏଲୀୟ ପ୍ରକାଶିତ ବାକ୍ୟ ପୁସ୍ତକର ଦୁଇ ସାକ୍ଷୀ ଅଟନ୍ତି । **ଆଉ ଆମ୍ଭେ ଆମ୍ଭର ଦୁଇ ସାକ୍ଷୀଙ୍କୁ କ୍ଷମତା ଦେବୁ ଯେ, ସେମାନେ ଚଟ ପରିଧାନ କରି ଏକ ସହସ୍ର ଦୁଇ ଶତ ଷାଠିଏ ଦିନ ପର୍ଯ୍ୟନ୍ତ ଭାବବାଣୀ କହିବେ।** (ପ୍ରକାଶିତ ବାକ୍ୟ.୧୧:୩) ।

୨. ମୋଶା ଓ ଏଲୀୟ ସେମାନେ ପୃଥିବୀର ପ୍ରଭୁଙ୍କ ସମ୍ମୁଖରେ ଦଣ୍ଡାୟମାନ ହୋଇଥିବା ଦୁଇ ଜୀତ ବୃକ୍ଷ ଓ ଦୁଇ ପ୍ରଦୀପ ସଦୃଶ। (ପ୍ରକାଶିତ ବାକ୍ୟ.୧୧:୪) ।

    କ. ଯିଖରିୟ ପୁସ୍ତକରେ ଜୀତ ବୃକ୍ଷଗୁଡିକ ବିଷୟରେ ଉଲ୍ଲେଖ କରାଯାଇଛି । **ପୁଣି, ସେ ମୋତେ କହିଲେ, ତୁମ୍ଭେ କଅଣ ଦେଖୁଅଛ ? ତହିଁରେ ମୁଁ କହିଲି, ମୁଁ ଦେଖିଅଛି, ଆଉ ଦେଖ, ସମ୍ପୂର୍ଣ୍ଣ ସୁବର୍ଣ୍ଣମୟ ଏକ ଦୀପବୃକ୍ଷ, ତହିଁର ଉପରେ ତୈଳାଧାର ଓ ତହିଁ ଉପରେ ସାତ ପ୍ରଦୀପ ଅଛି ଓ ତହିଁର ଉପରି ଭାଗରେ ପ୍ରତ୍ୟେକ ପ୍ରଦୀପର ନିମନ୍ତେ ସାତ ନଳ; ଆଉ, ତହିଁର ନିକଟରେ ଦୁଇ ଜୀତବୃକ୍ଷ ଅଛି, ପୁଣି ଗୋଟିଏ ତୈଳାଧାରର ଦକ୍ଷିଣ ପାର୍ଶ୍ୱରେ ଓ ଅନ୍ୟ ଗୋଟିଏ ତହିଁର ବାମ ପାର୍ଶ୍ୱରେ। ତହିଁରେ ଯେଉଁ ଦୂତ ମୋ' ସଙ୍ଗରେ କଥା କହୁଥିଲେ, ମୁଁ ତାଙ୍କୁ ଉତ୍ତର କରି କହିଲି, ହେ ମୋର ପ୍ରଭୁ, ଏସବୁ କଅଣ ? ତେବେ ମୁଁ ଉତ୍ତର କରି ତାଙ୍କୁ କହିଲି, ଦୀପବୃକ୍ଷର ଦକ୍ଷିଣ ପାର୍ଶ୍ୱରେ ଓ ତହିଁର ବାମ ପାର୍ଶ୍ୱରେ ସ୍ଥିତ ଏହି ଦୁଇ ଜୀତବୃକ୍ଷ କଅଣ ?** ତେବେ ସେ କହିଲେ, ଏମାନେ ସମୁଦାୟ ଭୂମଣ୍ଡଳର ପ୍ରଭୁଙ୍କ ଛାମୁରେ ଠିଆ ହେବାର ଦୁଇ ତୈଳ ପୁତ୍ର ଅଟନ୍ତି। (ଯିଖରିୟ.୪:୨-୪, ୧୧, ୧୪)

    ଖ. ମୋଶା ଓ ଏଲୀୟ ସାକ୍ଷୀ ଭାବରେ ସେମାନଙ୍କୁ ଦୀପବୃକ୍ଷ ବୋଲି କୁହାଯାଇଛି କାରଣ ସେମାନେ ବ୍ୟବସ୍ଥା ଓ ଭାବବାଦୀମାନଙ୍କର ପ୍ରଦିନିଧିତ୍ୱ କରୁଛନ୍ତି ଯାହାକି ବଂଚିବା ପାଇଁ ସ୍ୱର୍ଗୀୟ ଆଲୋକ ପ୍ରଦାନ କରେ ।

୩. ରୂପାନ୍ତରଣ ହୋଇଥିବା ପର୍ବତରେ ଆମେ ଦେଖୁ କି ମୋଶା ବ୍ୟବସ୍ଥାର ଓ ଏଲୀୟ, ଭାବବାଦୀମାନଙ୍କର ପ୍ରତିନିଧିତ୍ୱ କରିବା ଦେଖୁ ଆଉ ସେମାନେ ଈଶ୍ୱରଙ୍କ ବାକ୍ୟ ଯୀଶୁଙ୍କ ସହିତ କଥା ହେଉଥିଲେ । ଉଭୟ ମୋଶା ବ୍ୟବସ୍ଥାର ପ୍ରତିନିଧି ଓ ଏଲୀୟ ଭବିଷ୍ୟଦବକ୍ତାମାନଙ୍କ ପ୍ରତିନିଧି ଈଶ୍ୱରଙ୍କ ବାକ୍ୟ ଯୀଶୁଙ୍କ ବିଷୟରେ ସାକ୍ଷ୍ୟ ଦିଅନ୍ତି ।

୪. ଯୀଶୁଙ୍କ ସାକ୍ଷୀ ଭାବରେ ମୋଶା ଓ ଏଲୀୟ ନିମ୍ନଲିଖିତ ବିଷୟଗୁଡିକର ପ୍ରତିନିଧିତ୍ୱ କରନ୍ତି –

| | |
|---|---|
| ମୋଶା | ଏଲୀୟ |
| ପିତା ଈଶ୍ୱର | ପବିତ୍ର ଆତ୍ମା |

| | |
|---|---|
| ସତ୍ୟତା | ଆତ୍ମା |
| ଗ୍ରାମ୍ୟ ଜୀତବୃକ୍ଷ | ବନ୍ୟ ଜୀତବୃକ୍ଷ |
| ଇସ୍ରାଏଲ, ଯାହାକୁ ବ୍ୟବସ୍ଥା ପ୍ରଦାନ କରାଗଲା | ମଣ୍ଡଳୀ, ଯାହାକୁ ଆତ୍ମା ପ୍ରଦାନ କରାଗଲା |
| ଯେଉଁମାନେ ମୃତ | ଯେଉଁମାନେ ଜୀବିତ |

ଯୀଶୁ ଶିଷ୍ୟମାନଙ୍କୁ କହିଲେ ଯେ, ଈଶ୍ୱରଙ୍କ ରାଜ୍ୟର ରାଜତ୍ୱ[୭୫] ନ ଦେଖିବା ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କେତେକ ମୃତ୍ୟୁର ଆସ୍ୱାଦ ପାଇବେ ନାହିଁ । ଏହି ଦର୍ଶନରେ ମୋଶା ଓ ଏଲୀୟ ସେମାନଙ୍କ ଗୌରବମୟ ଅବସ୍ଥାରେ ଦେଖାଗଲେ, ଆଉ ଶିଷ୍ୟମାନେ ସେମାନଙ୍କୁ ଚିହ୍ନି ପାରିଲେ । ଏହା ସୂଚିତ କରେ ଯେ ଦର୍ଶନରେ ପ୍ରକାଶିତ ବାକ୍ୟ ପୁସ୍ତକର ଦୁଇ ସାକ୍ଷୀଙ୍କୁ ହତ୍ୟା କରାଯାଇ ମୃତ୍ୟୁରୁ ପୁନରୁତଥିତ ହେବାର ସୂଚାଏ । (ପ୍ରକାଶିତ ବାକ୍ୟ.୧୧:୭)

୧. **ଆଉ, ଆମ୍ଭେମାନେ ଯେପରି ମୃତ୍ତିକାରେ ନିର୍ମିତ ସେହି ମନୁଷ୍ୟର ପ୍ରତିମୂର୍ତ୍ତି ଧାରଣ କରିଅଛୁ, ସେପରି ସେହି ସ୍ୱର୍ଗୀୟ ବ୍ୟକ୍ତିଙ୍କ ପ୍ରତିମୂର୍ତ୍ତି ମଧ୍ୟ ଧାରଣ କରିବା। ହେ ଭାଇମାନେ, ମୁଁ ଏହା କହୁଅଛି, ରକ୍ତମାଂସ ଈଶ୍ୱରଙ୍କ ରାଜ୍ୟ ଅଧିକାର କରି ପାରେ ନାହିଁ, କିମ୍ବା କ୍ଷୟ ଅକ୍ଷୟତାକୁ ଅଧିକାର କରେ ନାହିଁ। ଦେଖ, ମୁଁ ତୁମ୍ଭମାନଙ୍କୁ ଗୋଟିଏ ନିଗୂଢ଼ କଥା କହୁଅଛି, ଆମ୍ଭେମାନେ ସମସ୍ତେ ମହାନିଦ୍ରାପ୍ରାପ୍ତ ହେବା ନାହିଁ, କିନ୍ତୁ ଏକ ମୁହୂର୍ତ୍ତରେ, ଚକ୍ଷୁର ପଲକରେ, ଶେଷ ତୂରୀଧ୍ୱନିରେ ଆମ୍ଭେମାନେ ସମସ୍ତେ ପରିବର୍ତ୍ତିତ ହେବା; କାରଣ ତୂରୀ ବାଜିବ, ଆଉ ମୃତମାନେ ଅକ୍ଷୟ ହୋଇ ଉତ୍ଥିତ ହେବେ, ପୁଣି ଆମ୍ଭେମାନେ ପରିବର୍ତ୍ତିତ ହେବା। କାରଣ ଏହି କ୍ଷୟ ଶରୀରକୁ ଅକ୍ଷୟତାରୂପ ବସ୍ତ୍ର ପରିଧାନ କରିବାକୁ ହେବ, ଆଉ ଏହି ମର୍ତ୍ତ୍ୟ ଶରୀରକୁ ଅମରତାରୂପ ବସ୍ତ୍ର ପରିଧାନ କରିବାକୁ ହେବ। କିନ୍ତୁ ଏହି କ୍ଷୟ ଶରୀର ଅକ୍ଷୟରୂପ ବସ୍ତ୍ର ଓ ଏହି ମର୍ତ୍ତ୍ୟ ଶରୀର ଅମରତାରୂପ ବସ୍ତ୍ର ପରିଧାନ କଲା ଉତ୍ତାରେ ଏହି ଲିଖିତ ବାକ୍ୟ ସଫଳ ହେବ,"ଜୟ ମୃତ୍ୟୁକୁ ଗ୍ରାସ କରିଅଛି।"**

୨. ଶିଷ୍ୟମାନଙ୍କ ମଧ୍ୟରୁ କେହି ଜଣେ ମଧ୍ୟ ପୂର୍ବରୁ ମୋଶା କିମ୍ବା ଏଲୀୟଙ୍କୁ ପୃଥିବୀରେ କେବେ ଦେଖି ନ ଥିଲେ, ତେଣୁ ସେମାନଙ୍କୁ ଦେଖି ସେମାନେ ଜାଣିପାରିନଥାନ୍ତେ । ଯାହାବି ହେଉ, ସେମାନେ କିଏ ସେମାନଙ୍କୁ ଶିଷ୍ୟମାନେ ଜାଣି ପାରିଥିଲେ । ଏହା ସୂଚାଏ ଯେ, ପ୍ରେରିତମାନଙ୍କ ନିକଟରେ ସେମାନଙ୍କ ସ୍ୱର୍ଗୀୟ ପରିଚୟ ପ୍ରକାଶ ପାଇଲା ।

୩. ପ୍ରକାଶିତ ବାକ୍ୟ ପୁସ୍ତକ ମଧ୍ୟ ଦର୍ଶନର ସମୟକୁ ସମର୍ଥନ କରେ କାରଣ ସାକ୍ଷୀମାନଙ୍କ ମୃତ୍ୟୁ ପରେ ସପ୍ତମ ଓ ଶେଷ ତୁରୀଧ୍ୱନି ହେବ । ସପ୍ତମ ଦୂତ ତୂରୀଧ୍ୱନୀ କରନ୍ତେ ସ୍ୱର୍ଗରେ ମହାଶବ୍ଦ ସହ ଏହି ବାଣୀ ହେଲା, ଜଗତ ଉପରେ ରାଜତ୍ୱ ଆମ୍ଭମାନଙ୍କ ପ୍ରଭୁଙ୍କର ଓ ତାହାଙ୍କ ଖ୍ରୀଷ୍ଟଙ୍କର ହସ୍ତଗତ ହୋଇଅଛି, ଆଉ ସେ ଯୁଗେ ଯୁଗେ ରାଜତ୍ୱ କରିବେ । ଏହା ପୃଥିବୀରେ ଖ୍ରୀଷ୍ଟଙ୍କ ସହସ୍ର ବର୍ଷ ରାଜତ୍ୱର ଆରମ୍ଭ ବା କ୍ଷମତାକୁ ଆସିବା ପରେ ଈଶ୍ୱରଙ୍କ ପରାକ୍ରମ ରାଜ୍ୟ ଆରମ୍ଭ ।

ପ୍ରକୃତରେ ଯେତେବେଳେ ଯୀଶୁ ପୃଥିବୀରେ ତାଙ୍କ ରାଜତ୍ୱ ଆରମ୍ଭ କରିବେ ତାହା ବିତର୍କର ବିଷୟ ହୋଇଛି । ଏହି ଘଟଣା କେବେ ଘଟିବା ତାହା ଦର୍ଶନ ଆମକୁ କହି ନାହିଁ କିନ୍ତୁ ଏହା ଘଟିବା ପାଇଁ ବର୍ଷର ସମୟ ଦେଇଅଛି ... ଈଶ୍ୱରୀୟ

[୭୫] ଈଶ୍ୱରଙ୍କ ରାଜ୍ୟର ରାଜତ୍ୱ କହିଲେ ପୃଥିବୀରେ ଖ୍ରୀଷ୍ଟଙ୍କ ସହସ୍ର ବର୍ଷ ରାଜତ୍ୱ ଆରମ୍ଭ ବିଷୟର ବର୍ଣ୍ଣନା ।

କ୍ୟାଲେଣ୍ଡରର ସପ୍ତମ ମାସର ପ୍ରାରମ୍ଭରେ । ଯୀଶୁ, ମୋଶା ଓ ଏଲୀୟଙ୍କ ନିମନ୍ତେ କୁଟୀର ନିର୍ମାଣ ବିଷୟରେ ପିତରଙ୍କ ବକ୍ତବ୍ୟରୁ ଏହା ଉଦ୍ଧୃତ ଅଟେ ।

ସଦାପ୍ରଭୁଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପର୍ବ ଯାହା ତିଶ୍ରି ସପ୍ତମ ମାସର ପ୍ରାରମ୍ଭରେ ହୁଏ । ମାସର ପ୍ରଥମ ଦିନ ୟୋମ ତେରୁହା ବା ତୁରୀଧ୍ୱନି ଦିବସ ଏବଂ ଏହା ବିଶ୍ରାମବାର ଅଟେ ।ଏହି ଦିନକୁ ମଧ୍ୟ ରୋଶ ହା ଶାନାହା (ବର୍ଷର ପ୍ରଧାନ ଦିନ ବା ନୂତନ ବର୍ଷ) ଓ ୟୋମ୍ ହାଜିକାରୋନ (ସ୍ମରଣୀୟ ଦିବସ) ଏବଂ ୟୋମ ହାଡ୍ଡିନ (ବିଚାର ଦିନ) ଅଟେ । ୟୋମ କିପ୍ପୁର ମାସର ଦଶମ ଦିନରେ ପ୍ରାୟଶ୍ଚିତ ଦିବସ ଅଟେ । ଏହା ମଧ୍ୟ ଏକ ବିଶ୍ରାମବାର ଓ ଏକମାତ୍ର ଉପବାସ ଯାହା ଈଶ୍ୱର ଘୋଷଣା କରିଥିଲେ । ସଦାପ୍ରଭୁଙ୍କ ଏହି ଦୁଇଟି ପର୍ବ ପରେ ପରେ ପତ୍ରକୁଟୀର ପର୍ବ ଯାହା ମାସର ପନ୍ଦର ଦିନରେ ଆରମ୍ଭ ହୁଏ । ଏହି ପର୍ବର ପ୍ରଥମ ଓ ଅଷ୍ଟମ ଦିନ ବିଶ୍ରାମବାର ଅଟେ । ଧର୍ମଶାସ୍ତ୍ରର ଏହି ପ୍ରମାଣରୁ ମୁଁ ବିଶ୍ୱାସ କରେ ଯେ, ୟୋମ ତେରୁହା ବା ତୁରୀଧ୍ୱନୀ ଦିବସରେ ରୂପାନ୍ତରଣ ଘଟଣାଟି ଘଟିଥିଲା । ତେଣୁ ପୃଥିବୀରେ ଯୀଶୁଙ୍କ ରାଜତ୍ୱର ଆରମ୍ଭ ଏହି ସମୟରେ ଘଟିପାରେ ।

୧. ପ୍ରକାଶିତ ବାକ୍ୟ କହେ ଯେ, ତାହାଙ୍କ ରାଜତ୍ୱ ସପ୍ତମ ଓ ଶେଷ ତୁରୀଧ୍ୱନୀ ପରେ ହେବ ଓ ୟୋମ ତରୁେହା ବା ତୁରୀଧ୍ୱନୀ ଦିବସରେ ଦିନସାରା ତୁରୀ ବଜାଯାଏ ଏବଂ ଶେଷ ଦିନ ପାଖେଇ ଆସୁଥିବାରୁ ଶେଷ ତୁରୀଧ୍ୱନୀ ଟେକିଆ ଗୋଡୋଲା ସହ ବାଜେ ... ... ଏକ ବିସ୍ଫୋରଣ ପରି । ଏହା ମଧ୍ୟ ଜଣାଯାଏ ଏହି ଧ୍ୱନୀର ଶେଷ ହୁଏନି ଯେପର୍ଯ୍ୟନ୍ତ ପ୍ରାୟଶ୍ଚିତ ଦିବସର ଦଶମ ଦିନରେ ପୁନର୍ବାର ତୁରୀଧ୍ୱନୀ କରାନଯାଇଛି ।

୨. ଦାନିଏଲ ଭାବବାଣୀ ପୁସ୍ତକର ସପ୍ତମ ଅଧ୍ୟାୟରେ ମନୁଷ୍ୟପୁତ୍ର ୟୋମ ତେରୁହାକୁ ସମର୍ଥନ କରୁଛନ୍ତି ।

- ମୁଁ ଦେଖୁ ଦେଖୁ କେତେଗୋଟି ସିଂହାସନ ସ୍ଥାପିତ ହେଲା, ପୁଣି ଅନେକ କାଳର ବୃଦ୍ଧ ଉପବିଷ୍ଟ ହେଲେ, ତାହାଙ୍କର ବସ୍ତ୍ର ହିମ ତୁଲ୍ୟ ଶୁକ୍ଳବର୍ଣ୍ଣ ଓ ତାହାଙ୍କର ମସ୍ତକର କେଶ ବିଶୁଦ୍ଧ ମେଷଲୋମ ତୁଲ୍ୟ ଥିଲା ; ତାହାଙ୍କର ସିଂହାସନ ଅଗ୍ନିଶିଖାମୟ ଓ ତହିଁର ଚକ୍ରସକଳ ଜ୍ୱଳ; ଅଗ୍ନି। ତାହାଙ୍କ ସମ୍ମୁଖରୁ ଅଗ୍ନିସ୍ରୋତ ନିର୍ଗତ ହୋଇ ବହିଲା; ସହସ୍ର ସହସ୍ର ତାହାଙ୍କର ପରିଚର୍ଯ୍ୟା କଲେ ଓ ଅୟୁତ ଅୟୁତ ତାହାଙ୍କ ସମ୍ମୁଖରେ ଉଭା ହେଲେ। ବିଚାରସଭା ବସିଲା ଓ ପୁସ୍ତକମାନ ଫିଟାଗଲା। ସେହି ଶୃଙ୍ଗର କଥିତ ଦର୍ପ-ବାକ୍ୟର ରବ ସକାଶୁ ସେସମୟରେ ମୁଁ ଅନାଇଲି; ମୁଁ ଦେଖିଲି ଯେ, ଶେଷରେ ସେ ପଶୁ ହତ ହେଲା ଓ ତାହାର ଶରୀର ବିନଷ୍ଟ ହେଲା ଓ ସେ ଅଗ୍ନିରେ ଦଗ୍ଧ ହେବା ପାଇଁ ସମର୍ପିତ ହେଲା। ପୁଣି, ଅନ୍ୟ ପଶୁମାନଙ୍କଠାରୁ ସେମାନଙ୍କର କର୍ତ୍ତୃତ୍ୱ ନିଆଗଲା; ତଥାପି ଏକ କାଳ ଓ ଏକ ସମୟ ପର୍ଯ୍ୟନ୍ତ ସେମାନଙ୍କର ଆୟୁ ଦୀର୍ଘ କରାଗଲା। ମୁଁ ରାତ୍ରିକାଳର ଦର୍ଶନରେ ଦେଖିଲି, ଆଉ ଦେଖ, ମନୁଷ୍ୟପୁତ୍ର ନ୍ୟାୟ ଏକ ପୁରୁଷ ଆକାଶର ମେଘରେ ଆସିଲେ ଓ ସେ ଅନେକ କାଳର ସେହି ବୃଦ୍ଧଙ୍କ ନିକଟରେ ଉପସ୍ଥିତ ହୁଅନ୍ତେ, ସେମାନେ ତାହାଙ୍କ ଛାମୁକୁ ତାହାଙ୍କୁ ଆଣିଲେ। **ପୁଣି, ସମୁଦାୟ ଗୋଷ୍ଠୀ, ଦେଶବାସୀ ଓ ଭାଷାବାଦୀମାନେ ଯେପରି ତାହାଙ୍କର ସେବା କରିବେ, ଏଥିପାଇଁ ତାହାଙ୍କୁ କର୍ତ୍ତୃତ୍ୱ, ମହିମା ଓ ରାଜ୍ୟ ଦତ୍ତ ହେଲା;** ତାହାଙ୍କର କର୍ତ୍ତୃତ୍ୱ ଅନନ୍ତକାଳୀନ କର୍ତ୍ତୃତ୍ୱ , ତାହା ଲୁପ୍ତ ହେବ ନାହିଁ, ଆଉ ତାହାଙ୍କର ରାଜ୍ୟ ଅବିନାଶ୍ୟ।

- ଏବ୍ରୀୟ ପୁସ୍ତକରେ ୟୋମ ତେରୁହା ବିଷୟରେ ଶିକ୍ଷା ଅଛି, ଈଶ୍ୱର ତିନୋଟି ପୁସ୍ତକଗୁଡିକ ଖୋଲିଲେ:

**ଜୀବନ ପୁସ୍ତକ** – ଯେଉଁମାନଙ୍କର ନାମ ଏହି ପୁସ୍ତକରେ ଥାଏ ସେମାନେ ଜୀବନ ନିମନ୍ତେ ମୁଦ୍ରାଙ୍କିତ ହୋଅଛନ୍ତି ।

**ମୃତମାନଙ୍କ ପୁସ୍ତକ** - ଯେଉଁମାନଙ୍କର ନାମ ଏହି ପୁସ୍ତକରେ ଥାଏ ସେମାନେ ଦୁଷ୍ଟ ଅଟନ୍ତି ଆଉ ସେମାନେ ବିଚାର ନିମନ୍ତେ ମୁଦ୍ରାଙ୍କିତ ହୋଅଛନ୍ତି ।

**ଅନୁତାପର ପୁସ୍ତକ** – ଏହି ପୁସ୍ତକରେ ସେମାନଙ୍କ ନାମ ଥାଏ ଯେଉଁମାନେ କି ଉ ମ କିଅବା ମନ୍ଦ ନ ଥାନ୍ତି ଆଉ ସେମାନଙ୍କର ୟୋମ କିପ୍ପୁର ଯାଏ ଅନୁତାପ କରିବାର ଅଛି । ଏମାନେ ମଧ୍ୟ ମୁଦ୍ରାଙ୍କିତ ହୋଇଅଛନ୍ତି । ଯିହୁଦୀମାନେ ଆସୁଥିବା ବର୍ଷରେ ପରସ୍ପରକୁ ମୁଦ୍ରାଙ୍କିତ ହେବାକୁ ଇଚ୍ଛା କରି କହନ୍ତି, "ଆସନ୍ତା ବର୍ଷ ଯିରୁଶାଲମରେ ।"

୩. ରୁପାନ୍ତରିତ ହୋଇଥିବା ପର୍ବତରେ ଈଶ୍ୱର ସ୍ୱୟଂ ଉଚ୍ଚ ସ୍ୱରରେ କହିଲେ, "*ଏ ଆମ୍ଭର ପ୍ରିୟ ପୁତ୍ର, ଆମ୍ଭର ମନୋନୀତ, ଏହାଙ୍କ ବାକ୍ୟ ଶ୍ରବଣ କର* ।" ତାହାଙ୍କ ପୁତ୍ର ମନୁଷ୍ୟ ପୁତ୍ରଙ୍କୁ **କର୍ତ୍ତୃତ୍ୱ** ପ୍ରଦାନ କରିବା ଏହା ପ୍ରାଚୀନକାଳର ଅଟେ ।

୪. ପର୍ବତରୁ ଶିଷ୍ୟମାନେ ତାପରଦିନ ଯାଏ ଓହ୍ଲାଇନଥିଲେ ଯେହେତୁ ତାପରଦିନ ବିଶ୍ରାମବାର ରହିଥାଇପାରେ, ତେଣୁ ବିଶ୍ରାମ ନେବାର ଆବଶ୍ୟକ ଥିଲା ।

୫. ନିଶ୍ଚିତ ଭାବରେ ରୂପାନ୍ତରଣ ପ୍ରାୟଶ୍ଚିତ ଦିବସରେ ହୋଇନଥିବ କାରଣ କୁଟୀର ପର୍ବରେ ଯିରୁଶାଲମରେ ପହଂଚିବା ନିମନ୍ତେ ଯୀଶୁଙ୍କୁ ଏକ ସପ୍ତାହ ଥିଲା । ହର୍ମୋଣ ପର୍ବତଠାରୁ ୫ କିମ୍ବା ୬ ଦିନର ଯାତ୍ରା ଅଟେ ଯାହା ଯୀଶୁଙ୍କ ପାଇଁ ସମ୍ଭବ ହୋଇଥାନ୍ତା । ଅବଶ୍ୟ ଏହି ପର୍ବଗୁଡିକ ସଂପନ୍ନ କରିବା ପାଇଁ ଅଧିକ ସମୟ ଥିଲା ।

୬. ରୂପାନ୍ତରଣ ପରେ ପରେ ଆମେ ଦେଖୁ ଯେ ଶିଷ୍ୟମାନେ ଜଣେ ଅଶୁଚି ଆତ୍ମାବିଷ୍ଟ ବାଳକକୁ ସୁସ୍ଥ କରିପାରିଲେ ନାହିଁ । ଯୀଶୁ ସେମାନଙ୍କୁ ବୁଝାଇ କହିଲେ ଯେ, ପ୍ରାର୍ଥନା ଓ ଉପବାସ ବିନା ଏପରି ଭୂତ ବାହାରି ଯାଏ ନାହିଁ । ଏହା ବୁଝାଯାଏ ଯେ, ଶିଷ୍ୟମାନେ ତା'ପୂର୍ବଦିନଗୁଡିକରେ ଉପବାସ ପ୍ରାର୍ଥନା କରିନଥିଲେ, ଯାହା ପ୍ରାୟଶ୍ଚିତ ଦିବସ ଏହି ପର୍ବ ସମୟରେ ପ୍ରାର୍ଥନା ଓ ଉପବାସ କରିବା ଆବଶ୍ୟକ ଅଟେ ।

ଯେତେବେଳେ ଯୀଶୁ, ମୋଶା ଓ ଏଲୀୟଙ୍କ ସହିତ କଥାବାର୍ତ୍ତା କରୁଥିଲେ ଏକ ଉଜ୍ଜଳ ଖଣ୍ଡେ ମେଘ ସେମାନଙ୍କୁ ଆଚ୍ଛାଦନ କରିଥିଲା । ହିବ୍ରୁ ଭାଷାରେ ଏହୋ ମେଘକୁ ଶେକିନା କହନ୍ତି । ଏହା ଗୌରବର ମେଘ ଯାହା ସ୍ୱୟଂ ଈଶ୍ୱରଙ୍କୁ ଘେରି ରହିଥାଏ । ଏହି ମେଘ ଧର୍ମଶାସ୍ତ୍ରରେ ଆମେ ଅନେକ ଥର ଦେଖିବାକୁ ମିଳେ । ଏହା ସେହି ମେଘ ଯାହା ଇସ୍ରାଏଲ ମିଶରରୁ ବାହାରି ଯିବା ସମୟରେ ଦିନ ବେଳେ ଖଣ୍ଡେ ମେଘସ୍ତମ୍ଭ ଓ ରାତିରେ ଅଗ୍ନିସ୍ତମ୍ଭ ଦ୍ୱାରା ସେମାନଙ୍କୁ କଢାଇ ନେଉଥିଲା । ଏହା ସେହି ଧୂମ ଓ ଅଗ୍ନି ଯାହା ତୁରୀଧ୍ୱନୀରେ ସୀନୟ ପର୍ବତକୁ ଆଚ୍ଛାଦନ କରୁଥିଲା ଓ ସଦାପ୍ରଭୁ ପରମେଶ୍ୱରଙ୍କ ସ୍ୱର ଦଶ ଆଜ୍ଞା କହୁଥିବା ଶୁଣାଗଲା । ଆଉ ଏହା ସେହି ଧୂମ ଯାହା ଶଲୋମନଙ୍କ ମନ୍ଦିରର ଉତ୍ସର୍ଗ ସମୟରେ ମନ୍ଦିରକୁ ଆଚ୍ଛାଦନ କରିଥିଲା ।

ସେମାନଙ୍କ କଥା ଶେଷ ହୋଇ ଆସିବା ବେଳେ ଖଣ୍ଡେ ମେଘ ଉପରକୁ ଯିବା ସମୟରେ ଈଶ୍ୱର ଶିଷ୍ୟମାନଙ୍କୁ କହିଲେ, " *ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ, ଏହାଙ୍କ ବାକ୍ୟ ଶ୍ରବଣ କର*[୭୬] ।" ଶିଷ୍ୟମାନେ ମୁହଁମାଡି ପଡିଗଲେ ଓ ଅତିଶୟ ଭୟଭୀତ ହେଲେ କିନ୍ତୁ ସେମାନେ ବିଷୟଟିକୁ ବୁଝିଗଲେ; ଯୀଶୁ ସେମାନଙ୍କୁ ଯାହା ଆଜ୍ଞା ଦିଅନ୍ତି ତାହା କରିବା ଆବଶ୍ୟକ ରହିଛି । ସେହିକ୍ଷଣି ଚକ୍ଷୁର ପଲକରେ ମୋଶା, ଏଲୀୟ ଓ ମେଘ ଉଭେଇଗଲା । ପ୍ରକାଶିତ ବାକ୍ୟ.୧୧;୧୨ରେ ଥିବା ଦୁଇସାକ୍ଷୀଙ୍କ ପୁନରୁତ୍‌ଥାନ ବିଷୟ ଏହା ଆମକୁ ସ୍ମରଣ କରାଏ "*ସେତେବେଳେ ସେମାନେ ଆକାଶରୁ ଉଚ୍ଚସ୍ୱରରେ ଉକ୍ତ ଏହି ବାଣୀ ଶୁଣିଲେ, ଏଠାକୁ ଆସ । ସେଥିରେ ସେମାନେ ମେଘାଚ୍ଛନ୍ନ ହୋଇ ସ୍ୱର୍ଗାରୋହଣ କଲେ ।*" ଦର୍ଶନ ଶେଷ ପରେ ଯୀଶୁ ଆସି ତାହାଙ୍କ ଶିଷ୍ୟମାନଙ୍କୁ ସ୍ପର୍ଶ କରି କହିଲେ, ଉଠ, ଭୟ କର ନାହିଁ ।

ଦଳଗତ ଆଲୋଚନା

୧. ତୁମେ କେବେ ଦର୍ଶନ ଦେଖିଛ କି ?
୨. ଯଦି ଦେଖିଅଛ, କିପ୍ରକାର ଥିଲା ?
୩. ଧର୍ମଶାସ୍ତ୍ରର ପୁରାତନ ନିୟମର ଭାଗ କିପରି ସମାପ୍ତ ହୋଇଛି ? ଶେଷ ତିନୋଟି ପଦଗୁଡିକ ପାଠ କର (ମଲାଖି.୪:୪-୬)
୪. ଯୀଶୁ ଶିଷ୍ୟମାନଙ୍କୁ କାହିଁକି ସେ ମୃତମାନଙ୍କ ମଧ୍ୟରୁ ନ ଉଠିବା ପର୍ଯ୍ୟନ୍ତ ଏହି ଦର୍ଶନର କଥା କାହାରିକୁ ନ କହିବାକୁ କହିଲେ ?
୫. ତିନୋଟି କୁଟୀର ନିର୍ମାଣ ପାଇଁ ପିତର କହିବା ପରେ, "*ସେ କଣ କହୁଛନ୍ତି ତାହା ଜାଣିଲେ ନାହିଁ*", ଏହି ମନ୍ତବ୍ୟଗୁଡିକ ଧର୍ମଶାସ୍ତ୍ରରେ କାହିଁକି ଯୋଗ କରାଯାଇଛି ବୋଲି କେବେ ଭାବନ୍ତି କି ?
   - ପିତର ଦର୍ଶନ ଦେଖୁଛନ୍ତି ବୋଲି ହୃଦୟଙ୍ଗମ ନ କରି ସେ ଏହା ବାସ୍ତବ ଥିଲା ବୋଲି ଭାବିଲେ ।
   - ଏହା ବିଶ୍ରାମବାର ଥିଲା; ତେଣୁ ତାଙ୍କୁ କୁଟୀର ନିର୍ମାଣ ପାଇଁ ଅନୁମତି ଦିଆଯିବ ନାହିଁ ।
   - ପ୍ରାୟଶ୍ଚିତର ଦିନ ସେପର୍ଯ୍ୟନ୍ତ ଆସିନଥିଲା; ଏଣୁ ପରମ୍ପରା ଅନୁଯାୟୀ କୁଟୀର ନିର୍ମାଣ କରିବା ପାଇଁ ସେଦିନ ଯାଏ ତାହାଙ୍କୁ ଅପେକ୍ଷା କରିବା ଉଚିତ୍ ଥିଲା ।
   - ଅନ୍ୟ କୌଣସି କାରଣ ଥାଇପାରେକି ?

**ଶିକ୍ଷାର ମୂଳ ବିଷୟ:**

ଫେରିବା ପୂର୍ବରୁ ... ... ବର୍ତ୍ତମାନ ଯୀଶୁଙ୍କ ବାକ୍ୟ ଶୁଣ ଓ ପାଳନ କର ।

**ପ୍ରୟୋଗ:**

ପଢନ୍ତୁ ମଲାଖି.୩:୧୬—୪:୬

ପଢନ୍ତୁ ଦାନିଏଲ. ୭ ଅଧ୍ୟାୟ

ପଢନ୍ତୁ ପ୍ରକାଶିତ ବାକ୍ୟ ୧୧

[୭୬] ଶୁଣ ଓ ପାଳନ କର ।

ପାଠ – ୩୦

## ଅପମାନିତ ହେବା

**ଆଇସବ୍ରେକର ଦଳ:**

- କେଉଁ ବିଷୟ ଯାହା ପ୍ରକୃତରେ ତୁମକୁ ଲୋକମାନେ ଅପମାନିତ କରନ୍ତି ?
- ଏହା ତୁମକୁ କେମିତି ଅନୁଭବ ଲାଗେ ?

**ଉପକ୍ରମ:**

ପର୍ବତରେ ଯୀଶୁ ରୂପାନ୍ତରଣ ପରେ ପର୍ବତରୁ ଓହ୍ଲାଇ କର୍ଫନାହୂମକୁ ଫେରିଯିବା ପଥରେ ଭୂତଗ୍ରସ୍ତ ଜଣେ ବାଳକକୁ ସାକ୍ଷାତ କଲେ ଓ କର୍ଫନାହୂମରେ ଯୀଶୁ ଓ ପିତର ମନ୍ଦିରର କର ଦେବା ବାଧ୍ୟତାମୂଳକ ବିଷୟରେ ମନ୍ଦିରର କର ଆଦାୟକାରି ଲୋକେ ସେମାନଙ୍କଠାରୁ ସଂଗ୍ରହ କରୁଥିବା ବିଷୟ ଦେଖିବାକୁ ପାଉ, ଯେଉଁଥିପାଇଁ ଯୀଶୁ ଏବିଷୟରେ ପିତରଙ୍କୁ ସୂଚନା ଦେଉଛନ୍ତି, ... *ଯେପରି **ଆମ୍ଭେମାନେ ସେମାନଙ୍କ ଅପମାନ ବା ବିଘ୍ନର କାରଣ ନ ହେଉ,** ଏଥିପାଇଁ ସମୁଦ୍ରକୁ ଯାଇ ବନ୍ଶୀ କଣ୍ଟା ପକାଅ, ଆଉ ପ୍ରଥମେ ଯେଉଁ ମାଛ ପଡିବ, ତାହାକୁ ଧରି ତାହାର ମୁଖ ଫିଟାଇଲେ ଗୋଟିଏ ରୌପ୍ୟମୁଦ୍ରା ପାଇବ; ତାହା ନେଇ ମୋ ପାଇଁ ଓ ତୁମ୍ଭ ପାଇଁ ସେମାନଙ୍କୁ ଦିଅ* (ମାଥିଉ.୧୭:୨୪-୨୭) । ଯୀଶୁ ପିତରଙ୍କ ସହିତ ଏହି ବାର୍ତ୍ତାଳାପରେ ନିଜ ଶିଷ୍ୟମାନଙ୍କୁ **"ଅପମାନ ବା ଦୋଷ"** ବିଷୟରେ ବୁଝାଇବା ପାଇଁ ଏହି ବାର୍ତ୍ତାଳାପକୁ ବ୍ୟବହାର କରିଥିଲେ ।

ଶାସ୍ତ୍ରପାଠ:

<u>ମାଥିଉ.୧୭:୧୪-୨୭, ମାର୍କ.୯:୧୪-୩୮, ଲୁକ.୯:୩୭-୪୯</u>

ମନ୍ଦିର କର ବିଷୟରେ ପ୍ରଶ୍ନ

ମାଥିଉ.୧୭:୨୪-୨୭

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଏଥିମଧ୍ୟରେ ସେମାନେ କଫର୍ନାହୂମକୁ ଆସନ୍ତେ, ମନ୍ଦିରର କରଆଦାୟକାରୀ ଲୋକେ[୭୭] ପିତରଙ୍କ ନିକଟକୁ ଆସି ପଚାରିଲେ, ତୁମ୍ଭମାନଙ୍କର ଗୁରୁ କଅଣ ମନ୍ଦିରର କର ଦିଅନ୍ତି ନାହିଁ? ସେ କହିଲେ, ହଁ, ଦିଅନ୍ତି। ଆଉ, ସେ ଘରକୁ ଆସିଲା ଉତ୍ତାରେ ଯୀଶୁ ଆଗେ ତାଙ୍କୁ କହିଲେ, ଶିମୋନ, ତୁମ୍ଭର ମତ କଅଣ? ପୃଥିବୀର ରାଜାମାନେ କାହା ପାଖରୁ କର ବା ରାଜସ୍ୱ ନିଅନ୍ତି? ସେମାନଙ୍କ ପୁତ୍ରମାନଙ୍କଠାରୁ କିମ୍ବା ବିଦେଶୀମାନଙ୍କଠାରୁ? ସେ ବିଦେଶୀମାନଙ୍କଠାରୁ ବୋଲି କହନ୍ତେ, ଯୀଶୁ ତାଙ୍କୁ କହିଲେ, ତେବେ ତ ପୁତ୍ରମାନେ ମୁକ୍ତ। କିନ୍ତୁ ଆମ୍ଭେମାନେ ଯେପରି ସେମାନଙ୍କ ବିଘ୍ନର କାରଣ ନ ହେଉ, ଏଥିପାଇଁ ସମୁଦ୍ରକୁ ଯାଇ ବନଶି ପକାଅ, ଆଉ

[୭୭] ମନ୍ଦିରର ପରିଚାଳନା ଓ ରକ୍ଷଣାବେକ୍ଷଣ କରିବା ପାଇଁ କୋଡଏ ବର୍ଷରୁ ଅଧିକ ବୟସ୍କ ସମସ୍ତ ପୁରୁଷଙ୍କ ଉପରେ ମନ୍ଦିରର କର ପ୍ରତିବର୍ଷ ପଇଠ କରିବା ଲାଗୁ କରାଯାଇଥିଲା ।

ପ୍ରଥମେ ଯେଉଁ ମାଛ ପଡ଼ିବ, ତାହାକୁ ଧରି ତାହାର ମୁଖ ଫିଟାଇଲେ ଗୋଟିଏ ରୌପ୍ୟ ମୁଦ୍ରା[୭୮] ପାଇବ; ତାହା ଘେନି ମୋ’ ପାଇଁ ଓ ତୁମ୍ଭ ପାଇଁ ସେମାନଙ୍କୁ ଦିଅ।

## ନିଜେ ନମ୍ର ହୁଅ ... ବିଶ୍ୱାସୀମାନଙ୍କ ସେବା କର

ମାଥିଉ.୧୮:୧-୫, ମାର୍କ.୯:୩୩-୩୭, ଲୁକ.୯:୪୬-୪୮

“ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର” ଶାସ୍ତ୍ରାଂଶରୁ ଉଦ୍ଧୃତ”

ପରେ ସେମାନେ କଫର୍ନାହୂମକୁ ଆସିଲେ। ଯୀଶୁ ଘରେ ପହଞ୍ଚି ସେମାନଙ୍କୁ ପଚାରିଲେ, ତୁମ୍ଭେମାନେ ବାଟରେ କଅଣ ତର୍କବିତର୍କ କରୁଥିଲ? କିନ୍ତୁ ସେମାନେ ନିରୁତ୍ତର ହୋଇ ରହିଲେ, କାରଣ କିଏ ଶ୍ରେଷ୍ଠ, ଏ ବିଷୟ ଘେନି ସେମାନେ ବାଟରେ ପରସ୍ପର ବାଦାନୁବାଦ କରିଥିଲେ। ସେଥିରେ ଯୀଶୁ ଉପବେଶନ କରି ଦ୍ୱାଦଶଙ୍କୁ ଆହ୍ୱାନ କଲେ ଓ ସେମାନଙ୍କୁ କହିଲେ, ଯଦି କେହି ପ୍ରଧାନ ହେବାକୁ ଇଚ୍ଛା କରେ, ତାହାହେଲେ ସେ ସମସ୍ତଙ୍କଠାରୁ ସାନ ଓ ସମସ୍ତଙ୍କର ସେବକ ହେଉ। ପୁଣି, ଯୀଶୁ ଗୋଟିଏ ସାନ ପିଲାକୁ ଘେନି ସେମାନଙ୍କ ମଧ୍ୟରେ ଠିଆ କରାଇଲେ ଓ ତାହାକୁ ଆଲିଙ୍ଗନ କରି ସେମାନଙ୍କୁ କହିଲେ, ଯେକେହି ମୋ’ ନାମରେ ଏପରି ସାନ ପିଲାମାନଙ୍କ ମଧ୍ୟରୁ ଜଣକୁ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ; ଆଉ, ଯେକେହି ମୋତେ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ ନାହିଁ, ମାତ୍ର ମୋହର ପ୍ରେରଣକର୍ତ୍ତାଙ୍କୁ ଗ୍ରହଣ କରେ। କାରଣ ତୁମ୍ଭ ସମସ୍ତଙ୍କ ମଧ୍ୟରେ ଯେ କ୍ଷୁଦ୍ର, ସେ ଶ୍ରେଷ୍ଠ।

**ଦଳଗତ ଆଲୋଚନା:**

୧. ଯେଉଁମାନେ ସବୁବେଳେ ନିଜ ବିଷୟରେ କଥାବାର୍ତ୍ତା କରନ୍ତି ଓ ସେମାନଙ୍କର ସଫଳତା ବିଷୟରେ ଗର୍ବ କରନ୍ତି, ଏପରି ଲୋକମାନଙ୍କ ବିଷୟରେ ତୁମେ କ’ଣ ଭାବିଥାଅ ?

୨. ଏହା ତୁମ ପାଇଁ କଣ ବିଘ୍ନ ବା ଅପରାଧ ବିଷୟ କି ? କାହିଁକି ?

**ଉପକ୍ରମ ଜାରି ରହିଲା:**

ଶିଷ୍ୟମାନଙ୍କ ମଧ୍ୟରେ କିଏ ଶ୍ରେଷ୍ଠ ଏ ନେଇ ସେମାନଙ୍କ ତର୍କବିତର୍କ ଜାଣିପାରି ଯୀଶୁ ସେମାନଙ୍କ ଉପରେ ବିରକ୍ତ ହେଲେ ନାହିଁ କିମ୍ବା ସେମାନଙ୍କୁ ଭର୍ତ୍ସନା କଲେ ନାହିଁ । ଏହା ପରିବର୍ତ୍ତେ ସେ ଧୀରେ ଧୀରେ ସେମାନଙ୍କୁ ମହାନତାର ବିଷୟ ବିଷୟରେ ଶିକ୍ଷା ଦେବା ଆରମ୍ଭ କଲେ । ସେ ସେମାନଙ୍କ ସମ୍ମୁଖରେ ଜଣେ ଶିଶୁକୁ ଠିଆ କରାଇ ଶିକ୍ଷା ଆରମ୍ଭ କରି ଦୁଇଟି ବହୁମୂଲ୍ୟ ମନ୍ତବ୍ୟ କହିଲେ:

କ. ସାନ ପିଲା ପରି ନ ହେଲେ, କୌଣସି ପ୍ରକାରେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବ ନାହିଁ ।

ଖ. ଯେକେହି ନିଜକୁ ନମ୍ର କରେ, ସେ ସ୍ୱର୍ଗରାଜ୍ୟରେ ଶ୍ରେଷ୍ଠ ଅଟେ ।

ତା’ପରେ ଯୀଶୁ ସେହି ସାନ ପିଲାକୁ ଆପଣା ବାହୁରେ ଆବୋରି ତିନୋଟି ମନ୍ତବ୍ୟ ଦେଲେ:

କ. ଯେକେହି ଏହି ସାନ ପିଲାକୁ ମୋ ନାମରେ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ ।

ଖ. ଯେକେହି ମୋତେ ଗ୍ରହଣ କରେ, ସେ ମୋତେ ଗ୍ରହଣ କରେ ନାହିଁ, ମାତ୍ର ମୋହର ପ୍ରେରଣକର୍ତ୍ତାଙ୍କୁ ଗ୍ରହଣ କରେ ।

ଗ. ଯିଏ ତୁମ୍ଭ ସମସ୍ତଙ୍କ ମଧ୍ୟରେ ସାନ, ସେ ଶ୍ରେଷ୍ଠ ଅଟେ ।

[୭୮] ଏହା ଷ୍ଟାଟର୍ ଅଟେ, ଆଉ ତେତ୍ରାଡାଖ୍ମା ବୋଲି ମଧ୍ୟ କୁହାଯାଏ । ଏକ ଷ୍ଟାଟର, ୪ଡାଖ୍ମା ସହିତ ସମାନ ।

ଦଳଗତ ଆଲୋଚନା:

୩. ଯୀଶୁ ଯଦି ୫ଟି ମନ୍ତବ୍ୟ କହିଥାନ୍ତେ ତେବେ ସେ କଣ ସବୁ କହିଥାନ୍ତେ, ସେ ବିଷୟରେ ଚିନ୍ତା କରିବାକୁ କିଛି ମିନିଟ୍ ସମୟ ନିଅନ୍ତୁ ଓ ତୁମେ କରିଥିବା ପର୍ଯ୍ୟବେକ୍ଷଣ ବିଷୟ ଲେଖନ୍ତୁ ।

୪. ପିଲାମାନଙ୍କର କେଉଁ ଗୁଣଗୁଡିକ ଅଛି ଯାହା ବୟସ୍କମାନଙ୍କର ଅଭାବ ଅଛି ।

**ଶାସ୍ତ୍ରପାଠ:**

<u>ମାର୍କ.୯:୩୮-୪୧, ଲୁକ.୯:୪୯-୫୦</u>

ଅପମାନିତ ହେବା

ମାର୍କ.୯:୩୮-୪୧, ଲୁକ.୯:୪୯-୫୦

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

"ଯୋହନ ତାହାଙ୍କୁ କହିଲେ, ହେ ଗୁରୁ, ଆମ୍ଭମାନଙ୍କ ଦଳରେ ନ ଥିବା ଜଣକୁ ଆପଣଙ୍କ ନାମରେ ଭୂତ ଛଡ଼ାଇବାର ଦେଖିଲୁ, ଆଉ ସେ ଆମ୍ଭମାନଙ୍କ ଦଳରେ ନ ଥିବାରୁ ତାହାକୁ ମନା କଲୁ। କିନ୍ତୁ ଯୀଶୁ କହିଲେ, <u>ତାହାକୁ ମନା କର ନାହିଁ</u>; କାରଣ ମୋ' ନାମରେ ଶକ୍ତିରେ କାର୍ଯ୍ୟ କରି ହଠାତ୍ ମୋହର କୁତ୍ସା କରି ପାରିବ, ଏପରି ଲୋକ କେହି ନାହିଁ । କାରଣ ଯେ ଆମ୍ଭମାନଙ୍କର ବିପକ୍ଷ ନୁହେଁ, ସେ ଆମ୍ଭମାନଙ୍କର ସପକ୍ଷ। ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଲୋକ ବୋଲି ଯେକେହି ତୁମ୍ଭମାନଙ୍କୁ ଗିନାଏ ପାଣି ପିଇବାକୁ ଦେବ, ସେ କୌଣସି ପ୍ରକାରେ ଆପଣା ପୁରସ୍କାର ହରାଇବ ନାହିଁ।"

**ଆଦେଶ:**

❖ ତାହାକୁ ମନା କର ନାହିଁ ।

**ଶିକ୍ଷା:**

ଅନେକ ଥର, ଖ୍ରୀଷ୍ଟିୟାନମାନେ ନିଜକୁ ଖ୍ରୀଷ୍ଟିୟାନ ବୋଲି ଦାବି କରୁଥିବା ଅନ୍ୟମାନଙ୍କ ଉପରେ ବିରକ୍ତ ହୁଅନ୍ତି, ମାତ୍ର ସେମାନେ କରୁଥିବା ବିଶ୍ୱାର ସଠିକ୍ ରୂପ ନିଜେ ଧାରଣ କରନ୍ତି ନାହିଁ । ଅନ୍ୟ ଅର୍ଥରେ ... ସେମାନେ ନୈଷ୍ଠିକ ନୁହନ୍ତି । ଏହାର ପ୍ରମାଣ ସ୍ୱରୂପ ଆଜି ଖ୍ରୀଷ୍ଟିୟାନ ମଧ୍ୟରେ ଅନେକ ସଂଖ୍ୟାର ସଂପ୍ରଦାୟ (ଡିନୋମିନେଶନ)ର ଲୋକମାନେ ଅଛନ୍ତି । ଯଦି ସ୍ୱାଧୀନ ମଣ୍ଡଳୀ ଓ ଘରୋଇ ମଣ୍ଡଳୀକୁ ହିସାବରେ ନେଲେ ବହୁତ ଲୋକମାନେ ଅଛନ୍ତି ଯେଉଁମାନେ ଖ୍ରୀଷ୍ଟଙ୍କ ଅନୁଗମନ କରୁଛନ୍ତି ବୋଲି ଦାବି କରିଥାନ୍ତି ମାତ୍ର ତ୍ପ୍ରସଙ୍ଗରେ ସେମାନେ ମୁହଁକୁ ମୁହଁ ସର୍ବଦା ଦେଖନ୍ତି ।

ଯୀଶୁ ଏହି ସମାନ ପ୍ରସଙ୍ଗକୁ ସମ୍ବୋଧିତ କରି କହିଲେ ଯେତେବେଳେ ପ୍ରେରିତ ଯୋହନ ଯୀଶୁଙ୍କ ନିକଟକୁ ଆସି କହିଲେ, ଆମ୍ଭମାନଙ୍କ ଦଳରେ ନ ଥିବା ଜଣକୁ ଆପଣଙ୍କ ନାମରେ ଭୂତ ଛଡ଼ାଇବାର ଦେଖିଲୁ, ଆଉ ସେ ଆମ୍ଭମାନଙ୍କ ଦଳରେ ନ ଥିବାରୁ ତାହାକୁ ମନା କଲୁ। ଯୀଶୁ ଅନ୍ୟ ଲୋକମାନଙ୍କ ପରି ଶିଷ୍ୟମାନଙ୍କ ଉପରେ ବିରକ୍ତ ହୋଇପାରିଥାନ୍ତେ କିନ୍ତୁ ସେ ତାହା ଇଚ୍ଛା କଲେ ନାହିଁ । ଏହା ପରିବେର୍ତ୍ତେ ସେ ଶିଷ୍ୟମାନଙ୍କୁ ବିରକ୍ତି ନ ହେବା ପାଇଁ ବୁଝାଇ କହିଲେ, *ଯେ ଆମ୍ଭମାନଙ୍କର ବିପକ୍ଷ*

*ନୁହଁ, ସେ ଆମ୍ଭମାନଙ୍କ ସପକ୍ଷ ଅଟେ* । ତାପରେ ତାହାକୁ ଅପମାନିତ ନ କରିବାକୁ କହି ସେ ସେମାନଙ୍କୁ କହିଲେ, ତାହାକୁ ମନା କର ନାହିଁ ।

ଯୀଶୁ ମନା କର ନାହିଁ ଶବ୍ଦକୁ ବ୍ୟବହାର କରି ନିଜ ଶିଷ୍ୟମାନଙ୍କୁ ଅପମାନିତ କରୁଥିବା ଉପାୟ ବିଷୟରେ ଚିନ୍ତା କରିବାର ସୁଯୋଗ ଦେଇଥିଲେ । ଉଦାହରଣସ୍ୱରୂପ:

କ. ତାହାର ମାର୍ଗରେ ଝୁଂଟିବାର କାରଣ ହୁଅ ନାହିଁ ।

- ତାଙ୍କୁ ଆମ ଦଳର ସଭ୍ୟ ହେବା ଆବଶ୍ୟକ କରି ।
- ତାଙ୍କୁ ଅନ୍ୟମାନଙ୍କୁ ଅପମାନିତ କରି ।
- ତାଙ୍କୁ ଭର୍ତ୍ସନା କରି ।

ଖ. ତାଙ୍କୁ ମନା କର ନାହିଁ ।

- ସେବାକାର୍ଯ୍ୟ କରିବାଠାରୁ ।
- ଯୀଶୁଙ୍କ ନାମ ବ୍ୟବହାର କରିବାଠାରୁ ।

ଖ୍ରୀଷ୍ଟଙ୍କ ପାଇଁ କିଏ ସପକ୍ଷ କିଅବା ବିପକ୍ଷ ଅଛି ତାହା ଚିହ୍ନିବାରେ ସକ୍ଷମ ହେବା ଖ୍ରୀଷ୍ଟିୟାନମାନଙ୍କ ପାଇଁ ଅମୂଲ୍ୟ ବିଷୟ ଅଟେ । ଉଦାହରଣ ସ୍ୱରୂପ, ପ୍ରେରିତ ପାଉଲ ଖ୍ରୀଷ୍ଟିୟାନମାନଙ୍କୁ ସତର୍କ କରନ୍ତି, ଅବିଶ୍ୱାସୀମାନଙ୍କ ସହିତ ଅସମାନ ରୂପେ ଯୋଚା ନ ଯାଅ, କାରଣ ଧର୍ମ ଓ ଅଧର୍ମ ମଧ୍ୟରେ କି ସହଯୋଗିତା? ଅବା ଅନ୍ଧକାର ସହିତ ଆଲୋକର କି ସହଭାଗିତା ? ବିଲିୟାର୍ ସହିତ ଖ୍ରୀଷ୍ଟଙ୍କର କି ମିଳନ? କିମ୍ବା ଅବିଶ୍ୱାସୀ ସହିତ ବିଶ୍ୱାସୀର କି ଅଂଶ ? (୨ୟ କରିନ୍ଥୀୟ.୬:୧୪-୧୫) । ତେବେ ଖ୍ରୀଷ୍ଟିୟାନମାନେ ଯେଉଁମାନଙ୍କୁ ଜାଣନ୍ତି ନାହିଁ ସେମାନଙ୍କୁ କିପରି ଜାଣି ପାରିବେ ଯେ, ସେମାନେ ଖ୍ରୀଷ୍ଟଙ୍କ ସପକ୍ଷ ନା ବିପକ୍ଷ ଅଟନ୍ତି ବୋଲି ? ଯୀଶୁ ଶିଷ୍ୟମାନଙ୍କୁ ଦୁଇଟି ଚିହ୍ନ ଦେଖିବାକୁ କହିଲେ, ୧. ପବିତ୍ର ଆତ୍ମାଙ୍କ ଦାନ ଯାହା ଈଶ୍ୱରଙ୍କ ଶକ୍ତି, ଯୀଶୁ ନାମ ସହିତ ମିଳିତ ଭାବରେ ବ୍ୟବହୃତ ଓ ୨. ପବିତ୍ର ଆତ୍ମାଙ୍କ ଫଳ, ଯାହା ଈଶ୍ୱରଙ୍କ ପ୍ରେମ, ଯୀଶୁ ନାମ ସହିତ ମିଳିତ ଭାବରେ ବ୍ୟବହୃତ ।

ପ୍ରଥମ ସଙ୍କେତ ବା ଚିହ୍ନ ଯେ, ଜଣେ ବ୍ୟକ୍ତି ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରନ୍ତି, ପବିତ୍ର ଆତ୍ମାଙ୍କ ଦାନର ବ୍ୟବହାର କରିବେ । ଆଉ ଏହି ସବୁ ଚିହ୍ନ ସେମାନଙ୍କର ଅନୁବର୍ତ୍ତୀ ହେବ ଯେଉଁମାନେ ତାହାଙ୍କଠାରେ ବିଶ୍ୱାସ କରନ୍ତି, ସେମାନେ ମୋ ନାମରେ ଭୂତ ଛଡ଼ାଇବେ, ନୂତନ ନୂତନ ଭାଷାରେ କଥା କହିବେ, ହସ୍ତରେ ସର୍ପ ଧରିବେ, ପୁଣି, ପ୍ରାଣନାଶକ କୌଣସି ପଦାର୍ଥ ପାନ କଲେ ସେମାନଙ୍କର କିଛି କ୍ଷତି ହେବ ନାହିଁ; ସେମାନେ ପୀଡ଼ିତମାନଙ୍କ ଉପରେ ହସ୍ତ ଥୋଇଲେ ସେମାନେ ସୁସ୍ଥ ହେବେ (ମାର୍କ.୧୬:୧୭-୧୮) । ଯେତେବେଳେ ଶିଷ୍ୟମାନେ ଦେଖିଲେ ଯେ, ବ୍ୟକ୍ତି ଜଣକ ଯୀଶୁଙ୍କ ନାମରେ ଭୂତମାନଙ୍କୁ ଛଡାଉଛନ୍ତି, ସେମାନେ ନିଶ୍ଚିତ ହୋଇପାରିବେ ଯେ ଏହା ଈଶ୍ୱରଙ୍କ ଶକ୍ତି ଦ୍ୱାରା କାର୍ଯ୍ୟ ।

ଭୂତ ଛଡାଇବା ଯୀଶୁଙ୍କ ସମୟରେ ଥିଲା ଏବଂ ଏହା ଈଶ୍ୱରଙ୍କ କାର୍ଯ୍ୟ ଭାବରେ ସ୍ୱୀକୃତିପ୍ରାପ୍ତ ଥିଲା । ଭୂତମାନଙ୍କୁ ଛଡାଇବା ଶକ୍ତିର କାର୍ଯ୍ୟ ଈଶ୍ୱରଙ୍କ ରାଜ୍ୟ ଓ ଶୟତାନର ରାଜ୍ୟ ସହିତ ବିବାଦ ଭିତରକୁ ଆସିବା ପରି ଦେଖାଯାଉଥିଲା । ଏହା ଇସ୍ରାଏଲ ସହିତ ଈଶ୍ୱରଙ୍କ ନିୟମ ସ୍ଥିରର ଏକ ଅଂଶ ଭାବରେ ବିବେଚନା କରାଯାଉଥିଲା; ସେ ତାହାଙ୍କ ଲୋକମାନଙ୍କୁ ସେମାନଙ୍କ ଶତ୍ରୁମାନଙ୍କଠାରୁ ରକ୍ଷା ବା ଉଦ୍ଧାର କରିବେ । ଫାରୂଶୀମାନଙ୍କୁ ଯୀଶୁଙ୍କ ଉତ୍ତରରେ ଏହା ପ୍ରମାଣିତ ହୋଇପାରେ ଯେଉଁମାନେ

ତାଙ୍କୁ ଭୂତପତି ବାଲ୍‌ଜିବୂଲ୍‌ର ସାହାଯ୍ୟରେ ଭୂତ ଛଡାଉଛି ବୋଲି ଅଭିଯୋଗ କରିଥିଲେ । କିନ୍ତୁ ସେ ସେମାନଙ୍କ ମନର ଚିନ୍ତା ଜାଣି ସେମାନଙ୍କୁ କହିଲେ, ଯେକୌଣସି ରାଜ୍ୟ ବିଭକ୍ତ ହୋଇ ଆପଣା ବିରୁଦ୍ଧରେ ଉଠେ ତାହା ଧ୍ୱଂସ ହୋଇ ଯାଏ; ପୁଣି, ଯେକୌଣସି ନଗରରେ କିମ୍ବା ଗୃହ ବିଭକ୍ତ ହୋଇ ଆପଣା ବିରୁଦ୍ଧରେ ଉଠେ, ତାହା ସ୍ଥିର ହୋଇ ରହିବ ନାହିଁ । ଆଉ, ଶୟତାନ ଯଦି ଶୟତାନକୁ ଛଡ଼ାଏ, ତାହାହେଲେ ସେ ବିଭକ୍ତ ହୋଇ ଆପଣା ବିରୁଦ୍ଧରେ ଉଠିଲାଣି ତେବେ ତାହାର ରାଜ୍ୟ କିପ୍ରକାରେ ସ୍ଥିର ହୋଇ ରହିବ ? ମୁଁ ଯେବେ ବାଲ୍‌ଜିବୂଲ୍‌ର ସାହାଯ୍ୟରେ ଭୂତମାନଙ୍କୁ ବାହାର କରେ ତେବେ ତୁମ୍ଭମାନଙ୍କ ସନ୍ତାନଗଣ କାହା ସାହାଯ୍ୟରେ ସେମାନଙ୍କୁ ବାହାର କରନ୍ତି। ଏଣୁ ସେମାନେ ହିଁ ତୁମ୍ଭମାନଙ୍କର ବିଚାରକର୍ତ୍ତା ହେବେ । (ମାଥିଉ.୧୨:୨୫-୨୭) ।

ଯୀଶୁ ଜାଣିଥିଲେ ଯେ ପବିତ୍ର ଆତ୍ମା ହିଁ ଲୋକମାନଙ୍କୁ ଉଦ୍ଧାର କରନ୍ତି କିମ୍ବା ରକ୍ଷା କରନ୍ତି ଏବଂ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ କହିବା କ୍ଷମାହୀନ ପାପ ବୋଲି କହିଥିଲେ । ଯେ ମୋହର ସପକ୍ଷ ନୁହେଁ, ସେ ମୋହର ବିପକ୍ଷ, ପୁଣି ଯେ ମୋ' ସହିତ ସଂଗ୍ରହ କରେ ନାହିଁ, ସେ ଛିନ୍ନଭିନ୍ନ କରିପକାଏ। ଅତଏବ, ମୁଁ ତୁମ୍ଭମାନଙ୍କୁ କହୁଅଛି, ମନୁଷ୍ୟମାନଙ୍କର ସମସ୍ତ ପାପ ଓ ନିନ୍ଦା କ୍ଷମା କରାଯିବ, କିନ୍ତୁ ଆତ୍ମାଙ୍କ ବିରୁଦ୍ଧରେ ନିନ୍ଦା କ୍ଷମା କରାଯିବ ନାହିଁ। ଆଉ, ଯେକେହି ମନୁଷ୍ୟପୁତ୍ରଙ୍କ ବିରୁଦ୍ଧରେ କଥା କହିବ, ତାହାକୁ କ୍ଷମା ଦିଆଯିବ, ମାତ୍ର ଯେକେହି ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ କଥା କହିବ, ଇହଯୁଗରେ କି ପରଯୁଗରେ ତାହାକୁ କ୍ଷମା ଦିଆଯିବ ନାହିଁ (ମାଥିଉ.୧୨:୩୦-୩୨) । ତେଣୁ, ଯେତେବେଳେ ଶିଷ୍ୟମାନେ ଯୀଶୁଙ୍କ ନିକଟକୁ ଆସି କହିଲେ, ସେମାନେ ଜଣଙ୍କୁ ଯୀଶୁ ନାମରେ ଭୂତମାନଙ୍କୁ ଛଡାଇବା ଦେଖିଲେ, ଯୀଶୁ ହୃଦୟଙ୍ଗମ କଲେ ଯେ, ଏହା ତାଙ୍କ ମାଧ୍ୟମରେ କାର୍ଯ୍ୟ କରୁଥିବା ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଥିଲା ।

କେତେକ ଲୋକମାନେ ଆଶ୍ଚର୍ଯ୍ୟକର୍ମ କରିବା ପାଇଁ ଯୀଶୁଙ୍କ ନାମ ବ୍ୟବହାର କରନ୍ତି, କିନ୍ତୁ ଯଦି ସେମାନେ ତାହାଙ୍କର ନୁହନ୍ତି ତେବେ ଏହାର କୌଣସି ପ୍ରଭାବ ପଡିବ ନାହିଁ । ପ୍ରାୟ ୫୪ ଖ୍ରୀଷ୍ଟାବ୍ଦରେ ପ୍ରେରିତ ପାଉଲ ଯେତେବେଳେ ଏଫିସୀରେ ଥିଲେ ଗୋଟିଏ ଘଟଣା ଘଟିଥିଲା । କିନ୍ତୁ ଭ୍ରମଣକାରୀ ଯିହୁଦୀୟ ଭୂତୁଡ଼ିଆମାନଙ୍କ ମଧ୍ୟରୁ କେତେକ ଜଣ ମଧ୍ୟ ଦୁଷ୍ଟ ଆତ୍ମା ଲାଗିଥିବା ଲୋକମାନଙ୍କ ଉପରେ ପ୍ରଭୁ ଯୀଶୁଙ୍କର ନାମ ଉଚ୍ଚାରଣ କରିବାକୁ ପ୍ରବୃତ୍ତ ହୋଇ କହିଲେ, ଯେଉଁ ଯୀଶୁଙ୍କୁ ପାଉଲ ପ୍ରଚାର କରୁଅଛନ୍ତି, ମୁଁ ତୁମ୍ଭମାନଙ୍କୁ ତାହାଙ୍କର ରାଣ ଦେଉଅଛି। ପୁଣି, ସ୍କେବା ନାମକ ଜଣେ ଯିହୁଦୀୟ ପ୍ରଧାନ ଯାଜକଙ୍କର ସାତ ପୁତ୍ର ଏହିପରି କରୁଥିଲେ। ସେଥିରେ ଦୁଷ୍ଟ ଆତ୍ମା ସେମାନଙ୍କୁ ଉତ୍ତର ଦେଲା, ଆମ୍ଭେ ଯୀଶୁଙ୍କୁ ଜାଣୁ ଓ ପାଉଲଙ୍କୁ ଚିହ୍ନୁ; ମାତ୍ର ତୁମ୍ଭେମାନେ କିଏ? ସେତେବେଳେ ଦୁଷ୍ଟ ଆତ୍ମା ଲାଗିଥିବା ଲୋକଟା ସେମାନଙ୍କ ଉପରକୁ ଡେଇଁପଡ଼ି ସେ ଦୁଇ ଜଣଙ୍କୁ ପରାସ୍ତ କରି ସେମାନଙ୍କୁ ଏପରି ଆଘାତ କଲା ଯେ, ସେମାନେ ଉଲଙ୍ଗ ଓ କ୍ଷତବିକ୍ଷତ ହୋଇ ସେହି ଘରୁ ବାହାରି ପଳାଇଗଲେ। ଏହି କଥା ଏଫିସ ନିବାସୀ ଯିହୁଦୀ ଓ ଗ୍ରୀକ୍‌ମାନେ ଜାଣିଲେ। ସେଥିରେ ସମସ୍ତେ ଭୀତ ହେଲେ, ଆଉ ପ୍ରଭୁ ଯୀଶୁଙ୍କ ନାମ ମହିମାନ୍ୱିତ ହେବାକୁ ଲାଗିଲା। (ପ୍ରେରିତ.୧୯:୧୩-୧୭)

ଦ୍ୱିତୀୟ ସଙ୍କେତ ବା ଚିହ୍ନ ଯେ ଜଣେ ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସୀ ଅଟନ୍ତି, ତାହାଙ୍କଠାରେ ପବିତ୍ର ଆତ୍ମାଙ୍କ ଫଳ ଓ ଈଶ୍ୱରଙ୍କ ଦାନର ପ୍ରମାଣ ଥାଏ । **ଯଦି ତୁମ୍ଭମାନଙ୍କର ପରସ୍ପର ପ୍ରତି ପ୍ରେମ ଥାଏ, ତାହାହେଲେ ତୁମ୍ଭେମାନେ ଯେ ମୋହର ଶିଷ୍ୟ,** ଏହା ସମସ୍ତେ ତଦ୍ୱାରା ଜ୍ଞାତ ହେବେ (ଯୋହନ.୧୩:୩୫) । **ଯୀଶୁ ଏହିପରି କହିଥିଲେ, ଯେତେବେଳେ କେହି ଅନ୍ୟ ପ୍ରତି ଦୟା କରନ୍ତି କାରଣ ସେ ଜଣେ ଖ୍ରୀଷ୍ଟଙ୍କ ଅନୁଗାମୀ ।** "ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ଖ୍ରୀଷ୍ଟଙ୍କ ଲୋକ ବୋଲି ଯେକେହି ତୁମ୍ଭମାନଙ୍କୁ ଗିନାଏ ପାଣି ପିଇବାକୁ ଦେବ, ସେ କୌଣସି ପ୍ରକାରେ ଆପଣା ପୁରସ୍କାର ହରାଇବ ନାହିଁ।"

**ଶିକ୍ଷାର ମୂଳ ବିଷୟ:**

ସାଥୀ ବିଶ୍ୱାସୀଙ୍କ ଦ୍ୱାରା ସହଜରେ ବିରକ୍ତ ହେବାଠାରୁ ନିଜକୁ ରକ୍ଷା କରନ୍ତୁ ।

**ପ୍ରୟୋଗ:**

ଯଦି ଜଣେ ବିଶ୍ୱାସୀ ଆସନ୍ତା ସପ୍ତାହରେ ତୁମକୁ ଅପମାନିତ କରିବେ, ତେବେ କାହିଁକି ତୁମେ ଅପମାନିତ ହେବେ ତାହା ଉପରେ ଚିନ୍ତା କରନ୍ତୁ ଓ ଏହାକୁ କିପରି ତୁମେ ସାମନା କରିବ ?

ଆସନ୍ତା ମିଟିଂ ସମୟରେ ତୁମ ପିଲାବେଳର ଫୋଟ ନେଇକି ଆସ ।

## ପାଠ – ୩୧

## ଝୁଣ୍ଟିବାର କାରଣଗୁଡିକ[୭୯]

ଦଳୀୟ ଆଲୋଚନା:

ପରସ୍ପରର ପିଲାବେଳର ଫୋଟକୁ ଚାରିପାଖରେ ଥିବା ଅନ୍ୟମାନଙ୍କୁ ମଧ୍ୟ ଦିଅନ୍ତୁ ।

ଉପକ୍ରମ:

ଶିଷ୍ୟମାନଙ୍କ ସମ୍ମୁଖରେ ଏକ ଶିଶୁ ବସାଇ ଯୀଶୁ ଅପମାନ ହେବା ବା ବିରକ୍ତ ହେବା ବିଷୟରେ ଶିକ୍ଷା ଦେବା ଆରମ୍ଭ କରିଥିଲେ । ସେ ସେମାନଙ୍କୁ କହିଲେ ଯେ ଶିଶୁ ପରି ନ ହେଲେ କେହି ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ । ଏହା କହି ଯୀଶୁ ସମସ୍ତ ବିଶ୍ୱାସୀମାନଙ୍କୁ ଶିଶୁ ଭାବରେ ସମାନ କରୁଥିଲେ । ତା'ପରେ ଯୀଶୁ ପିଲାଟିକୁ ତାଙ୍କ ବାହୁରେ ନେଇ ସୂଚାଇଲେ ଯେ ସେ କିପରି ଭାବରେ ସମସ୍ତ ବିଶ୍ୱାସୀଙ୍କୁ ଛୋଟ ପିଲା ଭାବରେ ଗ୍ରହଣ କରନ୍ତି ଏବଂ ସେହି ଅନୁଯାୟୀ ସେମାନଙ୍କ ପ୍ରତି ବ୍ୟବହାର କରନ୍ତି । ସାଥୀ ବିଶ୍ୱାସୀଙ୍କୁ କିପରି ବ୍ୟବହାର କରାଯିବ ସେ ସମ୍ବନ୍ଧରେ ତାଙ୍କର ସଂପୂର୍ଣ୍ଣ ଶିକ୍ଷା ସମୟରେ ଯୀଶୁ ପିଲାଟିକୁ କୋଳରେ ଧରିଥିଲେ । ଏହା ଦେଖାଇ ଯୀଶୁ ଶିଷ୍ୟମାନଙ୍କୁ ସ୍ମରଣ କରାଉଥିଲେ ଯେ, ସେ କିପରି ପରସ୍ପରକୁ ବ୍ୟହାର କରିବେ ବୋଲି ଆଶା କରନ୍ତି ।

ଦଳଗତ ଆଲୋଚନା:

ପ୍ରତ୍ୟେକ ବ୍ୟକ୍ତି ତାଙ୍କ ସାମ୍ନାରେ ନିଜର ଫୋଟ ଧରି ରଖନ୍ତୁ

କୋଠରୀରେ ଥିବା ପ୍ରତ୍ୟେକ ବ୍ୟକ୍ତି, ଯୀଶୁଙ୍କ ବାହୁରେ ପିଲାମାନଙ୍କୁ ଧରଥିବା ପରି ଦେଖନ୍ତୁ ।

୧. ତୁମ ମନରେ କଣ ଭାବନା ଆସୁଛି ?

୨. ତେବେ ତୁମେ କିପରି ଭାବୁଛ ଯେ ଯୀଶୁ ଚାହାନ୍ତି  ତୁମେ ସେମାନଙ୍କ ସହିତ ବ୍ୟବହାର କର ?

**ଶାସ୍ତ୍ରପାଠ:**

### ଝୁଣ୍ଟିବାର କାରଣଗୁଡିକ

### ମାଥିଉ.୧୮:୬-୧୦, ମାର୍କ.୯:୪୨-୪୮

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତ୍ରାଂଶରୁ ଉଦ୍ଧୃତ"

ଆଉ, ଯେକେହି ବିଶ୍ୱାସ କରୁଥିବା ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ହୁଏ, ତାହା ବେକରେ ଗୋଟିଏ ବଡ଼ ଚକିପଥର ଟଙ୍ଗାଯାଇ ତାହାକୁ ସମୁଦ୍ରରେ ନିକ୍ଷେପ କରାଯାଇଥିଲେ ତାହା ପକ୍ଷରେ ଭଲ ହୋଇ ଥାଆନ୍ତା। ପୁଣି, ତୁମ୍ଭର ହସ୍ତ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟିପକାଅ[୮୦]; ଦୁଇ ହସ୍ତ ଘେନି ନରକ, ଅର୍ଥାତ୍, ଅନିର୍ବାଣ ଅଗ୍ନି ମଧ୍ୟକୁ ଯିବା ଅପେକ୍ଷା ବରଂ ପଙ୍ଗୁ ହୋଇ ଜୀବନରେ ପ୍ରବେଶ କରିବା ତୁମ୍ଭ ପକ୍ଷରେ ଭଲ। **କାରଣ ନରକରେ ସେମାନଙ୍କର କୀଟ କ୍ଷୟ ପାଏ ନାହିଁ, ଆଉ ଅଗ୍ନି**

[୭୯] ଝୁଣ୍ଟିବାର କାରଣ ପାଇଁ ଗ୍ରୀକ୍ ଶବ୍ଦ ସ୍କାଣ୍ଡାଲୋନ ଯାହା ଆମର ଇଂରାଜୀ ଶବ୍ଦ ସ୍କାଣ୍ଡାଲ ଶବ୍ଦ ଆସିଛି । ଏହି ଶବ୍ଦକୁ ଅନୁବାଦ କଲେ, ପତନ ହେବାର ସମୟ ବା ଆପତ୍ତି ବା ଆପତ୍ତିଜନକ ବିଷୟ । ଏହା ଏକ ଫାନ୍ଦକୁ ସୂଚିତ କରେ । ଏହା ଶାସ୍ତ୍ରରେ ବ୍ୟବହୃତ ହୋଇଛି ଯାହାକି ମନୁଷ୍ୟକୁ ପାପ କରିବାକୁ ପ୍ରଲୋଭିତ କରେ, ବିଦ୍ରୋହ ଅଡକୁ ଆକର୍ଷଣ କରେ କିମ୍ବା ଈଶ୍ୱରଙ୍କ ଉପରେ ଅସନ୍ତୋଷ ସୃଷ୍ଟି କରେ ।

[୮୦] **ତାହା କାଟି ପକାଅ** ଯାହା ମୁକ୍ତି ପାଇବାରେ ଯେକୌଣସି ବିଷୟ ତୁମ ପତନର କାରଣ ହୁଏ ।

**ନିର୍ବାପିତ ହୁଏ ନାହିଁ**[୧]**।** ଆଉ, ତୁମ୍ଭର ପାଦ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟିପକାଅ, ଦୁଇ ପାଦ ଘେନି ନରକରେ ନିକ୍ଷିପ୍ତ ହେବା ଅପେକ୍ଷା ବରଂ ଖଞ୍ଜ ହୋଇ ଜୀବନରେ ପ୍ରବେଶ କରିବା ତୁମ୍ଭ ପକ୍ଷରେ ଭଲ। କାରଣ ନରକରେ ସେମାନଙ୍କର କୀଟ କ୍ଷୟ ପାଏ ନାହିଁ, ଆଉ ଅଗ୍ନି ନିର୍ବାପିତ ହୁଏ ନାହିଁ। ପୁଣି, ତୁମ୍ଭର ଚକ୍ଷୁ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡ଼ିପକାଅ; ଦୁଇ ଚକ୍ଷୁ ଘେନି ନରକରେ ନିକ୍ଷିପ୍ତ ହେବା ଅପେକ୍ଷା ବରଂ ଏକ ଚକ୍ଷୁ ଘେନି ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରିବା ତୁମ୍ଭ ପକ୍ଷରେ ଭଲ; **କାରଣ ନରକରେ ସେମାନଙ୍କର କୀଟ କ୍ଷୟ ପାଏ ନାହିଁ, ଆଉ ଅଗ୍ନି ନିର୍ବାପିତ ହୁଏ ନାହିଁ।**

**ଆଦେଶ:**

- ❖ ତୁମ୍ଭର ହସ୍ତ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ପକାଅ ।[୨]
- ❖ ତୁମ୍ଭର ପାଦ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା କାଟି ପକାଅ ।
- ❖ ତୁମ୍ଭର ଚକ୍ଷୁ ଯଦି ତୁମ୍ଭର ବିଘ୍ନର କାରଣ ହୁଏ, ତେବେ ତାହା ଉପାଡି ପକାଅ ।

**ଶିକ୍ଷା:**

ଯୀଶୁ ଏହି କଥା ସହିତ ଝୁଣ୍ଟିବାର କାରଣ ବିଷୟରେ ଶିକ୍ଷା ଦେବାକୁ ଆରମ୍ଭ କଲେ, ଆଉ, ଯେକେହି ବିଶ୍ୱାସ କରୁଥିବା ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ହୁଏ, ତାହା ବେକରେ ଗୋଟିଏ ବଡ଼ ଚକିପଥର ଟଙ୍ଗାଯାଇ ତାହାକୁ ସମୁଦ୍ରରେ ନିକ୍ଷେପ କରାଯାଇଥିଲେ ତାହା ପକ୍ଷରେ ଭଲ ହୋଇ ଥାଆନ୍ତା। ଯେତେବେଳେ ଲୋକେ ଏହି ଶାସ୍ତ୍ରାଂଶ ପଢନ୍ତି ଅନେକ ଭାବନ୍ତି ଯୀଶୁ ଶିଶୁମାନଙ୍କ ବିଷୟରେ କହୁଛନ୍ତି, କିନ୍ତୁ ପୁନଃପଢିବା ପରେ ବୁଝିହୁଏ ଯେ, ଏହା ପ୍ରକୃତରେ ବିଶ୍ୱାସ କରୁଥିବା କ୍ଷୁଦ୍ରମାନଙ୍କ ବିଷୟରେ କୁହାଯାଇଛି । ସଂକୀର୍ଣ୍ଣ ଭାବରେ ବୁଝିବାକୁ ଗଲେ କ୍ଷୁଦ୍ରମାନେ ଅର୍ଥାତ୍ ବିଶ୍ୱାସ କରି ଖ୍ରୀଷ୍ଟଙ୍କୁ ଅନୁସରଣ କରୁଥିବା ପିଲାମାନେ । ତଥାପି ଉପଯୁକ୍ତ ଭାବେ ବୁଝିବାକୁ ଗଲେ ସମସ୍ତ ଖ୍ରୀଷ୍ଟିୟାନମାନଙ୍କ ପାଇଁ ଅଟେ କାରଣ ସେ କେବଳ ଶିଷ୍ୟମାନଙ୍କୁ କହିଥିଲେ ଯେ ଯଦି ସେମାନେ ପିଲାମାନଙ୍କ ପରି ନ ହୁଅନ୍ତି ତେବେ ସ୍ୱର୍ଗରାଜ୍ୟରେ ପ୍ରବେଶ କରିପାରିବେ ନାହିଁ । ଏହି ଦୃଷ୍ଟିକୋଣରୁ ଶିକ୍ଷାଟି କଠିନ ଅଟେ ।

ଯୀଶୁ ଘୋଷଣା କଲେ ଯେ ଯେକେହି ବିଶ୍ୱାସୀମାନଙ୍କ ବିଘ୍ନର କାରଣ ହୁଏ ସେ ଭୟଙ୍କର ପରିଣାମ ଭୋଗିବ । ବାସ୍ତବରେ, ଯଦି ବିଶ୍ୱାସୀ ଝୁଣ୍ଟିବା କାରଣ ବା ବିଘ୍ନର କାରଣ ହେବା ପରିବର୍ତ୍ତେ ସେହିବ୍ୟକ୍ତି ମରିଗଲେ ଭଲ ହେବ । ଧର୍ମଶାସ୍ତ୍ରରୁ[୩] ଆମେ ସେହି ପ୍ରକାର ଲୋକମାନଙ୍କର ଏକ ପ୍ରକୃଷ୍ଟ ଉଦାହରଣ ଦେଖୁ ଯେଉଁମାନେ ଅନ୍ୟମାନଙ୍କର ବିଘ୍ନ ବା ଝୁଣ୍ଟିବାର କାରଣ ହୋଇଥିଲେ । ଦୁଇଜଣ ବ୍ୟକ୍ତି ଦୁଇଜଣ ବ୍ୟକ୍ତି ଷଡଯନ୍ତ୍ରରେ ସାମିଲ ଥିଲେ, ଜଣେ ଭାବବାଦୀ ବିଲିୟମ ଓ ଅନ୍ୟ ଜଣେ ମୋୟାବର ରାଜା ବାଲାକ୍ । ଇସ୍ରାଏଲର ସନ୍ତାନମାନଙ୍କୁ ଅଭିଶାପ ଦେବା ପାଇଁ ମୋୟାବର ରାଜା ବାଲାକ ଲାଞ୍ଚ ଦେଇ ନିଯୁକ୍ତି କରିଥିଲେ କିନ୍ତୁ ଈଶ୍ୱର ଏହା କରିବାକୁ ବିଲିୟମକୁ ଅନୁମତି ଦେଇନଥିଲେ । ଅର୍ଥଲାଭ ସକାଶେ ବିଲିୟମ ରାଜା ବାଲାକଙ୍କୁ କହିଥିଲେ ଯେ କିପରି ଆମେ ଈଶ୍ୱରଙ୍କୁ ପାଇବା ତାହାଙ୍କ ଲୋକମାନଙ୍କର ବିନାଶ କରିବା ପାଇଁ । ମୋୟାବର ସ୍ତ୍ରୀମାନେ ଇସ୍ରାଏଲର ପୁରୁଷମାନଙ୍କୁ ଯୌନଗତ ଅନୈତିକ କାର୍ଯ୍ୟ କରିବା ପାଇଁ ପ୍ରଲୋଭିତ କରିବେ ଏବଂ ତା'ପରେ ସେମାନେ ସେମାନଙ୍କୁ ପ୍ରତିମାପୂଜା ଆଡକୁ କଢାଇ ନେଇପାରିବେ । ପ୍ରକାଶିତ ବାକ୍ୟରେ ଥିବା ସପ୍ତମ ମଣ୍ଡଳୀ ମଧ୍ୟରୁ ପର୍ଗମ

---

[୧] **ଯିଶାଇୟ.୬୬:୨୪** – ସେମାନଙ୍କର କୀଟ ମରିବ ନାହିଁ, କିଅବା ସେମାନଙ୍କର ଅଗ୍ନି ନିର୍ବାଣ ହେବ ନାହିଁ ।

[୨] ଏହାକୁ କାଟି ଦିଅ କିମ୍ବା ଏହାକୁ କାଢି ଫୋପାଡି ଦିଅର ଅର୍ଥ ହେଉଛି ଯେକୌଣସି ବିଷୟର ମୁକ୍ତି ପାଇବା ପାଇଁ ଯାହା ତୁମକୁ ଝୁଣ୍ଟାଇଥାଏ ।

[୩] ଗଣନା.୨୨:୧-୨୫:୨

ମଣ୍ଡଳୀରେ ଏହି ସମାନ ଝୁଣ୍ଟିବାର କାରଣ ଘଟିଥିଲା । କିନ୍ତୁ ତୁମ୍ଭ ବିରୁଦ୍ଧରେ ଆମ୍ଭର କିଛି କଥା ଅଛି, ଯେଉଁ ବିଲୀୟାମ ଦେବପ୍ରସାଦ ଭୋଜନ ଓ ବେଶ୍ୟାଗମନରୂପ ଫାନ୍ଦ ଇସ୍ରାଏଲ ସନ୍ତାନମାନଙ୍କ ସମ୍ମୁଖରେ ପକାଇବାକୁ ବାଲାକକୁ ଶିକ୍ଷା ଦେଇଥିଲା, ତାହାର ମତାବଲମ୍ବୀ କେତେକ ଜଣ ତୁମ୍ଭ ମଧ୍ୟରେ ସେଠାରେ ଅଛନ୍ତି। (ପ୍ରକାଶିତ ବାକ୍ୟ.୨:୧୪)

ଯେତେବେଳେ ଆମେ ଝୁଣ୍ଟିବାର କାରଣ ବିଷୟରେ ଚିନ୍ତା କରିବାବେଳେ ଆମେ ଯୀଶୁଙ୍କ ଶିକ୍ଷା ବିଷୟରେ ଏକ ଉତ୍ତମ ବୁଝାମଣା ହାସଲ କରିବା । ପ୍ରଥମତଃ, ଜଣେ ବ୍ୟକ୍ତି ଚାଲିବା କିମ୍ବା ଦୌଡିବା ସମୟରେ ହିଁ ଝୁଣ୍ଟିଥାଏ । ଦ୍ୱିତୀୟତଃ, ଲୋକମାନେ ଝୁଣ୍ଟିଥାନ୍ତି ଯେତେବେଳେ ସେମାନେ ଠିକରେ ଦେଖିପାରନ୍ତି ନାହିଁ । ନିମ୍ନଲିଖିତ କାରଣଗୁଡିକ ଦ୍ୱାରା ଏହା ଘଟିପାରେ – ୧. ଯଦି ସେମାନେ ଅନ୍ଧ ଥାନ୍ତି, ୨. ଅନ୍ଧକାର ଥିଲେ, ୩. ସେମାନେ କେଉଁଠାକୁ ଯାଆନ୍ତି ସେଥିପ୍ରତି ଧ୍ୟାନ ନ ଦେଲେ, କିମ୍ବା ୪. ଏକ ଫାନ୍ଦ ଜାଗାରେ ପାଦ ପକାଇଲେ । ତୃତୀୟତଃ, ପ୍ରତିଟି ଝୁଣ୍ଟିବାରେ ଶରୀରର ଦିଗରେ ପରିବର୍ତ୍ତନ ସୃଷ୍ଟି କରେ । ଆସନ୍ତୁ ଆମେ ଧର୍ମଶାସ୍ତ୍ରରୁ ଦେଖିବା ଯାହା ଆମେ ଶିଖିବା ପାଇଁ ପ୍ରଯୁଜ୍ୟ ଅଟେ –

**ଚାଲିବା ଓ ଦୌଡିବା:**

- କାରଣ ଆମ୍ଭେମାନେ ଦୃଶ୍ୟ ବିଷୟ ଦେଇ ଜୀବନ ଯାପନ ନ କରି ବିଶ୍ୱାସରେ ଜୀବନ ଯାପନ କରୁଅଛୁ । **(୨ୟ କରିନ୍ଥୀୟ.୫:୭)**
- ଯେପରି ଶାରୀରିକ ଭାବାନୁସାରେ ଆଚରଣ ନ କରି ଆତ୍ମିକ ଭାବାନୁସାରେ ଆଚରଣ କରିଥାଉ ଯେ ଆମ୍ଭେମାନେ, ଆମ୍ଭମାନଙ୍କଠାରେ ବ୍ୟବସ୍ଥାର ଧର୍ମବିଧି ସଫଳ ହୁଏ। **(ରୋମୀୟ.୮:୪)**
- ଅତଏବ, ଏଡ଼େ ବୃହତ୍ ମେଘ ତୁଲ୍ୟ ସାକ୍ଷୀମାନଙ୍କ ଦ୍ୱାରା ବେଷ୍ଟିତ ହେବାରୁ ଆସ, ଆମ୍ଭେମାନେ ପ୍ରତ୍ୟେକ ଭାର ଓ ସହଜରେ ବେଷ୍ଟନକାରୀ ପାପ ପରିତ୍ୟାଗ କରି ବିଶ୍ୱାସର ନେତା ଓ ସିଦ୍ଧିଦାତା ଯୀଶୁଙ୍କୁ ଲକ୍ଷ୍ୟକରି ଧୈର୍ଯ୍ୟ ସହକାରେ ଆମ୍ଭମାନଙ୍କ ଗନ୍ତବ୍ୟ ପଥରେ ଧାବମାନ ହେଉ ..... **(ଏବ୍ରୀୟ.୧୨:୧-୨)**

**ସେମାନେ ପ୍ରତିବନ୍ଧକକୁ ଦେଖି ପାରନ୍ତି:**

- **ଅନ୍ଧ** - କିନ୍ତୁ ଯେ ଆପଣା ଭାଇକୁ ଘୃଣା କରେ, ସେ ଅନ୍ଧକାରରେ ଅଛି, ପୁଣି ଅନ୍ଧକାରରେ ଭ୍ରମଣ କରି କେଉଁ ଆଡ଼େ ଯାଉଅଛି, ତାହା ଜାଣେ ନାହିଁ, କାରଣ ଅନ୍ଧକାର ତାହାର ଚକ୍ଷୁକୁ ଅନ୍ଧ କରିଅଛି।**(୧ମ ଯୋହ.୨:୧୧)**
    - ପ୍ରକାଶିତ ବାକ୍ୟରେ ଥିବା ସପ୍ତମ ମଣ୍ଡଳୀ ମଧ୍ୟରୁ ଲାଅଦିକୀଆର ମଣ୍ଡଳୀରେ ଏହି ପ୍ରକାର ଅନ୍ଧମାନେ ଥିଲେ ।
    - ତୁମ୍ଭେ କହୁଅଛ, ମୁଁ ଧନୀ, ମୋହର ବହୁତ ସମ୍ପତ୍ତି ଅଛି, ମୋହର କୌଣସି ଅଭାବ ନାହିଁ; ମାତ୍ର ତୁମ୍ଭେ ଯେ ଦୁର୍ଭାଗା, ଦୀନହୀନ, ଦରିଦ୍ର, ଅନ୍ଧ ଓ ଉଲଙ୍ଗ, ଏହା ଜାଣ ନାହିଁ; ଏଣୁ ଆମ୍ଭେ ତୁମ୍ଭକୁ ଏହି ପରାମର୍ଶ ଦେଉଅଛୁ, ତୁମ୍ଭେ ଧନୀ ହେବା ନିମନ୍ତେ ଅଗ୍ନିରେ ପରିଷ୍କୃତ ସୁବର୍ଣ୍ଣ, ଆଉ ତୁମ୍ଭ ଉଲଙ୍ଗତାର ଲଜ୍ଜା ଯେପରି ପ୍ରକାଶିତ ନ ହୁଏ, ଏଥିପାଇଁ ପରିଧାନ କରିବା ପାଇଁ ଶୁକ୍ଳ ବସ୍ତ୍ର, ପୁଣି ଦୃଷ୍ଟି ପାଇବା ନିମନ୍ତେ ଚକ୍ଷୁରେ ଲେପନ କରିବା ପାଇଁ ଅଞ୍ଜନ ଆମ୍ଭ ନିକଟରୁ କିଣ। (ପ୍ରକାଶିତ ବାକ୍ୟ.୩:୧୭-୧୮)

- **ଅନ୍ଧାର** – ଯୀଶୁ ଉତ୍ତର ଦେଲେ, ଦିନରେ କଅଣ ବାର ଘଣ୍ଟା ନାହିଁ? କେହି ଦିନରେ ଚାଲିଲେ ଝୁଣ୍ଟେ ନାହିଁ, କାରଣ ସେ ଏହି ଜଗତର ଜ୍ୟୋତିଃ ଦେଖେ; କିନ୍ତୁ ରାତିରେ ଚାଲିଲେ ସେ ଝୁଣ୍ଟେ, କାରଣ ତାହା ଅନ୍ତରରେ ଜ୍ୟୋତିଃ ନାହିଁ। (ଯୋହନ.୧୧:-୧୦)
- କେଉଁଠାକୁ ଯାଆନ୍ତି ସେଥିପ୍ରତି ଧ୍ୟାନ ନ ଦିଅନ୍ତ - ଯୀଶୁ ପୁନର୍ବାର ଲୋକମାନଙ୍କୁ ଶିକ୍ଷା ଦେଇ କହିଲେ, ମୁଁ ଜଗତର ଜ୍ୟୋତିଃ; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବର ଜୀବନର ଜ୍ୟୋତିଃ ପାଇବ। (ଯୋହନ.୮:୧୨)

- ଏକ ଫାନ୍ଦ ଜାଗାରେ ପାଦ ପକାଇଲେ - ତୁମ୍ଭେମାନେ ତ ଉତ୍ତମ ରୂପେ ଦୌଡ଼ୁଥିଲ; କିଏ ତୁମ୍ଭମାନଙ୍କୁ ବାଧା ଦେଲା ଯେ, ସତ୍ୟର ଅବାଧ ହୋଇଅଛ? (ଗାଲାତୀୟ.୫:୭)

**ଶରୀରର ଦିଗରେ ପରିବର୍ତ୍ତନ:**

- ଖ୍ରୀଷ୍ଟଙ୍କ ଅନୁଗ୍ରହରେ ଯେ ତୁମ୍ଭମାନଙ୍କୁ ଆହ୍ୱାନ କଲେ, ତାହାଙ୍କ-ଠାରୁ ତୁମ୍ଭେମାନେ ଯେ ଏଡ଼େ ଶୀଘ୍ର ବିମୁଖ ହୋଇ ଅନ୍ୟ ସୁସମାଚାର ପ୍ରତି ଅନୁରକ୍ତ ହେଉଅଛ, ଏଥିରେ ମୁଁ ଚମତ୍କୃତ ହେଉଅଛି; **(ଗାଲାତୀୟ.୧:୬)**
- କେହି କୌଣସି ପ୍ରକାରେ ତୁମ୍ଭମାନଙ୍କର ଭ୍ରାନ୍ତି ନ ଜନ୍ମାଉ, କାରଣ ପ୍ରଥମେ ଧର୍ମଚ୍ୟୁତି ଘଟିବ, ଆଉ ବିନାଶର ସନ୍ତାନ ସେହି ଅଧର୍ମ ପୁରୁଷ ପ୍ରକାଶିତ ହେବା ଆବଶ୍ୟକ; ନ ହେଲେ ପ୍ରଭୁଙ୍କ ଦିନ ଉପସ୍ଥିତ ହେବ ନାହିଁ। **(୨ୟ ଥେସଲନିକୀୟ.୨:୩)**
- ଅତଏବ, ହେ ପ୍ରିୟମାନେ, ତୁମ୍ଭେମାନେ ପୂର୍ବରୁଏହିସବୁ ଜାଣି ସତର୍କ ହୋଇଥାଅ, କାଳେ ଦୁରାଚାରୀମାନଙ୍କ ଭ୍ରାନ୍ତିରେ ପଡ଼ି ତୁମ୍ଭେମାନେ ମଧ୍ୟ ଆପଣାମାନଙ୍କ ଦୃଢ଼ତାରୁ ସ୍ଖଳିତ ହୁଅତ, **(୨ୟ ପିତର.୩:୧୭)**

ଯୀଶୁଙ୍କ ଶିକ୍ଷାକୁ ଆକର୍ଷଣୀୟ କରୁଥିବା ବିଷୟ ମଧ୍ୟରୁ ଗୋଟିଏ ହେଉଛି ଯେ ସେ ଦୁଇଟି ଭିନ୍ନ ଦୃଷ୍ଟିକୌଣରୁ ଝୁଣ୍ଟି ପଡିବା ବିଷୟ କହିଛନ୍ତି ୧. ଜଣେ ଅନ୍ୟ ଜଣ ପ୍ରତି ଯାହା କରେ ଓ ୨. ଜଣେ ନିଜ ପାଇଁ ଯାହା କରେ । ଏକ ଆଶ୍ଚର୍ଯ୍ୟ ବିଷୟ ଯେ, ବିଶ୍ୱାସୀମାନେ ଜୀବନରେ ନିଜ ପାଇ ଓ ଅନ୍ୟମାନଙ୍କ ପାଇଁ ଝୁଣ୍ଟିବାର ଜୀବନ ଯାତ୍ରା କରନ୍ତି ।
ଯୀଶୁ ତାଙ୍କ ଶ୍ରୋତାମାନଙ୍କୁ ସତର୍କ କରାଇଲେ ଯେ, ଝୁଣ୍ଟି ପକାଇବା ଦ୍ୱାରା ଝୁଣ୍ଟି ପଡିପାର: ୧. ଯାହା ତୁମେ କର (ହାତରେ) (୨). ଯେଉଁଠାରେ ତୁମେ ଚାଲ (ପାଦ) ଏବଂ (୩). ଯାହା ତୁମେ ଦେଖ (ଚକ୍ଷୁ) ।

ଦଳଗତ ଆଲୋଚନା:

୩. ଆଉ କଣ ସବୁ କାରଣଗୁଡିକ ଦ୍ୱାରା ତୁମେ ଜଣେ ବିଶ୍ୱାସୀର ଝୁଣ୍ଟିବାର କାରଣ ହୋଇପାର ?

କ.

ଖ.

ଗ.

ଘ.

ଙ.

**ଶିକ୍ଷାର ମୂଳ ବିଷୟ:**

<u>କାହାର ବିଘ୍ନ କିଅବା ଝୁଣ୍ଟିବାର କାରଣ ହୁଅ ନାହିଁ ।</u>

**ପ୍ରୟୋଗ:**

ତୁମ ଜୀବନରେ କେଉଁ ବିଷୟ ଅନ୍ୟ ବିଶ୍ୱାସୀଙ୍କର ବିଘ୍ନ କିଅବା ଝୁଣ୍ଟିବାର ବିଷୟ ରହିଛି ତାହା ଉପରେ ଧ୍ୟାନ ଦିଅନ୍ତୁ । ସେଗୁଡିକର **ପାପ ସ୍ୱୀକାର** କରି **ଅନୁତାପ** କରନ୍ତୁ ।

## ପାଠ – ୩୨
## ଜଣେ ବିଶ୍ୱାସୀଙ୍କୁ ଭର୍ତ୍ସନା କରିବା

**ଆଇସବ୍ରେକର ଦଳ:**

- ଆଇନ ଉଲଂଘନକାରୀଙ୍କ ସହିତ ସମାଜଗୁଡ଼ିକ କିପରି ମୁକାବିଲା କରନ୍ତି ?
- ଏହି ଉପାୟରେ ଆଇନ ଉଲଂଘନକାରୀଙ୍କୁ ବ୍ୟବହାର କରିବାରେ ମୂଳ ଲକ୍ଷ୍ୟ କ'ଣ ?

**ପରିଚୟ:**

ଯେତେବେଳେ ଯୀଶୁ ଶିଷ୍ୟମାନଙ୍କୁ ଅନ୍ୟର ବା ନିଜ ପାଇଁ ଝୁଣ୍ଟି ନ ପଡିବା ବିଷୟରେ ନିର୍ଦ୍ଦେଶ ଦେଇଥିଲେ, ସେତେବେଳେ ଯୀଶୁ ଏକ ଶିଶୁଙ୍କୁ କୋଳରେ ଧରିଥିଲେ । ଆଉ ତାପରେ ହୃଦୟଙ୍ଗମ କଲେ ଯେ, ପିଲାମାନେ ଭୂଲ କରିବାକୁ ପ୍ରବୃତ୍ତ ଅଟନ୍ତି, ଯୀଶୁ ନିଜ ଶିକ୍ଷାକୁ ବିଶ୍ୱାସୀଙ୍କ ସହ କାରବାର କରିବାକୁ ସ୍ଥାନାନ୍ତର କଲେ, ଯିଏ ପାପରେ ଜଡିତ ହୋଇ ସତ୍ୟରୁ ଦୁରେଇ ରହିଲେ । ସେ ଛୋଟ ଛୋଟ ଅପରାଧ ବିଷୟରେ କହୁନଥିଲେ । ଛୋଟ ଛୋଟ ବିଷୟ ଯାହା ଆମକୁ ବିରକ୍ତ କରେ: ଜଣେ ବ୍ୟକ୍ତିର ଅଭ୍ୟାସ, ସାମାଜିକ ଦକ୍ଷତା, ଆଚରଣ କିମ୍ବା ରାଜନୀତି ।

**ଶାସ୍ତ୍ରପାଠ:**

### ମାଥିଉ.୧୮:୧୧-୨୦
### ଭ୍ରାନ୍ତ ବିଶ୍ୱାସୀମାନଙ୍କୁ ବିନଷ୍ଟ ହେବାକୁ ଦିଅ ନାହିଁ ।
### ମାଥିଉ.୧୮:୧୧-୧୫

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତାଂଶରୁ ଉଦ୍ଧୃତ"

ସାବଧାନ, ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ହିଁ ତୁଚ୍ଛଜ୍ଞାନ କର ନାହିଁ, କାରଣ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସ୍ୱର୍ଗରେ ସେମାନଙ୍କର ଦୂତମାନେ ସର୍ବଦା ମୋହର ସ୍ୱର୍ଗସ୍ଥ ପିତାଙ୍କ ମୁଖ ଦର୍ଶନ କରନ୍ତି। [କାରଣ ଯାହା ହଜିଅଛି, ତାହା ରକ୍ଷା କରିବା ନିମନ୍ତେ ମନୁଷ୍ୟପୁତ୍ର ଆସିଅଛନ୍ତି।] ତୁମ୍ଭେମାନେ କଅଣ ମନେ କର? କୌଣସି ଲୋକର ଯଦି ଶହେ ମେଣ୍ଢା ଥାଏ, ଆଉ ସେମାନଙ୍କ ମଧ୍ୟରୁ ଗୋଟିଏ ବଣା ହୋଇଯାଏ, ତେବେ କଅଣ ଅନେଶ୍ୱତକୁ ପର୍ବତରେ ଛାଡ଼ି ସେ ଯାଇ ସେହି ବଣା ହୋଇଥିବା ମେଣ୍ଢାଟି ଖୋଜେ ନାହିଁ? ଆଉ ଯଦି ସେ ତାହାକୁ ପାଏ, ତାହା ହେଲେ ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ଯେଉଁ ଅନେଶ୍ୱତଟି ବଣା ହୋଇ ନ ଥିଲେ, ସେମାନଙ୍କ ଅପେକ୍ଷା ଏହି ଗୋଟିକ ଲାଗି ସେ ଅଧିକ ଆନନ୍ଦ କରେ। ସେହି ପ୍ରକାରେ ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁଯେ ଗୋଟିଏ ବିନଷ୍ଟ ହୁଏ, ଏହା ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ଇଚ୍ଛା ନୁହେଁ। ଯଦି ତୁମ୍ଭ ଭାଇ ପାପ କରେ, ତେବେ ଯାଇ କେବଳ ତୁମ୍ଭ ଦୁଇ ଜଣଙ୍କ ମଧ୍ୟରେ ତାହାକୁ ତାହାର ଦୋଷ ଦେଖାଅ; ଯଦି ସେ ତୁମ୍ଭର କଥା ଶୁଣେ, ତେବେ ତୁମ୍ଭେ ଆପଣା ଭାଇକି ଲାଭ କଲ।

### ମାଥିଉ.୧୮:୧୬-୨୦

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତାଂଶରୁ ଉଦ୍ଧୃତ"

କିନ୍ତୁ ଯଦି ସେ ନ ଶୁଣେ, ତାହାହେଲେ ତୁମ୍ଭ ସାଙ୍ଗରେ ଆଉ ଜଣେ ବା ଦୁଇ ଜଣଙ୍କୁ ଘେନିଯାଅ, **ଯେପରି ଦୁଇ ବା ତିନି ସାକ୍ଷୀଙ୍କ ମୁଖରେ ସମସ୍ତ କଥା ସ୍ଥିର କରାଯିବ।** ଯଦି ସେ ସେମାନଙ୍କ କଥା ନ ମାନେ, ତେବେ ମଣ୍ଡଳୀକି କୁହ, ଆଉ ଯଦି ସେ ମଣ୍ଡଳୀ କଥା

ମଧ୍ଯ ନ ମାନେ, <u>ତେବେ ସେ ତୁମ୍ଭ ଦୃଷ୍ଟିରେ ବିଜାତୀୟ ଓ କରଗ୍ରାହୀ ପରି ହେଉ</u>।[୮୪] ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ପୃଥିବୀରେ ଯାହାସବୁ ବନ୍ଧ କରିବ, ସ୍ବର୍ଗରେ ସେହିସବୁ ବନ୍ଧ ରହିବ,ପୁଣି ପୃଥିବୀରେ ଯାହାସବୁ ମୁକ୍ତ କରିବ, ସ୍ବର୍ଗରେ ସେହିସବୁ ମୁକ୍ତ ରହିବ। ପୁନଶ୍ଚ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ପୃଥିବୀରେ ତୁମ୍ଭମାନଙ୍କ ମଧ୍ଯରୁ **ଦୁଇ ଜଣ ଯେକୌଣସି ବିଷୟରେ ଏକମନା ହୋଇ**[୮୫] ଯାହା କିଛି ମାଗିବେ, ତାହା ମୋହର ସ୍ବର୍ଗସ୍ଥ ପିତାଙ୍କ କର୍ତ୍ତୃକ ସେମାନଙ୍କ ପ୍ରତି ଘଟିବ। କାରଣ ଯେଉଁ ସ୍ଥାନରେ ଦୁଇ କି ତିନି ଜଣ ମୋ' ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ଯରେ ଉପସ୍ଥିତ ଅଛି।

**ଆଦେଶ:**

- ❖ ସାବଧାନ ରୁହ ଯେ ତୁମେ ଏହି ଛୋଟ ପିଲାକୁ ଘୃଣା କର ନାହିଁ ।
- ❖ ଯାଅ ପୁଣି ତାଙ୍କୁ ବ୍ୟକ୍ତିଗତ ଭାବରେ ଭର୍ତ୍ସନା କର ।
- ❖ ତୁମ ସହିତ ଦୁଇ କିମ୍ବା ତିନି ଜଣଙ୍କୁ ସାଙ୍ଗରେ ନିଅ ।
- ❖ ଏହାକୁ ମଣ୍ଡଳୀ ସାକ୍ଷାତରେ ପ୍ରକାଶ କର ।
- ❖ ସେ ତୁମ ପ୍ରତି ଏକ ଭଦ୍ର ଓ ଶୁଳ୍କ-ସଂଗ୍ରହକାରୀ ପରି ହେଉ ।

**ଶିକ୍ଷା:**

ଏହି ବାକ୍ୟ ସହ ଯୀଶୁ ଶିକ୍ଷା ଆରମ୍ଭ କରନ୍ତି, ସାବଧାନ ତୁମେ ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ହିଁ ତୁଚ୍ଛ କର ନାହିଁ ।[୮୬] କାରଣ ମୁଁ ସତ୍ୟ କହୁଅଛି ସ୍ୱର୍ଗରେ ସେମାନଙ୍କର ଦୂତମାନେ ସର୍ବଦା ମୋହର ସ୍ୱର୍ଗସ୍ଥପିତାଙ୍କ ମୁଖ ଦର୍ଶନ କରନ୍ତି ।

କାହାକୁ ଘୃଣା କରିବା ଅର୍ଥ ସେମାନଙ୍କୁ ଅବମାନନା କରିବା କିଅବା ସେମାନଙ୍କ ବିଷୟରେ କମ ଭାବିବା । ଲୋକମାନେ ଅନ୍ୟମାନଙ୍କୁ ଘୃଣା କରିବାର ଅନେକ କାରଣ ଅଛି । ଉଦାହରଣସ୍ୱରୂପ ସେମାନେ ଯଥେଷ୍ଟ ଦକ୍ଷତାପୂର୍ଣ୍ଣ ନୁହନ୍ତି, ସେମାନେ ଗରୀବ, ସେମାନେ କୌଣସି ପ୍ରକାରେ ବିଫଳ ହୋଇଛନ୍ତି କିମ୍ବା ସେମାନଙ୍କର ନୈତିକ ମାନଦଣ୍ଡ ସମାନ ନୁହେଁ । ପ୍ରତ୍ୟେକ କ୍ଷେତ୍ରରେ, ଘୃଣ୍ୟ ବ୍ୟକ୍ତି ଏକ ଗର୍ବର ଆଚରଣ କରୁଛନ୍ତି ଏବଂ ବାସ୍ତବରେ ଅନ୍ୟ ଉପରେ ବିଚାର କରନ୍ତି । ଯୀଶୁ ଏହି ବିଷୟରେ ଶିଷ୍ୟମାନଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ । ବିଚାର କରନାହିଁ ଯେପରି ତୁମର ବିଚାର ହେବ ।[୮୭] ଏବଂ ପ୍ରଥମେ ନିଜ ଆଖିରୁ କଡିକାଠ ବାହାର କର ।[୮୮]

**ଦଳୀୟ ଆଲୋଚନା:**

୧. ଏକ ଆପତ୍ତିଜନକ ବିଶ୍ୱାସୀଙ୍କ ସହିତ କାରାବା ଏହି ପ୍ରଥମ ପଦକ୍ଷେପ କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁଛନ୍ତି ?

୨. ମାଥିଉ.୧୮: ୧୧-୧୪ ଅନୁଯାୟୀ, ଜଣେ ଆପତ୍ତିଜନକ ବିଶ୍ୱାସୀଙ୍କ ସହିତ କାବାର କରିବାର ଲକ୍ଷ୍ୟ କଅଣ ?

---

[୮୪] ଏକ ବିଜାତୀ ଓ କରଗ୍ରାହୀ ବ୍ୟକ୍ତି ବିଶେଷ ଯେଉଁମାନେ ସହଭାଗୀତାରେ ଲାଭ ସହିତ ଇସ୍ରାଏଲର ମଣ୍ଡଳୀର ଅଂଶ ନୁହନ୍ତି ।

[୮୫] ଯଦି ତୁମେ ଦୁହେଁ ସହମତି ଅଟ, ଏହି ବିବୃତ୍ତି ବ୍ୟକ୍ତି ବିଶେଷଙ୍କ ସହିତ ଜଡିତ ଅଟେ, ଯାହାକି କିଛି ଅନୁମତି କିମ୍ବା ନିଷେଧ ଅଟେ ।

[୮୬] ଅପରାଧ ଉପରେ ତାଙ୍କ ଶିକ୍ଷାର ପରିପ୍ରେକ୍ଷୀରେ, ଯୀଶୁ କ୍ଷୁଦ୍ରମାନଙ୍କୁ କିମ୍ବା ଛୋଟ ପିଲାମାନଙ୍କୁ ଖ୍ରୀଷ୍ଟିୟାନ/ଶିଷ୍ୟମାନଙ୍କ ସହିତ ସମାନ କରନ୍ତି ।

[୮୭] ମାଥିଉ.୭ :୧ ।

[୮୮] ମାଥିଉ.୭ :୫ ।

**ପାଠ୍ୟକ୍ରମ ଜାରିଅଛି:**

ଦୁଇଟି ବିଷୟକୁ ସାବଧାନ କରି, ୧) ଜଣେ ସାଥୀ ବିଶ୍ୱାସୀଙ୍କୁ ଭର୍ତ୍ସନା କରିବା ପୂର୍ବରୁ ନିଜ ହୃଦୟର ବିଚାର କରିବା ଏବଂ ୨) ଆପତ୍ତିଜନକ ବିଶ୍ୱାସୀଙ୍କୁ ପୁନଃସ୍ଥାପନ କରିବାର ଲକ୍ଷ୍ୟ ଉଦ୍ଦେଶ୍ୟରେ, ଯୀଶୁ ତାପରେ ଅପରାଧୀଙ୍କ ସହିତ କାରବାର କରିବାରେ ଏକ ଚାରି-ପର୍ଯ୍ୟାୟ ପ୍ରକ୍ରିୟା ବର୍ଣ୍ଣନା କରନ୍ତି । ପ୍ରକ୍ରିୟାର ପ୍ରତ୍ୟେକ ପଦକ୍ଷେପ ପ୍ରେମର ନିୟମ ଉପରେ ଆଧାରିତ । ତଥାପି ତୁମେ ଚାହାନ୍ତି ଯେ ଲୋକମାନେ ତୁମ ସହିତ ବ୍ୟବହାର କରନ୍ତୁ ।[୮୯] ତେଣୁ ତୁମେ ସେମାନଙ୍କ ସହିତ ବ୍ୟବହାର କର । ଆଉ ଏହିପରି ପ୍ରକ୍ରିୟାର ପ୍ରତେୟକ ପଦକ୍ଷେପ ଅପରାଧୀଙ୍କୁ ଅନୁତାପ କରିବାର ସୁଯୋଗ ଦେବା ପାଇଁ ପରିକଳ୍ପନା କରାଯାଇଛି । ଅପରାଧୀଙ୍କ ପ୍ରତି ଯେଉଁଭଳି ବ୍ୟବହାର କରାଯାଏ, ତାହା ଉପରେ ନିର୍ଭର କରେ ଯେ, ସେ ନିଜ ପାପରୁ ଅନୁତାପ କରନ୍ତି କି ନାହିଁ । ଏହି ଶିକ୍ଷା ଯେଉଁମାନେ ଅନୁତାପ କରନ୍ତି ନାହିଁ ପୁଣି ପରବର୍ତ୍ତୀ ଶିକ୍ଷା ଯେଉଁମାନେ ଅନୁତାପ କରନ୍ତି, ସେମାନଙ୍କ ବିଷୟରେ ବର୍ଣ୍ଣନା କରାଯାଇଅଛି ।

ପ୍ରଥମ ସୋପାନ ସେହି ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରେ ଯିଏ ଜଣେ ବିଶ୍ୱାସୀ ପାପକୁ ଦେଖେ । ସେ ଅପରାଧୀଙ୍କ ନିକଟକୁ ଯାଇ ବ୍ୟକ୍ତିଗତ ଭାବରେ ତାଗିଦ କରୁ । ଏଥିରୁ ଆମେ ଦେଖିପାରୁ ଯେ, ଅପରାଧୀଙ୍କୁ ତାଗିଦ ବା ଭର୍ତ୍ସନା କରିବା ସର୍ବଦା ଆପତ୍ତିଜନକ ଦଳର ଦାୟିତ୍ୱ ଅଟେ । ଯଦି ସେ ଏହା ନ କରନ୍ତି ତେବେ ସେ ନିଜେ ପ୍ରେମର ନିୟମ ପାଳନ ନ କରି ଦୋଷୀ । ଅନ୍ୟ ଅର୍ଥରେ, ସେ ଅପରାଧୀଙ୍କୁ ପାପରେ ଅବ୍ୟାହତ ରଖିବାକୁ ଏବଂ ଈଶ୍ୱରଙ୍କ ଦ୍ୱାରା ଦଣ୍ଡ ଭୋଗିବାକୁ ଚାହିଁବେ ଏବଂ ତାପରେ ତାଙ୍କୁ ଭର୍ତ୍ସନା କରିବେ । ଏହା ଅନ୍ୟମାନଙ୍କ ପ୍ରତି ପ୍ରେମ ଓ ଚିନ୍ତାର ଅଭାବ ଦେଖାଏ, ଯାହା ପାପ ଦ୍ୱାରା ପ୍ରବାବିତ ।

ବ୍ୟକ୍ତିଗତ ଭାବରେ ଅପରାଧୀଙ୍କ ନିକଟକୁ ଯିବାବେଳେ ଅପମାନିତ ବ୍ୟକ୍ତି ଦର୍ଶାଉଛି ଯେ, ସେ ନିଜ ଲଜ୍ଜାକୁ ଘୋଡାଇ ଅପରାଧୀଙ୍କ ପ୍ରତି ଅଧିକ ଲଜ୍ଜାଜନକତାକୁ ରୋକିବାକୁ ଚାହୁଁଛି । ଅନ୍ୟର ଲଜ୍ଜାକୁ ଆଚ୍ଛାଦନ କରିବାର ଦୁଇଟି ପୁରାତନ ନିୟମର ଉଦାହରଣ ହେଉଛି – ୧) ଯେତେବେଳେ ଈଶ୍ୱର ଆଦମ ଓ ହବାଙ୍କୁ ପଶୁ ଚର୍ମ ପ୍ରଦାନ କରିଥିଲେ ଏବଂ ପାପ କରିବା ପରେ ସେମାନଙ୍କର ଉଲଗ୍ନତାର ଲଜ୍ଜାକୁ ଘୋଡାଇବା[୯୦] ପାଇଁ ଏବଂ ୨) ଯେତେବେଳେ ଯାଫେତ ଓ ଶେମ ତାଙ୍କର ପିତା ନୋହଙ୍କ ଉଲଗ୍ନତାକୁ ଆଚ୍ଛାଦନ କରିଥିଲେ ।[୯୧] ହିତୋପଦେଶର ଦୃଷ୍ଟିକୋଣରୁ ଜ୍ଞାନ ମଧ୍ୟ ଏହି କାର୍ଯ୍ୟକୁ ସମର୍ଥନ କରେ । *ଘୃଣା ବିବାଦ ସୃଷ୍ଟି କରେ, କିନ୍ତୁ ପ୍ରେମ ସବୁ ଅଧର୍ମ ଢାଙ୍କେ[୯୨], ଏବଂ ଅଜ୍ଞାନର ବିରକ୍ତି ହଠାତ୍ ପ୍ରକାଶ ପାଏ; ମାତ୍ର ଚତୁର ଲୋକ ଲଜ୍ଜା ଢାଙ୍କେ ।*[୯୩]

ଯଦି ଅପରାଧୀ ଅନୁତାପ ନ କରନ୍ତି, ତେବେ ଏହା ଜିଦ୍‌ଖୋର ବୋଲି ସୂଚାଇଥାଏ । ତେଣୁ ଦ୍ୱିତୀୟ ପଦକ୍ଷେପ ହେଉଛି ଅପରାଧୀଙ୍କ ସହିତ ମୁହାଁମୁହିଁ ହେବା ପାଇଁ ଆଉ ଜଣେ କିମ୍ବା ଦୁଇଜଣ ବ୍ୟକ୍ତିଙ୍କୁ ନେବା ଯାହା ଦୁଇ ବା ତିନି ସାକ୍ଷୀ ମୁଖରେ

---

[୮୯] ମାଥିଉ.୭:୧୨ ।

[୯୦] ଆଦିପୁସ୍ତକ.୩:୩ ଏବଂ ୨୨ ।

[୯୧] ଆଦିପୁସ୍ତକ.୧୦:୨୩

[୯୨] ହିତୋପଦେଶ.୧୦:୧୨

[୯୩] ହିତୋପଦେଶ.୧୨:୧୬

ପ୍ରତ୍ୟେକ ତଥ୍ୟ ନିଶ୍ଚିତ ହୋଇପାରିବ ।[୯୪] ସାକ୍ଷୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ପ୍ରଥମେ, ସେମାନଙ୍କର ନିଃସ୍ୱାର୍ଥ ବ୍ୟକ୍ତିତ୍ୱ ଯୋଗୁଁ ସେମାନେ ନିଶ୍ଚିତ କରନ୍ତି ଯେ, ଦୁଇପକ୍ଷ ମଧ୍ୟରେ କୌଣସି ଭୁଲ କଥାବାର୍ତ୍ତା କିମ୍ବା ଭୁଲ ବୁଝାମଣା ହେବ ନାହିଁ । ଦ୍ୱିତୀୟରେ ସେମାନେ ଶାନ୍ତି ଏବଂ ପୁନଃମିଳନର ରାଷ୍ଟ୍ରଦୂତ ଭାବରେ କାର୍ଯ୍ୟ କରନ୍ତି । ଆଉ ତୃତୀୟରେ ସେମାନେ ଶାସ୍ତ୍ର ସମ୍ବନ୍ଧୀୟ ଅପରାଧ ବିଷୟକ ତଥ୍ୟ ସଂଗ୍ରହ କରନ୍ତି, ଯଥା କଣ ଅପମାନିତ ଦଳ କୁହନ୍ତି ଏବଂ କଣ ଅପମାନକାରୀ କୁହନ୍ତି ।

ଯଦି ଅପରାଧୀ ଏହି ସମୟରେ ଅନୁତାପ ନ କରେ, ତେବେ ଏହା ବିଦ୍ରୋହକୁ ସୂଚିତ କରେ । ତେଣୁ ତୃତୀୟ ପଦକ୍ଷେପ ହେଉଛି ମଣ୍ଡଳୀକୁ କହିବା । ମଣ୍ଡଳୀକୁ କହିବା ପରେ ମଣ୍ଡଳୀର ପ୍ରତ୍ୟେକ ସଦସ୍ୟଙ୍କୁ ତୁରନ୍ତ ଜଣାଇବା ଆବଶ୍ୟକ ନୁହେଁ ବରଂ କେବଳ ପରିଚାଳକ ଦଳକୁ ଜଣାଇବା ଉଚିତ୍ । ସାକ୍ଷୀମାନଙ୍କ କଥା ଶୁଣିବା ପରେ ପରିଚାଳକ ଦଳ ପରେ ମଣ୍ଡଳୀର ସ୍ଥିତିକୁ ନେଇ ଏକ ଆଇନଗତ ବାଧ୍ୟତାମୂଳକ ନିଷ୍ପତ୍ତି ନିଅନ୍ତି । ସେତେବେଳେ ଯୀଶୁ ଏହି କଥା କହିଲେ, *ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ତୁମ୍ଭେମାନେ ପୃଥିବୀରେ ଯାହା କିଛି ବନ୍ଧ କରିବ, ସ୍ୱର୍ଗରେ ସେସବୁ ବନ୍ଧ ରହିବ; ପୁଣି ପୃଥିବୀରେ ଯାହା ସବୁ ମୁକ୍ତ କରିବ, ସ୍ୱର୍ଗରେ ସେସବୁ ମୁକ୍ତ ରହିବ । ପୁନଶ୍ଚ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ପୃଥିବୀରେ ତୁମ୍ଭମାନଙ୍କ ମଧ୍ୟରୁ ଦୁଇ ଜଣ ଯେ କୌଣସି ବିଷୟରେ ଏକ ମନ ହୋଇ ଯାହା କିଛି ମାଗିବେ, ତାହା ମୋହର ସ୍ୱର୍ଗସ୍ଥ ପିତାଙ୍କ କର୍ତ୍ତୃକ ସେମାନଙ୍କ ପ୍ରତି ଘଟିବ । କାରଣ ଯେଉଁସ୍ଥାନରେ ଦୁଇ କିମ୍ବା ତିନିଜଣ ମୋ ନାମରେ ଏକତ୍ର ହୁଅନ୍ତି, ସେହି ସ୍ଥାନରେ ମୁଁ ସେମାନଙ୍କ ମଧ୍ୟରେ ଉପସ୍ଥିତ ଅଛି ।*[୯୫]

ଯଦି ପରାଚାଳକ ଦଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହୁଅନ୍ତି, ତେବେ ସେମାନେ ନିଜ ଦାୟିତ୍ୱରେ କ୍ଷମା କରିବେ ଏବଂ ସେମାନେ ପ୍ରେମରେ କାର୍ଯ୍ୟ କରୁନାହାନ୍ତି । ଅନ୍ୟ ଅର୍ଥରେ, ସେମାନେ ଅପରାଧୀଙ୍କୁ ପାପରେ ଅବ୍ୟାହତ ରଖିବାକୁ ଏବଂ ଈଶ୍ୱରଙ୍କ ଦ୍ୱାରା ଦଣ୍ଡ ଭୋଗିବାକୁ ଚାହିଁବେ । ଆଉ ତାପରେ ତାଙ୍କୁ ଭର୍ତ୍ସନା କରିବେ । ଏହା ମଧ୍ୟ ମଣ୍ଡଳୀର ଅନ୍ୟମାନଙ୍କ ପ୍ରତି ପ୍ରେମ ଏବଂ ଚିନ୍ତାର ଅଭାବ ଦେଖାଏ ଯାହା ପାପ ଦ୍ୱାରା ପ୍ରଭାବିତ ହୋଇପାରେ । ପ୍ରେରିତ ପାଉଲ ଠିକ୍ ଏହି ପ୍ରସଙ୍ଗରେ କରିନ୍ଥୀୟ ମଣ୍ଡଳୀର ନେତୃତ୍ୱମାନଙ୍କୁ ଭର୍ତ୍ସନା କରିଥିଲେ ।[୯୬]

**ପରେ ପରିଚାଳକ ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କଲାପରେ ଅପରାଧୀଙ୍କର ଅନୁତାପ କରିବାର ଏକ ଶେଷ ସୁଯୋଗ ଅଛି ।[୯୭] ଯଦି ସେ ତାହା କରନ୍ତି ନାହିଁ, ତେବେ ସେ ଅନୁମାନ କିମ୍ବା ଉଚ୍ଚକୋଟୀର କାର୍ଯ୍ୟରେ ଲିପ୍ତ ଦୋଷୀ ଅଟେ । ଯୀଶ କହିଲେ ଯେ, ଯଦି ସେ ଏହି ସମୟରେ ଅନୁତାପ କରିବାରେ ବିଫଳ ହୁଏ, ତେବେ ମଣ୍ଡଳୀର ସମସ୍ତେ ତାଙ୍କୁ ଜଣେ ଅଣଯିହୁଦୀ ତଥା କରଆଦାୟକାରୀ ଭାବରେ ବ୍ୟବହାର କରିବେ । ଅନ୍ୟ ଅର୍ଥରେ, ସେ ଅନୁତାପ ନ କରିବା ପର୍ଯ୍ୟନ୍ତ ବ୍ୟକ୍ତି ବିଶେଷଙ୍କ ସହିତ କୌଣସି ସହଭାଗୀତା କରିବା ଉଚିତ ନୁହେଁ । ପ୍ରେରିତ ପାଉଲ କରିନ୍ଥୀୟମାନଙ୍କୁ ଲେଖିଥିବା ପ୍ରଥମ ପତ୍ରରେ ଏହି ମତକୁ ସମର୍ଥନ କରିଥିଲେ ।[୯୮]**

ବ୍ୟଭିଚାରୀମାନଙ୍କ ସହିତ ସମ୍ପର୍କ ନ ରଖିବା ପାଇଁ ମୁଁ ତୁମ୍ଭମାନଙ୍କୁ ମୋହର ପତ୍ରରେ ଲେଖିଥିଲି; ଏହି ଜଗତର ବ୍ୟଭିଚାରୀ କି ଧନଲୋଭୀ କି ପରଦ୍ରବ୍ୟ ଲୁଣ୍ଠନକାରୀ କି ପ୍ରତିମାପୂଜକମାନଙ୍କ ସହିତ ଯେ ଆଦୌ ସମ୍ପର୍କ ନ ରଖିବ, ତାହା ନୁହେଁ; ତାହାହେଲେ ତୁମ୍ଭମାନଙ୍କୁ ଜଗତରୁ

---

[୯୪] ଦ୍ୱିତୀୟ ବିବରଣ.୧୯:୧୫

[୯୫] ମାଥିଉ.୧୮:୧୮-୨୦।

[୯୬] ୧ମ କରିନ୍ଥୀୟ.୫:୧-୮ ।

[୯୭] ଏହା ତୃତୀୟ ସୁଯୋଗ ଥିଲା ।

[୯୮] ୧ମ କରିନ୍ଥୀୟ.୫:୯-୧୩ ।

ବାହାରିଯିବାକୁ ପଡ଼ିବ; କିନ୍ତୁ ମୋହର ଲେଖିବାର ଭାବ ଏହା ଥିଲା ଯେ, ଯଦି କୌଣସି ଲୋକ ଭ୍ରାତା ବୋଲି ଖ୍ୟାତ ହୋଇ ବ୍ୟଭିଚାରୀ କି ଧନଲୋଭୀ କି ପ୍ରତିମାପୂଜକ କି ନିନ୍ଦକ କି ମତୁଆଳ କି ପରଦ୍ରବ୍ୟ ଲୁଣ୍ଠନକାରୀ ହୁଏ, ତେବେ ଏପରି ଲୋକ ସହିତ ସମ୍ପର୍କ ରଖ ନାହିଁ, ପୁଣି ତାହା ସାଙ୍ଗରେ ଭୋଜନ ସୁଦ୍ଧା କର ନାହିଁ। କାରଣ ବାହାର ଲୋକମାନଙ୍କର ବିଚାର କରିବାରେ ମୋହର କଅଣ ଅଛି? ଭିତରେ ଯେଉଁମାନେ ଅଛନ୍ତି, ସେମାନଙ୍କର ବିଚାର କି ତୁମ୍ଭେମାନେ କର ନାହିଁ? କିନ୍ତୁ ଯେଉଁମାନେ ବାହାରେ ଅଛନ୍ତି, ସେମାନଙ୍କ ବିଚାର ଈଶ୍ୱର କରିବେ। ସେହି ଦୁଷ୍ଟ ଲୋକକୁ ତୁମ୍ଭମାନଙ୍କ ମଧ୍ୟରୁ ବାହାର କରିଦିଅ।[୯୯]

**ଦଳୀୟ ଆଲୋଚନା:**

୩. ଆପଣ କେତେ ମଣ୍ଡଳୀକୁ ଜାଣନ୍ତି, ଜଣେ ଆପତ୍ତିଜନକ ବିଶ୍ୱାସୀଙ୍କ ସହିତ ଏପରି କାରବାର କରିବାରେ ବାଇବଲ ସମ୍ବନ୍ଧୀୟ ପ୍ରକ୍ରିୟା ବ୍ୟବହାର କରନ୍ତି ?

୪. ଅଧିକାଂଶ ମଣ୍ଡଳୀଗୁଡିକ କାହିଁକି ବାଇବଲ ସମ୍ବନ୍ଧୀୟ ପ୍ରକ୍ରିୟା ବ୍ୟବହାର କରନ୍ତି ନାହିଁ ?

୫. ପ୍ରକ୍ରିୟାର କେଉଁ ଅବସ୍ଥାରେ ଦାୟିତ୍ୱର ବିଫଳତା ବାରମ୍ବାର ଘଟିଥାଏ ?

୬. କାହିଁକି ?

**ପାଠର ମୁଖ୍ୟ ଶିକ୍ଷା ବିଷୟ:**

ଭ୍ରାନ୍ତ ବିଶ୍ୱାସୀମାନଙ୍କୁ ସଠିକ୍ କରିବା ।

**ପ୍ରୟୋଗ:**

ଯେତେବେଳେ ତୁମେ ଜଣେ ଖ୍ରୀଷ୍ଟିୟାନକୁ ପାପ କରିବା ଦେଖ, ସଂଶୋଧନ ପ୍ରକ୍ରିୟାରେ ତୁମର ଦାୟିତ୍ୱକୁ ଅବହେଳା କର ନାହିଁ ।

---

[୯୯] ବିଶ୍ୱାସୀମାନଙ୍କୁ ଅପମାନିତ କରିବା ପାଇଁ ମୌଳିକ ବିଷୟ ଦ୍ୱିତୀୟ ବିବରଣ ପୁସ୍ତକର ସପ୍ତମ ଅଧ୍ୟାୟରେ ଅଧ୍ୟୟନ କରାଯାଇପାରେ । ନିର୍ଦ୍ଦିଷ୍ଟ ଭାବରେ ଦ୍ୱିତୀୟ ବିବରଣ.୧୭:୬-୭ ଏବଂ ୧୨-୧୩ ଦେଖନ୍ତୁ । ପ୍ରେରିତ ପାଉଲ ତିମଥୀଙ୍କୁ ଲେଖୁଛନ୍ତି ଯେ, ଯେଉଁମାନେ ପାପରେ ଅବ୍ୟାହତ ରହନ୍ତି, ସମସ୍ତଙ୍କ ଉପସ୍ଥିତିରେ ସେମାନଙ୍କୁ ଭର୍ତ୍ସନା କର ଯେପରି ଅନ୍ୟମାନେ ମଧ୍ୟ ପାପ କରିବାକୁ ଭୟ କରିବେ ।

## ପାଠ – ୩୩

## ଅନୁତାପ କରୁଥିବା ବିଶ୍ୱାସୀମାନଙ୍କୁ କ୍ଷମା କରିବା

**ଆଇସବ୍ରେକର ଦଳ:**

ମୁଁ ଦୁଃଖିତ ଓ ଅନୁତପ୍ତ ଦୁଇଟି ବାକ୍ୟ ମାଧ୍ୟମରେ ପାର୍ଥକ୍ୟ କ'ଣ ?

**ପରିଭାଷା:**

ଯେବେ ଯୀଶୁ ଶିଷ୍ୟମାନଙ୍କୁ ତାଗିଦ କରିବାର ପ୍ରକ୍ରିୟା କହିବା ସମାପ୍ତ କଲେ, ପିତର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସହିତ ତାହାଙ୍କ ନିକଟକୁ ଆସିଲେ, ଯାହା ପ୍ରତ୍ୟେକ ବିଶ୍ୱାସୀଙ୍କ ହୃଦୟରେ ବସିଥାଏ । ପ୍ରଭୁ କେତେଥର ମୋର ଭାଇ ମୋ ବିରୁଦ୍ଧରେ ପାପ କରିପାରେ ଏବଂ ମୁଁ ତାଙ୍କୁ କେତେଥର କ୍ଷମା କରିପାରେ । ଏହି ପାଠ୍ୟକ୍ରମରେ ଆମେ ପିତରଙ୍କ ପ୍ରଶ୍ନର ଯୀଶୁଙ୍କ ଉତ୍ତର ଏବଂ କିଛି ମାସ ପରେ ସେହି ବିଷୟ ଉପରେ ଶିଷ୍ୟମାନଙ୍କୁ ଦେଇଥିବା ନିର୍ଦ୍ଦେଶଗୁଡିକ ବିଷୟରେ ଆଲୋଚନା କରିବା ।

**ଶାସ୍ତ୍ରପାଠ:**

**ମାଥିଉ.୧୮:୨୧-୩୫, ମାର୍କ.୯:୪୯-୫୦, ଲୂକ.୧୭:୧-୧୦**

## ଅନୁତାପ କରୁଥିବା ବିଶ୍ୱାସୀମାନଙ୍କୁ କ୍ଷମା କରିବା

**ମାଥିଉ.୧୮:୨୧-୩୫, ମାର୍କ.୯:୪୯-୫୦**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତାଂଶରୁ ଉଦ୍ଧୃତ"

ସେତେବେଳେ ପିତର ତାହାଙ୍କ ପାଖକୁ ଆସି ପଚାରିଲେ, ହେ ପ୍ରଭୁ, କେତେ ଥର ମୋହର ଭାଇ ମୋ' ବିରୁଦ୍ଧରେ ପାପ କଲେ ମୁଁ କ୍ଷମା କରିବି? କି ସାତ ଥର ପର୍ଯ୍ୟନ୍ତ? ଯୀଶୁ ତାହାକୁ କହିଲେ, ତୁମ୍ଭକୁ କେବଳ ସାତ ଥର ପର୍ଯ୍ୟନ୍ତ କହୁନାହିଁ, ମାତ୍ର ସତୁରି ଗୁଣ ସାତ ଥର ପର୍ଯ୍ୟନ୍ତ। ଅତଏବ, ସ୍ୱର୍ଗରାଜ୍ୟ ଆପଣା ଦାସମାନଙ୍କ ସହିତ ହିସାବ କରିବାକୁ ଇଚ୍ଛୁକ ଜଣେ ରାଜାଙ୍କ ସଦୃଶ। ସେ ହିସାବ ଆରମ୍ଭ କରନ୍ତେ, ତିନି କୋଟି ଟଙ୍କା[୧୦୦] ଋଣ କରିଥିବା ଜଣେ ଦାସ ତାହାଙ୍କ ଛାମୁକୁ ଅଣାଗଲା। କିନ୍ତୁ ତାହାର ପରିଶୋଧ କରିବାକୁ କିଛି ନ ଥିବାରୁ ତାହାର ପ୍ରଭୁ ତାହାକୁ ଏବଂ ତାହାର ସ୍ତ୍ରୀ, ପିଲାପିଲି ଓ ସର୍ବସ୍ୱ ବିକ୍ରୟ କରି ପରିଶୋଧ ନେବାକୁ ଆଜ୍ଞା ଦେଲେ। ତେଣୁ ସେହି ଦାସ ତାଙ୍କୁ ଭୂମିଷ୍ଠ ପ୍ରଣାମ କରି କହିବାକୁ ଲାଗିଲା, ଆପଣ ମୋ' ବିଷୟରେ ଧୈର୍ଯ୍ୟ ଧରନ୍ତୁ, ମୁଁ ଆପଣଙ୍କୁ ସବୁ ପରିଶୋଧ କରିଦେବି। ସେଥିରେ ସେହି ଦାସର ପ୍ରଭୁ ସଦୟ ହୋଇ ତାହାକୁ ମୁକ୍ତ କରିଦେଲେ ଓ ତାହାର ଋଣ କ୍ଷମା କଲେ। କିନ୍ତୁ ସେହି ଦାସ ବାହାରିଯାଇ ତାହାଠାରୁ ପଚାଶ ଟଙ୍କା[୧୦୧] ଋଣ କରିଥିବା ଜଣେ ସହଦାସର ଦେଖା ପାଇ ତାହାକୁ ଧରି ତାହାର ଗଳା ଚିପି କହିବାକୁ ଲାଗିଲା, ତୁ ଯାହା ଧାରୁ, ଶୁଝିଦେ। ତେଣୁ ତାହାର ସହଦାସ ଭୂମିଷ୍ଠ ହୋଇ ତାହାକୁ ବିନତି କରି କହିବାକୁ ଲାଗିଲା, ଆପଣ ମୋ' ବିଷୟରେ ଧୈର୍ଯ୍ୟଧରନ୍ତୁ, ମୁଁ ଆପଣଙ୍କୁ ପରିଶୋଧ କରିଦେବି। ମାତ୍ର ସେ ସମ୍ମତ ହେଲା ନାହିଁ, କିନ୍ତୁ ଯାଇ ଋଣ ପରିଶୋଧ ନ କରିବା ଯାଏ ତାହାକୁ କାରାଗାରରେ ପକାଇଦେଲା। ତେଣୁ ତାହାର ସହଦାସମାନେ ଏହି ଘଟଣା ଦେଖି ଅତ୍ୟ; ଦୁଃଖିତ ହେଲେ ଓ ଯାଇ ସେମାନଙ୍କ ପ୍ରଭୁଙ୍କୁ ସମସ୍ତ ଘଟଣା ବର୍ଣ୍ଣନା କରି ଜଣାଇଲେ। ସେଥିରେ ତାହାର ପ୍ରଭୁ ତାହାକୁ ପାଖକୁ ଡକାଇ କହିଲେ, ରେ ଦୁଷ୍ଟ ଦାସ, ତୁ ମୋତେ ବିନତି କରିବାରୁ ମୁଁ ତୋର ସେହି ସମସ୍ତ ଋଣ କ୍ଷମା କଲି; ମୁଁ ଯେରୂପେ ତୋତେ ଦୟା

[୧୦୦] ଦଶ ହଜାର ତୋଡା । ପ୍ରାୟ ୪୬୧, ୫୦୦ ବର୍ଷର ମଜୁରୀ ।

[୧୦୧] ଏକ ଶହ ଦିନାରି । ପ୍ରାୟ ଏକ ବର୍ଷ ମଜୁରୀର ଏକ-ତୃତୀୟାଂଶ

କଲି, ସେରୂପେ ମଧ୍ୟ ଆପଣାର ସହଦାସକୁ ଦୟା କରିବା କି ତୋର କର୍ତ୍ତବ୍ୟ ନ ଥିଲା? ଆଉ, ତାହାର ପ୍ରଭୁ କ୍ରୁଦ୍ଧ ହୋଇ ସମସ୍ତ ଋଣ ପରିଶୋଧ ନ କରିବା ପର୍ଯ୍ୟନ୍ତ ତାହାକୁ ଯନ୍ତ୍ରଣା ଦେବା ଲୋକମାନଙ୍କ ହସ୍ତରେ ସମର୍ପଣ କଲେ। ତୁମ୍ଭେମାନେ ପ୍ରତ୍ୟେକ ଜଣ ଯଦି ଅନ୍ତର ସହ ଆପଣା ଆପଣା ଭାଇକି କ୍ଷମା ନ କର, ତାହାହେଲେ ମୋହର ସ୍ୱର୍ଗସ୍ଥ ପିତା ହିଁ ତୁମ୍ଭମାନଙ୍କ ପ୍ରତି ସେହି ପ୍ରକାର କରିବେ। ଯେଣୁ ପ୍ରତ୍ୟେକ ଜଣ ଅଗ୍ନିରେ ଲବଣାକ୍ତ ହେବ। ଲବଣ ଉତ୍ତମ, କିନ୍ତୁ ଲବଣ ଯଦି ଲବଣତ୍ୱହୀନ ହୁଏ, ତାହାହେଲେ ତାହାକୁ କାହିଁରେ ସ୍ୱାଦଯୁକ୍ତ କରିବ? ତୁମ୍ଭେମାନେ ଆପଣା ଆପଣାଠାରେ ଲବଣ ରଖ ଏବଂ ପରସ୍ପର ସହିତ ଶାନ୍ତିରେ ରୁହ।

**ଆଦେଶ:**

- ❖ ତୁମ୍ଭେମାନେ ନିଜ ନିଜଠାରେ ଲବଣ ରଖ ।
- ❖ ପରସ୍ପର ସହିତ ଶାନ୍ତିରେ ରୁହ ।

**ଦଳୀୟ ଆଲୋଚନା:**

୧. ତୁମ ବିରୁଦ୍ଧରେ ସମାନ ପାପ ପାଇ ତୁମେ ସମାନ ବ୍ୟକ୍ତିଙ୍କୁ କେତେଥର କ୍ଷମା କରିଛ ?

**ପାଠ:**

ଯେତେବେଳେ ପିତର ଯୀଶୁଙ୍କ ନିକଟକୁ ଆସି କେତେଥର କ୍ଷମା କରିବା ଉଚିତ, ସେବିଷୟରେ ତାଙ୍କ ପ୍ରଶ୍ନ ସହିତ ଦ୍ୱିତୀୟ ପ୍ରଶ୍ନ ଯୋଡିଲେ "ସାତଥର ପର୍ଯ୍ୟନ୍ତ" (କେଜେଭି) । ଏହି ଉପାୟରେ ସାତ ନମ୍ବରର ପିତରଙ୍କ ବ୍ୟବହାର କେବଳ ମନମୁଖୀ ନୁହେଁ । ହିବ୍ରୁ ଭାଷାରେ ସେ ଯାହା କହିଥିଲେ ତାହାର ଶବ୍ଦ ହେଉଛି 'ଶବା' ଏବଂ ଏପରି ଏକ ବିଷୟକୁ ବୁଝାଏ ଯାହା 'ସାତ' ହେଉଛି କିଅବା 'ସାତଗୁଣ' ହେଉଛି । ଏହା ଦ୍ୱିଗୁଣ ଅର୍ଥ ବହନ କରେ – ୧) ଶପଥ ଓ ୨) ସାତ ସଂଖ୍ୟା । ଶବା ଶବ୍ଦର ସାହିତ୍ୟିକ ଅର୍ଥ ହେଉଛି ସମ୍ପୂର୍ଣ୍ଣ ହେବା ଏବଂ ଏପରି କିଛିକୁ ବୁଝାଏ ଯାହା ପରିବର୍ତ୍ତନ କିମ୍ବା ଖଣ୍ଡନ କରାଯାଇପାରିବ ନାହିଁ । ଏହା ଏପରି ଧାରଣାକୁ ସୂଚିତ କରେ ଯେ, ଯେତେବେଳେ ଜଣେ ବ୍ୟକ୍ତି ଶପଥ କରେ, ସେତେବେଳେ ସେ ଏହାକୁ ସାତଥର ପୁନରାବୃତ୍ତି କରେ । ତେଣୁ ଯେତେବେଳେ ପିତର (ଶବା କିମ୍ବା ସାତ) ସାତଥର ଶବ୍ଦ ବ୍ୟବହାର କଲେ, ସେ ଯୀଶୁଙ୍କଠାରୁ ସ୍ପଷ୍ଟୀକରଣ ଲୋଡିଥିଲେ । ଇଂରାଜୀରେ ପିତର ହୁଏତ ଏହି ପ୍ରଶ୍ନଟିକୁ ବାକ୍ୟାଂଶ ଦେଇଥାଇ ପାରନ୍ତି, "କାହାକୁ କ୍ଷମା କରିବା ଉଚିତ", ଯିଏ କୁହନ୍ତି ଯେ ସେ ସାତଥର ଅନୁତାପ କରନ୍ତି କାରଣ ପ୍ରକୃତରେ ସେ ଏପର୍ଯ୍ୟନ୍ତ ଶପଥ କରିନାହାନ୍ତି ।

ଯୀଶୁ ପିତରଙ୍କ ଉତ୍ତରରେ ଏହିପରି ଉତ୍ତର ଦେଲେ, "ମୁଁ ତୁମକୁ ସାତଥର ପର୍ଯ୍ୟନ୍ତ କହୁନାହିଁ, କିନ୍ତୁ ସତୁରିଗୁଣର ସାତଥର ପର୍ଯ୍ୟନ୍ତ ।" ଇଂରାଜୀରେ ଆମେ ତାଙ୍କ କଥା ଏପରି ଶୁଣୁଛୁ ।[୧୦୨]

[୧୦୨] ଏଠାରେ ମୁଁ କେଜେଭି ବାଇବଲ ବ୍ୟବହାର କରିଛି, କାରଣ ଏହା ଗ୍ରୀକ ଶବ୍ଦ 'ହେଅସ' ର ଅର୍ଥକୁ ସଠିକ୍ ଭାବରେ ଉପସ୍ଥାପନ କରିଥାଏ । କେଜେଭି 'ହେଅସ' ଶବ୍ଦକୁ 'ପର୍ଯ୍ୟନ୍ତ' ଭାବରେ ଅନୁବାଦ କରେ, ଯାହା ସମୟର ଏକ ବିନ୍ଦୁକୁ ଦର୍ଶାଏ । ଅନ୍ୟାନ୍ୟ ଅନୁବାଦ 'ପର୍ଯ୍ୟନ୍ତ' ଶବ୍ଦଟି ଦୃଶ୍ୟମାନ ହୁଏ । ପାଠକ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାର ଗଣନା କରିବାର ଧାରଣା ଉପରେ ଧ୍ୟାନ ଦେଇଥାଏ, ଯେତେବେଳେ ଏକ ବିନ୍ଦୁର ଧାରଣାକୁ ଅବମାନନା କରେ । ଯେଉଁଠାରେ ସେହି ଶବ୍ଦ ମଧ୍ୟ ସେହି ଅର୍ଥକୁ ବୁଝାଇଥାଏ ।

ଜଣେ ବ୍ୟକ୍ତି ଚାରିଶହ ନବେଥର କ୍ଷମା କରିବା ଉଚିତ ଏବଂ ସଂଖ୍ୟା ଅତ୍ୟଧିକ ଥିବାରୁ ସେ ଏହାର ପଛରେ ଦୌଡି ପାରିବ ନାହିଁ .. .. ତେଣୁ ସେ କେବଳ କ୍ଷମା ଜାରି ରଖିବା ଉଚିତ । ଏହି ଚିନ୍ତାଧାରା ଠିକ ଅଛି, କିନ୍ତୁ ଯୀଶୁଙ୍କ କିଛି ରହସ୍ୟମୟ ଉତ୍ତରରେ ଏହାଠାରୁ ଅଧିକ ଗଭୀରତା ଅଛି ।

ହିବ୍ରୁ ଭାଷାରେ ଯୀଶୁ ଯାହା କହିଥିଲେ, "ମୁଁ ତୁମକୁ ସାତଥର କହୁନାହିଁ[୧୦୩], କିନ୍ତୁ ସତୁରି ସାତ ପର୍ଯ୍ୟନ୍ତ ।" ଏହା ଦାନିଏଲ.୯:୨୪ର ଭାବବାଣୀ ବିଷୟରେ ଏକ ସ୍ପଷ୍ଟ ସନ୍ଦର୍ଭ । ଅଧର୍ମକୁ ସମାପ୍ତ କରିବା, ପାପର ଅନ୍ତ ଘଟାଇବା, ଅଧର୍ମ ପାଇଁ ପ୍ରାୟଶ୍ଚିତ କରିବା, ଅନନ୍ତ ଧାର୍ମିକତା ଆଣିବା, ଦର୍ଶନ ଓ ଭବିଷ୍ୟବାଣୀକୁ ମୋହର ଲଗାଇବା ଏବଂ ସବୁଠାରୁ ପବିତ୍ର ସ୍ଥାନକୁ ଅଭିଷେକ ପାଇ ସତୁରି ସାତୋଟି ଆଦେଶ ଦିଆଯାଇଅଛି । ଏହି ପରିପ୍ରେକ୍ଷୀରେ, ଯୀଶୁ ପିତରଙ୍କୁ କହୁଛନ୍ତି ଯେ, ଦାନିଏଲଙ୍କ କଥାରେ ଉଲ୍ଲେଖ ଭବିଷ୍ୟବାଣୀ ସଫଳ ନ ହେବା ପର୍ଯ୍ୟନ୍ତ ସେ ସହକର୍ମୀମାନଙ୍କୁ କ୍ଷମା କରିବା ଜାରି ରଖିବା ଉଚିତ ।

ତାଙ୍କ ମତକୁ ଦୃଢ କରିବାକୁ, ଯୀଶୁ ଏହାକୁ ଏକ ରାଜ୍ୟ ଦୃଷ୍ଟାନ୍ତ ସହିତ ଯୋଡନ୍ତି । ଦୃଷ୍ଟାନ୍ତରେ ଜଣେ ନିର୍ଦ୍ଦିଷ୍ଟ ରାଜା (ଈଶ୍ୱର) ଜଣେ ବ୍ୟକ୍ତିଙ୍କୁ ତାଙ୍କର ଋଣ କ୍ଷମା କରନ୍ତି (ପାପ) । କିନ୍ତୁ ସେହିବ୍ୟକ୍ତି ଅନ୍ୟର ଋଣ (ପାପ) କ୍ଷମା କରେ ନାହିଁ । ଯେହେତୁ ସେ ଅନ୍ୟର କ୍ଷମାକୁ ଅଟକାଇ ଥିଲେ, ଋଣ ପରିଶୋଧ ନ ହେବା ପର୍ଯ୍ୟନ୍ତ ରାଜା (ଈଶ୍ୱର) ତାଙ୍କୁ ନିର୍ଯ୍ୟାତକ ନିକଟକୁ ପଠାନ୍ତି । ଏହି ଦୃଷ୍ଟାନ୍ତର ଉଦ୍ଦେଶ୍ୟ ହେଉଛି, ବର୍ଣ୍ଣନା କରିବା ଯେ, ଈଶ୍ୱର ଆମ୍ଭମାନଙ୍କୁ ଅନ୍ୟମାନଙ୍କୁ କ୍ଷମା କରିବାକୁ କେତେ କମ, ସମ୍ପର୍କରେ ଆମକୁ କେତେ କ୍ଷମା କରିଛନ୍ତି ।

ଏହି ବାକ୍ୟ ସହିତ ଯୀଶୁ ଦୃଷ୍ଟାନ୍ତକୁ ସମାପ୍ତ କରନ୍ତି, "କାରଣ ସମସ୍ତେ ଅଗ୍ନିରେ ଲବଣଯୁକ୍ତ ହେବ ।" ଅଗ୍ନିରେ ଲବଣଯୁକ୍ତ ଶବ୍ଦ ହେଉଛି ଈଶ୍ୱରଙ୍କ ନିକଟରେ ବଳିଦାନର ଏକ ସନ୍ଦର୍ଭ । ପୁରାତନ ନିୟମରେ ସମସ୍ତ ବଳି ଅଗ୍ନିରେ ଜଳିଯିବା ପୂର୍ବରୁ ଲୁଣ ଦିଆଯିବା ଆବଶ୍ୟକ ଥିଲା । ଲୁଣ ଉଭୟ ଈଶ୍ୱର ଏବଂ ମନୁଷ୍ୟ ପାଇ ଏକ ସ୍ମାରକ ଭାବରେ କାର୍ଯ୍ୟ କଲା ଯେ, ଦୁଇ ପକ୍ଷ ମଧ୍ୟରେ ଏକ ଚୁକ୍ତି ସଂପର୍କ[୧୦୪] ବିଦ୍ୟମାନ ଥିଲା । ତେଣୁ ଖ୍ରୀଷ୍ଟିୟାନମାନଙ୍କ ପାଇ ଏହା ସଂପୂର୍ଣ୍ଣ ଉପଯୁକ୍ତ, ଯେଉଁମାନେ ଜୀବନ୍ତ ବଳିରୂପେ ଉତ୍ସର୍ଗ[୧୦୫] କରିବେ, ସେମାନଙ୍କୁ ଅଗ୍ନିରେ ଲୁଣ ଦିଆଯିବ ।

ଅନ୍ୟର ତାଙ୍କ ପାପଗୁଡିକ କ୍ଷମା କରିବା ପ୍ରକୃତରେ ଏକ ବଳିଦାନ, ବିଶେଷତଃ ଯେବେ ଆମ ଭିତରେ ସବୁକିଛି ପ୍ରତିଶୋଧ ପାଇ ଚିତ୍କାର କରେ, ଚକ୍ଷୁର ପରିବର୍ତ୍ତେ ଚକ୍ଷୁ ଓ ଦନ୍ତର ପରିବର୍ତ୍ତେ ଦନ୍ତ । ଯୀଶୁ ଏହାକୁ ଚିହ୍ନିଲେ, ଆଉ ସେଥିପାଇଁ ସେ ଲୁଣ ଦୃଷ୍ଟନ୍ତ ବ୍ୟବହାର କଲେ । ଏହା ତାଙ୍କ ଶିଷ୍ୟମାନଙ୍କୁ ମନେ ପକାଇବା ପାଇ ଥିଲା ଯେ ସେମାନେ ଈଶ୍ୱରଙ୍କ ସହିତ ଏକ ଚୁକ୍ତି ବନ୍ଧନରେ ଅଛନ୍ତି । କାରଣ ଯେବେ ଲୋକମାନଙ୍କର ଅପରାଧ ସବୁ କ୍ଷମା କର, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥପିତା ତୁମ୍ଭମାନଙ୍କୁ ମଧ୍ୟ କ୍ଷମା କରିବେ; କିନ୍ତୁ ଯେବେ ଲୋକମାନଙ୍କୁ କ୍ଷମା ନ କର, ତେବେ ତୁମ୍ଭମାନଙ୍କ ପିତା ମଧ୍ୟ ତୁମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ ନାହିଁ ।

ଚୁକ୍ତି ବ୍ୟବହାର ସହିତ, ଲୁଣର ଦୁଇଟି ପ୍ରାଥମିକ ବ୍ୟବହାର ଅଛି:

---

[୧୦୩] ଅନେକ ଅନୁବାଦ 'ସପ୍ତମ' ଶବ୍ଦ ବଦଳରେ 'ସପ୍ତାହ' ଶବ୍ଦକୁ ବ୍ୟବହାର କରନ୍ତି । ଅନେକ ସମୟକାଳକୁ ସୂଚାଇବା ପାଇଁ ଯୀହୁଦିମାନେ 'ସାତ' ଶବ୍ଦ ବ୍ୟବହାର କରୁଥିବାରୁ ଏହା ବିଭ୍ରାନ୍ତିକର ହୋଇପାରେ । ଏହା ଏକ ସପ୍ତାହ, ସପ୍ତାହଗୁଡିକର ପର୍ବ (ପେଣ୍ଟିକଷ୍ଟ) ଏକ 'ସେମଟା' (୭ ବର୍ଷ ଅବଧି) କିମ୍ବା ଏକ ଜୟନ୍ତୀକୁ ପ୍ରତିନିଧିତ୍ୱ କରେ ।

[୧୦୪] ଗଣନାପୁସ୍ତକ.୧୮:୧୯, ଲେବି.୨:୧୩ ଏବଂ ୨ୟ ବଂଶାବଳି.୧୩:୫ ।

[୧୦୫] ରୋମୀୟ.୧୨:୧ - ଅତଏବ, ହେ ଭାଇମାନେ, ମୁଁ ତୁମ୍ଭମାନଙ୍କୁ ଈଶ୍ୱରଙ୍କ ଦୟା ହେତୁ ବିନତି କରୁଅଛି, ତୁମ୍ଭେମାନେ ଆପଣା ଆପଣା ଶରୀରକୁ ସଜୀବ, ପବିତ୍ର ଓ ଈଶ୍ୱରଙ୍କ ସୁଗ୍ରାହ୍ୟ ବଳି ରୂପେ ଉତ୍ସର୍ଗ କର, ଏହା ତ ତୁମ୍ଭମାନଙ୍କର ଯୁକ୍ତିଯୁକ୍ତ ଉପାସନା।

- ମନୋହର କିଅବା ସୁସ୍ୱାଦୁ କରିବା – ତୁମ୍ଭମାନଙ୍କ ବାକ୍ୟ ସର୍ବଦା ମନୋହର ପୁଣି ଲବଣରେ ସ୍ୱାଦଯୁକ୍ତ ହେଉ, ଯେପରି କାହାକୁ କିପରି ଉତ୍ତର ଦେବାକୁ ହେବ, ତାହା ଜାଣିପାର । (କଲସୀୟ.୪:୬)
- ସୁରକ୍ଷା କିଅବା ନଷ୍ଟ ହେବାରୁ ରକ୍ଷା କରିବା – ହେ ମୋହର ଭାଇମାନେ, ତୁମ୍ଭମାନଙ୍କ ମଧ୍ୟରୁ ଯଦି କେହି ସତ୍ୟପଥର ଭ୍ରାନ୍ତ ହୁଏ, ପୁଣି କେହି ତାହାକୁ ଫେରାଇ ଆଣେ, ତେବେ ଯେ ପାପୀଙ୍କୁ ଭ୍ରାନ୍ତି ପଥରୁ ଫେରାଇ ଆଣେ, ସେ ଯେ ତାହାର ଆତ୍ମାକୁ ମୃତ୍ୟୁରୁ ରକ୍ଷା କରେ ଓ ବହୁତ ପାପ ଆଚ୍ଛାଦନ କରେ ଏହା ଜାଣ । (ଯାକୁବ.୫:୧୯-୨୦)

ଯେତେବେଳେ ଯୀଶୁ ଶିଷ୍ୟମାନଙ୍କୁ ନିଜଠାରେ ଲବଣ ରଖିବାକୁ ଏବଂ ପରସ୍ପର ସହିତ ଶାନ୍ତିରେ ରହିବାକୁ ଆଦେଶ ଦେଲେ, ସେ ଅତି ଆବଶ୍ୟକ ମନେ କରି କହିଲେ, ଉଭୟ ମଧ୍ୟରେ ଏକ ଭଲ ସଂପର୍କ ସ୍ଥାପନ କଲାବେଳେ ତାଙ୍କ ଜୀବନକୁ ବଂଚାଇବାର ଚିନ୍ତାଧାରା ସହିତ ଆପତ୍ତିଜନକ ଦଳ ସହିତ କଥା ହୁଅ ।

**ଶାସ୍ତ୍ରପାଠ:**

**ଲୂକ.୧୭:୧-୧୦**

"ପ୍ରଭୁଙ୍କଠାରୁ ଏକ ବାର୍ତ୍ତା: ମୋହର ଅନୁଗମନ କର" ଶାସ୍ତାଂଶରୁ ଉଦ୍ଧୃତ"

ସେ ଆପଣା ଶିଷ୍ୟମାନଙ୍କୁ କହିଲେ, ବିଘ୍ନ ଯେ ନ ଘଟିବ, ଏହା ଅସମ୍ଭବ, କିନ୍ତୁ ଯାହା ଦ୍ୱାରା ତାହା ଘଟିବ, ହାୟ, ସେ ଦଣ୍ଡର ପାତ୍ର; ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକର ବିଘ୍ନର କାରଣ ହେବା ଅପେକ୍ଷା ବରଂ ତାହା ବେକରେ ଗୋଟିଏ ଚକିପଥର ଟଙ୍ଗାଯାଇ ତାହାକୁ ସମୁଦ୍ରରେ ନିକ୍ଷେପ କରାଯାଇଥିଲେ ତାହା ପକ୍ଷରେ ଭଲ ହୋଇଥାଆନ୍ତା। ତୁମ୍ଭେମାନେ ଆପଣା ଆପଣା ବିଷୟରେ ସାବଧାନ ହୋଇଥାଅ। ଯଦି ତୁମ୍ଭ ଭାଇ ପାପ କରେ, ତେବେ ତାହାକୁ ଅନୁଯୋଗ କର; ଆଉ, ସେ ଯଦି ମନ ପରିବର୍ତ୍ତନ କରେ, ତେବେ ତାହାକୁ କ୍ଷମା ଦିଅ। ପୁଣି, ଯଦି ସେ ଦିନ ଭିତରେ ସାତ ଥର ତୁମ୍ଭ ବିରୁଦ୍ଧରେ ପାପ କରେ ଓ ସାତ ଥର ତୁମ୍ଭ ନିକଟକୁ ଫେରିଆସି ମୁଁ ମନ ପରିବର୍ତ୍ତନ କରୁଅଛି ବୋଲି କହେ, ତେବେ ତାହାକୁ କ୍ଷମା କର। ସେଥିରେ ପ୍ରେରିତମାନେ ପ୍ରଭୁଙ୍କୁ କହିଲେ, ଆମ୍ଭମାନଙ୍କର ବିଶ୍ୱାସ ବଢ଼ାଇ ଦିଅନ୍ତୁ । ପ୍ରଭୁ କହିଲେ, ଯଦି ଗୋଟିଏ ସୋରିଷଦାନା ପରି ତୁମ୍ଭମାନଙ୍କର ବିଶ୍ୱାସ ଥାଏ, ତାହାହେଲେ ଏହି ତୁତକୋଳି ଗଛକୁ ତୁ ସମୂଳେ ଉପୁଡ଼ାଯାଇ ସମୁଦ୍ରରେ ରୋପିତ ହ ବୋଲି କହିଲେ ତାହା ତୁମ୍ଭମାନଙ୍କର ଆଜ୍ଞା ମାନିବ। କିନ୍ତୁ ତୁମ୍ଭମାନଙ୍କ ମଧ୍ୟରେ ଏପରି ଲୋକ କିଏ ଅଛି, ଯାହାର ଦାସ ହଳ ବୁଲାଇ କିମ୍ବା ପଶୁ ଚରାଇ କ୍ଷେତରୁ ଆସିଲେ ସେ ତାହାକୁ କହିବ, ଏହିକ୍ଷଣି ଆସି ଖାଇ ବସ୍? ସେ କଅଣ ବରଞ୍ଚ ତାହାକୁ କହିବ ନାହିଁ, ମୋର ଖାଇବାର ଠିକ୍ କର୍, ପୁଣି ମୁଁ ଖିଆପିଆ ଶେଷ ନ କରିବା ପର୍ଯ୍ୟନ୍ତ ଅଣ୍ଟା ବାନ୍ଧି ମୋର ସେବା କର୍, ତାହା ପରେ ତୁ ଖିଆପିଆ କରିବୁ? ଦାସ ଆଜ୍ଞାନୁସାରେ କର୍ମ କରିବାରୁ ସେ କଅଣ ତାହାକୁ ଧନ୍ୟବାଦ ଦିଏ? ସେହି ପ୍ରକାରେ ତୁମ୍ଭେମାନେ ମଧ୍ୟ ଆଜ୍ଞାନୁସାରେ ସମସ୍ତ କର୍ମ କଲା ଉତ୍ତାରେ କୁହ, ଆମ୍ଭେମାନେ ଅକର୍ମଣ୍ୟ ଦାସ , ଯାହା କର୍ତ୍ତବ୍ୟ, କେବଳ ତାହା କରିଅଛୁ।

**ଆଦେଶ:**

- ❖ ତୁମ୍ଭେମାନେ ଆପଣା ବିଷୟରେ ସାବଧାନ ହୋଇଥାଅ ।
- ❖ ଅନୁଯୋଗ କର ।
- ❖ ତାହାକୁ କ୍ଷମା କର ।

❖ କହ ।

**ପାଠ ଜାରି ଅଛି:**

କିଛି ସମୟ ପରେ, ଯୀଶୁ ନିଜ ଶିଷ୍ୟମାନଙ୍କ ସହିତ ପୁନର୍ବାର ଏକ ଭୁଲ ବିଶ୍ୱାସୀମାନଙ୍କୁ କ୍ଷମା କରିବା ଆବଶ୍ୟକତା ବିଷୟରେ କହିଥଲେ । ଏଥର ସେ "ଆପଣା ବିଷୟରେ ସାବଧାନ" ଶବ୍ଦ ସହିତ ତାଙ୍କର ଉପଦେଶ ଆରମ୍ଭ କଲେ । କ୍ଷମା ବିଷୟରେ ଏକ ଶିକ୍ଷା ଆରମ୍ଭ କରିବା ପାଇଁ ସେମାନେ ଅଦ୍ଭୁତ ଶବ୍ଦ ପରି ଦେଖାଯାଆନ୍ତି । ତଥାପି ଏହି ବାକ୍ୟାଂଶ ଅତ୍ୟନ୍ତ ଶକ୍ତିଶାଳୀ ଏବଂ ନିମ୍ନଲିଖିତ ମଧ୍ୟରୁ ଯେକୌଣସି ଅର୍ଥକୁ ବ୍ୟାଖ୍ୟା କରାଯାଇପାରେ; ୧) ସତର୍କ ରୁହ, ୨) ଜାଗ୍ରତ ରୁହ, ୩) ଧ୍ୟାନ ଦିଅ, ୪) ସଜାଗ ରୁହ, ୫) ବୋକ ହୁଅ ନାହିଁ, ୭) ନିଜକୁ ଆକ୍ରମଣ କରିବାକୁ ଦିଅ ନାହିଁ ।

ବାକ୍ୟାଂଶ ଏବଂ ବାଖ୍ୟାଗୁଡିକ ଏକ ପ୍ରତିରକ୍ଷା ସ୍ଥିତିକୁ ସୂଚିତ କରେ । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବାକୁ ଅନୁରୋଧ କରନ୍ତି । କଣ ବିରୁଦ୍ଧରେ ରକ୍ଷା କର ? ଉତ୍ତର ଦୁଇଯୋଡା ଅଟେ । ପ୍ରଥମଟି ହେଉଛି ନିଜକୁ ପ୍ରଥମେ ପାପରୁ ରକ୍ଷା କରିବା .. .. ସର୍ପ ପରି ଜ୍ଞାନୀ । ଏବଂ ଦ୍ୱିତୀୟଟି ହେଉଛି, ନିଜ ହୃଦୟକୁ କଠିନ ନ କରିବା ଯେପରି ଜଣେ ବିଶ୍ୱାସୀଙ୍କୁ କ୍ଷମା ନ କରୁ , ଯିଏ ପାପ କରେ । କିନ୍ତୁ ପରେ ସର୍ପ .. .. କପୋତ ପରି ନିର୍ଦ୍ଦୋଷ ।[୧୦୬]

ଉପଦେଶ, "ଆପଣା ବିଷୟରେ ସାବଧାନ ହୋଇଥାଅ" ଉଭୟ ପ୍ରତିଫଳିତ ଏବଂ ଶିକ୍ଷଣୀୟ ହେବା ପାଇଁ ଉଦ୍ଦିଷ୍ଟ । ଜଣେ ସାଥୀ ସହବିଶ୍ୱାସୀଙ୍କ ଦ୍ୱାରା ପାପ ହେବା ପରେ ଘଟଣାଗୁଡିକ କିପରି ଘଟିଲା ସେ ବିଷୟରେ ଚିନ୍ତା ବା ଅନୁସନ୍ଧାନ କରିବା ଉଚିତ । ଅନ୍ୟ ଅର୍ଥରେ ମୁଁ ନିଜକୁ ଏହି ଅବସ୍ଥାରେ କିପରି ପାଇଲି ? ଭବିଷ୍ୟଦରେ ପାପ ନ ହେବା ପାଇଁ ସେ ଆବଶ୍ୟକ କରିଥିବା ପଦକ୍ଷେପଗୁଡ଼ିକ ଆବିଷ୍କାର କରିବାକୁ ସମୟ ନେବା ଉଚିତ I ଅନେକ ଥର ଖ୍ରୀଷ୍ଟିଆନମାନେ ଆପଣାକୁ ବାରମ୍ବାର ସମାନ ପାପ ଅବସ୍ଥାରେ ରଖନ୍ତି I କେତେକ ଏହାକୁ ପାଗଳ ଆଚରଣ ବୋଲି ବର୍ଣ୍ଣନା କରିବେ I[୧୦୭]

**ଦଳୀୟ ଆଲୋଚନା:**

**୧.** ଏହି ପୁରାତନ ଉପଦେଶର ଅର୍ଥ କଣ ? ମୋତେ ଥରେ ବୋକା କର ତୁମ ପାଇଁ ଲଜ୍ଜା ।ମୋତେ ଦୁଇଥର ବୋକା କର, ମୋ ପାଇଁ ଲଜ୍ଜା ।
**୨.** ଅନ୍ୟ ଜଣ ବିଶ୍ୱାସୀଙ୍କ ପାପ ଦ୍ୱାରା ଜଣେ ବିଶ୍ୱାସୀ ଆଘାତ ପାଇବାର ଗୋଟିଏ ଉପାୟର ନାମ ଦିଅ ।
**୩.** ଅପମାନିତ ବିଶ୍ୱାସୀ କଣ କଲେ ଯେ, ଯାହା ନିଜକୁ ପାପ କରିବାକୁ ଅନୁମତି ଦେଲା ?
**୪.** ଭବିଷ୍ୟତରେ ପାପରୁ ଅନ୍ତର ହେବା ପାଇଁ ସେ କିଛି ପଦକ୍ଷେପ ନେଇସାରିଛନ୍ତି କି ?

**ପାଠ ଜାରିଅଛ**

ଦ୍ରୁତଗତିରେ, ଯୀଶୁ ଅନ୍ୟ ଜଣେ ବିଶ୍ୱାସୀ ଯେତେବେଳେ ତାଙ୍କ ବିରୁଦ୍ଧରେ ପାପ କରନ୍ତି, ସେହି ପଦକ୍ଷେପଗୁଡିକୁ ତାଲିକା ଭୁକ୍ତ କରେ । ତାଙ୍କୁ ଅନୁଯୋଗ କର, ଏବଂ ଯଦି ସେ ଅନୁତାପ କରନ୍ତି, ତାଙ୍କୁ କ୍ଷମା କର । ପାପ କରିଥିବା ବିଶ୍ୱାସୀ ବିରୁଧରେ ପ୍ରଥମେ ଭର୍ତ୍ସନା କରିବା ସର୍ବଦା ବିରକ୍ତ ବିଶ୍ୱାସୀଙ୍କ ଦାୟିତ୍ୱ ଅଟେ । ବିଶ୍ୱାସୀଙ୍କୁ ଅପରାଧୀଙ୍କୁ କ୍ଷମା କରିବା ମଧ୍ୟ ସର୍ବଦା ଦାୟିତ୍ୱ ଅଟେ, ଯଦି ସେ ଅନୁତାପ କରନ୍ତି ବୋଲି କହନ୍ତି

---

[୧୦୬] ମାଥିଉ.୧୦:୧୬ ।

[୧୦୭] ପାଗଳ ବ୍ୟକ୍ତିଙ୍କ ଏକ ଲୋକପ୍ରିୟ ସଂଜ୍ଞା ହେଉଛି ଯିଏ ଏକ ଭିନ୍ନ ଫଳାଫଳକୁ ବାରମ୍ବାର ଆଶା କରି ସମାନ କାର୍ଯ୍ୟ ଜାରି ରଖିଥାଏ । ଅନ୍ୟ ଶବ୍ଦରେ ତୁମେ ଜଳିଯିବାକୁ ଅନୁଭବ କରିବା ପାଇଁ ତୁମକୁ କେତେଥର ଆପଣା ହାତ ନିଆରେ ରଖିବାକୁ ପଡିବ ।

ଶିଷ୍ୟମାନେ ପ୍ରଥମରେ ବୁଝିଥିଲେ ଯେତେବେଳେ ସେ କହିଲେ "ତୁମ୍ଭମାନଙ୍କୁ ସତୁରୀ ଗୁଣ ସାତ ଥର କ୍ଷମା ଦେବାକୁ ହେବ" ଏହା କହିବାରୁ । କାଳେ ଶିଷ୍ୟମାନେ କେତେଥର କ୍ଷମା କରିବେ ବୋଲି ତାଙ୍କ ଯୁବ ବକ୍ତବ୍ୟକୁ ଭୁଲ ନ ବୁଝନ୍ତି, ଯୀଶୁ ତାଙ୍କ କଥାକୁ ଦୃଢ କରନ୍ତି । କେବଳ ୪୯୦ ଥର ନୁହେଁ ଯେପରି କିଛି ଲୋକ ଭାବନ୍ତି, ଯଦି ସେ ତୁମ୍ଭ ବିରୁଦ୍ଧରେ ନିଜକୁ ସାତଥର ପାପ କରି ମୁଁ ଅନୁତାପ କରେବୋଲି ସାତଥର ତୁମ ପାଖକୁ ଫେରି ଆସେ, ତେବେ ତାଙ୍କୁ କ୍ଷମା କର । ଶିଷ୍ୟମାନେ ଏହି ଆଦେଶରେ ବିସ୍ମିତ ହେଲେ । ଏକ ସତୁରୀ ବର୍ଷ ମଧ୍ୟରେ ଏହା ସମୁଦାୟ ୧୭୮୮୫୦ ଥର ହେବ ।

କିନ୍ତୁ ଯୀଶୁ ଆଦେଶକୁ ଅଯୁକ୍ତିକ ଭାବରେ ରଖନ୍ତି ନାହିଁ । ତାଙ୍କ ପାଇଁ ଏହା ନୁହେଁ ଯେ, ଜଣେ ବିଶ୍ୱାସୀ କେତେଥର କ୍ଷମା କରନ୍ତି ତାହା କେବଳ ତାଙ୍କ ଶିଷ୍ୟମାନେ ଜାଣିବା ଉଚିତ । ସେମାନଙ୍କ ସ୍ୱର୍ଗସ୍ଥପିତା ଯେପରି ଦୟାଳୁ ସେପରି ଶିଷ୍ୟମାନେ ମଧ୍ୟ ଦୟାଳୁ ହେବା ଆବଶ୍ୟକ । ଏହି ଧାରଣାକୁ ସମର୍ଥନ କରିବା ପାଇଁ ସେ ଏହି ବିବୃତ୍ତି ସହିତ ଶୀକ୍ଷାଦାନ ସମାପ୍ତ କରନ୍ତି । ଅତଏବ ତୁମ୍ଭେମାନେ ମଧ୍ୟ, ଯେତେବେଳେ ତୁମ୍ଭମାନଙ୍କୁ ଆଦେଶ କରାଯାଇଥିବା ସମସ୍ତ କାର୍ଯ୍ୟ କର, କୁହ । ଆମ୍ଭେମାନେ ଅଯୋଗ୍ୟ ଦାସ ଅଟୁ ଯାହା କରିବାକୁ ଥିଲା ତାହା ହିଁ କରିଛୁ ।[୧୦୮]

**ପାଠର ମୂଳ ଶିକ୍ଷା:**

<u>କ୍ଷମା ଦେବାକୁ ପ୍ରସ୍ତୁତ ହୁଅ ।</u>

**ପ୍ରୟୋଗ:**

ଯଦି ଆପଣଙ୍କ ବିରୁଦ୍ଧରେ କେହିଁ ପାପ କରନ୍ତି ତେବେ ଏହା କିପରି ଘଟିଲା ଏବଂ ଭବିଷ୍ୟତରେ ଆପଣ ପୁନର୍ବାର ଅନୁଭୂତିରୁ ରକ୍ଷା ପାଇବା ପାଇଁ କେଉଁ ପଦକ୍ଷେପ ଗ୍ରହଣ କରିବେ, ସେ ବିଷୟରେ ଚିନ୍ତା କରିବାକୁ ସମୟ ନିଅ ।

---

[୧୦୮] ଅନୁତାପ ଦିଗର ପରିବର୍ତ୍ତନକୁ ସୂଚିତ କରେ । ତେଣୁ ଯେତେବେଳେ ଜଣେ ବ୍ୟକ୍ତି କହେ ଯେ, ସେ ଅନୁତାପ କରନ୍ତି, ଏହାର ଅର୍ଥ ହେଉଛି ଯେ ସେ କାର୍ଯ୍ୟ କିମ୍ବା ପଦକ୍ଷେପରେ ପରିବର୍ତ୍ତନ କରିବେ, ଯାହା ତାକୁ ପାପ ଆଡକୁ ଆଣିଛି ।

ପାଠ ୩୪

ଆନନ୍ଦ କରିବାର କାରଣ !

ଆଇସବ୍ରେକର ଦଳ:

କିଛି ଜିନିଷର ନାମ ଦିଅ ଯାହା ତୁମକୁ ବହୁତ ଆନନ୍ଦ ଦେଇଥାଏ ।

ପରିମେୟ: ଯୀଶୁ ଅପରାଧ ସମ୍ବନ୍ଧରେ ତାଙ୍କର ଉପଦେଶ ସମାପ୍ତ କରିବା ପରେ, ଯିରୁଶାଲମର ତମ୍ବୁ ପର୍ବରେ ଯୋଗ ଦେଲେ ଯେଉଁଠାରେ ସେ ବ୍ୟଭିଚାରରେ ଧାରାପଡିଥିବା ଜେନ ମହିଳାଙ୍କୁ କ୍ଷମା କରିଦେଲେ । ଏହି ଭୋଜିରେ ସେ ଜଗତର ଜ୍ୟୋତି ଆପଣାକୁ ଘୋଷଣା କଲେ, ଏବଂ ଜଣେ ଅନ୍ଧ ହୋଇ ଜନ୍ମ ହୋଇଥିବା ବ୍ୟକ୍ତିଙ୍କୁ ସୁସ୍ଥ କାଲେ ଏବଂ ପରେ ନିଜକୁ ଉତ୍ତମ ମେଷପାଳକ ଘୋଷଣା କରି ସମାପ୍ତ କାଲେ । ଅଳ୍ପ ସମୟ ପରେ ସେ ସତୁରୀ ଜଣ ଶିଷ୍ୟ, ଯେଉଠାକୁ ଯାଉଥିଲେ ସେହି ସହର ଓ ମହାନଗରଗୁଡିକରେ ସୁସମାଚାର ପ୍ରଚାର କରିବାକୁ ପଠାଇଲେ । ସେ ସେମାନଙ୍କୁ ଦେଇଥିବା ଜିନିଷ ଗୁଡିକ ୨୧-୨୪ ପାଠ୍ୟରେ ମିଳିପାରିବ ।

ଶାସ୍ତ୍ର ପାଠ:

ଲୁକ ୧୦:୧୭-୨୦; ମାଥିଉ ୧୧:୨୫-୩୦

ଆନନ୍ଦ କରିବାର କାରଣ

ଲୁକ ୧୦:୧୭-୨୦

*" ଏଥିଉତ୍ତାରେ ସେହି ସତୁରୀ ଜଣ ଫେରି ଆସି ଆନନ୍ଦରେ କହିଲେ ପ୍ରଭୁ, ଭୂତମାନେ ସୁଧା ଆପଣଙ୍କ ନାମରେ ଆମ୍ଭମାନଙ୍କ ବଶୀଭୂତ ଅଟନ୍ତି । କିନ୍ତୁ ଯୀଶୁ ସେମାନଙ୍କୁ କହିଲେ, ବିଜୁଳି ପରି ସ୍ୱର୍ଗରୁ ଶୟତାନକୁ ପଡିବା ମୁଁ ଦେଖୁଥିଲେ । ଦେଖ ମୁଁ ତୁମ୍ଭମାନଙ୍କୁ ସାପ ଓ ବିଛା ଉପରେ ଚାଲିବାକୁ କ୍ଷମତା ଦେଇଅଛି, ଆଉ କିଛିହେଲେ ତୁମ୍ଭମାନଙ୍କର କ୍ଷତି କରିବା ନାହିଁ । ତଥାପି ଆତ୍ମାମାନେ ଯେ ତୁମ୍ଭମାନଙ୍କ ବଶୀଭୂତ ଅଟନ୍ତି, ସେଥିରେ ଆନନ୍ଦ କର ନାହିଁ, କିନ୍ତୁ ତୁମ୍ଭମାନଙ୍କ ନାମ ଯେ ସ୍ୱର୍ଗରେ ଲେଖା ଅଛି, ଏଥିରେ ଆନନ୍ଦ କର ।"*[109]

ମୋର ଅନୁଗମନ କର ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦୃତ ଶାସ୍ତ୍ରାଂଶ

ମୋ ନିକଟକୁ ଆସ ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ମାଥିଉ ୧୧:୨୪-୩୦; ଲୁକ ୧୦:୨୧-୨୪

ମୋର ଅନୁଗମନ କର ବାର୍ତ୍ତାରୁ ଉଦୃତ ଶାସ୍ତ୍ର

ମାଥିଉ ୧୧:୨୫-୩୦

---

[୧୦୯] ସେ ପବିତ୍ର ଆତ୍ମାରେ ବହୁତ ଆନନ୍ଦିତ ହେଲେ । ସମ୍ଭବତ ଯୀଶୁ ପାଟି କରି ଆନନ୍ଦରେ ଉପରକୁ ଡେଇଁପଡୁଥିଲେ ।

ସେ ପବିତ୍ର ଆତ୍ମାରେ ପୂର୍ଣ୍ଣ ହୋଇ ଆନନ୍ଦ କାଲେ[110], *"ସେହି ସମୟରେ ଯୀଶୁ ଉତ୍ତର ଦେଲେ, ପିତଃ, ସ୍ୱର୍ଗ ଓ ପୃଥିବୀର ପ୍ରଭୁ, ତୁମ୍ଭେ ଜ୍ଞାନୀ ଓ ବୁଦ୍ଧିମାନ ଲୋକମାନଙ୍କଠାରୁ ସେହି ସମସ୍ତ ବିଷୟ ଗୁପ୍ତ ରଖି ଶିଶୁମାନଙ୍କ ନିକଟରେ ପ୍ରକାଶ କଲ, ଏନିମନ୍ତେ ତୁମ୍ଭ ସ୍ତୁରିବାଦ କରୁଛି ; ହଁ, ପିତଃ, କାରଣ ଏହା ତୁମ୍ଭ ଦୃଷ୍ଟିରେ ସନ୍ତୋଷର ବିଷୟ ହେଲା । ମୋ ପିତାଙ୍କ କର୍ତ୍ତୃକ ସମସ୍ତ ବିଷୟ ମୋ ବିଷୟ ମୋଠାରେ ସମର୍ପିତ ହୋଇଅଛି, ଆଉ ପୁତ୍ରଙ୍କୁ କେହିଁ ଜାଣେ ନାହିଁ କେବଳ ପିତା ଜାଣନ୍ତି, ପୁଣି ପିତାଙ୍କୁ କେହିଁ ଜାଣେ ନାହିଁ କେବଳ ପୁତ୍ର ଜାଣନ୍ତି ଆଉ ପୁତ୍ର ଯାହା ପାଖରେ ତାହାଙ୍କୁ ପ୍ରକାଶ କରିବାକୁ ଇଚ୍ଛା କରନ୍ତି, ସେ ଜାଣନ୍ତି ।  ହେ ପରିଶ୍ରାନ୍ତ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।  ମୋହର ଜୁଆଳି ଆପଣା ଆପଣା ଉପରେ ଘେନ[111], ପୁଣି ମୋ ନିକଟରୁ ଶିଖ,[112] କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ; ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର ଉଶ୍ୱାସ ।"*

କୁହ, ଉତ୍ତମ ପଥ କାହିଁ? ଓ ତହିଁରେ ଗମନ କର, ତେବେ ତୁମ୍ଭେମାନେ ଆପଣା ଆପଣା ପ୍ରାଣରେ ବିଶ୍ରାମ ପାଇବା ।

ଆଜ୍ଞା /ଆଦେଶ

- ଦେଖା ମୁଁ ତୁମ୍ଭକୁ ସର୍ପ ଓ ବିଛା ଉପରେ, ଏବଂ ଶତ୍ରୁର ସମସ୍ତ ଶକ୍ତି ଉପରେ ପାଦ ଦେବାର ଅଧିକାର ଦେଇଛି, ଏବଂ କୌଣସି ବିଷୟ ତୁମ୍ଭକୁ ଆଘାତ କରିବା ନାହିନ ।
- ତଥାପି ଆତ୍ମାମାନେ ତୁମ୍ଭର ଅଧୀନ ଅଟନ୍ତି ବୋଲି ଏଥିରେ ତୁମ୍ଭେମାନେ ଆନନ୍ଦ କରନାହିଁ ।
- କିନ୍ତୁ ଆନନ୍ଦ କର ଯେ, ତୁମ୍ଭର ନାମ ସ୍ୱର୍ଗରେ ଲିପିବଦ୍ଧ ହୋଇଛି ।
- ମୋ ନିକଟକୁ ଆସ ।
- ମୋ ଜୁଆଳି ଆପଣା କାନ୍ଧରେ ଘେନ ।
- ମୋ ପାଖରୁ ଶିଖ ।

ପାଠ:

ଯେତେବେଳେ ୭୦ ଜଣ ବାହାରକୁ ଗଲେ, ସେମାନେ ନିଶ୍ଚିତ ହୋଇଥିଲେ ଯେ କଣ ଘଟିବ କିମ୍ବା କେଉଁ ଫଳାଫଳ ସେମାନେ ହାସଲ କରିବେ । ସେମାନେ କେବଳ ଯୀଶୁଙ୍କ ଆଦେଶ ମାନିଲେ, ସେମାନଙ୍କର ସୁସମାଚାର ପ୍ରଚାରରୁ ଫେରିବା ପରେ ସେମାନେ ଅତ୍ୟଧିକ ଆନନ୍ଦିତ ହୋଇ ଯୀଶୁଙ୍କୁ ଜଣାଇଲେ ଯେ ଭୂତମାନେ ମଧ୍ୟ ତାଙ୍କ ନାମରେ ଅଧୀନ ହୋଇଥିଲେ ।  ଏହାର ଉତ୍ତରରେ ଯୀଶୁ ସେମାନଙ୍କୁ ସ୍ମରଣ କରାଇଲେ ଯେ, ଶତ୍ରୁର ସମସ୍ତ ଶକ୍ତି ଉପରେ ଅଧିକାର ଦେଇଛନ୍ତି ।

ଏହି ଅଧିକାର ଯୀଶୁଙ୍କ ସମସ୍ତ ଶିଷ୍ୟଙ୍କୁ ପ୍ରଦାନ କରାଯାଇଛି, କାରଣ ସୁସମାଚାର ପ୍ରଚାର କରିବାରେ ସେମାନେ ଆଧ୍ୟାତ୍ମିକ ଶକ୍ତିକୁ ସିଧାସଳଖ ବିରୋଧ କରି ସେଠାରେ ପ୍ରେମରେ ସତ୍ୟ କହୁଅଛନ୍ତି । ବାସ୍ତବରେ ଯେତେବେଳେ ପାଣ୍ଡିଆସ ପାଇଲୋତ

---

[୧୧୦] ମୋର ଜୁଆଳି ଆପଣା ଉପରେ ବହନ କର । ମୋତେ ବିଶ୍ୱାସ କର ଏବଂ ତୁମ୍ଭକୁ ନିର୍ଦ୍ଦେଶ କରିବା ନିମନ୍ତେ ମୋତେ ସୁଯୋଗ ଦିଅ ।

[୧୧୧] ମୋଠାରୁ ଶିକ୍ଷା ଯାହା ଉତ୍ତମ ଓ ଈଶ୍ୱରଙ୍କ ସନ୍ତୋଷ ପାତ୍ର ତାହା ତୁମ୍ଭକୁ ଦେଖାଇବି ।

[୧୧୨] ତୁମ୍ଭେମାନେ ଆପଣା ଆପଣା ଆତମାରେ ବିଶ୍ରାମ ପାଇବ ସଦାପ୍ରଭୁ ଏହି କଥା କହନ୍ତି, ତୁମ୍ଭେମାନେ ପଥମାନର ମଧ୍ୟରେ ଠିଆ ହୋଇ ଦେଖ ଆଉ ପୁରାତନର ପଥମାନର ବିଷୟ ପଚାରି

ଦ୍ୱାରା ସମୁଖୀନ ହୋଇ କହିଥିଲେ ଯେ, ସତ୍ୟକୁ ସାକ୍ଷାଦେବା ଉଦେଶ୍ୟ, ଯାହାପାଇଁ ସେ ପୃଥିବୀକୁ ଆସିଥିଲେ, "ଆପଣ ସତ କହୁଅଛନ୍ତି ମୁଁ ଜଣେ ରାଜା, ମୁଁ ଯେପରି ସତ୍ୟ ପକ୍ଷେ ସାକ୍ଷ ଦିଏ, ଏଥିନିମନ୍ତେ ମୁଁ ଜନ୍ମ ହୋଇଅଛି ଓ ଜଗତକୁ ଆସିଅଛି । ଯେ କେହିନ ସତ୍ୟର ସନ୍ତାନ ସେ ମୋର କଥା ଶୁଣେ, (ଯୋହନ ୧୮:୩୭) ଏବଂ ପ୍ରେରିତ ଯୋହନ ଏପରି ଲେଖନ୍ତି ଶୟତାନର କାର୍ଯ୍ୟ ବିନାଶ କରିବା ଉଦେଶ୍ୟରେ ହିଁନ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ (୧ଯୋହନ ୩:୯) ।

୭୦ ଜଣଙ୍କୁ ପଠାଇବା ପୂର୍ବାରୁ ତୁମ୍ଭ ପୁର୍ବରେ ଯୀଶୁ ଶୟତାନର କାର୍ଯ୍ୟଗୁଡିକୁ ବର୍ଣ୍ଣନା କରିଥିଲେ ଏବଂ ଏହାକୁ ନିଜ କାର୍ଯ୍ୟ ସହ ଭିନ୍ନ କାଲେ, ଚୋରା କେବଳ ଚୋରୀ ବୋଧ, ବିନାଶ କରିବାକୁ ଆସେ ସେମାନେ ଯେପରି ଜୀବନ ପାନ୍ତି ଓ ବହୁଳ ରୂପେ ପାନ୍ତି ସେଥିନିମନ୍ତେ ମୁଁ ଆସି ଅଛି (ଯୋହନ ୧୦:୧୦) । ଶତ୍ରୁର ଶକ୍ତି କେବଳ ଧୋକା ଅଟେ, ଯାହା ପାପ ଆଣି ଫଳରେ ମୃତ୍ୟୁ ହୁଏ ଏବଂ ଖ୍ରୀଷ୍ଟଙ୍କ ଶକ୍ତି ହେଉଛି ପ୍ରେମରେ କୁହାଯାଇଥିବା ସତ୍ୟ ଅଟେ, ଯାହା ଜୀବନରେ ଆଜ୍ଞା ପାଳନ କରେ ।

ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଏବଂ ସେମାନେ ମାନବ ଜାତି ଉପରେ କିପରି ପ୍ରଭାବ ପକାନ୍ତି ତାହା ବର୍ଣ୍ଣନା କରିବାକୁ ସାଙ୍କେତିକ ପ୍ରାଣୀମାନଙ୍କୁ ବ୍ୟବହାର କରୁଥିଲେ । ସେଗୁଡିକ ହେଲା ସର୍ପଏବଂ ବିଛା । ସଦାପ୍ରଭୁ ପରମେଶ୍ୱରଙ୍କ ନିର୍ମିତ ଭୂଚର ପଶୁମାନଙ୍କ ମଧ୍ୟରେ ସର୍ପ ସର୍ବାପେକ୍ଷା ଖଳ ଥିଲା । (ଆଦି ୩:୧ ) ସେଥିରେ ସର୍ବ ଜଗତର ପ୍ରବଞ୍ଚକ, ଦିଆବଳ ଓ ଶୟତାନ ନାମରେ ଖ୍ୟାତ ଯେ ପ୍ରକାଣ୍ଡ ସର୍ପ, ସେ ପୁରାତନ ନାଗ ସେ ଆପଣା ଦୂତମାନଙ୍କ ସହିତ ପୃଥିବୀରେ ନିକ୍ଷିପ୍ତ ହେଲା (ପ୍ରକାଶିତ ୧୨:୨) । ବିଛା ପାପ ଏବଂ ମୃତ୍ୟୁକୁ ସୂଚିତ କରେ । ରେ ମୃତ୍ୟୁ କାହିଁ ତୋର ଜୟ ? ରେ ମୃତ୍ୟୁ କାହିଁ ତୋର ନାହୁଡ ? ମୃତ୍ୟୁର ନାହୁଡ ପାପ ଆଉ ପାପର ବଳ ବ୍ୟବସ୍ଥା, କିନ୍ତୁ ଯେଉଁ ଈଶ୍ୱର ଆମ୍ଭମାନଙ୍କ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆମ୍ଭମାନଙ୍କୁ ଜୟା ପ୍ରଦାନ କରନ୍ତି, ତାହାଙ୍କର ଧନ୍ୟବାଦ ହେଉ (୧କରନ୍ତିୟ ୧୫:୫୫-୫୭ ) ।

ଯଦିଓ ୭୦ ଜଣ ଶିଷ୍ୟ ସେମାନଙ୍କୁ ଦିଆଯାଇଥିବା ଅଧିକାରରେ ଆନନ୍ଦ କରିବା ଉପଯୁକ୍ତ ମାନେ ହେଉଥିଲା ଏହା ପରିବର୍ତ୍ତେ ସେମାନେ ଆନନ୍ଦିତ ହେବେ ଯେ ସେମାନଙ୍କ ନାମ ସ୍ୱର୍ଗରେ ଲେଖା ହୋଇଛି । ଏହା ତାଙ୍କ ଶିଷ୍ୟମାନଙ୍କୁ କିଛି ଆନନ୍ଦ ଦେଇଥାନ୍ତା ଯୀହୁଦି ଶିକ୍ଷା ଅନୁଯାଇ କେବଳ ପ୍ରକୃତ ଧାର୍ମିକମାନେ ନିଜେ ପୁସ୍ତକରେ ଲେଖାଯାଇଛନ୍ତି । ଆମେ ହୁଏତ ସେମାନଙ୍କୁ ସାଧୁ କିମ୍ବା ଯେଉଁମାନେ ଲୋଜିତ ହେବାକୁ ନ ଥିଲେ ସେମାନଙ୍କ ବିଷୟରେ ଭାବି ପାରିବା ଯୀହୁଦିମାନେ ମଧ୍ୟ ବିଶ୍ୱାସ କରନ୍ତି ଯେ ଅଧିକାଂଶ ଲୋକ ଅନୁତାପ ପୁସ୍ତକରେ ଲେଖାଯାଇଛନ୍ତି ଏବଂ ସେମାନଙ୍କର ଭାଗ୍ୟ ଏପର୍ଯ୍ୟନ୍ତ ମୁଦ୍ରାଙ୍କିତ ହୋଇନାହିଁ, ଯେତେବେଳେ ପ୍ରକୃତ ଅନୁତାପକାରୀ ଦୁଷ୍ଟ ଲୋକମାନେ ମୃତ ଲୋକମାନଙ୍କର ପୁସ୍ତକରେ ଲେଖାଯାଇଛନ୍ତି । ଯୀଶୁଙ୍କ କଥାରେ ସେମାନନଙ୍କର ପୂର୍ବରୁହିଁ ଲେଖାଯାଇ ଅଛି ଶୁଣିବା ବାସ୍ତବରେ ଆନନ୍ଦର ସମ୍ବାଦ ହୋଇପାରିଥାନ୍ତା । ତାପରେ ଆନନ୍ଦ ମଧ୍ୟରେ ଯୀଶୁ ଆଦେଶ ଦେଲେ "ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଥିବା ଲୋକମାନେ ମୋ ନିକଟକୁ ଆସ । ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋର କାର୍ଯ୍ୟ ଭାର ତୁମ୍ଭେ ଗ୍ରହଣ କର । ମୋଠାରୁ ସିଖ, କାରଣ ମୁଁ ଆତ୍ମାରେ ସରଳ ଓ ନମ୍ର ତେଣୁ ତୁମ୍ଭେ ନିଜ ଆତ୍ମାରେ ବିଶ୍ରାମ ପାଇବା । ଯେଉଁ କାର୍ଯ୍ୟ ମୁଁ ତୁମ୍ଭକୁ ଗ୍ରହଣ କରିବାକୁ କହୁଛି ତାହା ସହଜ ଏବଂ ଯେଉଁ ବୋଝ ତୁମ୍ଭ ଉପରେ ରଖୁଛି ତାହା ହାଲୁକା" ।

ତାଙ୍କର ଆବେଦନ ମନୁଷ୍ୟର ପ୍ରତ୍ୟେକ ଅଙ୍ଗରେ ପହଞ୍ଚେ: ପ୍ରାଣ ଓ ଶରୀର ଏବଂ ତମ୍ବୁର ପର୍ବରେ ସେ ଯାହା କହିଥିଲେ ତାହା ଏକ ପ୍ରତ୍ୟକ୍ଷ ଚିହ୍ନ ଅଟେ । ସେମାନେ ଯେପରି ଜୀବନ ପାଇପାରିବେ ତାହା ମଧ୍ୟ ପ୍ରଚୁର ପରିମାଣରେ, ସେଥିପାଇଁ ମୁଁ ଆସିଲି ।

ଲୋକମାନଙ୍କ ବହନ କରୁଥିବା ଭାର ଭିନ୍ନ ହୋଇପାରେ । କେତେକ ଜୀବନର ଶାରୀରିକ ଭାର ସହିତ ସଂଘର୍ଷ କରନ୍ତି । ଅନେକ ପାପ ଓ ମୃତ୍ୟୁର ଆଧାତ୍ମିକ ଭାର ସହିତ ସଂଘର୍ଷ କରନ୍ତି । ଯୀଶୁ ଶାସ୍ତ୍ରୀ ଓ ଫରୁଷିମାନଙ୍କ ସହିତ କଥା ବାର୍ତ୍ତା କଲାବେଳେ ମଧ୍ୟ ଏହି ଶେଷ ଭାରକୁ ଉପସ୍ଥାପନ କାଳେ । "ହାୟ ବ୍ୟବସ୍ଥା ଶାସ୍ତ୍ରଜ୍ଞ ଯେ ତୁମ୍ଭେମାନେ ତୁମ୍ଭେମାନେ ସୁଧା ଦଣ୍ଡର ପାତ୍ର, କାରଣ ତୁମ୍ଭେମାନେ ମନୁଷ୍ୟମାନଙ୍କ ଭାପରେ ଭାର ଲାଦୁଥାଅ ଏବଂ ନିଜେ ଗୋଟିଏ ଅଙ୍ଗୁଳି ଦେଇ ତାହା ସ୍ୱର୍ଷ କରୁନ ଥାଅ (ଲୁକ ୧୧:୪୬) । ପ୍ରେରିତ ପିତର ମଧ୍ୟ ଉକ୍ତ ବିଷୟକୁ ୫୦ ଖ୍ରୀଷ୍ଟାବ୍ଦରେ ଯିରୁଷାଲମରେ ଉପସ୍ଥାପନ କରିଥିଲେ ଶେ କାହିଲେ "ଏଣୁ ଯେଉଁ ଜୁଆଳି ଆମ୍ଭମାନଙ୍କ ଆମ୍ଭମାନଙ୍କ ପିତୃପୁରୁଷ ଓ ଆମ୍ଭେମାନେ ବହିବାକୁ ଅକ୍ଷମ ହେଲୁ, ସେହି ଜୁଆଳି ଶିଷ୍ୟମାନଙ୍କ କନ୍ଧରେ ଦେଇ କାହିଁକି ଆପଣମାନେ ଈଶ୍ୱରଙ୍କୁ ପରୀକ୍ଷା କରୁଅଛନ୍ତି ? (ପ୍ରେରିତ ୧୫:୧୦) ବୋଝ କଣ ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏହାକୁ ବହନ କରିଥିବା ଲୋକମାନେ ସମସ୍ତେ ସମାନ ବିଷୟ ଖୋଜନ୍ତି । ଯେଉଁମାନେ ଯୀଶୁଙ୍କ ନିକଟକୁ ଆସନ୍ତି, ଶେ ବିଶ୍ରାମ ଏକ ଅଂଶ ଭାର ଏବଂ ହାଲୁକା ଭାର ପ୍ରଦାନ କରନ୍ତି । ଶେ ଯାହା କହିଛନ୍ତି ତାହା ଉପରେ ଧ୍ୟାନ ଦେବା ।

ଅଧିକାଂଶଲୋକ ଯେଉଁମାନେ ଭାରି ବୋଝ ବହନ କରି କ୍ଳାନ୍ତ ହୁଅନ୍ତି ସେମାନେ ବିଶ୍ରାମ କରିବାର ସୁଯୋଗ ଖୋଜନ୍ତି । ସେମାନେ ସେମାନଙ୍କ ଭାରକୁ ସ୍ଥାପନ କରିବାକୁ ବସିବାକୁ କିମ୍ବା କିଛି ସମୟ ଶୋଇବାକୁ ଏବଂ ସତେଜ ହେବାକୁ ଚାହାନ୍ତି । ଯୀଶୁ କାହିଲେ "ହେ ପରିଶ୍ରାନ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି", ଏହାର ଅବଶିଷ୍ଟ ଅଂଶ ଯିଶାୟ ଭବିଷ୍ୟଦ ବକ୍ତା କାହିଲେ "ମାତ୍ର ଶେ ବିଦେଶୀୟ ଉଷ୍ଟଧର ଓ ପରଭାଷା ଦ୍ୱାରା ଏହି ଲୋକମାନଙ୍କୁ କଥା କହିବେ; ସେ ସେମାନଙ୍କୁ କହିଲେ, ଏହି ବିଶ୍ରାମ ତୁମ୍ଭେମାନେ କ୍ଳାନ୍ତ ଲୋକମାନଙ୍କୁ ବିଶ୍ରାମ ଦିଅ; ପୁଣି ଏହିତ ଆରାମ; ମାତ୍ର ସେମାନେ ଶୁଣିବାକୁ ସମତା ହେଲେ ନାହିଁ (ଯିଶାୟ ୨୮:୧୧-୧୨) । ପ୍ରେରିତ ପୁସ୍ତକ ଏହା ନିଜସ୍ୱ ମନ୍ତବ୍ୟ ଯୋଗ କରେ । ଅତଏବ ଯେପରି ଆପଣମାନଙ୍କର ପାପ ମୋଚନ ହୋଇପାରେ, ଏଥିନିମନ୍ତେ ମନ ପରିବର୍ତ୍ତନ କରି ଫେରି ଆସନ୍ତୁ । ତାହାହେଲେ ପ୍ରଭୁଙ୍କ ଛାମୁରୁ ସାନ୍ତ୍ୱନାର ସମୟ ଉପସ୍ଥିତ ହେବ (ପ୍ରେରିତ ୩:୧୯) ।

ଯୀଶୁ ଲୋକମାନଙ୍କୁ ବିଶ୍ରାମ ଦାନ କରୁନାହାନ୍ତି । ତାଙ୍କରି ଅବଶିଷ୍ଟ ଯାତ୍ରାରେ ଆପଣା ବୋଝ ବୋହିବା ନିମନ୍ତେ ସାହାଯ୍ୟ ମାତ୍ର କରନ୍ତି । ମୋର ଜୁଆଳି ଆପଣା ଉପରେ ଉଠାଅ ଏବଂ ମୋଠାରୁ ଶିଖ । କାରଣ ଆନ୍ତରିକତାରେ ମୁଁ ନମ୍ର ଓ ସରଳ ଏବଂ ତୁମ୍ଭେମାନେ ଆପଣା ଆତମାରେ ବିଶ୍ରାମ ପାଇବ । ମୋ ଜୁଆଳି ଆପଣା ଉପରେ ଘେନା କହିବାରେ ଯୀଶୁ ନିସଜା ଶ୍ରୋତାମାନଙ୍କୁ ଏକ ଲକ୍ଷ ପୂରଣ କରିବା ପାଇଁ ଏକତ୍ର କାର୍ଯ୍ୟ କରୁଥିବା ପଶୁମାନଙ୍କର ଏକ ସାଧାରଣ ଚିତ୍ର ପ୍ରଦାନ କରନ୍ତି, ଏବଂ ସେ କହୁଛନ୍ତିଯେ ସେ ଯେପରି ପଶୁମାନଙ୍କ ମଧ୍ୟରୁ ଜଣେ ଯେତେବେଳେ ଏକ ଛୋଟ ପଶୁକୁ ପ୍ରଥମେ ଜୁଆଳି ତଳେ ରଖାଯାଏ, ସେତେବେଳେ ସେ ଏକ ପୁରାତନ ପଶୁ ସହିତ ଯୋଡି ହୋଇ ଯାନ୍ତି, ଯାହା ପୂର୍ବରୁ କାର୍ଯ୍ୟରେ ଅଭ୍ୟସ୍ତ ଥାଏ । ପୁରାତନ ପଶୁ ବାସ୍ତବରେ ସାନ ପଶୁକୁ ଦକ୍ଷତାର ସହିତ ଏବଂ ଅନ୍ୟମାନଙ୍କ ସହିତ କାର୍ଯ୍ୟ କରିବାକୁ ଶିକ୍ଷା ଦିଏ । ସେ ହୃଦୟରେ ସରଳ ଓ ନମ୍ର କରିବା ଦ୍ୱାରା, ଯୀଶୁ ତାଙ୍କର ପ୍ରକୃତି ବିଷୟରେ ଦର୍ଶାନ୍ତି ଏବଂ ତାଙ୍କ ସହିତ ଯୋଡି ହୋଇଥିବା ଲୋକମାନଙ୍କୁ ସେ କିପରି ବ୍ୟବହାର କରିବେ ତାହା ଅନ୍ୟମାନଙ୍କୁ କୁହନ୍ତି । ଏହି ଧାରଣା ଯୋହନ ୬:୫୪ ରେ ସୁଚିତା କରାଯାଇଛି । ଭାବବାଣୀରେ ଏହା ଲେଖା ଅଛି ସମସ୍ତେ ସଦାପ୍ରଭୁଙ୍କ ଦ୍ୱାରା ଶିକ୍ଷିତ ହେବେ[113] । ପ୍ରତ୍ୟେକ ଯେଉଁମାନେ ପିତାଙ୍କ ଠାରୁ ଶୁଣିଲେ ଓ ଶିଖିଅଛନ୍ତି ମୋ ନିକଟକୁ ଆସନ୍ତି ।

[୧୧୩] ଯିଶାୟ ୫୪:୧୩

ଯୀଶୁ ଲୋକମାନଙ୍କୁ କେବଳ ବିଶ୍ରାମ ଏବଂ ସେମାନଙ୍କର ଭାର ବାଣ୍ଟିବାକୁ ଇଚ୍ଛା କରନ୍ତି ନାହିଁ, କିନ୍ତୁ ସେ ପ୍ରତିଜ୍ଞା କରିଛନ୍ତି ଯେ ସେମାନଙ୍କର ଭାର ହାଲୁକା ମଧ୍ୟ ରହିବ । କାରଣ ମୋର ଜୁଆଳି ଅତି ସହଜ ଓ ମୋର ଭାର ହାଲୁକା ଅଟେ । ଯୀଶୁଙ୍କ ବାକ୍ୟ ଶୁଣିବା ଦ୍ୱାରା ଆମେ ସ୍ମରଣରେ ଆଣିବା ଦରକାର, କିନ୍ତୁ ଭାର ଟାଣିବା ନିମନ୍ତେ ପଶୁମାନେ ଜୁଆଳିରେ ହଳଯାନ୍ତି । ଯୀଶୁଙ୍କ ଦୃଷ୍ଟାନ୍ତରେ ଏହା ଏକ ଶଗଡ ଅଟେ । କାହିଁକି, କାରଣ ଶଗଡ ଗୋଟେ ବହନ କରିବାକୁ ପ୍ରସ୍ତୁତ ହୋଇଛି ।

ଏହାକୁ ଦୃଷ୍ଟିପାତ କରିବାକୁ ଚେଷ୍ଟା କର ତୁମ ପିଠିରେ କାଥର ଏକ ଦେୟ ଭାର ନେଉଛ । ବିଶ୍ରାମ ଓ ଜଳ ପାନ କରି ତୁମେ କେତେଦୂର ଯାଇପାରିବ? ତାପରେ କଳ୍ପନା କରାଜେ ତୁମକୁ କେହିଁ ଜଣେ ଆସନ୍ତି ଏବଂ ତୃଣ କାଠକୁ ବାକି ରାସ୍ତାରେ ବହନ କରିବାରେ ସାହାଯ୍ୟ କରିବାକୁ ପ୍ରସ୍ତାବ ଦିଅନ୍ତି । ଆପଣ କଣ ଭଲ ଅନୁଭବ କରୁଛ? ବର୍ତ୍ତମାନ ଯେ ତୁମକୁ କୁହନ୍ତି ଏହାକୁ କେବଳ ମୋର ଛୋଟ ଶଗଡ଼ରେ ରଖିବା ଏବଂ ଆମେ ଏହାକୁ ଏକାଠି ଟାଣିବା । ଏହା ତୁମକୁ କିପରି ଅନୁଭବ କରେ ? ଆଚ୍ଛା ତୁମକୁ ଶଗଡ଼ ଟାଣିବାରେ ସାହାଯ୍ୟ କରିବା ବ୍ୟକ୍ତି ହେଉଛନ୍ତି ଈଶ୍ୱର । ଏହା ଖୁସିର କାରଣ ହୋଇଥାଏକି ? ଏହା ହେଉଛି ସେହି ସାଦାରଣ ଯାହା ଭବିଷ୍ୟଦ ବକ୍ତା ଯିଶୟ ଲୋକମାନଙ୍କ ନିକଟକୁ ପହଞ୍ଚାଉଥିଲେ । ତୁମେ ଜାଣ ନାହିଁ କି ? ତୁମେ ଶୁଣିନାହିଁ କି? ପୃଥିବୀର ପ୍ରାନ୍ତ ସକାଳର ସୃଷ୍ଟିକର୍ତ୍ତା ଅନାଦି ଅନନ୍ତ ପରମେଶ୍ୱର ସଦାପ୍ରଭୁ କ୍ଳାନ୍ତ ହୁଅନ୍ତି ନାହିଁ କି ଶ୍ରାନ୍ତ ହୁଅନ୍ତି ନାହିଁ ତାହାଙ୍କର ବୃଦ୍ଧି ବୋଦର ଅଗମ୍ୟ । ସେ କ୍ଳାନ୍ତ ଲୋକଙ୍କୁ ଶକ୍ତି ଦିଅନ୍ତି ଓ ବଳହୀନ ଲୋକଙ୍କର ବଳ ବଢାଇ ଦିଅନ୍ତି । ତରୁଣମାନେ ହିଁ କ୍ଳାନ୍ତ ଶ୍ରାନ୍ତ ହେବେ, ପୁଣି ଯୁବକମାନେ ନିତାନ୍ତ ପଡିଯିବେ; ମାତ୍ର ଯେଉଁମାନେ ସଦାପ୍ରଭୁଙ୍କୁ ଅପେକ୍ଷା କରନ୍ତି ସେମାନେ ଉଠିବେ, ସେମାନେ ଶ୍ରାନ୍ତ ନ ହୋଇ ଦୌଡିବେ ସେମାନେ କ୍ଳାନ୍ତ ନ ହୋଇ ଗମନ କରିବେ ।

ଦଳୀୟ ଆଲୋଚନା:

୧. ଆପଣ ନିଜେ କେଉଁ ଭାର ବହନ କରିଛନ୍ତି?

୨. ତୁମେ ବିଶ୍ୱାସ ଦ୍ୱାରା ପ୍ରଭୁଙ୍କୁ ତୁମ ଭାରରେ ସାହାଯ୍ୟ କରିବାକୁ ସହଯୋଗ ଦେଇ ପାରିବ କି?

୩. ଯଦି ପାରିବ, ତାହା ତୁମେ କିପରି ଦେଖାଯିବାର ସାହାଯ୍ୟ କରେ?

୪. ନିମ୍ନୋଲିଖିତ ବିବୃତ୍ତି ଆପଣମାନଙ୍କ କଣ ବିଝାଏ ପରସ୍ପରର ଭାର ବହନ କର ଏବଂ ଏହିପରି ଖ୍ରୀଷ୍ଟଙ୍କ ନିୟମ ପୂରଣ କର ।

ଶିକ୍ଷାର ମୁଖ୍ୟ କିନ୍ତୁ:

ସ୍ୱର୍ଗରେ ଥିବା ଆମ ପିତା ଆମକୁ ଅନେକ ଜିନିଷ ଦେଇଛନ୍ତି ଯାହାକୁ ନେଇ ଆମେ ଆନନ୍ଦିତ ହୋଇପାରିବା ।

ପ୍ରୟୋଗ:

ଯେତେବେଳେ ସାର ଅତ୍ୟଧିକ ହୋଇଯାଏ ତୁମକୁ ସାହାଯ୍ୟ କରିବା ନିମନ୍ତେ ପ୍ରଭୁଙ୍କୁ ଓ ଈଶ୍ୱରଙ୍କ ସନ୍ତାନମାନଙ୍କୁ ଦୃଷ୍ଟିପାତ କର ।

ପାଠ ୩୫

# ବିଶ୍ୱାସ ସହିତ ପ୍ରାର୍ଥନା

ଆଇସ ବ୍ରେକର ଦଳ:

କିଛି ବିଷୟର ନାମ ନିଅ, ଯାହା ପାଇଁ ତୁମେ ଖେଳିଛ ତାହା ପୂରଣ ହୋଇଥିଲା?

ପରିଚୟ :

ଯୀଶୁ ସତୁରୀ ଜଣ ଶିଷ୍ୟ ପଠାଇଥିବା ନକାର ଓ ଗ୍ରାମଗୁଡିକୁ ପରିଦର୍ଶନ କରିବାକୁ ଲାଗିଲେ । ନଭେମ୍ବରରେ ସେ ବେଥନିଆରେ ପହଞ୍ଚି ମାର୍ଥା, ମରିୟମ ଓ ଲାଜାରଙ୍କ ଘରେ ଡାକିଲେଲେ । ସେଠାରେ ଗେଥସେମନିର ବଗିଚାକୁ ଅଳ୍ପ ଦୂରରେ ଥିଲା [114], ଯେଉଁଠାରେ ସେ ପ୍ରାର୍ଥନା କରିବାକୁ ପସନ୍ଦ କାଲେ । କିଛି ସମୟ ପରେ ଶିଷ୍ୟମାନେ କିପରି ପ୍ରାର୍ଥନା ଶିଖିବାକୁ ତାଙ୍କ ନିକଟକୁ ଆସିଲେ ଯୀଶୁ ସେମାନଙ୍କୁ ବାଧ କାଲେ ଏବଂ ଯାହାକୁ ଆମେ ବର୍ତ୍ତମାନ ପ୍ରଭୁଙ୍କ ପ୍ରାର୍ଥନା ବୋଲି କହିଥାଉ, ଯାହା ସେ ଅଢେଇ ବର୍ଷ ପୂର୍ବେ ପର୍ବତରେ ଉପଦେଶ ଦେବା ସମୟରେ ଶିଖାଇଥିଲେ ।

ଶାସ୍ତ୍ର ପାଠ:

ବିଶ୍ୱାସ ସହିତ ପ୍ରାର୍ଥନା

ଲୂକ ୧୧:୧-୪

ମୋର ଅନୁଗମନ କର । ଈଶ୍ୱରଙ୍କ ଏକ ବାର୍ତ୍ତାରୁ ଉଦ୍ଧୃତ ଶାସ୍ତ୍ରାଂସ:

ଲୂକ ୧୧: ୧-୪

*"ଥରେ ସେ କୌଣସି ଗୋଟିଏ ସ୍ଥାନରେ ପ୍ରାର୍ଥନା କରୁଥିଲେ; ସେ ପ୍ରାର୍ଥନା ସମାପ୍ତ କରନ୍ତେ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ କହିଲେ, ହେ ପ୍ରଭୁ ଯୋହନ ଯେପରି ଆପଣା ଶିଷ୍ୟମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାଇଲେ, ଆପଣ ମଧ୍ୟ ସେହିପରି ଆମ୍ଭମାନଙ୍କୁ ପ୍ରାର୍ଥନା କରିବାକୁ ଶିଖାନ୍ତୁ । ସେଥିରେ ସେ ସେମାନଙ୍କୁ କହିଲେ ଯେତେବେଳେ ତୁମ୍ଭେମାନେ ପ୍ରାର୍ଥନା କର, ସେତେବେଳେ କୁହ, ପିତଃ, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ । ତୁମ୍ଭର ରାଜ୍ୟ ଆସୁ । ପ୍ରତିଦିନ ଆମ୍ଭମାନଙ୍କୁ ପ୍ରୟୋଜନୀୟ ଆହାର ଦିଅ । ଆମ୍ଭମାନଙ୍କର ପାପ ସବୁ କ୍ଷମା କର, କାରଣ ଆମ୍ଭେମାନେ ମଧ୍ୟ ଆପଣା ଆପଣାର ପ୍ରତ୍ୟେକ ଅପରାଧିକୁ କ୍ଷମା କରୁ ପରୀକ୍ଷାରେ ଆମ୍ଭମାନଙ୍କୁ ଆଣ ନାହିଁ । "*

ଆଜ୍ଞା/ଆଦେଶ:

୧. ଆଶା ଏବଂ ବିଶ୍ୱାସ ମଧ୍ୟରେ ପାର୍ଥକ୍ୟ କଣ ?

- ଆପଣା କିଛି ବିଷୟ ପାଇ ଇଚ୍ଛା କରିବା ।
- ବିଶ୍ୱାସ ହେଉଛି ଆଶାକରାଯାଉଥିବା ବିଷୟଗୁଡ଼ିକର ନିଶ୍ଚିତତା ।

---

[114] ବେଥନୀ ଜିରୁଶାଲମର ଦକ୍ଷିଣ ପୂର୍ବାଞ୍ଚଳର ପ୍ରାୟ ତିନି କିଲୋମିଟର ଦୂରରେ ଅବସ୍ଥିତ । ଶାସ୍ତ୍ର ପାଠ: ଶୋଇରହିବା ବନ୍ଧୁଙ୍କ ଦୃଷ୍ଟାନ୍ତ ।

- ଅତଏବ ମୁଁ ତୁମ୍ଭଙ୍କୁ କହୁଛି, ବିଶ୍ୱାସ କର ଯେ ତୁମ୍ଭେ ସେଗୁଡିକ ଗ୍ରହଣ କରିବା ।

ପାଠ:

ଶିଷ୍ୟମାନଙ୍କ ପରି ହୋଇ, ପ୍ରାର୍ଥନା କରିବାର ପ୍ରଥମ ମୁଖ୍ୟ ଉପାୟ ହେଉଛି: ପ୍ରଭୁଙ୍କୁ ଡାକ । ତେବେ ଏପରି, ଏବଂ ସେପରି କିପରି ପ୍ରାର୍ଥନା କରିବା ଉଚିତ ?

କାରଣ ଯେପରି ଏହା ଲେଖାଛି "ଯଦି କାହାର ଜ୍ଞାନର ଆବଶ୍ୟକ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, କାରଣ ଯେ ଅବିଶ୍ୱାସ କରେ ସେ ବାୟୁରେ ଇତସ୍ତତ ଚାଳିତ ସମୁଦ୍ରର ତରଙ୍ଗ ସଦୃଶ । ସେପରି ଲୋକ ପ୍ରଭୁଙ୍କଠାରୁ କୁଛି ପାଇବ ବୋଲି ମାନେ ନ କରୁ" ।

ପ୍ରଭୁଙ୍କ ପ୍ରାର୍ଥନା ସହିତ ଯୀଶୁ ନିଜ ଶିଷ୍ୟମାନଙ୍କୁ ପ୍ରାର୍ଥନା ଆରମ୍ଭ କରିବାକୁ ଆଦେଶ ଦେଲେ [115]। ତାପରେ ସେ ଏକ ଦୃଷ୍ଟାନ୍ତ ବ୍ୟବହାର କରନ୍ତି, ଯାହା ଈଶ୍ୱରଙ୍କୁ ପ୍ରାର୍ଥନା ଅନୁରୋଧ କରିବାର ତିନୋଟି ଦିଗକୁ ଅନ୍ତର୍ଭୁକ୍ତ କରେ: ମାଗିବା ଖୋଜିବା ଓ ଦ୍ୱାରରେ ଆଘାତ କରିବା । ଉଦାହରଣ ଏକ ଦୃଷ୍ଟାନ୍ତ ଆକାରରେ ଆସେ, ଯାହାଙ୍କୁ ମୁଁ ଶୋଇଥିବା ବନ୍ଧୁଙ୍କ ଦୃଷ୍ଟାନ୍ତ କହିବି ଏହାକୁ ଏହିପରି ପଢାଯାଏ ।

ଲୁକ ୧୧:୫-୧୩

ମୋର ଅନୁଗମନ କର: ଈଶ୍ୱରଙ୍କ ଏକ ବାକ୍ୟରୁ ଉଦ୍ଧୃତ ଶାସ୍ତ୍ରାଂସ ।

ଲୁକ ୧୧:୫-୧୩

*"ଆଉ, ସେ ସେମାନଙ୍କୁ କହିଲେ, ତୁମ୍ଭମାନଙ୍କର କାହାର ଏପରି ବନ୍ଧୁ ଅଛିକି, ଯାହା ନିକଟକୁ ଅଧରାତିରେ ସେ ଯାଇ କହିବ, ହେ ବନ୍ଧୁ ମୋତେ ତିନୋଟି ରୋଟି ଉଧାର ଦିଅ, କାରଣ ମୋର ପଥିକ ବନ୍ଧୁ ମୋନିକଟକୁ ଆସିଅଛନ୍ତି, ତାଙ୍କୁ ଖାଦ୍ୟ ପରିବେଷଣ କରିବା ପାଇଁ ମୋ ପାଖରେ କିଛି ନାହିଁ । ଆଉ ସେ ଭିତରୁଏପରି ଉତ୍ତର ଦେବ, ମୋତେ କଷ୍ଟ ଦିଅନାହିଁନ, ଦ୍ୱାର ବନ୍ଦ ହେଲାଣି, ଆଉ ମୋ ପିଲାମାନେ ମୋ ସାଙ୍ଗରେ ଶୋଇଛନ୍ତି; ମୁଁ ଉଠି ତୁମକୁ ଦେଇପାରିବି ନାହିଁ । ମୁଁ ତୁମ୍ଭମାନଙ୍କୁ କହୁଅଛି, ସେ ଯଦ୍ୟପି ତାହାର ବନ୍ଧୁ ହେବାରୁ ଉଠି ନ ଦେବ, ତଥାପି ସେ ଥରକୁ ଥର ମାଗିବାରୁ ସେ ଉଠି, ତାହାର ଯେତେ ଆବଶ୍ୟକ, ତାହାକୁ ସେତେ ଦେବ । ମୁଁ ମଧ୍ୟ ତୁମ୍ଭମାନଙ୍କୁ କହୁଅଛି, **ମାଗ** [116] ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; **ଖୋଜ** [117], ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବା, ଦ୍ୱାରରେ **ମାର** [118], ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଦ୍ୱାରା ଫିଟାଇଦିଆଯିବ । କାରଣ*

---

[115] ଭକ୍ତ ଶିଷ୍ୟତ୍ୱ ସାରିଣୀରେ ୧୨ ପାଠ୍ୟକ୍ରମରେ ପ୍ରାର୍ଥନା ଓ ଏହାର ପ୍ରୟୋଗ ବିଷୟରେ ପ୍ରୟୋଗ କରାଯାଇଛି ।

[116] ମାଗ । ନିରନ୍ତର ମାଗ

[117] ଖୋଜ । ନିରନ୍ତର ଖୋଜ

[118] ଆଘାତ କର । ନିରନ୍ତର ଆଘାତ କର

*ଯେ କେହିଁ ମାଗେ ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଦ୍ୱାରା ଫିଟାଦିଆଯିବ । ଆଉ ତୁମ୍ଭମାନଙ୍କ ମଧ୍ୟରେ ଏପରି ପିତା କିଏ ଅଛି, ଯାହାକୁ ତାହାର ପୁଅ ମାଛ ମାଗିଲେ ସେ ତାହାକୁ ମାଛ ବଦଳରେ ସାପ ଦେବା? କିମ୍ବା ଅଣ୍ଡା ମାଗିଲେ ସେ ତାହାକୁ ବିଛା ଦେବା? ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ଯେଉଁ ପିତା ସ୍ୱର୍ଗରୁ ଦାନ କରନ୍ତି, ସେ ତାହାଙ୍କ ପାଖରେ ମାଗିବା ଲୋକଙ୍କୁ କେତେ ଅଧିକରୂପେ ପବିତ୍ର ଆତ୍ମା ଦେବେ !"*

ଆଜ୍ଞା/ଆଦେଶ:

- ମାଗ
- ଖୋଜ
- ଦ୍ୱାରରେ ଆଘାତ କର

ପାଠ ଜାରି ଅଛି:

ଏହି ଦୃଷ୍ଟାନ୍ତ ପାଠ କଲାପରେ ଅଧିକାଂଶ ଖ୍ରୀଷ୍ଟିୟାନ ଧାରଣା ପାନ୍ତି ଯେ ସେମାନେ ସେହି ବିଷୟରେ ଈଶ୍ୱରଙ୍କ ନିକଟରେ କରନ୍ତୁ । ତାହା କେବଳ ସତ ନୁହେଁ ।

ଯୀଶୁ ବ୍ୟବହାର କରିଥିବା ଅନେକ ଦୃଷ୍ଟାନ୍ତ ତୁଳନାତ୍ମକ ଦୃଷ୍ଟାନ୍ତ ଥିଲା । ଅନ୍ୟ ପକ୍ଷରେ କିଛି ଅନ୍ୟ କିଛି ପରି ଅଟେ, ଉଦାହରଣ ସ୍ୱରୂପ, ଈଶ୍ୱରଙ୍କ ବାକ୍ୟ ସମୁଦ୍ରରେ ପକାଯାଇଥିବା ଆଙ୍ଗୁଠି ପରି । ତଥାପି ଶୋଇରହିଥିବା ବନ୍ଧୁଙ୍କ ଦୃଷ୍ଟାନ୍ତ ଏକ ବିପରୀତ ଦୃଷ୍ଟାନ୍ତ ଅନ୍ୟ ଅର୍ଥରେ, କିଛି ଅନ୍ୟ କିଛି ପରି ନୁହେଁ ।

ଏହି ଦୃଷ୍ଟାନ୍ତରେ ଜଣେ ବ୍ୟକ୍ତି ନିଜ ସାଙ୍ଗମାନଙ୍କ ଘରକୁ ଯାଇ ସୋଇଥିବା ସମୟରେ କିଛି ରୋଟି ରୁଣ ମାଗିଥାଏ । ଦୃଷ୍ଟାନ୍ତରେ ଥିବା ବନ୍ଧୁ ଈଶ୍ୱରଙ୍କ ସମୁଖରେ ଛିଡ଼ା ହୁଅନ୍ତି ଯିଏ ଆମ ସାଙ୍ଗମାନଙ୍କ ଠାରୁ ନିକଟତର । ହିତୋପଦେଶ ୧୮:୨୦ କହେ "ଯିଏ ଅନେକ ମିତ୍ର କରେ ସେ ଆପଣା ବିନାଶ ନିମନ୍ତେ ତାହା କରେ"; ସେ ତୁମ୍ଭ ଚରଣକୁ ବିଚଳିତ ହେବାକୁ ଦେବେ ନାହିଁ । ଗୀତ. ୧୨୧:୩-୪ କହେ: "ସେ ତୁମ୍ଭ ଚରଣକୁ ବିଚଳିତ ହେବାକୁ ଦେବେ ନାହିଁ ଯେ ତୁମ୍ଭକୁ ରକ୍ଷା କରନ୍ତି ସେ ଘୁମାଇବେ ନାହିଁ । ଦେଖ, ଯେ ଇଶ୍ରାଏଲକୁ ରକ୍ଷା କରନ୍ତି ସେ ଘୁମାଇବେ ନାହିଁ କି ନିଦ୍ରା ଯିବେ ନାହିଁ ।

ଏବଂ ତୃତୀୟରେ ସେହି ବ୍ୟକ୍ତି ଜଣକ ତାଙ୍କ ବନ୍ଧୁଙ୍କୁ ତାଙ୍କୁ ତିନୋଟି ରୋଟି ଈଶ୍ୱରଙ୍କ ବିରୁଦ୍ଧରେ ରୁଣ ଦେବାକୁ କୁହନ୍ତି ଆଉ ଏକ ହଜାର ପାହାଡ଼ରେ ଥିବା ଦୃଷ୍ଟାନ୍ତର ବିଷୟ ହେଉଛି ଯେ ୧) ଯଦି ଜଣେ ବନ୍ଧୁ ତୁମକୁ ଯାହା ଆବଶ୍ୟକ କରେ, ବାରମ୍ବାର ମାଗିବା ଦ୍ୱାରା ଦିନ ହେଉ କିମ୍ବା ରାତି, ତୁମକୁ ତାହା ଦେଇଥାଏ, ୨)ତେବେ ତୁମ୍ଭର ଆବଶ୍ୟକତା ପୂରଣ କରିବା ପାଇଁ ଈଶ୍ୱର କେତେ ଅଧିକ କରିବେ ।

ପ୍ରକୃତରେ ଯୀଶୁ ଚାହାନ୍ତି ଯେ ତାଙ୍କ ଶିଷ୍ୟମାନେ ଏହି କଥାକୁ ହାତଛଡା କରନ୍ତି ନାହିଁ, ତେଣୁ ସେ ଏହି ଦୃଷ୍ଟାନ୍ତର ଅର୍ଥକୁ ଆହୁରି ଦୁଇଟି ଉପାୟରେ ପୁନଃ ପ୍ରକାଶ କରିବାକୁ ଏତେ ଦୂର ପର୍ଯ୍ୟନ୍ତ ଯାନ୍ତି, ଏହାକୁ ଭଲରୂପେ ପାଠ କର । ତେଣୁ ମୁଁ ତୁମ୍ଭମାନଙ୍କୁ କହେ: ମାଗ ସେଥିରେ ତୁମ୍ଭମାନଙ୍କୁ ଦିଆଯିବ ଖୋଜ ସେଥିରେ ତୁମ୍ଭେମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇ ଦିଆଯିବ ।

ଦଳୀୟ ଆଲୋଚନା:

୨. ଯେତେବେଳେ ତୁମେ ପ୍ରାର୍ଥନା କର ତୁମେ ଆଶା କର ଯେ ତୁମେ ଯାହା ପ୍ରାର୍ଥନା କରୁଛ ତାହା ପୂରଣ ହେବ ନା ତୁମେ ନିଶ୍ଚିତ ଯେ ଏହା ଘଟିବ?

୩. ତୁମେ ଈଶ୍ୱରଙ୍କ ବାକ୍ୟକୁ ଏହାର ସହିତିକ ରୂପେ ପଢି ବିଝ ନା ତୋମେ ଅନ୍ୟକୌଣସି ବାକ୍ୟ ଦ୍ୱାରା ଏଦନ ଉଦ୍ୟାନରେ ହାବା ପରି ଅନ୍ୟ କୌଣସି ବାକ୍ୟରେ ବଦଳ କରିଥାଅ ।

ପାଠ୍ୟ ଜାରି ଅଛି:

ଅନେକ ବିପରୀତ ଶବ୍ଦଗୁଡିକୁ ବ୍ୟବହାର କରିବା ଦ୍ୱାରା ଯୀଶୁ ବିଷୟକୁ ଜାରି ରଖନ୍ତି । ବର୍ତ୍ତମାନ ଧରାଯାଉ ତୁମର ଜଣେ ବାପା, ତାଙ୍କ ପୁତ୍ର ମାଛ ମଗାଗଲେ । ସେ ମାଛ ବଦଳେରେ ତାଙ୍କୁ ସାପ ଦେବା ନାହିଁ, ସେ ଦେବେ କି? କିମ୍ବା ଯଦି ତାଙ୍କୁ ଅଣ୍ଡା ମଗାଯାଏ, ତେବେ ସେ ତାଙ୍କୁ ସେ ବିଛା ଦେବେ ନାହିଁ । ସେ ଦେବେ କି? ଯଦି ତୁମେ ମନ୍ଦ ହୋଇ ତୁମ ପିଲାମାନଙ୍କୁ ଭଲ ଉପହାର ଦେବାକୁ ଜାଣ । ତୁମର ସ୍ୱର୍ଗୀୟ ପିତା ତାଙ୍କୁ ମାଗିଥିବା ଲୋକଙ୍କୁ ପବିତ୍ର ଆତ୍ମା କେତେ ପରିମାଣରେ ନ ଦେବେ । ଏହା କରିବା ଦ୍ୱାରା ସେ ବାଧ କରୁଛନ୍ତି ଯେ ଈଶ୍ୱରଙ୍କୁ ଗୋଟିଏ ବିଷୟ ନିର୍ଦ୍ଧିଷ୍ଟ ଭାବରେ ମାଗନ୍ତି ତୋମେ ଯାହା ମାଗିଛ ତାହା ବ୍ୟତୀତ ସେ ତୁମକୁ ଆଉ କିଛି ଦେବ ନାହିଁ । ଦ୍ୱିତୀୟତ ଯଦି ତୋମେ କିଛି ଭଲ ମାଗିବ ସେ ତୁମକୁ ମନ୍ଦ ବିଷୟ ଦେବେ ନାହିଁ ।

ବର୍ତ୍ତମାନ ଧରାଯାଉ ତୁମ୍ଭମାନଙ୍କ ମଧ୍ୟରୁ ଜେନ ପିତାଙ୍କୁ ସତ୍ୟ ମାଗେ; ସେ ସତ୍ୟ ବଦଳରେ ତାଙ୍କୁ ଧକା ଦେବେ ନାହିଁ । କରିବେକି ? ଯଦି ତୁମେ ମନ୍ଦ ହୋଇ ତୁମ ପିତାମାନଙ୍କୁ କିପରି ଭଲ ଉପହାର ଦେବାକୁ ଜାଣ, ତୁମର ସ୍ୱର୍ଗୀୟ ପିତା ତାଙ୍କୁ ମାଗୁଥିବା ଲୋକମାନଙ୍କୁ ପବିତ୍ର ଆତ୍ମା ଆଉ କେତେ ଦେବେ?

ବିପରୀତ ଦୃଷ୍ଟାନ୍ତ ବ୍ୟବହାର କରି ଯୀଶୁ ସୂଚାଇ ଦେଇଛନ୍ତି ଯେ ଈଶ୍ୱରଙ୍କୁ ମାଗିବା ଏକ ଉତ୍ତମ ବିଷୟ ହେଉଛି ପବିତ୍ର ଆତ୍ମା ଯାହା ସେ କାହାକୁ ମନା କରନ୍ତି ନାହିଁ । ପବିତ୍ର ଆତ୍ମା ସମସ୍ତଙ୍କ ପାଇଁ ଉଭୟ ସତ୍ୟ ଓ ଜୀବନ ଅନିଦିଅନ୍ତି । ଏହି ଉପହାର ଏତେ ମୂଲ୍ୟବାନ ଯେ ପ୍ରେରିତ ପାଉଲ ପବିତ୍ର ଆତ୍ମାଙ୍କ ବିଷୟରେ ଏହି କଥା ଲେଖିଥିଲେ ।

ଏଫିସୀୟ ୩:୧୪-୨୧

*"ଏଥିନିମନ୍ତେ ଯେଉଁ ପିତାଙ୍କଠାରୁ ସ୍ୱର୍ଗ ଓ ପୃଥିବିସ୍ଥ ପ୍ରତ୍ୟେକ ପିତୃକୁଳ ନାମ ପ୍ରାପ୍ତ ହୁଏ, ତାହାଙ୍କ ଛାମୁରେ ମୁଁ ଆଣ୍ଠୁପାତି ପ୍ରାର୍ଥନା କରୁଅଛି, ଯେପରି ସେ ଆପଣା ଗୌରବରୂପ ଧନ ଅନୁସାରେ ଆପଣା ଆତ୍ମାଙ୍କ ଦ୍ୱାରା ତୁମ୍ଭମାନଙ୍କୁ ଆନ୍ତରିକ ପୁରୁଷରେ ଶକ୍ତି ପ୍ରାପ୍ତ ହୋଇ ବଳବାନ ହେବାକୁ ଦିଅନ୍ତି । ପୁଣି ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି, ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢରୂପେ ସ୍ଥାପିତ ହୋଇ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ଏବଂ ସମସ୍ତ ସାଧୁଙ୍କ ସହିତ ଦେଥିର ଦୈର୍ଘ୍ୟ ଓ ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବୁଝିବାକୁ ଶକ୍ତି ପ୍ରାପ୍ତ ହୁଅ । ଆଉ ସେହିପ୍ରକାରେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅ । ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବା ଠାରୁ ଅତ୍ୟଧିକ ପରିମାଣରେ ସାଧନ କରନ୍ତି । ଯୁଗେ ଯୁଗେ ପୁରୁଷାନୁକ୍ରମରେ ମଣ୍ଡଳୀ ଓ ଖ୍ରୀଷ୍ଟ ଯୀଶୁଙ୍କ ଦ୍ୱାରା ତାହାଙ୍କର ଗୌରବ ହେଉ । ଆମେନ ।"*

କଲସୀୟ ୧:୯-୧୨

*"ଏଣୁ ତାହା ଶୁଣିବା ଦିନ ଠାରୁ ଆମ୍ଭେମାନେ ମଧ ତୁମ୍ଭମାନଙ୍କ ନିମନ୍ତେ ପ୍ରାର୍ଥନା ଓ ବିନତି କରିବାରୁ କ୍ଷାନ୍ତ ହେଉ ନାହୁଁ, ଯେପରି ତୁମ୍ଭେମାନେ ସଂପୂର୍ଣ୍ଣରୂପେ ଈଶ୍ୱରଙ୍କ ଅଭିମତ ଜ୍ଞାତ ହୋଇ ସମସ୍ତ ଆତ୍ମିକ ଜ୍ଞାନ ଓ ବୁଦ୍ଧିରେ ପ୍ରଭୁଙ୍କୁ ସର୍ବପ୍ରକାରେ ସନ୍ତୁଷ୍ଟ କରିବା ନିମନ୍ତେ ତାହାଙ୍କ ଯୋଗ୍ୟ ଆଚରଣ କର, ଅର୍ଥାତ, ଈଶ୍ୱରଙ୍କ ତତ୍ତ୍ୱଜ୍ଞାନରେ ବଢି ସମସ୍ତ ଉତ୍ତମ କର୍ମର ଫଳରେ ଫଳବାନ ହୁଅ, ଏବଂ ସର୍ବ ବିଷୟରେ ଧୈର୍ଯ୍ୟଶୀଳ ଓ ସହିଷ୍ଣୁ ହେବା ନିମନ୍ତେ ତାହାଙ୍କର ଗୌରବର ପରାକ୍ରମ ଅନୁସାରେ ସମସ୍ତ ଶକ୍ତିରେ ଶକ୍ତିଯୁକ୍ତ ହୁଅ । ପୁଣି ଯେଉଁ ପିତା ଦିପ୍ତିରେ ସାଧୁମାନଙ୍କ ଅଧିକାରର ସହଭାଗୀ ହେବା ନିମନ୍ତେ ତୁମ୍ଭମାନଙ୍କୁ ଯୋଗ୍ୟ କରିଅଛନ୍ତି, ତାହାଙ୍କୁ ଆନନ୍ଦ ସହିତ ଧନ୍ୟବାଦ ଦିଅ ।"*

ଏଫିସୀୟ ୫:୧୮-୨୦

*"ଆଉ ଦ୍ରାକ୍ଷାରସରେ ମତ୍ତ ନ ହୁଅ ସେଥିରେ ତ ଅତ୍ୟାଚାର ଜନ୍ମେ, ମାତ୍ର ଗୀତ ସ୍ତୋତ୍ର ଓ ଆଧ୍ୟାତ୍ମିକ ସଙ୍କୀର୍ତ୍ତନ ଦ୍ୱାରା ପରସ୍ପରକୁ ଉତ୍ସାହ ଦିଅ । ପୁଣି ତୁମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ଉଦେଶ୍ୟରେ ଭଜନ ଓ ଗୀତ ଗାନ କର । ସର୍ବଦା ସର୍ବ ବିଷୟ ନିମନ୍ତେ ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ପିତା ଈଶ୍ୱରଙ୍କୁ ଧନ୍ୟବା ଦିଅ ।"*

ଭାବନ୍ତୁ ଜେନ ଖ୍ରୀଷ୍ଟିୟାନଙ୍କୁ ଅଧିକ ପବିତ୍ର ଆତ୍ମା ପ୍ରାପ୍ତ କରିବାକୁ ମାଗି ତାହା ପାଇଛି ବୋଲି ବିଶ୍ୱାସ କରିବାକୁ ପଡିବ ।

ଯେହେତୁ ଯୀଶୁ ତାଙ୍କ ବକ୍ତବ୍ୟକୁ ସମାପ୍ତ କରିଛନ୍ତି ଯେ ତାଙ୍କର ପବିତ୍ର ଆତ୍ମା ପାଇ ଈଶ୍ୱରଙ୍କୁ ଯୋଗାଇବା ପାଇଁ ପ୍ରକୃତ୍ତ ଉତ୍ତମ ଉପହାର, ଏହା ଆମକୁ ଶୋଇରହିଥିବା ବନ୍ଧୁଙ୍କ ଦୃଷ୍ଟାନ୍ତ ବିଷୟରେ ପୁନର୍ବାର କରିବାକୁ ବାଧ କରିଥାଏ । ଧ୍ୟାନ ଦିଏ ଯେ ବ୍ୟକ୍ତି ଜଣକ ତାଙ୍କ ସୋଇଥିବା ବନ୍ଧୁଙ୍କୁ ତିନିଟା ରୋଟି ମାଗିଥିଲେ । କେବଳ ଗୋଟିଏ ଯାତ୍ରା ବନ୍ଧୁପାଇଁ ତିନୋଟି ରୋଟି କାହିଁକି? ଯୀଶୁ ଯାହା କହିଥିଲେ, ସେ ପୃଷ୍ଟଭୂମିରେ ଆମେ ଏହି ବିଷୟରେ ଏକ ଭିନ୍ନ ଭାବରେ ଚିନ୍ତା କରିବା, ଯେହେତୁ ମଣିଷ ହେଉଛି ଏକ ତିନି ଭାଗ । ତିନୋଟି ରୋଟି ଯାତ୍ରା ବନ୍ଧୁଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ଆବଶ୍ୟକ ଥିଲା; ପ୍ରତ୍ୟକ ନିଜ ଆତ୍ମା, ପ୍ରାଣ ଓ ଶରୀର ନିମନ୍ତେ । ଏହି ତିନୋଟି ରୋଟି ନିଜେ ସେହି ଆବଶ୍ୟକତା ପୂରଣ କରିବା ପାଇଁ ପବିତ୍ର ଆତ୍ମାଙ୍କ ମାଧମରେ ଈଶ୍ୱରଙ୍କ ଉପହାରର ପ୍ରତିନିଧି ଈଶ୍ୱରଙ୍କ ବାକ୍ୟ, ଈଶ୍ୱରଙ୍କ ପ୍ରେମ ଓ ଈଶ୍ୱରଙ୍କ ଶକ୍ତି ।

ମଧ ଧ୍ୟାନ ଇଆନ୍ତୁ ଯେ ବ୍ୟକ୍ତି ଜଣକ ମଧରାତ୍ରିରେ ଶୋଇଥିବା ବନ୍ଧୁଙ୍କ ଘରକୁ ଆସିଥିଲେ । ସକାଳ ପର୍ଯ୍ୟନ୍ତ କାହିଁକି ଅପେକ୍ଷା କାଲେ ନାହିଁ? ଏଥିରୁ ଜଣାଯାଏ ଯେ, ପବିତ୍ର ଆତ୍ମା ଯେକୌଣସି ସମୟରେ ଜେନ ବ୍ୟକ୍ତିଙ୍କର ଆବଶ୍ୟକତା ପୂରଣ କରିପାରେ । ଏବଂ କାହିଁକି ସେହି ବ୍ୟକ୍ତି ତାଙ୍କର ଯାତ୍ରା ସାଙ୍ଗକୁ ପ୍ରଥମ ସ୍ଥାନରେ ଦେବାକୁ କିଛି ନ ଥିଲା ? ଏହା ସୁଚାଇଥାଏ ଯେ ଆମେ ନିଜେ ସର୍ବଦା ଅନ୍ୟମାନଙ୍କ ଆବଶ୍ୟକତା ପୂରଣ କରିବାରେ ସକ୍ଷମ ନାହୁଁ, କିନ୍ତୁ ଯାହାର କ୍ଷମତା ଅଛି ସେଥିରେ ଆମର ତତକ୍ଷଣାତ ପ୍ରବେଶ ଅଛି ସେଥିରେ ଆମର ତତକ୍ଷଣାତ ପ୍ରବେଶ ଅଛି । ଆମକୁ କେବଳ ମାଗିବା, ଖୋଜିବା ଓ ଦ୍ୱାର ଆଘାତ କରିବାକୁ ପାଇବ ।

ସେଠାରେ ଏକ ଅନ୍ତିମ ଆଧ୍ୟାତ୍ମିକ ପ୍ରୟୋଗ ଅଛି ଯାହା ସୋଇଥିବା ବନ୍ଧୁଙ୍କ ଦୃଷ୍ଟାନ୍ତରୁ ଅଣାଯାଇ ପାରିବା ଏବଂ ତାହାହିଁ ସେ ସାରଣୀ: ଖୋଜ, ଆଘାତ କର ଓ ମାଗ । ପ୍ରଥମରେ ବ୍ୟକ୍ତିଟି ସାଙ୍ଗକୁ ଖୋଜେ । ପ୍ରଥମେ ତାଙ୍କ ରାଜ୍ୟ ଓ ଧାର୍ମିକତା ଅନ୍ୱେଷଣ କର, ଆଉ ଏହି ସମସ୍ତ ମଧ ତୁମ୍ଭମାନଙ୍କୁ ଦିଆଯିବ (ମାଥିଉ ୫:୩୩), ତତ୍ପରେ ବ୍ୟକ୍ତିଟି ତାଙ୍କୁ ଜଣାଇବା ପାଇଁ ଦ୍ୱାରରେ ଆଘାତ କରେ । ଧନ୍ୟବାଦ କରୁ କରୁ ତାଙ୍କ ଦ୍ୱାରରେ ଓ ପ୍ରଶଂସା କରୁ କରୁ ତାଙ୍କ ପ୍ରାଙ୍ଗଣରେ ପ୍ରବେଶ କର । ଗୀତ ୧୦୦:୪ । ଶେଷରେ ସେ ଯାହା ଚାହିଁଲେ ତାହା ମାଗିଲେ । ତୁମ୍ଭେମାନେ ମୋତେ ମାନନୀତ କରିନାହଁ କିନ୍ତୁ ମୁଁ ତୁମ୍ଭମାନଙ୍କୁ ମାନନୀତ କରିଅଛି, ଆଉ ତୁମ୍ଭେମାନେ ଯେପରି ଯାଇ ଫଳ ଉତ୍ପନ୍ନ କର ଓ ତୁମ୍ଭମାନଙ୍କ ଫଳ ସ୍ଥାୟୀ ହୁଏ,

ଏଥିନିମନ୍ତେ ତୁମ୍ଭମାନଙ୍କୁ ନିଯୁକ୍ତ କରିଅଛି । ସେଥିରେ ତୁମ୍ଭେମାନେ ମୋ ନାମରେ ପିତାଙ୍କୁ ଯାହାକିଛି ମାଗିବ, ସେ ତାହା ତୁମ୍ଭମାନଙ୍କୁ ଦେବେ । (ଯୋହନ ୧୫:୧୬)

ପାଠ୍ୟର ମୁଖ୍ୟ ବିନ୍ଦୁ:

ବିଶ୍ୱାସ ସହ ପ୍ରାର୍ଥନା କର ।

ପ୍ରୟୋଗ: ତଳ ଲିଖିତ ପ୍ରାର୍ଥନା ଅଭ୍ୟାସ ଦ୍ୱାରା କାର୍ଯ୍ୟକର:

୧. ପ୍ରଭୁ ଶିଖାଇଥିବା ପ୍ରାର୍ଥନା କର ।

୨. ଈଶ୍ୱରଙ୍କ ଇଚ୍ଛାକୁ ଖୋଜ – (ପିତା ଆମ୍ଭେ ତୁମରି ବୁଦ୍ଧି ଓ ମାର୍ଗ ଦର୍ଶନର ଅପେକ୍ଷା କରୁଅଛୁ) ।

୩. ଦ୍ୱାରରେ ଆଘାତ କର (ଧନ୍ୟବାଦ ଓ ପ୍ରଶଂସା ସହିତ ତାଙ୍କୁ ଉଠାଅ – କାରଣ ତୋମେ ଆଶ୍ଚର୍ଯ୍ୟ ଓ ଦୟାଳୁ) ।

୪. ତୁମର କଣ ଦରକାର, ତାଙ୍କୁ ମାଗ – (ଆମକୁ ତୁମ ଆତ୍ମା ସହିତ ପରିପୂର୍ଣ୍ଣ କର) ।

ପାଠ ୩୬

କପଟି

ଆଇସବ୍ରେକର ଦଳ:

ଆମେରିକୀୟ ସଂସ୍କୃତିର କେତେକ ଅଞ୍ଚଳରେ ଲୋକମାନେ ଯାହା “ଭଲ” “ଖରାପ” ବୋଲି କାହିଁକି କହନ୍ତି?

ପରିଚୟ: ଯେତେବେଳେ ଯୀଶୁ ପ୍ରାର୍ଥନା କିପରି କରିବେ, ସେ ବିଷୟରେ ତାଙ୍କର ନିର୍ଦ୍ଦେଶ ସମାପ୍ତ କାଲେ, ସେତେବେଳେ ସେ ଅନୁଭବ କାଲେ, ଯଦି ଶିଷ୍ୟମାନେ କିଛି ଉତ୍ତମ ମାଗିବେ, ତେବେ ତାହା ପବିତ୍ର ଆତ୍ମାଙ୍କ ଅତିକତା ହିଁ ହେବ । ତାପରେ, ପବିତ୍ର ଆତ୍ମାଙ୍କ ମହତ୍ଵତାକୁ ପ୍ରଦର୍ଶନ କରିବା ପାଇଁ, ଯୀଶୁ ଅନ୍ଧ ଏବଂ ମୁକ ଥିବା ଜାଣେ ବ୍ୟକ୍ତିଙ୍କ ଠାରୁ ଭୁତ ବାହାର କରିଦେଲେ । ଫାରୁଶୀମାନେ ତାଙ୍କୁ ଭୂତର ଶାସକ ବାଲଯିବୁଲ ଦ୍ଵାରା ଚମତ୍କାର କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ । ଯୀଶୁ ସେମାନଙ୍କର ଅଭିଯୋଗର ଉତ୍ତର ଦେଇଛନ୍ତି ଯେ ଶାସ୍ତ୍ରୀ ଓ ଫାରୁଶୀମାନଙ୍କ ବିରୁଦ୍ଧରେ ଏକ ଭୟଙ୍କର ଝଡ ଆରମ୍ଭ ହେବ, ଯାହା ଛଅ ମାସ ପରେ କୃଶବିଦ୍ଧ ହେବା ପର୍ଯ୍ୟନ୍ତ ଚାଲିବ ।

ଶିଷ୍ୟମାନଙ୍କୁ ଶିକ୍ଷା ଦେବା ପାଇଁ ଯୀଶୁ କଣ ପ୍ରଚାର କରିଥିଲେ ତାହା ଭଲ ଭାବରେ ଜାଣିବା ପାଇଁ ଶିକ୍ଷା ପ୍ରାପ୍ତ ନିମାନେ ଘଟୁଥିବା ଘଟଣାଗୁଡିକ ଏବଂ ତାଙ୍କ ବିରୁଦ୍ଧରେ ଥିବା ଶକ୍ତିବିଶେଷଙ୍କ ବିଷୟରେ କିଛି ପୃଷ୍ଠଭୂମି ସୂଚନା ବିକାଶ କରିବାରେ ସହାୟକ ହେବ ।

ଇଶ୍ରାଏଲ ମଧ୍ଯରୁ ତିନି ପ୍ରମୁଖ ଗୋଷ୍ଠିରୁ ଯୀଶୁଙ୍କ ବିରୋଧ ହୋଇଥିଲା: ଶାସ୍ତ୍ରୀ, ସାଦ୍ଦୂକି ଓ ଫାରୁଷି । ଚାଲନ୍ତୁ ପ୍ରତ୍ୟେକ ଗୋଷ୍ଠି ଉପରେ ଏକ ସଂକ୍ଷିପ୍ତ ନଜର ପକାଇବା ।

ଶାସ୍ତ୍ରୀମାନେ ଏକ ଗୋଷ୍ଠିର ବ୍ୟକ୍ତି ଥିଲେ ଯେଉଁମାନେ ମୋଶାଙ୍କ ବ୍ୟବସ୍ଥାରେ ବିଶେଷଜ୍ଞ ଥିଲେ । ଶାସ୍ତ୍ର ବେଳେ ବେଳେ ସେମାନଙ୍କୁ ଏକ “ଆଇନଜୀବୀ” କୁ ସୁଚିତା କରେ କାରଣ ସେମାନଙ୍କର ପ୍ରାଥମିକକାର୍ଯ୍ୟ ହେଲା: ୧) ବ୍ୟବସ୍ଥାର ତାତ୍ତ୍ଵିକ ବିକାଶ, ୨) ଆଇନର ଶିକ୍ଷକ ଏବଂ ୩) ଆଇନ ଜୀବୀ କିମ୍ବା ବିଚାରପତି ଯେଉଁମାନେ ଆଇନ ଅନୁଯାୟୀ ଦଣ୍ଡ ବିଧାନ କରିଥିଲେ । ଯୀଶୁଙ୍କ ସମୟରେ ସେମାନଙ୍କୁ ଟେନାଇମ (ପୁନରାବୃତ୍ତି କର୍ତ୍ତା) କୁହାଯାଉ ଥିଲା କାରଣ ସେମାନେ ନିଜର ଛତ୍ରମାନଙ୍କୁ ଯେଉଁପ୍ରକାରେ ନିୟମ ଶିଖାଉଥିଲେ । ସେମାନେ ଏହା ଜାଣିବା ପର୍ଯ୍ୟନ୍ତ ସେମାନଙ୍କୁ ମୌଖିକ ଭାବରେ ବାରମ୍ବାର ପୁନରାବୃତ୍ତି କରିବା ପାଇଁ କହୁଥିଲେ । ଅନେକ ଶାସ୍ତ୍ରୀ ଇଶ୍ରାଏଲର ଶାସକ ଦଳର ସାଦଶ୍ୟ ଥିଲେ । ସାନହେଦ୍ରିନ ଏବଂ ଅଧିକାଂଶ ଫାରୁଶୀମାନଙ୍କୁ ଦୃଢ ଭାବରେ ସମର୍ଥନ କରିଥିଲେ । ଶାସ୍ତ୍ରୀମାନଙ୍କର ସେହି ତାନାଇମ ଅବଧି ଖ୍ରୀଷ୍ଟପୂର୍ବ ତିନି ଶହରୁ ଦୁଇ ଶହ କୋଡିଏ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ପ୍ରାୟ ୫୦୦ ବର୍ଷରୁ ଅଧିକ ସମୟ ଧରି ଚାଲିଥିଲା ।

ସଦ୍ଦୂକିମାନେ ଏକ ଧାର୍ମିକ ଦଳ ଥିଲେ ଯାହାକି ଖ୍ରୀଷ୍ଟପୂର୍ବ ଦ୍ଵିତୀୟ ଶତାବ୍ଦିରେ ମାକେବୀଙ୍କ ଶାସନ କାଳରେ ଇଶ୍ରାଏଲ ସୃଷ୍ଟୀ ହୋଇଥିଲା ନାମର ନିଜର ମୌଳିକ ଅର୍ଥ ହେଉଛି “ଧାର୍ମିକ” । ସାଦ୍ଦୂକିମାନେ ଅଳ୍ପ ସଂଖ୍ୟକ ଥିଲେ କିନ୍ତୁ ମୁଖ୍ୟତ ଏକ ଅଭିମୁଖିରେ ଗଠିତ ହୋଇଥିଲେ, ସେମାନେ ଲୋକଙ୍କ ସ୍ଵାଧୀନ ଇଚ୍ଛାକୁ ଅଧିକ ଗୁରୁତ୍ଵ ଦେଉଥିବାବେଳେ ଫାରୁଶୀମାନେ ଲୋକମାନଙ୍କ ପୂର୍ବ ନିର୍ଣ୍ଣୟକୁ ଅଧିକ ଗୁରୁତ୍ଵ ଦେଉଥିଲେ । ସେମାନଙ୍କ ପ୍ରଭାବ ରାଜନୀତି ମାଧ୍ୟମରେ ଆସିଥିଲା । ୭୦ ଖ୍ରୀଷ୍ଟାବ୍ଦରେ ଜିରୁଶାଲମ ମନ୍ଦିର ଧ୍ଵଂସ ହେବାର କିଛି ସମୟ ପରେ ସାଦ୍ଦୁକି ଦଳର ଅବସାନ ଘଟିଥିଲା ।

ଫାରୁଶୀମାନେ ମଧ ଏକ ଧାର୍ମିକ ଦଳ ଥିବାର ଯାହାକି ଖ୍ରୀଷ୍ଟପୂର୍ବ ଦ୍ଵିତୀୟ ଶତାବ୍ଦିରେ ମାକାବିଙ୍କ ଶାସନ କାଳରେ ଇଶ୍ରାଏଲରେ ସୃଷ୍ଟି ହୋଇଥିଲା ଭକ୍ତ ନାମର ମୌଳିକ ଅର୍ଥ “ଅଲଗା” । ଏହି ଶାବଦ୍ଧତି ଏହି ଧାରଣାରୁ ଉତ୍ପନ୍ନ ହୋଇଥିଲା

ଯେ ଏହାର ସଦସ୍ୟମାନେ ନିଜକୁ "ସାଧାରଣ" ଲୋକମାନଙ୍କଠାରୁ ଅଲଗା ମୋଶାଙ୍କ ବ୍ୟବସ୍ଥା ନିଜକୁ ପୃଥକ କରିଥିଲେ । ଯୀଶୁଙ୍କ ସମୟରେ ଫାରୁଶୀମାନଙ୍କ ସଂଖ୍ୟା ଥିଲା ଏବଂ ସାଧାରଣତଃ ଲୋକମାନେ ଏମାନଙ୍କୁ ସମ୍ମାନ କରୁଥିଲେ । ଯେତେବେଳେ ସାଦ୍ଦୁକିମାନଙ୍କର ଶକ୍ତି ପ୍ରଭାବ ରାଜନୀତି ମାଧ୍ୟମରେ ଆସିଥିଲା ଫାରୁଶୀମାନେ ସେମାନଙ୍କର ଧର୍ମରୁ ଆସିଥିଲେ । ଯଦିଓ ଏହି ଦଳ ଆଉ ନାହିଁ, ଆମେ ଆଜିର ଆଲ୍ଟ୍ରା ମୌଠିକ ଯୀହୁଦିମାନଙ୍କ ସେମାନଙ୍କ ସହ ଘନିଷ୍ଟ ଭାବରେ ବିବେଚନା କରିବେ । ଅନେକ ଲୋକ ଭାବୁଥିବେ ଫାରୁଶୀମାନଙ୍କ ମଧ୍ୟରେ ଯୀହୁଦୀମାନଙ୍କ ମଧ୍ୟରେ ଏକ ବଡ ରେକର୍ଡ ନ ଥିଲା । ଯାଇବି ସେମାନେ ନିଜ ପାଇଁ ଏକ ଉକ୍ତ ନୈତିକମାନ ସ୍ଥିର କରିଥିଲେ, ସମସ୍ତେ ପାଳନ କରିନଥିଲେ [119]।

୧. କାନ୍ଧରେ ଫାରୁଶୀମାନେ, ଯିଏ ନିଜର ଉତ୍ତମ କାର୍ଯ୍ୟକୁ ନିଜ କାନ୍ଧରେ ବହନ କରନ୍ତି, ତେଣୁ ସମତେ ସେମାନଙ୍କୁ ଦେଖିପାରନ୍ତି ।

୨. ଅପେକ୍ଷା-କ୍ଷଣି ଫାରୁଶୀ ଯିଏ ଚାହେଁ ଯେ ସେ ଏକ ମିଟୱା (ଭଲ କାର୍ଯ୍ୟ) କରିବା ସମୟରେ ଲୋକ ଅପେକ୍ଷା କରନ୍ତି ।

୩. କ୍ଷତ ଫାରୁଶୀ, ଯିଏ ଜେନ ମହିଳାଙ୍କୁ ନ ଦେଖିବା ପାଇଁ ଭୂମିଆଡକୁ ଚାହିଁ କ୍ଷାଚରେ ଦୌଡନ୍ତି ।

୪. ହିସାବ କରୁଥିବା ଫାରୁଶୀ, ଯିଏ ତାପରେ ପାପ କରେ, ଭଲ କାମ କରେ ଏବଂ ଜଣକୁ ଅନ୍ୟ ବିରୁଦ୍ଧରେ ସନ୍ତୁଳିତ କରେ ।

୫. ଦସ୍ତା ଫାରୁଶୀ,ଯାହାର ମୁଣ୍ଡ ମିଥ୍ୟା ନମ୍ରତାରେ ପ୍ରଣାମ ହୋଇଛି, ମସଲାରେ ଏକ ପୋକ ଭଳି ।

୬. ଫାରୁଶୀ ଯିଏ ପଚାରନ୍ତି, "ମୋର କର୍ତ୍ତବ୍ୟ କଣ ଯାହା ଦ୍ୱାରା ମୁଁ ଏହା କରିପାରିବି" ସେ ଭାବନ୍ତି ଯେ ସେ ସମସ୍ତ ବାଧ୍ୟତା ମୂଳକ ପୂରଣ କରିସାରିଛନ୍ତି ।

୭. ପରିଣାମ ଭୟରେ ଯଦି ଫାରୁଶୀ ଆଜ୍ଞାଗୁଡିକୁ ପାଳନ କରେ ।

୮. ପ୍ରେମରୁ ଫାରୁଶୀ- ଆଜ୍ଞା ପାଳନ କରିବା ପାଇଁ ଈଶ୍ୱର ପ୍ରତିଜ୍ଞା କରିଥିବା ପୁରସ୍କାରର ପ୍ରେମ, "ତୋରା[120]" ନିଜେ ପ୍ରେମ (ଯାହା ହେଉନା କାହିଁକି, ସେ ଏଠାରେ ଏକ ଭଲ ଫାରୁଶୀ ବୋଲି ବୁଝିଛନ୍ତି) ।

ପାଠପଢା ପର୍ଯ୍ୟନ୍ତ ଘଟୁଥିବା ଘଟନା ଆରମ୍ଭ ହେଲା, ଯେତେବେଳେ ଯୀଶୁଙ୍କୁ ଭୂତ ବାଲଜିବୁଲଙ୍କୁ ବାହାର କରିଦେଲେ ବୋଲି ଅଭିଯୋଗ କାଲେ, ତାପରେ ଅନେକ ପ୍ରତିକ୍ରିୟା ମାଧ୍ୟମରେ ଯୀଶୁ ତାଙ୍କ ବିରୋଧରେ କୋପଟତାକୁ ପ୍ରକାଶ କରିବାକୁ ଲାଗିଲେ [121] । ସେମାନେ ଧାର୍ମିକ ବ୍ୟକ୍ତି ବୋଲି ଦାବି କାଲେ କିନ୍ତୁ ସେମାନଙ୍କର କଥା ଓ କାର୍ଯ୍ୟ ଅନ୍ୟଥା ପ୍ରମାଣିତ ହେଲା । ଯୀଶୁଙ୍କ ପ୍ରଥମ ପ୍ରତିକ୍ରିୟାରେ ନିନ୍ଦା କିମ୍ବା ପବିତ୍ର ଆତ୍ମାଙ୍କ ବିରୋଦ୍ଧରେ କହିବା କ୍ଷମାହୀନ ପାପ । ମୂଳତ ଏହି ପାପ ଯାହା ଭଲକୁ ଡାକିବା ସହିତ ଗଠିତ ..... ମନ୍ଦ ବା ମନ୍ଦ ...... ଭଲ ଯାହା ଯିଶାୟ ୫:୨୦ରେ ନିର୍ଦ୍ଦେସିତ । ଯେଉଁମାନେ ଭାଲକୁ

---

[୧୧୯] ଷ୍ଟେମ ନୂତନ ନିୟମ ମନ୍ତବ୍ୟ (୧୯୯୨) ପୃଷ୍ଠା ୬୯-୭୦ ।

[୧୨୦] ତାରା ଶବ୍ଦର ଅର୍ଥ ଶିକ୍ଷା ଏବଂ ବ୍ୟବସ୍ଥାକୁ ସୁଚିତ କରେ ପେଣ୍ଟାଟୁକ ବାଇବଲର ପ୍ରଥମ ପାଞ୍ଚଟି ପୁସ୍ତକ ।

[୧୨୧] ଭକ୍ତ ଶିଷ୍ୟତ୍ୱ ପାଠ୍ୟକ୍ରମର ୧୧ ନମ୍ବର ପାଠ ଦେଖ କପଟୀ ବିଷୟରଅଧିକ ଶିକ୍ଷା ନିମନ୍ତେ ।

ମନ୍ଦ ଓ ମନ୍ଦକୁ ଭଲ କୁହନ୍ତି; ଯେଉଁମାନେ ଅନ୍ଧାରକୁ ଆଲୁଅ ଓ ଆଲୁଅକୁ ଅନ୍ଧାର ଭଳି ମାନେ କରନ୍ତି; ଯେଉଁମାନେ ତିକ୍ତକୁ ମିଷ୍ଟ ଓ ମିଷ୍ଟକୁ ତିକ୍ତ ଭଳି ମନେକରନ୍ତି ସେମାନେ ସନ୍ତାପର ପାତ୍ର ।

ଏକ, ବାଇବଲ ମାନସିକତାରୁ ଯାହା ଭଲ ..... କିମ୍ବା ମନ୍ଦ ବୋଲି କହିବାର କଳ୍ପନା ଆମ ଆଧୁନିକ ସମାଜରେ ଭାବିବା ବହୁ ମହତ୍ୱତାକୁ ଗ୍ରହଣ କରିଥାଏ । ଶାସ୍ତ୍ରଅନୁଯାଇ କେବଳ ଜେନ ଅଛନ୍ତି ଯିଏ ପ୍ରକୃତ୍ତରେ ଭଲ ...... ଈଶ୍ୱର । ଧନୀ ଯୁବକ ଶାସକଙ୍କ ସହ ବାର୍ତ୍ତାଳାପରେ ଯୀଶୁ ଏହା ବିଷୟରେ କହିଥିଲେ । ଆଉ, ଆଉ ଦେଖ ଜେନ ତାହାଙ୍କ ନିକଟକୁ ଆସି ପଚାରିଲେ, ହେ ଗୁରୁ ଅନନ୍ତ ଜୀବନ ପ୍ରାପ୍ତ ହେବା ନିମନ୍ତେ ମୁଁ କେଉଁ ସତ୍କର୍ମ କରିବି? ଯୀଶୁ ତାଙ୍କୁ କହିଲେ, ସତ ବିଷୟରେ ତୋମେ ମୋତେ କାହିଁକି ପଚାରୁଅଛ? ସତ କେବଳ ଜଣେ; କିନ୍ତୁ ଯଦି ତୁମେ ଜୀବନରେ ପ୍ରବେଶ କରିବାକୁ ଇଚ୍ଛା କର, ତେବେ ଆଜ୍ଞା ସବୁ ପାଳନ କର । (ମାଥିଉ ୧୯:୧୫-୧୭) ।

ତେଣୁ ଯେତେବେଳେ ଫାରୁଶୀମାନେ ଯୀଶୁଙ୍କୁ ବାଲଜିବୁଲ ଦ୍ୱାରା ଏକ ଭୁତ ବାହାର କରିଦେଲେ ବୋଲି ଅଭିଯୋଗ କାଲେ (ଏକ ଭଲ ବିଷୟ ଯାହା କେବଳ ଈଶ୍ୱରଙ୍କ ଶକ୍ତି ଦ୍ୱାରା କରାଯାଇ ପାରିବ ) ସେମାନେ ପ୍ରକୃତ୍ତରେ କହିଛନ୍ତି ଯେ ପବିତ୍ର ଆତ୍ମା ମନ୍ଦ ଏବଂ ବାଲଜିବୁଲ ଭଲ ଅଟେ । ଏହା ଦ୍ୱାରା ଯୀଶୁ ସ୍ପଷ୍ଟ ହୋଇଗଲେ ଯେ ତାଙ୍କ ବିରୋଧୀମାନେ ଈଶ୍ୱରଙ୍କ ନୁହନ୍ତି ।

ଯଦି ସେମାନେ ଥାନ୍ତେ, ସେମାନେ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ କହିନଥାନ୍ତେ କାରଣ ନିଜ ବିରୁଦ୍ଧରେ ବିଭାଜିତ ଘର ଠିଆ ହୋଇପାରିବ ନାହିଁ ସେମାନେ କଥା କହିବା ପାଇଁ ଯୀଶୁ ଅନ୍ୟ ଏକ ପରିଚିତ ମୂର୍ଖର ଉଦ୍ଧୃତ କାଲେ ଗୋଟିଏ ଗଛ ଏହାର ଫଳ ଦ୍ୱାରା ଚିହ୍ନାଯାଏ । ଯୀଶୁ କହିଲେ, ଫାରୁଶୀମାନେ କାଳସର୍ପର ବଂଶ ଅଟନ୍ତି । ଏହା ଦ୍ୱାରା ଅନେକ ବିଷୟଗୁଡିକୁ ଦର୍ଶାଉଥିଲେ ।

- ତେବେ ସେମାନଙ୍କର ପିତା ଶୟତାନ ସେହି ପୂରାତନ ସର୍ପ ।
- ଶୟତାନର ସନ୍ତାନ ହୋଇ ସେମାନେ ତାଙ୍କ ପରି ମିଥ୍ୟାବାଦୀ ଧୋକା ବାଦୀ ଥିଲେ [122] ।
- ଏବଂ ସେମାନେ କେବଳ ସର୍ପ ନୁହନ୍ତି, ବରଂ ସାପ ଯାହା ଅତି ମାରାତ୍ମକ ଅଟେ ତେଣୁ ସେମାନେ ସେମାନଙ୍କର ମିଥ୍ୟା ଓ ପ୍ରତାରଣା ଦ୍ୱାରା ଲୋକମାନଙ୍କୁ ବିନାଶ କରନ୍ତି ।
- ଈଶ୍ୱରଙ୍କ ବିରୁଦ୍ଧରେ ଗରବରେ ଶୟତାନ ଉପରକୁ ଉଠିଗଲା ଏବଂ ସେମାନେ ମଧ ତାହା କାଲେ ।
- ଶୟତାନ ଈଶ୍ୱରଙ୍କ ବିରୁଦ୍ଧରେ ନିନ୍ଦା କଲା, ସେମାନେ ମଧ ତାହା କଲା ।
- ଯେହେତୁ ସେମାନେ ଶୟତାନର ସନ୍ତାନେ, ସେମାନେ ମନ୍ଦ ଅଟନ୍ତି ।
- ଏବଂ ସେମାନେ ମନ୍ଦ ହୋଇଥିବାରୁ [123] କିପରି ସେମାନେ ଭଲକୁ କିପରି କହିପାରିବେ ।

---

[୧୨୨] ତୁମ୍ଭେମାନେ ତୁମ୍ଭମାନଙ୍କ ପିତା ଶୟତାନରୁ ଉତ୍ପନ୍ନ, ଆଉ ତୁମ୍ଭମାନଙ୍କ ପିତାଙ୍କ କାମନା ସାଧନ କରିବା ତୁମ୍ଭମାନଙ୍କ ଇଚ୍ଛା । ସେ ଆଦ୍ୟରୁ ନରଘାତକ, ଆଉ ସେ ସତ୍ୟରେ ରହେ ନାହିଁ, କାରଣ ତାହାଠାରେ ସତ୍ୟ ନାହିଁ । ଯେତେବେଳେ ସେ ମିଥ୍ୟା କହେ, ସେତେବେଳେ ସେ ନିଜଠାରୁ କହେ; କାରଣ ସେ ମିଥ୍ୟାବାଦୀ ଓ ମିଥ୍ୟାବାଦିର ପିତା ।

[୧୨୩] ଆମେରିକୀୟ ଭାରତୀୟଙ୍କ ସଂସ୍କୃତିରେ ଏହାର ସମାନ୍ତରାଳ ଦେଖିବାକୁ ମିଳିଥାଏ। ଯେତେବେଳେ ଜେନ ବ୍ୟକ୍ତି ମିଛ କହେ ଜବରଦସ୍ତ ଜୀଭ ସହିତ କଥାବାର୍ତ୍ତା ବୋଲି ବର୍ଣ୍ଣନା କରନ୍ତି । ସାପମାନେ ଜୀଭକୁ କଡା କଡି କରିଥିବାରୁ ଏହି ଆଲୁଅରୁ ଅନ୍ୟଯାଇଥିଲା ।

ଏହା ପରେ, ଫରୁଶୀମାନେ ଯୀଶୁଙ୍କୁ ଏକ ଚିହ୍ନ ଦେଖେଇବାକୁ କହିଲେ ସେ ଏକ ବଡ ଚମତ୍କାର ପ୍ରଦର୍ଶନ କରିସାରିଥିବା କଥାକୁ ସଂପୂର୍ଣ୍ଣ ଭାବରେ ଅନାଦେଖା କରିଥିଲେ; ଏକ ଭୂତକୁ ତଡିଦେବା ଏବଂ ଜଣେ ବ୍ୟକ୍ତିର ଦୃଷ୍ଟିଶକ୍ତି ଏବଂ ବକ୍ତବ୍ୟକୁ ପୁନସ୍ଥାପିତ କରିବା । ଯୀଶୁ ସେମାନଙ୍କ ପ୍ରତ୍ୟାକ୍ଷାନ କାଲେ, ସେମାନଙ୍କୁ ଏକ ମନ୍ଦ ଓ ବ୍ୟଭିଚାର ବଂଶ ବୋଲି ଡାକିଲେ ଏବଂ ସେମାନଙ୍କୁ କହିଲେ ଯେ ସେମାନଙ୍କୁ ଦିଆଯାଇଥିବା ଏକମାତ୍ର ଚିହ୍ନ ହେଉଛି ଯୁନସଙ୍କ ଚିହ୍ନ ।

ତାପରେ ଜେନ ଫାରୁଶୀ ଯୀଶୁଙ୍କୁ ମଧ୍ୟାହ୍ନ ଭୋଜନକୁ ନିମନ୍ତ୍ରଣ କାଲେ, ଯୀଶୁ ତାଙ୍କ ସହିତ ଭୋଜନ କରିବା ସମାୟରେ ଫାରୁଶୀମାନଙ୍କ ଉପରେ ତିନୋଟି ହାୟ ପ୍ରକାଶ କଲେ । ଅନେକ ଖ୍ରୀଷ୍ଟିୟାନ ଭାବନ୍ତି ଯେ ଯେତେବେଳେ ଯୀଶୁ ଶାସ୍ତ୍ରୀ ଓ ଫାରୁଶୀମାନଙ୍କୁ ନିନ୍ଦା କଲେ, କିନ୍ତୁ ସେ ତାହା କଲେ ନାହିଁ । ହାୟ ଶବ୍ଦର ଅର୍ଥ ହେଉଛି ବିଳାପ କିମ୍ବା ଦୁଃଖ ।

ଶାସ୍ତ୍ର ପାଠ:

ଲୁକ ୧୧:୩୭-୧୨:୩

ଫାରୁଷିମାନଙ୍କୁ ହାୟ

ଲୁକ ୧୧:୩୭-୪୪

ମୋର ଅନୁଗମନ କର: ଏକ ଈଶ୍ୱରଙ୍କ ବାକ୍ୟରୁ ଉଦ୍ଧୃତ ଶାସ୍ତ୍ର ।

ଲୁକ ୧୧:୩୭-୪୪

*ସେ କଥା କହୁଥିବା ସମୟରେ ଜେନ ଫାରୁଶୀ ତାହାଙ୍କୁ ଦିନବେଳେ ଆପଣା ଗୃହରେ ଭୋଜନ କରିବାକୁ ନିମନ୍ତ୍ରଣ କାଲେ, ଆଉ ସେ ଗୃହରେ ପ୍ରବେଶ କରି ଭୋଜନରେ ବସିଲେ । କିନ୍ତୁ ଭୋଜନ କରିବା ପୂର୍ବେ ସେ ଯେ । ପ୍ରଥମେ ଧୋଇ ନ ଥିଲେ, ଏହା ଦେଖି ସେ ଫାରୁଶୀ ଚମତ୍କୃତ ହେଲେ । ସେଥିରେ ପ୍ରଭୁ ତାହାଙ୍କୁ କହିଲ, ତୁମ୍ଭେ ଫାରୁଶୀଯାକ ସିନା ଗିନା ଓ ଥାଳିର ପରିଷ୍କାର କରୁଥାଅ, ମାତ୍ର ତୁମ୍ଭମାମଙ୍କ ଭିତରେ ଲୋଭ ଓ ଦୁଷ୍ଟତାରେ ପରିପୂର୍ଣ୍ଣ । ହେ ନିର୍ବୋଧମାନେ, ଯେ ବାହାରେ ସୃଷ୍ଟିଟି କାଲେ ସେ କି ଭିତରେ ମଧ୍ୟ ସୃଷ୍ଟି କାଲେ ନାହିଁ । ବରଂ ଭିତରେ ଯାହା ଯାହା ଅଛି, ସେହି ସବୁ ଦାନ କର; ଆଉ ଦେଖ। ତୁମ୍ଭମାନଙ୍କ ପକ୍ଷରେ ସମସ୍ତ ପରିଷ୍କୃତ । କିନ୍ତୁ ହାୟ, ଦଣ୍ଡର ପାତ୍ର ଫାରୁଶୀମାନେ, କାରଣ ତୁମ୍ଭେମାନେ ପୋଦିନା, ଆରୁଦ ଓ ସମସ୍ତ ପ୍ରକାର ଦଶମାଂଶ ଦେଉଥାଅ, ଆଉ ଅତ୍ୟାୟବିଚାର ଓ ଈଶ୍ବରଙ୍କ ପ୍ରେମ ଅବହେଳା କରୁଥାଅ; କିନ୍ତୁ ଏହି ସମସ୍ତ ପାଳନ କରିବା ଓ ଅନ୍ୟସବୁ ଅବହେଳା ନ କରିବା ଉଚିତ । ହାଯ, ଦଣ୍ଡର ପାତ୍ର ଫାରୁଶୀମାନେ, କାରଣ ତୁମ୍ଭେମାନେ ସମାଜଗୃହରେ ପ୍ରଧାନ ଆସନ ଓ ହାଟବଜାରରେ ନମସ୍କାର ପାଇବାକୁ ଭଲ ପାଅ । ହାଯ, ତୁମ୍ଭେମାନେ ଦଣ୍ଡର ପାତ୍ର, କାରଣ ତୁମ୍ଭେମାନେ ଦେଖାଯାଉନଥିବା କବର ତୁଲ୍ୟ [124]; ତାହାପରେ ଚାଲୁଥିବା ଲୋକମାନେ ତାହା ସମାଧି ବୋଲି ଜାଣନ୍ତି ନାହିଁ ।*

ସାଦ୍ଦୁକିମାନେ ହାୟ !

ଲୁକ ୧୧:୪୫-୫୪

---

[୧୨୪] ରୁଦ୍ଧ ସମାଧିଗୁଡିକ ଯାହୁଦି କବର ସହିତ ସଂସ୍ପର୍ଶରେ ଆସି ସାତ ଦିନ ପର୍ଯ୍ୟନ୍ତ ଅଶୂଚି ହୋଇଗଲେ (ଗଣନା ୧୯:୧୬) । ଯୀଶୁ ଫାରୁଶୀମାନଙ୍କୁ ରୁଦ୍ଧ ରହିଥିବା କବର ସହିତ ସମାନ କାଲେ ଯାହା ଦ୍ୱାରା ସେମାନେ ଲୋକମାନଙ୍କୁ ଅଶୁଚି କଲା ।

